

# ଭାଲ୍ଲାଥୋଲ ନାରାୟଣ ମେନନ

ବି. ହୃଦୟକୁମାରୀ



ଭାରତୀୟ

OR
891.481 218 1
V 242 H



INDIAN INSTITUTE
OF
ADVANCED STUDY
LIBRARY, SHIMLA

ଏହି ପୁସ୍ତକର ଅନ୍ତଃପ୍ରଚ୍ଛଦରେ ଆନୁମାନିକ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ରଚିତ ଭାସ୍କର୍ଯ୍ୟର ପ୍ରତିଲିପି ମୁଦ୍ରିତ ହୋଇଛି । ନାଗାର୍ଜ୍ଜୁନକୋଣ୍ଡାର ଏହି ଧ୍ୱଂସାବଶେଷ ବର୍ତ୍ତମାନ ନୂଆଦିଲ୍ଲୀର ନ୍ୟାସନାଲ ମ୍ୟୁଜିୟମରେ ରକ୍ଷିତ । ଏହି ଭାସ୍କର୍ଯ୍ୟର ବିଷୟ: ରାଜା ଶୁଦ୍ଧୋଦନଙ୍କ ରାଜସଭାରେ ତିନିଜଣ ଜ୍ୟୋତିଷୀ ଭଗବାନ ବୁଦ୍ଧଙ୍କ ଜନନୀ ମାୟାଦେବୀଙ୍କ ସ୍ୱପ୍ନର ତାତ୍ପର୍ଯ୍ୟ ବ୍ୟାଖ୍ୟା କରୁଛନ୍ତି । ଜ୍ୟୋତିଷୀମାନଙ୍କ ଆସନ ନିକଟରେ ଲିପିକାର ବସି ସେମାନଙ୍କ ବକ୍ତବ୍ୟ ଲେଖି ଚାଲିଛନ୍ତି । ଅନୁମାନ, ଏହା ଭାରତର ଲିଖନକଳାର ପ୍ରାଚୀନତମ ଚିତ୍ରରୂପ ।

ଭାରତୀୟ ସାହିତ୍ୟସ୍ରଷ୍ଟା ଗ୍ରନ୍ଥମାଳା

# ଭାଲ୍ଲାଥୋଲ ନାରାୟଣ ମେନନ

ବି. ହୃଦୟକୁମାରୀ

ଅନୁବାଦ

ରଂଜିତା ନାୟକ

ସାହିତ୍ୟ ଅକାଦେମି

VALLATHOL NARAYANA MENON: Oriya translation by Dr Ranjita Nayak of the same title in English by B. Hrdaya Kumari. Sahitya Akademi, New Delhi 1997. Rs 25.00

© ସାହିତ୍ୟ ଅକାଦେମି

OR 891.481 218 1 V 242 H

ପ୍ରଥମ ପ୍ରକାଶ: ୧୯୯୭
ISBN 81 - 260 - 0100 -3

**ସାହିତ୍ୟ ଅକାଦେମି**

ରବିନ୍ଦ୍ର ଭବନ, ୩୫ ଫିରୋଜଶାହ ରୋଡ଼୍, ନୂଆଦିଲ୍ଲୀ ୧୧୦ ୦୦୧
ବିକ୍ରୟ କେନ୍ଦ୍ର:
'ସ୍ୱାତୀ, ମନ୍ଦିର ମାର୍ଗ, ନୂଆଦିଲ୍ଲୀ ୧୧୦ ୦୦୧
ଜୀବନତାରା ଭବନ, ୨୩ ଏ/୪୪ ଏକ୍ସ, ଡାଇମଣ୍ଡ ହାରବର ରୋଡ଼, କଲିକତା ୭୦୦ ୦୫୩
'ଗୁନା ବିଲିଡ଼ିଂ', ଦ୍ୱିତୀୟ ମହଲା, ୩୦୪-୩୦୫, ଆନା ସାଲାଇ, ତେନାମ୍‌ପେଟ୍, ଚେନ୍ନାଇ ୬୦୦ ୦୧୮
୧୭୨ ମୁମ୍ବାଇ ମାରାଠୀ ଗ୍ରନ୍ଥ ସଂଗ୍ରହାଳୟ ମାର୍ଗ, ଦାଦର, ମୁମ୍ବାଇ ୪୦୦ ୦୧୪
ଏଡ଼ିଏ ରଙ୍ଗମନ୍ଦିର, ୧୦୯ ଜେ.ସି. ରୋଡ଼, ବାଙ୍ଗାଲୋର ୫୬୦ ୦୦୨

ମୂଲ୍ୟ: ୨୫.୦୦

ଅକ୍ଷର ସଜ୍ଜା
କୋଣାର୍କ ଡାଟାପ୍ରୋସେସିଂ, ଭୁବନେଶ୍ୱର (ଓଡ଼ିଶା)

ମୁଦ୍ରାକର
ଜିପିଡ଼ି. ବକ୍ସ କୋ.
୩ବି. ଛଟୁ ବାବୁ ଲେନ୍
କଲିକତା ୭୦୦ ୦୧୪

IIAS, Shimla
Library
OR 891.481 218 1 V 242 H
00117824
117824
21/12/04
SHIMLA

# ସୂଚୀପତ୍ର


| | |
|---|---|
| ଭୂମିକା | ୧ |
| ଐତିହ୍ୟବାଦୀ ମେନନ | ୮ |
| ଜାତୀୟବାଦୀ କବି | ୧୮ |
| ଭାଲ୍ଲାଥୋଲଙ୍କ କେତୋଟି କ୍ଷୁଦ୍ର କବିତାର ପର୍ଯ୍ୟାଲୋଚନା | ୩୨ |
| ଭାଲ୍ଲାଥୋଲଙ୍କ ବର୍ଣ୍ଣନାତ୍ମକ କବିତା | ୪୬ |
| ପ୍ରକୃତି କବି | ୬୪ |
| ରୋମାଣ୍ଟିକ କବି | ୭୬ |
| ଗଦ୍ୟ ଲେଖକ ଓ ସମାଲୋଚକ | ୮୪ |
| ଭାଲ୍ଲାଥୋଲଙ୍କ କାବ୍ୟକଳା | ୮୮ |

# ଭୂମିକା

ବିଂଶ ଶତାବ୍ଦୀରେ ଭାରତୀୟ ସାହିତ୍ୟରେ ଅଭୂତପୂର୍ବ ଉନ୍ନତି ସାଧିତ ହୋଇଥିବା ଲକ୍ଷ୍ୟ କରାଯାଏ। ବିଶେଷତଃ ପାଶ୍ଚାତ୍ୟ ସାହିତ୍ୟ ଏବଂ ସଂସ୍କୃତିର ପ୍ରଭାବ ତଥା ସାମାଜିକ ଓ ରାଜନୈତିକ ଆଲୋଡ଼ନ ଫଳରେ ଏହି ଉନ୍ନତି ଅଧିକ ତ୍ୱରାନ୍ୱିତ ହୋଇଥିଲା। ଏହାର ପ୍ରଭାବରେ ମାଲୟାଲମ୍ ସାହିତ୍ୟ ମଧ୍ୟ ନୂତନଚେତନା ଲାଭକରି ଉଚ୍ଚତର ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା ଏବଂ ଗୁଣ ତଥା ପରିମାଣ ଉଭୟ ଦିଗରୁ ସମୃଦ୍ଧି ଲାଭ କରିଥିଲା। କେରଳର ରେନେସାଁର ପଥିକୃତ୍‌ଗଣ ପ୍ରତିଭାବାନ୍ ବ୍ୟକ୍ତିଥିଲେ ଓ ସେମାନେ ପାରମ୍ପରିକ ସଂସ୍କୃତି ସହିତ ଓତଃପ୍ରୋତ ଜଡ଼ିତ ଥିଲେ। ସେଥିପାଇଁ ସେମାନେ ପୁରାତନ ସହିତ ନୂତନର ମିଳନ ଘଟାଇବାପାଇଁ ସକ୍ଷମ ହୋଇଥିଲେ। ମାଲୟାଲମ୍ ସାହିତ୍ୟରେ କୁମାରନ୍ ଆସାନ୍, ଭାଲ୍ଲାଥୋଲ ନାରାୟଣ ମେନନ ଏବଂ ଉଲ୍ଲୁର ପରମେଶ୍ୱର ଆୟାର- ଏହି ତିନି ଜଣ କବିଙ୍କ ମାଧ୍ୟମରେ ମାଲୟାଲମ୍ କବିତା ଆଧୁନିକ ଯୁଗରେ ପଦାର୍ପଣ କରିଥିଲା। ଏମାନେ ସମସ୍ତେ ଉନବିଂଶ ଶତାବ୍ଦୀର ସପ୍ତମ ଦଶକରେ ଜନ୍ମଗ୍ରହଣ କରିଥିଲେ। ମାନସିକ ଶକ୍ତିର ପ୍ରସାର ଏବଂ ଜିଜ୍ଞାସାର ବୈଚିତ୍ର୍ୟ ଦୃଷ୍ଟିରୁ ସେମାନେ ପରସ୍ପରର ପ୍ରାୟ ସମକକ୍ଷ ଥିଲେ। ମାତ୍ର ସେମାନଙ୍କ ସୃଷ୍ଟିରେ ନିଜ ଭାଷାର ପ୍ରକାଶଭଙ୍ଗୀ, ତତ୍କାଳୀନ କ୍ରିୟାଶୀଳ ଭାବଧାରା ଏବଂ ପ୍ରାଚୀନ ଐତିହ୍ୟ ଭିନ୍ନ ଭାବରେ ରୂପ ଗ୍ରହଣ କରିଥିଲା।

ନାରାୟଣ ମେନନ, ଭାଲ୍ଲାଥୋଲ ନାମରେ ହିଁ ଜନସମାଜରେ ପରିଚିତ। ସେ ୧୮୭୮ ମସିହା ଅକ୍ଟୋବର ୧୬ ତାରିଖରେ ଜନ୍ମଗ୍ରହଣ କରିଥିଲେ। ପରିବାରରେ ତାଙ୍କର ଶ୍ରଦ୍ଧାନାମ ଥିଲା ଭାଲ୍ଲାଥୋଲ। ତାଙ୍କର ପିତା ଦାମୋଦରନ୍ ଏଲାୟାଥୁ ମାଲାୟାଲୀ ବ୍ରାହ୍ମଣ ଥିଲେ ଏବଂ ଭାଲ୍ଲାଥୋଲ ପରିବାରର କୁଟିପାରୁ ଆମ୍ମା ତାଙ୍କର ମା'ଥିଲେ। ସେ ପିତାମାତାଙ୍କର ଏକମାତ୍ର ସନ୍ତାନ ଥିଲେ। ଉତ୍ତର କେରଳର ପୋନ୍ନାନି ତାଲୁକରେ ଥିବା ଭେଟ୍ଟାଥୁନାଡୁ ଅଞ୍ଚଳର ଚିନ୍ନାର ନାମକ କ୍ଷୁଦ୍ରଗ୍ରାମରେ ଭାଲ୍ଲାଥୋଲଙ୍କର ଜନ୍ମ। ରାଜାଙ୍କର ବୀରତ୍ୱ ଏବଂ ସେମାନଙ୍କ ପୃଷ୍ଠପୋଷିତ କବିଙ୍କ କବିତାରେ ଗୌରବାନ୍ୱିତ ଭେଟ୍ଟାଥୁନାଡୁ ଏକଦା ସ୍ୱାଧୀନ ରାଜ୍ୟ ଥିଲା। ମାଲୟାଲମ୍ କବିତାର ଜନକ ଟୁଞ୍ଚାଟୁ ଏଝୁଟାଚନ୍ ଏହି ସ୍ଥାନର ଅଧିବାସୀ ଥିଲେ।

ଭାଲ୍ଲାଥୋଲ ମାଲୟାଲମ୍ ଓ ସଂସ୍କୃତ ଭାଷାରେ ଶିକ୍ଷାଲାଭ କରିଥିଲେ। ମାଲୟାଲମ୍ ଭାଷାରେ ପ୍ରାଥମିକ ଶିକ୍ଷାଲାଭ କଲାପରେ ସେ ତାଙ୍କର ମାମୁ ରାମୁନ୍ନି ମେନନଙ୍କ ନିକଟରେ ସଂସ୍କୃତ

ପଢ଼ିଲେ। ରାମୁନ୍ନି ମେନନ ସଂସ୍କୃତ ଭାଷାରେ ପଣ୍ଡିତ ଥିଲେ ଓ ଜଣେ ଖ୍ୟାତନାମା ବୈଦ୍ୟଥିଲେ। ତାଙ୍କର ଆଶାଥିଲା, ତାଙ୍କ ଭଣଜା ତାଙ୍କରି ପରି ଜଣେ ବୈଦ୍ୟ ହେବ। କାବ୍ୟ ଓ ନାଟକରେ ତାଙ୍କୁ ସାହାଯ୍ୟ କଲାପରେ କୈକୁଲଙ୍ଗରା ରାମ ଭାରିଏରଙ୍କ ନିକଟକୁ ପଠାଇଥିଲେ ଏବଂ ସେ ନିଜେ ତାଙ୍କୁ ଭାରତୀୟ ଚିକିତ୍ସାଶାସ୍ତ୍ରର ମୂଳଗ୍ରନ୍ଥ 'ଅଷ୍ଟାନ୍ ଗହ୍ରିଦୟମ୍' ଅଧ୍ୟୟନରେ ନିୟୋଜିତ କରିଥିଲେ। ସେ ମଧ୍ୟ ଯୁବକଟିଠାରେ କାବ୍ୟପ୍ରତିଭା ଲକ୍ଷ୍ୟ କରିଥିଲେ। ସେଥିପାଇଁ ଶ୍ଳୋକ ରଚନା ତଥା ସମସ୍ୟପୂରାଣମ୍ ଏବଂ ଅକ୍ଷରଶ୍ଳୋକମ୍ ପରି ସାହିତ୍ୟିକ ରଙ୍ଗକୌତୁକ ପ୍ରତି ତାଙ୍କୁ ଉତ୍ସାହିତ କରିଥିଲେ। ଭାଲ୍ଲାଥୋଲଙ୍କର ସାହିତ୍ୟ ଓ କଥାକଳି ପରି ନୃତ୍ୟ କଳା ପ୍ରତି ଅତ୍ୟନ୍ତ ଆଗ୍ରହୀ ଦଳେ ସାଙ୍ଗ ଥିଲେ। ଭାଲ୍ଲାଥୋଲଙ୍କର ପିତା ମଧ୍ୟ କଥାକଳିର ଗଭୀର ରସଗ୍ରାହୀ ବ୍ୟକ୍ତିଥିଲେ। ଆଖପାଖ ଅଞ୍ଚଳରେ କେଉଁଠି କଥାକଳି ହେଲେ ସେ ନିଶ୍ଚୟ ତାହା ଦେଖିବାକୁ ଯାଉଥିଲେ। ଭାଲ୍ଲାଥୋଲ ପିଲାଦିନେ ତାଙ୍କ ବାପାଙ୍କ ସହିତ ସେହିସବୁ ଅଭିନୟ ଦେଖିବାକୁ ଯାଉଥିଲେ ଏବଂ ସେହି ସମୟରୁ ହିଁ ଏହି ଚାରୁକଳାର ରସଗ୍ରହଣରେ ସେ ଦୀକ୍ଷିତ ହୋଇଥିଲେ। କବିତା ତଥା କଥାକଳି ପ୍ରତି ଯୁବକ ଭାଲ୍ଲାଥୋଲଙ୍କର ଐକାନ୍ତିକ ଅନୁରାଗ ପ୍ରକାଶ ପାଇଥିଲା।

କୈଶୋରରେ ପ୍ରବେଶ କରିବା ପୂର୍ବରୁ ସେ କବିତା ଲେଖା ଆରମ୍ଭ କରିଥିଲେ। ସଂସ୍କୃତ ବା ମାଲୟାଲମ୍‌ରେ ସେ ସୁଲଳିତ କବିତା ରଚନା କରିପାରୁଥିଲେ। ମା'ଙ୍କ ମୃତ୍ୟୁରେ ରଚିତ ସଂସ୍କୃତ କବିତାରୁ ସେହି ତରୁଣ କବିଙ୍କର ସଂସ୍କୃତ ଭାଷାରେ ଥିବା ଦକ୍ଷତା ପ୍ରମାଣିତ ହୁଏ। ଏକୋଇଶି ବର୍ଷ ବୟସରେ ସେ ମାଲୟାଲମ୍ ଭାଷାରେ ଋତୁ ବର୍ଣ୍ଣନାକୁ ଉପଜୀବ୍ୟ କରି 'ଋତୁବିଳାସମ୍' ରଚନା କରିଥିଲେ। କାଳିଦାସଙ୍କ 'ଋତୁସଂହାର' ରଚନା ଅନୁକରଣରେ ଏହା ଲିଖିତ। ସେହି ସମୟରେ ତାଙ୍କ ରଚିତ କେତେକ କବିତା ପ୍ରକାଶିତ ହୋଇଥିଲା ଏବଂ ଆଉ କେତେକର ପାଣ୍ଡୁଲିପି ବନ୍ଧୁମହଲରେ ପ୍ରଚାରିତ ହୋଇ ତାଙ୍କୁ ସାହିତ୍ୟିକ ଭାବେ ଖ୍ୟାତି ଆଣି ଦେଇଥିଲା। ତରୁଣ ଭାଲ୍ଲାଥୋଲଙ୍କର ସୌଭାଗ୍ୟ ଯେ ସେ ତତ୍କାଳୀନ କେତେଜଣ ବୟୋଜ୍ୟେଷ୍ଠ ବିଖ୍ୟାତ ବ୍ୟକ୍ତି ବିଶେଷଙ୍କ ପ୍ରଶଂସା ଓ ବନ୍ଧୁତ୍ୱଲାଭ କରିଥିଲେ। ସେମାନଙ୍କ ମଧ୍ୟରେ ପଣ୍ଡିତପ୍ରବର ପୁଣ୍ୟସେର ନମ୍ପି, ନୀଳକଣ୍ଠ ଶର୍ମା ଏବଂ ପଣ୍ଡିତମାନଙ୍କୁ ଆଦର କରୁଥିବା "ଆଧୁନିକ ଭୋଜରାଜ" ନାମରେ ନାମିତ ସାମୁଥିରି ବଂଶର ଜଣେ ପ୍ରବୀଣ ରାଜକୁମାର ଏଟାନ୍ ତମ୍ପୁରାନ୍ ଅନ୍ୟତମ। ଏଟାନ୍ ତମ୍ପୁରାନ୍ କବିତା ଆବୃତ୍ତି ସଙ୍ଗୀତ ଆସର ଓ ସାହିତ୍ୟ ଆଲୋଚନା ଆଦି କ୍ଷେତ୍ରରେ କିପରିଭାବେ ତାଙ୍କୁ ସଖ୍ୟଦାନ କରୁଥିଲେ ତାହା ସେ ଗୋଟିଏ କବିତାରେ ଉଲ୍ଲେଖ କରିଛନ୍ତି।

ଯଦିଓ କେରଳ ଧନସମ୍ପଦର ପ୍ରାଚୁର୍ଯ୍ୟ ଓ ରାଜନୈତିକ ସ୍ୱାଧୀନତାଠାରୁ ଦୂରରେ ଥିଲା ତଥାପି ତାର ସାଂସ୍କୃତିକ ପରମ୍ପରା ବିଶେଷଭାବେ ବାଧାପ୍ରାପ୍ତ ହୋଇ ନ ଥିଲା। ଏପରିକି ପଡ଼ା ଗାଁ ମାନଙ୍କରେ ସଂସ୍କୃତ ଶିକ୍ଷାର ବିକାଶ ଘଟିଥିଲା ଏବଂ ସର୍ବତ୍ର ପଣ୍ଡିତ ଏବଂ ସାହିତ୍ୟିକମାନଙ୍କର ସମାବେଶ ଘଟୁଥିଲା। ସେମାନଙ୍କର ବୌଦ୍ଧିକ ଜିଜ୍ଞାସା ସେମାନଙ୍କୁ ଆଞ୍ଚଳିକ ସୀମାର ଊର୍ଦ୍ଧ୍ୱରେ ଥିବା ଗୋଟିଏ ଗୋଷ୍ଠୀରେ ପରିଣତ କରିଥିଲା। ରାଜ ରାଜୁଡ଼ା ଏବଂ ଅଭିଜାତ ଶ୍ରେଣୀର ଅତୀତ ଗୌରବ ମ୍ଳାନ ହୋଇ ଆସିଥିଲେ ମଧ୍ୟ ସେମାନେ ସେମାନଙ୍କର ସାହିତ୍ୟିକ ଐତିହ୍ୟକୁ ବଜାୟ ରଖିଥିଲେ। ସେମାନେ ଏବଂ ସେମାନଙ୍କ ସଭାସଦ୍‌ଗଣ ପାଠକଶ୍ରେଣୀକୁ ପରିତୁଷ୍ଟ

କରିବାକୁ ହେଉଥିଲା । କବିମାନେ ସେମାନଙ୍କର ବିଚାରବୁଦ୍ଧି ଓ ରସ ଗ୍ରହଣର କ୍ଷମତା ଉପରେ ନିର୍ଭର କରିପାରୁଥିଲେ । ଏହି ଦୃଷ୍ଟିରୁ ବିଚାରକଲେ କେରଳକୁ ଯେକୌଣସି ସଭ୍ୟଦେଶ ସଙ୍ଗେ ତୁଳନା କରାଯାଇପାରେ । ଏହିପରି ଅନୁକୂଳ ପରିବେଶ ମଧ୍ୟରେ ଭାଲ୍ଲାଥୋଲଙ୍କ କାବ୍ୟ ପ୍ରତିଭା ବିକଶିତ ହୋଇଥିଲା ଏବଂ ସେ ଜଣେ ବିଶିଷ୍ଟ କବିରେ ପରିଣତ ହୋଇଥିଲେ ।

ତେଇଶି ବର୍ଷ ବୟସରେ ସେ ତାଙ୍କର ମାମୁ ଝିଅ ମାଧବୀକୁ ବିବାହ କରିଥିଲେ । ଭାଲ୍ଲାଥୋଲ ବିବାହ ପୂର୍ବରୁ ମାଧବୀକୁ ଭଲ ପାଉଥିଲେ । ତାଙ୍କର ଶୈଶବର ସେହି ଖେଳ ସଙ୍ଗୀକୁ ଜୀବନ ସଙ୍ଗିନୀରୂପେ ପାଇ ସେ ଅତ୍ୟନ୍ତ ସୁଖୀ ହୋଇଥିଲେ ।

ଭାଲ୍ଲାଥୋଲ ସେହି ସମୟ ମଧ୍ୟରେ ଅନେକ କବିତା ରଚନା କରିଥିଲେ । ସେଗୁଡ଼ିକ ବିଶେଷତଃ ତାଙ୍କ ପ୍ରିୟ ଦେବାଦେବୀଙ୍କ ଉଦ୍ଦେଶ୍ୟରେ ରଚିତ ସ୍ତବ ବା ପୌରାଣିକ ଘଟଣାର ଭିତ୍ତି ଉପରେ ରଚିତ କାହାଣୀ ସମ୍ବନ୍ଧୀୟ ଥିଲା । ଏହାବ୍ୟତୀତ ସେ କେତେକ ଚିକିତ୍ସା ବିଷୟକ ପୁସ୍ତକର ଅନୁବାଦ ବା ଅନୁକରଣ କରିଥିଲେ ମାତ୍ର ସେହି ଯୁବ କବିଙ୍କର ବୈଦ୍ୟ ହେବାପାଇଁ ବିଶେଷ ଆଗ୍ରହ ନ ଥିଲା । ସାହିତ୍ୟ ଭିତରେ ନିଜକୁ ସମ୍ପୂର୍ଣ୍ଣରୂପେ ନିୟୋଜିତ କରିବାକୁ ସେ ଚାହୁଁଥିଲେ । ସେ ସମୟରେ ଧନିବ୍ୟକ୍ତି ବ୍ୟତୀତ ଆଉ କେହି ସାହିତ୍ୟ ସେବାରେ ଏକାନ୍ତଭାବେ ଆତ୍ମନିୟୋଗ କରିବାକୁ ସାହସ କରିପାରୁ ନ ଥିଲେ । ସୌଭାଗ୍ୟବଶତଃ ଭାଲ୍ଲାଥୋଲ ତ୍ରିଚୁରର କେରଳ କଳ୍ପଦ୍ରୁମମ୍ ପ୍ରିଣ୍ଟିଂ ପ୍ରେସ୍‌ର ମ୍ୟାନେଜର ରୂପେ ନିଯୁକ୍ତି ପାଇଲେ । ମାସକୁ ଦରମା ୩୦ ଟଙ୍କା । ତେବେ ସେ ସମୟରେ ତିରିଶ ଟଙ୍କା କିଛି କମ୍ ନୁହେଁ । ଚାକିରି, ଦରମା ଏବଂ ଅବସରର ସୁବିନିଯୋଗ ତାଙ୍କୁ ବେଶ୍ ଭଲ ଲାଗୁଥିଲା । ପାଣ୍ଡାଲାମର ରାଜାଙ୍କ ଦ୍ୱାରା ପ୍ରକାଶିତ କବିତା ପତ୍ରିକା 'କିଭନ କୌମୁଦୀ' କେରଳ କଳ୍ପଦ୍ରୁମମ୍ ପ୍ରେସକୁ ସ୍ଥାନାନ୍ତରିତ ହେଲାପରେ ଭାଲ୍ଲାଥୋଲ ପତ୍ରିକାଟିକୁ ସରସ ସୁନ୍ଦର କରିବାପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ଏବଂ ଆବଶ୍ୟକସ୍ଥଳେ ନିଜ କବିତା ପ୍ରକାଶ କରି ପତ୍ରିକାଟିର ଉତ୍କର୍ଷ ସାଧନ କରିଥିଲେ । ତ୍ରିଚୁରରେ ଧୀରେ ଧୀରେ ତାଙ୍କର ସାହିତ୍ୟିକ ବନ୍ଧୁ ବୃଦ୍ଧି ପାଇବାକୁ ଲାଗିଲେ । ସେମାନଙ୍କ ମଧ୍ୟରେ କୁଂଜିକୁଟ୍ଟାନ ତମ୍ପୁରାନ୍, କୁଣ୍ଡୁର ନାରାୟଣ ମେନନ, ନାଦୁଭାଥୁ ମହାନ ନାମ୍ବୁଟିରି ଏବଂ ଭଲିୟା ରମଣ ଏଲାଏଥୁ ପ୍ରଭୃତି ପ୍ରଖ୍ୟାତ ଲେଖକ ଓ ପଣ୍ଡିତମନ୍ୟ ବ୍ୟକ୍ତିଥିଲେ । ତାଙ୍କ ଗୃହରେ ଶିକ୍ଷିତ ବ୍ୟକ୍ତିମାନଙ୍କର ସମାବେଶ ଘଟୁଥିଲା । ତାଙ୍କ ଆଳାପ ଆଲୋଚନା ମଧ୍ୟରେ ଯେଉଁ ରସବୋଧ ଓ କବିତ୍ୱର ପରିପ୍ରକାଶ ଘଟୁଥିଲା ସେଥିରେ ସମସ୍ତେ ମୁଗ୍ଧ ହେଉଥିଲେ । ଆନୁଷ୍ଠାନିକ ସାହିତ୍ୟ ସଭାରେ ତାଙ୍କୁ ବକ୍ତାରୂପେ ପାଇବାକୁ ଲୋକ ଅଧିକ ଆଗ୍ରହୀ ହେଉଥିଲେ ।

ତ୍ରିଚୁର ଯିବାପୂର୍ବରୁ ଭାଲ୍ଲାଥୋଲ ମାଲୟାଲମ୍ ଭାଷାରେ ବାଲ୍ମୀକି ରାମାୟଣ ଅନୁବାଦ କରିବା ଆରମ୍ଭ କରିଥିଲେ । ଏପରିକି ବହୁ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ସେ ଦିନକୁ ତିରିଶରୁ ପଚାଶଟି କବିତା ଅନୁବାଦ କରୁଥିଲେ । ଆପ୍ପାନ ତମ୍ପୁରାନ୍ ଏବଂ କୁଂଜିକୁଟ୍ଟାନ ତମ୍ପୁରାନ୍‌ଙ୍କ ପରି ବିଦଗ୍ଧ ପଣ୍ଡିତଗଣ ତାଙ୍କ ଅନୁବାଦକୁ ପ୍ରଶଂସା କରୁଥିଲେ । ୧୯୦୭ ମସିହାରେ ଭାଲ୍ଲାଥୋଲ ଅନେକଗୁଡ଼ିଏ ତାଲିକାଭୁକ୍ତ କରାଇଲେ ଏବଂ ଧାରାବାହିକଭାବେ ସେମାନଙ୍କ ପାଇଁ ତାଙ୍କ ଲେଖା ପ୍ରକାଶିତ ହେବାକୁ ଲାଗିଲା । ପରେ ସେଗୁଡ଼ିକ ଗୋଟିଏ ସଂକଳନ ଆକାରରେ ପ୍ରକାଶିତ ହେଲା ଏବଂ ତାର ଅନେକ ସଂସ୍କରଣ ମଧ୍ୟ ହେଲା । ପରବର୍ତ୍ତୀ ସଂସ୍କରଣଗୁଡ଼ିକ ପୂର୍ବପ୍ରକାଶିତ

ସଂସ୍କରଣଠାରୁ ଅନେକାଂଶରେ ଭିନ୍ନ ଥିଲା। କାରଣ ପରବର୍ତ୍ତୀ ସଂକଳନରେ କବି ତାଙ୍କ ତରୁଣ ବୟସର ଅପରିଣତ ଲୋକ ସମୂହର ପରିବର୍ତ୍ତନ ଓ ପରିମାର୍ଜନା କରିଛନ୍ତି। ଏହି ସମୟରେ ମୁଖ୍ୟତଃ ସେ ସମସାମୟିକ ଘଟଣାବଳୀକୁ ଉପଜୀବ୍ୟ କରି କବିତା ରଚନା କରିଥିଲେ।

ତ୍ରିଚୁରରେ ଅବସ୍ଥାନ କରୁଥିବା ସମୟରେ ଅତ୍ୟଧିକ ଥଣ୍ଡା ଓ ସର୍ଦ୍ଦି ଫଳରେ ତାଙ୍କୁ ଶ୍ରବଣ ଶକ୍ତି ହରାଇବାକୁ ପଡ଼ିଥିଲା। ନିଜ ଶାରୀରିକ ଅକ୍ଷମତା ବିଷୟ ଜାଣି ସେ ଆତଙ୍କିତ ହୋଇପଡ଼ିଲେ ଏବଂ ଡାକ୍ତର ପରେ ଡାକ୍ତର, ବୈଦ୍ୟପରେ ବୈଦ୍ୟ ତଥା ସେ ସମୟର ପ୍ରସିଦ୍ଧ ଜ୍ୟୋତିଷୀଙ୍କର ଦ୍ୱାରସ୍ଥ ହୋଇଥିଲେ। ଦୀର୍ଘଦିନ ଧରି ତାଙ୍କର ଚିକିତ୍ସା ଚାଲିଥିଲା ଏବଂ ସେହି ସମୟରେ କବି କରୁଣାମୟ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଅନେକ ସ୍ତୁତି ଜଣାଣ ରଚନା କରିଥିଲେ। କିନ୍ତୁ ସେ ସବୁ ବୃଥା ହେଲା। ଭାଲ୍ଲାଥୋଲ ସମ୍ପୂର୍ଣ୍ଣରୂପେ ବଧିର ହୋଇଗଲେ। ଏହି ଯନ୍ତ୍ରଣା ଭୋଗଦ୍ୱାରା ଅବଶ୍ୟ ଗୋଟିଏ ସୁଫଳ ମିଳିଥିଲା। ତାହା ହେଲା 'ବଧିରବିଳାପମ୍' ଅଥବା 'ବଧିରର ବିଳାପ' ନାମକ ତାଙ୍କର ଗୋଟିଏ ଆତ୍ମାନୁଭୂତି ପୂର୍ଣ୍ଣ କବିତା ରଚନା।

୧୯୧୦ ମସିହାରେ ଭାଲ୍ଲାଥୋଲ କେରଳ କଳ୍ପଦ୍ରୁମମ୍ ପରିତ୍ୟାଗକରି ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେଠାରେ ସେ 'ମହାକାବ୍ୟ' ରଚନାରେ ନିଜକୁ ନିୟୋଜିତ କରିଥିଲେ। ଊନବିଂଶ ଶତାବ୍ଦୀର ଶେଷଭାଗରେ ସଂସ୍କୃତ ଭାଷାରେ ଲିଖିତ ମହାକାବ୍ୟ ସମୂହର ଆଦର୍ଶରେ ବୀରରସ ଓ ରୋମାଣ୍ଟିକ ଚେତନାର ସମନ୍ୱୟରେ ଦୀର୍ଘ ବର୍ଣ୍ଣନାତ୍ମକ କାବ୍ୟ ରଚନାରୀତି ମାଲୟାଲମ୍ ଭାଷାର କବିମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା। ଆଜାକାଥୁ ପଦ୍ମନାଭ କୁରୁପଙ୍କ 'ରାମଚନ୍ଦ୍ର ବିଳାସମ୍', ପାଣ୍ଡାଲାମ କେରଳ ବର୍ମା ରାଜାଙ୍କ 'ରୁଗମାଙ୍ଗଡ଼ ଚରିତମ୍', କୋଡୁଙ୍ଗାଲୁର କୋଚୁନ୍ନି ତମ୍ପୁରାନ୍‌ଙ୍କ 'ପାଣ୍ଡଭୋଦ୍ୟମ୍', କେ.ସି. କେଶବ ପିଲାଇଙ୍କ 'କେଶଭିୟମ୍' ଏବଂ ଭଲୁରଙ୍କ 'ଉମାକେରଳମ୍' ଏହି ପର୍ଯ୍ୟାୟର ଉଲ୍ଲେଖଯୋଗ୍ୟ ନିଦର୍ଶନ। ସେ ଯୁଗର ସୋମଦେବଙ୍କ ରଚିତ 'କଥା ସରିତ ସାଗର'ରୁ କାହାଣୀ ସଂଗ୍ରହ କରି ଏବଂ ତାହାକୁ ଯୁଗୋପଯୋଗୀ କରି 'ଚିତ୍ରଯୋଗମ୍' କାବ୍ୟ ରଚନା କରିଥିଲେ। ଏକ ହଜାର ପାଞ୍ଚଶହ ଏକାନବେ ଶ୍ଳୋକ ବିଶିଷ୍ଟ କାବ୍ୟଗ୍ରନ୍ଥଟି ରଚନା କରିବାକୁ ଭାଲ୍ଲାଥୋଲଙ୍କୁ ଦୁଇ ବର୍ଷ ସମୟ ଲାଗିଥିଲା। କାବ୍ୟଟି ପ୍ରକାଶପାଇବା ପରେ ମିଶ୍ର ପ୍ରତିକ୍ରିୟା ଦେଖାଦେଇଥିଲା। ପ୍ରାଚୀନପନ୍ଥୀମାନେ ଏହାକୁ ସାଦରେ ଗ୍ରହଣ କରିଥିଲେ ଏବଂ କୁମାରନ୍ ଆସାନ୍ ପ୍ରମୁଖ ଅନେକ ଏହାକୁ ଗତାନୁଗତିକତା ଓ ଅନୁକରଣ ପ୍ରବଣତାରେ ଦୋଷଦୁଷ୍ଟ କରାଇ ଯଥାଯଥ ମର୍ଯ୍ୟାଦା ଦେବାକୁ କୁଣ୍ଠାପ୍ରକାଶ କରିଥିଲେ।

'ଚିତ୍ରଯୋଗମ୍' ପ୍ରକାଶ ସମୟକୁ ଭାଲ୍ଲାଥୋଲଙ୍କୁ ଛତିଶ ବର୍ଷ ବୟସ। ତା ପର ପନ୍ଦର ବର୍ଷରେ ତାଙ୍କ ପ୍ରତିଭାର ଚରମ ବିକାଶ ଘଟିଥିଲା। ତାଙ୍କର ଶ୍ରେଷ୍ଠ କବିତାଗୁଡ଼ିକ ସେହି ସମୟରେ ରଚିତ। ବିବିଧ ପ୍ରକାରର ନାଟକ, ସଙ୍ଗୀତ ଓ ବର୍ଣ୍ଣନାତ୍ମକ ରଚନାବଳୀ ମଧ୍ୟରେ 'ବନ୍ଧନସ୍ଥାନାୟ ଅନିରୁଦ୍ଧାନ' (କାରାରୁଦ୍ଧ ଅନିରୁଦ୍ଧ), 'ସିଶ୍ୟାନୁମ୍ ମକାନୁମ୍' (ଶିଷ୍ୟ ଓ ପୁତ୍ର), 'ମ୍ୟାଗ ଡେଲେନା ମ୍ୟାରିୟମ୍' (ମେରି ମ୍ୟାଗଡେଲନା) ଏବଂ ସାହିତ୍ୟ ମଞ୍ଜରୀ ନାମକ କ୍ଷୁଦ୍ର କବିତା ସଂକଳନ ଉଲ୍ଲେଖଯୋଗ୍ୟ। ୧୯୧୭ ମସିହାରେ ସାହିତ୍ୟମଞ୍ଜରୀ ପ୍ରଥମ ଖଣ୍ଡ ଏବଂ ୧୯୩୦ ମସିହାରେ ତାର ସପ୍ତମ ଖଣ୍ଡ ପ୍ରକାଶିତ ହୋଇଥିଲା। ପରବର୍ତ୍ତୀ ସମୟରେ ତାର ଆଉ ଚାରୋଟି ପ୍ରକାଶ ଲାଭ କରିଥିଲା। ପୁରାଣ ଓ 'ପଞ୍ଚରାତ୍ରମ୍' ଏବଂ 'ସ୍ୱପ୍ନବାସବଦତ୍ତମ୍'

ଶୀର୍ଷକ ପ୍ରାଚୀନ ସଂସ୍କୃତ ଗ୍ରନ୍ଥକୁ ସେ ମାଲୟାଲମ୍ ଭାଷାରେ ଅନୁବାଦ କରିବାର ସୁଯୋଗ ପାଇଥିଲେ। ସେ 'କଭନକୌମୁଦୀ' ଏବଂ 'ଆତ୍ମପୋଶିନି' ନାମକ ସାହିତ୍ୟ ପତ୍ରିକା ସହ ଜଡ଼ିତଥିଲେ ଏବଂ ସ୍ୱଳ୍ପ ସମୟ ପାଇଁ 'କେରଳୋଦୟମ୍' ସମ୍ବାଦପତ୍ରର ସାହିତ୍ୟ ସମ୍ପାଦକ ଥିଲେ।

ରାଜାଙ୍କପ୍ରତି ଅନୁରକ୍ତ ରହିବା ଶ୍ରେଷ୍ଠଧର୍ମ ବୋଲି ହିନ୍ଦୁମାନଙ୍କର ବଦ୍ଧମୂଳ ଧାରଣା ଥିଲା। ଭାରତୀୟ ରାଜାଙ୍କ ହାତରୁ ରାଜକ୍ଷମତା ବ୍ରିଟିଶ ସରକାର ତାଙ୍କ ହାତକୁ ନେଲେ ଏବଂ ବିଦେଶୀ ସରକାର ଦେଶରେ ଶାନ୍ତିଶୃଙ୍ଖଳା ସ୍ଥାପନ କଲେ। ଏହାକୁ ଭାରତୀୟ ଜନସାଧାରଣ ପ୍ରଶାନ୍ତି ଚିତ୍ତରେ ଗ୍ରହଣ କଲେ। ଏପରିକି ସେମାନେ ବ୍ରିଟିଶ ରାଜଶକ୍ତିପ୍ରତି ଆନୁଗତ୍ୟ ମଧ୍ୟ ପ୍ରଦର୍ଶନ କଲେ। ସାତ ସମୁଦ୍ର ତେର ନଈ ସେପାରିରେ ଥିବା ଭିକ୍ଟୋରିଆ ବା ଏଡ୍‌ୱାର୍ଡ୍ ଏ ଦେଶରେ ସୁଶାସନର ବ୍ୟବସ୍ଥା କରିଥିବାରୁ ଭାରତୀୟ କବି ତାଙ୍କ ପ୍ରଶଂସା ଗାନରେ ଶତମୁଖ ହୋଇପଡ଼ିଲେ। ଯୁବାବସ୍ଥାରେ ଭାଲ୍ଲାଥୋଲ ସପ୍ତମ ଏଡ୍‌ୱାର୍ଡ୍‌ଙ୍କ ପ୍ରଶସ୍ତିଗାନ କରି କେତୋଟି କବିତା ରଚନା କରିଥିଲେ। ସେତେବେଳେ ତାଙ୍କୁ ତେଇଶି ବର୍ଷ ବୟସ ହୋଇଥିଲା। ତାର ଏକୋଇଶି ବର୍ଷପରେ ତାଙ୍କ ଦୃଷ୍ଟିଭଙ୍ଗୀ ଓ ମନୋଭାବରେ ଏତେ ପରିବର୍ତ୍ତନ ଘଟିଥିଲା ଯେ ତାଙ୍କ କାବ୍ୟରଚନାର ସ୍ୱୀକୃତି ସ୍ୱରୂପ ରାଜକୀୟ ପୁରସ୍କାରକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ସେ କହିଥିଲେ ଯେ ତାଙ୍କର ଗୁରୁଦେବ ଗାନ୍ଧିଜୀଙ୍କୁ ଯେଉଁ ସରକାର କାରାରୁଦ୍ଧ କରିଛନ୍ତି ସେହି ସରକାରଙ୍କଠାରୁ ସେ କେବେହେଲେ ପୁରସ୍କାର ଗ୍ରହଣ କରିପାରିବେ ନାହିଁ। ଭାରତର ଅଖ୍ୟାତ ଅଞ୍ଚଳର ଜଣେ କବି ରାଜଶକ୍ତିର ପୁରସ୍କାରକୁ ଏପରିଭାବେ ପ୍ରତ୍ୟଖ୍ୟାନ କରିବା ମଧ୍ୟରେ କେବଳ କବିର ଆତ୍ମସମ୍ମାନବୋଧ ଫୁଟିଉଠି ନାହିଁ ବରଂ ଦେଶର ଅନ୍ତର୍ନିହିତ ଏକାତ୍ମଭାବ ପ୍ରକାଶ ପାଇଛି। ସମଗ୍ର ଦେଶରେ ଜାତୀୟତା ନିମିତ୍ତ ନବଜାଗ୍ରଣର ଯେଉଁ ସୂତ୍ରପାତ ହୋଇଥିଲା ତାର ପ୍ରଭାବ କବିଙ୍କ ଉପରେ ଏହିପରିଭାବେ ପଡ଼ିଥିଲା। ପ୍ରାଚୀନ ଭାରତର ଐତିହ୍ୟ ତାଙ୍କର ଗର୍ବ ଏବଂ ହିନ୍ଦୁଧର୍ମ ପ୍ରତି ଗଭୀର ମମତ୍ୱବୋଧ ତାଙ୍କ ଜାତୀୟତା ବୋଧରେ ଅଙ୍ଗୀଭୂତ ହୋଇଥିଲା। ସେ ଗାନ୍ଧିଜୀଙ୍କୁ ଗୁରୁରୂପେ ଗ୍ରହଣ କରିଥିଲେ ଏବଂ ତାଙ୍କ ଦ୍ୱାରା ପ୍ରବର୍ତ୍ତିତ ସ୍ୱାଧୀନତା ସଂଗ୍ରାମରୂପକ ମହାନାଟକରେ ଅଙ୍ଗୀଭୂତ ଆନ୍ଦୋଳନ ଓ ମୁଖ୍ୟ ଘଟଣାବଳୀକୁ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରିଥିଲେ। ଜ୍ୱଳନ୍ତ ଦେଶପ୍ରେମର କବିତା ରଚନାକରି ସେ ମାଲୟାଲୀମାନଙ୍କୁ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବାକୁ ଅନୁପ୍ରାଣିତ କରିଥିଲେ।

କବିତାପରେ 'କଥାକଳି' ପ୍ରତି ଭାଲ୍ଲାଥୋଲଙ୍କର ଆକର୍ଷଣ ଥିଲା। ସେ ଏହି କଳାଶିଳ୍ପର ପ୍ରାଚୀନ ଗୌରବ ଫେରାଇ ଆଣିବାକୁ ସ୍ୱପ୍ନଦେଖିଥିଲେ। କଥାକଳି ଶିଳ୍ପୀମାନଙ୍କର ପ୍ରଶିକ୍ଷଣ ନିମିତ୍ତ ଶିକ୍ଷାନୁଷ୍ଠାନ ସ୍ଥାପନ ଉଦ୍ଦେଶ୍ୟରେ ସେ କଠିନ ପରିଶ୍ରମ କରିଥିଲେ। ୧୯୩୦ ମସିହାରେ କେରଳ କଲାମଣ୍ଡଳମ୍ ପ୍ରତିଷ୍ଠିତ ହୋଇଥିଲା। କଥାକଳି ନୃତ୍ୟର ଅତ୍ୟୁତ୍ସାହୀ ପୃଷ୍ଠପୋଷକ ରାଜା ମାନାକୁଲମ ଉଦାର ହୃଦୟରେ ତାଙ୍କର ଗୋଟିଏ ବଙ୍ଗଳାକୁ ବିଦ୍ୟାଳୟରୂପେ ବ୍ୟବହାର କରିବାକୁ ଦେଇଥିଲେ। ଭାଲ୍ଲାଥୋଲ କଳାପ୍ରେମୀଙ୍କ ନିକଟରୁ ଅନେକ ଅର୍ଥ ସଂଗ୍ରହ କରିଥିଲେ। ବିଦ୍ୟାଳୟରେ ସେ ଖ୍ୟାତିସମ୍ପନ୍ନ ଶିକ୍ଷକମାନଙ୍କୁ ନିଯୁକ୍ତି ଦେଇଥିଲେ ଏବଂ ପ୍ରତିଦିନ ସେ ନିଜେ ବିଦ୍ୟାଳୟର କାର୍ଯ୍ୟ ତଦାରଖ କରିବାରେ ଅନେକ ସମୟ ବ୍ୟୟ କରୁଥିଲେ। ସୁପଣ୍ଡିତ ଓ ସମାଲୋଚକ କୁଟ୍ଟିକ୍ରିଷ୍ଣ ମାରାର ନାମକ ତାଙ୍କର ଜଣେ ବନ୍ଧୁଙ୍କୁ ସେ କଥାକଳି ସାହିତ୍ୟର ମୂଳତତ୍ତ୍ୱ ଉପରେ ଶିକ୍ଷାନବିଶମାନଙ୍କୁ ଶିକ୍ଷାଦେବାକୁ ପଠାଇଥିଲେ। ପରବର୍ତ୍ତୀ ସମୟରେ ସେ

କଳାମଣ୍ଡଳମ୍ ଦଳକୁ ନେଇ ବିଦେଶ ତଥା ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରି ବିଦ୍ୟାଳୟର ଗୃହନିର୍ମାଣ ଉଦ୍ଦେଶ୍ୟରେ ଅର୍ଥସଂଗ୍ରହ କରିଥିଲେ। ୧୯୩୭ ମସିହାରେ କଳାମଣ୍ଡଳମ୍ ଚେରୁଥୁରୁଟିର ନୂତନ ଗୃହକୁ ସ୍ଥାନାନ୍ତରିତ ହୋଇଥିଲା। ସେତେବେଳକୁ ଶିକ୍ଷାନୁଷ୍ଠାନ ଖ୍ୟାତି ଅର୍ଜନ କରିସାରିଥିଲା। ସମଗ୍ର ଭାରତବର୍ଷର ଏବଂ ବିଦେଶର ଛାତ୍ରଛାତ୍ରୀଗଣ ସେଠାରେ ଶିକ୍ଷାଲାଭ କରୁଥିଲେ। କଥାକଳି ବ୍ୟତୀତ ସେଠାରେ ମଧ୍ୟ କେରଳର ଅନ୍ୟାନ୍ୟ ନୃତ୍ୟଶିକ୍ଷା ଦିଆଯାଉଥିଲା। ୧୯୩୯ ମମସିହାରେ ଭାଲ୍ଲାଥୋଲ ଗୋଟିଏ ଦଳକୁ ନେଇ ଶାନ୍ତିନିକେତନ ଯାଇଥିଲେ। ନୃତ୍ୟ ଅନୁଷ୍ଠିତ ହେବାପରେ ରବୀନ୍ଦ୍ରନାଥ କହିଥିଲେ, ''ଯେଉଁ ସମୟରେ ଖାଣ୍ଟି ଭାରତୀୟ ନୃତ୍ୟର ଧାରା ବିସ୍ମୃତି ଗର୍ଭରେ ବିଲୀନ, ସେ ସମୟରେ ଆମେ ଉତ୍ତରାଞ୍ଚଳର ଲୋକେ କେରଳର ସୁମହାନ୍ ନୃତ୍ୟ ନାଟିକା ଦେଖି ଅପୂର୍ବ ଆନନ୍ଦ ଲାଭ କରିପାରିଛୁ।'' ପ୍ରାଚୀନ ନୃତ୍ୟନାଟ୍ୟକୁ ବଞ୍ଚାଇ ରଖିବାପାଇଁ ଚେଷ୍ଟିତ ଭାଲ୍ଲାଥୋଲଙ୍କୁ ସେ ଧନ୍ୟବାଦ ଜ୍ଞାପନ କରିଥିଲେ। ଭାଲ୍ଲାଥୋଲ କଳାମଣ୍ଡଳମ୍ର ଦୃଢ଼ ଭିତ୍ତିସ୍ଥାପନ କରି ପ୍ରଶିକ୍ଷଣର ଯଥୋପଯୁକ୍ତ ବ୍ୟବସ୍ଥା କରିଥିଲେ ଏବଂ ଏହି ଶିକ୍ଷାନୁଷ୍ଠାନକୁ ଭାରତ ତଥା ସମଗ୍ର ବିଶ୍ୱର ଦୃଷ୍ଟିପଥକୁ ଆଣିଥିଲେ। ୧୯୪୧ ମସିହାରେ ସେ ଏହାକୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତରିତ କରିଥିଲେ। ଏହି ଅନୁଷ୍ଠାନର ପ୍ରସାର ଘଟିଛି ଏବଂ କଥାକଳି ଆଜି ଆହୁରି ଜନପ୍ରିୟ ହୋଇଉଠିଛି। ଭାଲ୍ଲାଥୋଲ ଯେତେବେଳେ କଥାକଳିକୁ ପୁନର୍ଜୀବନ ଦେବାପାଇଁ ଚେଷ୍ଟା କରୁଥିଲେ ସେତେବେଳେ ସେହି ଫସିଲ୍କୁ ଯାଦୁଘରେ ରଖିଦେବା ପାଇଁ ସମାଲୋଚକମାନେ ତାଙ୍କୁ ଉପଦେଶ ଦେଇଥିଲେ। କିନ୍ତୁ ଆଜି ସେହି ଫସିଲରେ ପ୍ରାଣ ସଞ୍ଚାରିତ ହୋଇଛି ଏବଂ ଦୀର୍ଘଜୀବି ହେବାର ସମ୍ଭାବନା ମଧ୍ୟ ତାର ରହିଛି।

ବିବିଧ କାର୍ଯ୍ୟରେ ବ୍ୟସ୍ତଥିଲେ ମଧ୍ୟ ସେ କବିତା ପ୍ରତି ଅବହେଳା ପ୍ରଦର୍ଶନ କରି ନ ଥିଲେ। ୧୯୩୦ ମସିହା ପରେ ସାହିତ୍ୟ ମଞ୍ଜରୀ ଶେଷ ଚାରୋଟି ଖଣ୍ଡ ଏବଂ 'ବିଶୁକ୍କାନି', 'ଦିବାସ୍ୱପ୍ନମ୍' ଏବଂ 'ବୀରଶ୍ରୀଙ୍ଖଲା' ନାମକ କ୍ଷୁଦ୍ର କବିତା ସଂକଳନ ପ୍ରକାଶ ପାଇଥିଲା। ତାଙ୍କ ରଚିତ ଜନପ୍ରିୟ କବିତା ମଧ୍ୟରେ 'ଆଛାନୁମ୍ ମାକୁଲମ୍' (ପିତା ଓ କନ୍ୟା) କବିତାଟି ୧୯୪୧ ମସିହାରେ ପ୍ରକାଶିତ ହୋଇଥିଲା। କିନ୍ତୁ ତାଙ୍କର ଏହି ପ୍ରକାର ଅଳ୍ପକେତୋଟି କବିତା ବ୍ୟତୀତ ପରବର୍ତ୍ତୀ ଅନେକ କବିତାରେ ତାଙ୍କ କାବ୍ୟିକ ପ୍ରତିଭାର ଅବକ୍ଷୟ ଦୃଷ୍ଟିଗୋଚର ହୁଏ। ଚାଳିଶ ଓ ପଚାଶ ଦଶକରେ ପ୍ରକାଶିତ କବିତାଗୁଡ଼ିକ ବାମପନ୍ଥୀ ରାଜନୈତିକ ଚିନ୍ତାଧାରାଦ୍ୱାରା ପ୍ରଭାବିତ। 'ଇଣ୍ଡିଆୟୁଡେ କରାଚିଲ' (ଭାରତର ବିକଳ କ୍ରନ୍ଦନ) ଏବଂ 'ଭାଲ୍ଲାଥୋଲ ରୁଷିୟାୟିଲ' (ରୁଷିଆରେ ଭାଲ୍ଲାଥୋଲ) କବିତା ଦ୍ୱୟରେ ଏହି ନୂତନ ଚିନ୍ତାଧାରା ଦୃଷ୍ଟିପଥକୁ ଆସେ।

ଏହି ସମୟରେ ଭାଲ୍ଲାଥୋଲ ମଧ୍ୟ ଅନେକଗୁଡ଼ିଏ ଅନୁବାଦ କରିଥିଲେ। ୧୯୩୭ ମସିହାରେ କାଳିଦାସଙ୍କ 'ଶକୁନ୍ତଳମ୍'ର ଅନୁବାଦ ପ୍ରଥମେ ପ୍ରକାଶିତ ହୋଇଥିଲା। ଚାଳିଶ ଦଶକରେ ଦ୍ୱାଦଶ ଶତାବ୍ଦୀର ସଂସ୍କୃତ କବି ବସ୍ତରାଜଙ୍କର ଚାରୋଟି ନାଟକର ଅନୁବାଦ ପ୍ରକାଶ ଲାଭ କରିଥିଲା। ସେଗୁଡ଼ିକ ହେଲା 'କପଟ କେଳି', 'କର୍ପୂର ଚରିତମ୍', 'ରକ୍ମଣୀ ହରଣମ୍' ଏବଂ 'ତ୍ରିପୁରା ଦହନମ୍'। ୧୯୫୧ ମସିହାରେ ତ୍ରିବାଙ୍କୁର ବିଶ୍ୱବିଦ୍ୟାଳୟ ଭାଲ୍ଲାଥୋଲଙ୍କର ମାଲୟାଲମ୍ ଭାଷାରେ ଅନୂଦିତ କ୍ଷେମେନ୍ଦ୍ରଙ୍କ 'ବୋଧିସତ୍ତ୍ୱାପଦନ କଳ୍ପଲତା', ପ୍ରକାଶ କରିଥିଲା। ୧୯୫୨ ମସିହାରେ 'ହଲଗଧ ସପ୍ତତି'ର ଅନୁବାଦ 'ଗ୍ରାମ ସୌଭାଗ୍ୟମ୍' ପ୍ରକାଶିତ ହୋଇଥିଲା। ଏହାର ଲେଖକ ହେଉଛନ୍ତି ପ୍ରଥମ ଶତାବ୍ଦୀର ସଂସ୍କୃତ କବି ହଳ। ପଞ୍ଚସ୍ତରୀ ବର୍ଷ ବୟସରେ ଭାଲ୍ଲାଥୋଲ

ମାଲୟାଲମ୍ ଭାଷାରେ ଋଗ୍‌ବେଦକୁ ଅନୁବାଦ କରିବାପରି ବୃହତ୍ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ବାଣୀ, ଭାରତବର୍ଷର ଅନୁନ୍ନତ ଶ୍ରେଣୀର ଲୋକମାନଙ୍କୁ ବେଦଶିକ୍ଷା ଦିଆଯିବା ଉଚିତ୍- ସେ କଥା କବିଙ୍କ ମନରେ ପ୍ରତିଧ୍ୱନିତ ହୋଇଥିଲା ଏବଂ ସେ ଋଗ୍‌ବେଦର ଅନୁବାଦ ଜନିତ ଅତ୍ୟନ୍ତ କଷ୍ଟସାଧ୍ୟ କାର୍ଯ୍ୟପ୍ରତି ଅନୁପ୍ରାଣିତ ହୋଇଥିଲେ। ସେହି କାର୍ଯ୍ୟ ସମାପ୍ତ କରିବାକୁ ତାଙ୍କୁ ଦୁଇ ବର୍ଷ ସମୟ ଲାଗିଥିଲା। ଏହାର କିଛି ଅଂଶ ଗଦ୍ୟ ଏବଂ କିଛି ଅଂଶ ପଦ୍ୟ। ବେଦାଭିଜ୍ଞମାନେ ଏହି ଅନୁବାଦଟିକୁ ସନ୍ତୁଷ୍ଟ ଚିତ୍ତରେ ଗ୍ରହଣ କରିପାରି ନ ଥିଲେ। କିନ୍ତୁ ଏ କଥା ଅନସ୍ୱୀକାର୍ଯ୍ୟ ଯେ ମାଲୟାଲମ୍ ଭାଷାରେ ଅତୀତରେ ଅନୁଭୂତ ବିଶେଷ ଅଭାବକୁ ଏହା ପୂରଣ କରି ପାରିଛି।

ତାଙ୍କର ଗୁରୁତ୍ୱପୂର୍ଣ୍ଣ ରଚନାଗୁଡ଼ିକ ପ୍ରକାଶିତ ହେବାପରେ ଭାଲ୍ଲାଥୋଲ ସମ୍ମାନର ଅଧିକାରୀ ହୋଇଥିଲେ। ୧୯୧୯ ମସିହାରେ କୋଚିନ୍‌ର ମହାରାଜା ତାଙ୍କୁ 'କବି ତିଳକ' ଉପାଧିରେ ଭୂଷିତ କରିଥିଲେ। ୧୯୨୮ ମସିହାରେ ସେହି ମହାରାଜା ତାଙ୍କୁ 'କବି ସାର୍ବଭୌମ' ନାମକ ଅନ୍ୟଏକ ଉପାଧି ପ୍ରଦାନ କରିଥିଲେ। ୧୯୪୮ ମସିହାରେ ମାଡ୍ରାସ୍ ସରକାର ତାଙ୍କୁ ଚାରି ଜଣଙ୍କ ମଧ୍ୟରେ ଜଣେ ରାଜକବି ଭାବେ ବରଣ କରିଥିଲେ। ସେ ମଧ୍ୟ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସଦସ୍ୟ ଏବଂ କେରଳ ସାହିତ୍ୟ ଏକାଡ଼େମୀର ସହ- ସଭାପତି ଥିଲେ। ୧୯୫୫ ମସିହାରେ ଭାରତ ସରକାର ତାଙ୍କୁ 'ପଦ୍ମଭୂଷଣ' ଉପାଧିରେ ଭୂଷିତ କରିଥିଲେ। ସେ ଯେଉଁସବୁ ସମ୍ମାନ ଓ ଉପାଧି ପାଇଥିଲେ ତା ମଧ୍ୟରେ ତାଙ୍କ ପାଠକ ପାଠିକାଗଣ ତାଙ୍କୁ ଦେଇଥିବା 'ମହାକବି' ଉପାଧିଟି ସର୍ବଶ୍ରେଷ୍ଠ।

ବାର୍ଦ୍ଧକ୍ୟରେ ମଧ୍ୟ ଭାଲ୍ଲାଥୋଲ ଅତ୍ୟନ୍ତ କର୍ମଠ ଥିଲେ। ୧୯୫୦ ମସିହାରେ ବା'ସ୍ତରି ବର୍ଷ ବୟସରେ ସେ ୱାରସ୍‌ର ଶାନ୍ତି ସମ୍ମିଳନୀରେ ଯୋଗ ଦେଇଥିଲେ। ସେ ଇଂରେଜୀ ବା ଅନ୍ୟକୌଣସି ପାଶ୍ଚାତ୍ୟ ଭାଷା ଜାଣି ନ ଥିଲେ। କିନ୍ତୁ ୱାରସ୍‌ଠାରେ କବିତା ଆବୃତ୍ତି କରିବାରେ ବା ପ୍ୟାରିସ୍ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଶ୍ରୋତାମଣ୍ଡଳୀ ସମ୍ମୁଖରେ କଥାକଳି ସମ୍ବନ୍ଧରେ ଭାଷଣ ଦେବାରେ କୌଣସି ଅସୁବିଧା ସେ ଅନୁଭବ କରି ନ ଥିଲେ। ପରବର୍ତ୍ତୀ କେତେବର୍ଷ ମଧ୍ୟରେ ସେ ସୋଭିଏତ୍ ୟୁନିୟନ ଓ ଚୀନ୍ ପରିଭ୍ରମଣ କରିଥିଲେ ଏବଂ କଥାକଳି ଦଳ ନେଇ ଚୀନ୍, ମାଲୟ ଓ ସିଙ୍ଗାପୁର ଯାତ୍ରାକରିଥିଲେ। ଦେଶରେ ସେ ସାହିତ୍ୟ ସଂସ୍ଥା ବିଶେଷତଃ 'ସମସ୍ତ କେରଳ ସାହିତ୍ୟ ପରିଷଦ' ସଙ୍ଗେ ସଂଯୁକ୍ତ ଥିଲେ। ୧୯୪୬ ମସିହାରେ ସେ ଏହାର ସଭାପତି ହୋଇଥିଲେ ଏବଂ ଦଶ ବର୍ଷ ଧରି ସେ ସଭାପତିର କାର୍ଯ୍ୟ ପରିଚାଳନା କରିଥିଲେ। ପରିଷଦର ବାର୍ଷିକ ସମ୍ମିଳନୀରେ ତାଙ୍କ ପ୍ରଦତ୍ତ ଭାଷଣାବଳୀ ସଙ୍କଳନ ଆକାରରେ ପ୍ରକାଶିତ ହୋଇଅଛି। ସୁସଙ୍ଗତ ଗଦ୍ୟଶୈଳୀ ଏବଂ ଉଦାର ସାହିତ୍ୟବୋଧର ଭରା ତାଙ୍କ ଭାଷଣାବଳୀ ଅତ୍ୟନ୍ତ ସୁଖପାଠ୍ୟ।

୧୯୫୭ ମସିହା ମାର୍ଚ୍ଚ ୧୩ ତାରିଖରେ ଅଣାଅଶୀ ବର୍ଷ ବୟସରେ ଭାଲ୍ଲାଥୋଲ ମୃତ୍ୟୁବରଣ କଲେ। ତାଙ୍କ ଜୀବନ ପରିପୂର୍ଣ୍ଣ, ବ୍ୟକ୍ତିତ୍ୱ ଦୃଢ଼ ଓ ଭାସ୍ୱର ଏବଂ ପ୍ରତିଭା ସୃଜନଶୀଳତାରେ ଭରପୂର। ସେ ଏବଂ ତାଙ୍କର କାବ୍ୟ ଆମ ଦେଶର ଐତିହ୍ୟପୂର୍ଣ୍ଣ ସଂସ୍କୃତିର ଅତ୍ୟାବଶ୍ୟକୀୟ ଶକ୍ତିର ଆଧାର ହୋଇ ରହିଛି।

■

# ଐତିହ୍ୟବାଦୀ ମେନନ

ଊନବିଂଶ ଶତାବ୍ଦୀର ଶେଷପର୍ଯ୍ୟାୟରେ କେରଳର ଗୋଟିଏ ଗ୍ରାମରେ ଭାଲ୍ଲାଥୋଲଙ୍କର ଜନ୍ମ। ସଂସ୍କୃତ ଭାଷାରେ ଶିକ୍ଷାଲାଭ ଏବଂ ଇଂରେଜୀ ଭାଷା ପ୍ରତି ଅନାସକ୍ତ ଭାବ ପ୍ରକାଶ ହେତୁ ତାଙ୍କୁ ନିଃସନ୍ଦେହରେ ଐତିହ୍ୟବାଦୀ ବୋଲାଯାଇପାରେ। ପ୍ରଚଳିତ ଭାବଧାରା ନେଇ ତାଙ୍କ ମନରେ କୌଣସି ଦ୍ୱନ୍ଦ୍ୱ ସୃଷ୍ଟିହୋଇ ନାହିଁ କିମ୍ବା ଚେତନାରେ ସେ କୌଣସି ମର୍ମାନ୍ତିକ ବେଦନା ଅନୁଭବ କରି ନାହାନ୍ତି। ସେ ପ୍ରାଚୀନ ମୂଲ୍ୟବୋଧ ଓ ଭାବଧାରା ମଧ୍ୟରେ ସମ୍ପୂର୍ଣ୍ଣରୂପେ ସ୍ୱଚ୍ଛନ୍ଦ ବିହାର କରିଛନ୍ତି। ଭାଲ୍ଲାଥୋଲ ଏହିପରି ଜଣେ ଐତିହ୍ୟବାଦୀ। ତାଙ୍କପକ୍ଷେ ସରଳ ଓ ଉଦାସୀନ ହେବା ଅଧିକ ସହଜ ହୋଇଉଠିଛି। କାରଣ କେରଳର ସଂସ୍କୃତି ଏବଂ ସାହିତ୍ୟର ପ୍ରଚଣ୍ଡ ସ୍ୱାତନ୍ତ୍ର୍ୟ ଥିଲେ ମଧ୍ୟ ତାହା ହିନ୍ଦୁଧର୍ମ ଏବଂ ସଂସ୍କୃତ ଭିତ୍ତିକ ସଂସ୍କୃତି ସହିତ ଜଡ଼ିତ ଥିଲା।

ଦ୍ୱାଦଶ ଶତାବ୍ଦୀରେ ମାଲୟାଲମ୍ କବିତାରେ 'ମଣିପ୍ରବାଳମ୍' ନାମକ ଗୋଟିଏ ବିଶେଷ ବାକ୍ ପ୍ରଣାଳୀ ଲକ୍ଷ୍ୟକରାଯାଏ। 'ମଣି' ଅର୍ଥାତ୍ ସଂସ୍କୃତ ଶବ୍ଦର ଅମୂଲ୍ୟ ରତ୍ନରାଜି ଏବଂ 'ପ୍ରବାଳମ୍' ଅର୍ଥାତ୍ ମାଲୟାଲମ୍ ଭାଷାର ମୁକ୍ତା। ଏହି ମଣିମୁକ୍ତାର ସମ୍ମିଶ୍ରଣରେ 'ମଣି ପ୍ରବାଳମ୍'ର ସୃଷ୍ଟି। ପ୍ରକୃତପକ୍ଷେ 'ମଣିପ୍ରବାଳମ୍' କହିଲେ ମାଲୟାଲମ୍ ଭାଷାକୁ ବୁଝାଏ। ଏହା ମଧ୍ୟରେ ଅନେକ ସଂସ୍କୃତ ଶବ୍ଦ ପ୍ରବେଶ କରିଛି ଏବଂ ପରେ ସେଗୁଡ଼ିକ ମାଲୟାଲମ ଭାଷାର ଅଙ୍ଗୀଭୂତ ହୋଇଛି। ବିଭିନ୍ନ ଚେଷ୍ଟାକୃତ ସଂସ୍କୃତ ଶବ୍ଦ ବର୍ଜିତ ମାଲୟାଲମ୍ ଭାଷାର ଦୀର୍ଘ ରଚନା କୃତ୍ରିମ ଭଳି ମନେହୁଏ। ମାଲୟାଲମ୍ ଶବ୍ଦର ସ୍ୱଚ୍ଛ ସ୍ଫୁର୍ତ୍ତ ଏବଂ ମଧୁର ପ୍ରୟୋଗ କରିବାରେ ଭାଲ୍ଲାଥୋଲଙ୍କର ଅପୂର୍ବ ପ୍ରତିଭା ଥିଲା। ତଥାପି ଅଧିକାଂଶ କ୍ଷେତ୍ରରେ ଏପରିକି ଗୀତିକାବ୍ୟ ରଚନା କରିବା ସମୟରେ ସେ ସଂସ୍କୃତ ଶବ୍ଦ ଭଣ୍ଡାର ପ୍ରତି ଦୃଷ୍ଟିପାତ କରିଛନ୍ତି। ଉଦାହରଣ ସ୍ୱରୂପ ତାଙ୍କର ବିଖ୍ୟାତ କବିତା 'ଏନ୍ତେଭାଷା' (ମୋର ଭାଷା) ମାଲୟାଲମ୍ ଭାଷା ଏବଂ ସାହିତ୍ୟର ଗୁଣକୀର୍ତ୍ତନର କବିତା ହେଲେ ମଧ୍ୟ ସେଥିରେ ସଂସ୍କୃତ ଶବ୍ଦର ପ୍ରାଧାନ୍ୟ ରହିଅଛି। ତାଙ୍କର କେତେକ କବିତାରେ ବିଶେଷତଃ ଯେଉଁସବୁ କବିତା ସଂସ୍କୃତ ଛନ୍ଦରେ ଲିଖିତ ସେଥିରେ ସଂସ୍କୃତ ଶବ୍ଦର ପ୍ରୟୋଗ ଅଧିକ। ତାଙ୍କର ସେ ସବୁ ଲେଖା ବେଶ୍ ପାଣ୍ଡିତ୍ୟପୂର୍ଣ୍ଣ ଏବଂ ଯେଉଁସବୁ ଶବ୍ଦ ମାଲୟାଲମ୍ ଭାଷାର ଅଙ୍ଗୀଭୂତ ହୋଇପଡ଼ିଛି ସେଥିରେ ସେହି ଶବ୍ଦ ଗୁଡ଼ିକର

ସ୍ୱାତନ୍ତ୍ର୍ୟ ବଜାୟ ରହିଛି। ଯେଉଁ ସବୁ ଶବ୍ଦ ସେ ପ୍ରୟୋଗ କରିଛନ୍ତି ସେ ଗୁଡ଼ିକ ମଧ୍ୟରେ ଧର୍ମ ଓ ଦର୍ଶନର କଥା ଅନେକ ପରିମାଣରେ ରହିଛି। ଯେପରିକି ଧର୍ମ, କର୍ମ, ଯୋଗ, ମୁକ୍ତି, ମୋକ୍ଷ, ନିର୍ବାଣ, ନିବୃତ୍ତି, ବ୍ରତ, ଦମମ୍, ସମମ୍, ସଚ୍ଚିଦାନନ୍ଦ, ପରମାତ୍ମା ପ୍ରଭୃତି ଶବ୍ଦ ପ୍ରତିଟି କବିତାରେ ବ୍ୟବହୃତ ହୋଇଥିବାରୁ ହିନ୍ଦୁ ଧର୍ମର ଭାବନା ଓ ଚିନ୍ତା ମୂର୍ତ୍ତ ହୋଇଉଠିଛି। ଇଂରେଜୀ ଭାଷାରେ ଏହିପରି ସମାର୍ଥକ ଶବ୍ଦ ଖୋଜିଲେ ମିଳେ ନାହିଁ। ପ୍ରଚଳିତ ଭାବଧାରା ଏବଂ ବିଷୟବସ୍ତୁର ଭିତ୍ତିଭୂମି ଉପରେ ତାଙ୍କର କାବ୍ୟସୌଧ ଗଢ଼ି ଉଠିଛି କହିଲେ ଅତିଶୟୋକ୍ତି ହେବ ନାହିଁ।

ହିନ୍ଦୁ ପ୍ରଧାନ ଭାରତବର୍ଷର ସମୃଦ୍ଧ ପୌରାଣିକ କାହାଣୀ ଓ ସାହିତ୍ୟ ଭାଲ୍ଲାଥୋଲଙ୍କ କବିତାର ପୃଷ୍ଠଭୂମି। ଅନେକ କାବ୍ୟର ବିଷୟବସ୍ତୁ ଏବଂ ଚରିତ୍ରସମୂହ ପୌରାଣିକ ଉପାଖ୍ୟାନରୁ ସଂଗୃହୀତ। ତାଙ୍କ 'ଅନିରୁଦ୍ଧାନ' କବିତାରେ ଦୈତ୍ୟରାଜାର କନ୍ୟା ଉଷା ଏବଂ ଶ୍ରୀକୃଷ୍ଣର ପୌତ୍ର ଅନିରୁଦ୍ଧର ଚିର ପରିଚିତ ପ୍ରେମ ଉପଖ୍ୟାନ ବର୍ଣ୍ଣିତ ହୋଇଅଛି। 'ସିଶ୍ୟାନମ୍ ମାକନାମ୍' କବିତାରେ ବର୍ଣ୍ଣିତ ଚରିତ୍ର ଶିବ, ପାର୍ବତୀ, ଗଣପତି, ସୁବ୍ରମଣ୍ୟର, ପରଶୁରାମ, ରାଧା ଓ କୃଷ୍ଣ, ପୃଷ୍ଠଭୂମି ଓ କୈଳାସ ଏବଂ କାହାଣୀ ପୌରାଣିକ। 'ଓରୁଚିତ୍ରମ୍' (ଗୋଟିଏ ଛବି) ଶ୍ରୀକୃଷ୍ଣଙ୍କ ବିଷୟରେ ଗୋଟିଏ ମନୋମୁଗ୍ଧକର କବିତା। 'ଅମ୍ପାଦିୟିଲି ଚେଲ୍ଲନ୍ନା ଅକ୍ରୂରାନ୍' କବିତା ଭାଗବତର ଗୋଟିଏ ଘଟଣାକୁ ନେଇ ରଚିତ। ସେହି କବିତା ଅକ୍ରୂରର ବୃନ୍ଦାବନ ଯାତ୍ରା ଏବଂ ଶ୍ରୀକୃଷ୍ଣଙ୍କ ମଥୁରା ଆଗମନ ଘଟଣାକୁ ସ୍ମରଣ କରାଇଦିଏ। 'କର୍ମଭୂମିୟୁଟେ ପିଞ୍ଚୁକଲ' (କର୍ମ ଭୂମିର କୋମଳ ଚରଣ) କବିତାରେ କାଳ ନାଗୁଣୀ ଉପରେ ଶ୍ରୀକୃଷ୍ଣଙ୍କର ନୃତ୍ୟ ଘଟଣା ପରିବେଷିତ। 'ଅଚ୍ଚାନୁମ୍ ମାକାଲୁମ୍' (କନ୍ୟା ଓ ପିତା) କବିତାରେ ବିଶ୍ୱାମିତ୍ର ଏବଂ ତାଙ୍କର କନ୍ୟା ଶକୁନ୍ତଳାଙ୍କ କାଳ୍ପନିକ ମିଳନର ଦୃଶ୍ୟ ବର୍ଣ୍ଣିତ। 'କିଲ୍ଲିକୋଞ୍ଚାଲ' କବିତାରେ ଉଦ୍ୟାନରେ କ୍ରୀଡ଼ାରତ ପାଞ୍ଚ ବର୍ଷର କନ୍ୟା ସୀତାର ବର୍ଣ୍ଣନା ପାଠକକୁ ମୁଗ୍ଧକରେ। 'ମୋଧୂରାମ୍', 'ଭକ୍ତିୟମ୍ ବିଭକ୍ତିୟମ୍' (ଭକ୍ତି ଏବଂ ବୃତ୍ତି) ଏବଂ 'ମାଲୟାଲାନ୍ତିଟେ ତାଲା' (କେରଳର ମଥା) ପ୍ରଭୃତି କବିତା କେରଳର ଉପକଥା ଉପରେ ଗଢ଼ି ଉଠିଛି। ଆହୁରି ଅନେକ କବିତା ପ୍ରାଚୀନ ଉପକଥା ଉପରେ ଗଢ଼ି ନ ଉଠିଲେ ହେଁ ତା'ଉପରେ ପ୍ରାଚୀନ ଉପକଥାର ଚରିତ୍ର, ଘଟଣା ଏବଂ ଭାବଧାରାର ପ୍ରଭାବ ପଡ଼ିଛି। ଏ ସବୁରେ ଧର୍ମଗତ ବୈଶିଷ୍ଟ୍ୟ ରହିଛି। 'ଏନ୍ତେ ଗୁରୁନାଥନ' (ମୋର ଗୁରୁ) ନାମକ ତାଙ୍କର ଏକ ବିଖ୍ୟାତ କବିତାରେ ଗାନ୍ଧିଜୀଙ୍କ ସମ୍ବନ୍ଧରେ କବି ଗାଇଛନ୍ତି-

> ଗୀତାର ଜନନୀ ଯେ ଦେଶ
> ଜନମିବେ ତହିଁ କର୍ମଯୋଗୀ ତବ ସମ

ହିମବନ୍ତ ଓ ବିନ୍ଧ୍ୟ ମଧ୍ୟବର୍ତ୍ତୀ ସ୍ଥାନେ
ଜନ୍ମନେବ ଆତ୍ମସଂଯମୀ ସିଂହ
ଗାଙ୍ଗାପ୍ଲାବିତ ଏ ଦେଶ ବକ୍ଷେ
ଅଙ୍କୁରିବ ଚିର ଆଶୀଷଦାୟୀ କଳ୍ପବଟ ଏକ।

'ପାପମୋଚନମ୍' (ପାପରୁ ମୁକ୍ତି) ନାମକ ଗୋଟିଏ କବିତାରେ ସେ ଗାନ୍ଧିଜୀଙ୍କ ମଧ୍ୟରେ ବିଶ୍ୱାମିତ୍ର ମୁନିଙ୍କ ପରି କଠିନ ଆତ୍ମସଂଯମର ଅଧିକାରୀ ସ୍ଥିର ପ୍ରତିଜ୍ଞ ପୁରୁଷଙ୍କୁ, ରାଜା ଜନକଙ୍କ ପରି ମହାନ୍ କର୍ମଯୋଗୀଙ୍କୁ, ଭୀଷ୍ମପରି ଧର୍ମ ଯୁଦ୍ଧରେ ଅଟଳ ବୀରଙ୍କୁ ଏବଂ ବିଦୁରଙ୍କ ପରି ହିତକାରୀ ଉପଦେଷ୍ଟାଙ୍କୁ ପ୍ରତ୍ୟକ୍ଷ କରିଛନ୍ତି। ତ୍ରିରଙ୍ଗ ପତାକାକୁ ନୀଳ ଆକାଶରେ ଉଡୁଥିବାର ଦେଖି 'ପୋରା ପୋରା' ନାମକ କବିତାରେ କବି ଉଲ୍ଲସିତ ହୋଇ ଗାଇ ଉଠିଛନ୍ତି-

ସେପରି ଭାବେ ଦିଅ ତାହାକୁ ଆନନ୍ଦ ଦେବାଶୀଷର ଧାରା
ଯେପରି ଭାବେ ବାସୁଦେବର ବକ୍ଷେ ଲମ୍ବଇ ପୁଷ୍ପମାଳା।

'ମ୍ୟାଗଡ଼ୋଲନା ମ୍ୟାରିୟମ୍' ନାମକ ଗୋଟିଏ କବିତାରେ ସେ ଯୀଶୁଖ୍ରୀଷ୍ଟଙ୍କୁ ଶ୍ରୀକୃଷ୍ଣରୂପେ କଳ୍ପନା କରି ଏହି ନୈତିକ ଶିକ୍ଷା ବ୍ୟକ୍ତ କରିଛନ୍ତି ଯେ; ସୁମଧୁର ବଂଶୀ ବାଦନରତ ଶ୍ରୀକୃଷ୍ଣ ହିଁ ଯୀଶୁଖ୍ରୀଷ୍ଟ।

ହିନ୍ଦୁ ଧର୍ମରେ ଯେଉଁ କବିଙ୍କର ଅଗାଧ ପାଣ୍ଡିତ୍ୟ ତାଙ୍କ କବିତାରେ ହିନ୍ଦୁ ଦର୍ଶନର ପ୍ରଭାବ ପଡ଼ିବା ସ୍ୱାଭାବିକ। ଭାଲ୍ଲାଥୋଲ ଦାର୍ଶନିକ ନ ଥିଲେ, ବେଦ ଓ ଉପନିଷଦର ଅସ୍ପଷ୍ଟ ଜଗତରେ ବିଚରଣ ନ କରି ସେ ପୁରାଣ ଓ ମହାକାବ୍ୟର ଚରିତ୍ରମାନଙ୍କ ଗହଣରେ ବିଚରଣ କରି ସେମାନଙ୍କ ସହିତ ପରିଚିତ ହେବାପାଇଁ ଚେଷ୍ଟା କରିଛନ୍ତି। କିନ୍ତୁ ତାହା ସତ୍ତ୍ୱେ ତାଙ୍କ କବିତାରେ କେଉଁଠି ସ୍ପଷ୍ଟଭାବେ କେଉଁଠି ବା ଅସ୍ପଷ୍ଟଭାବେ ଅଦ୍ୱୈତବାଦ ଲକ୍ଷ୍ୟ କରାଯାଏ। ଈଶ୍ୱରଙ୍କ ଭିତରେ ଯେ ସମସ୍ତ ଜୀବନର ଐକ୍ୟ ବିରାଜମାନ ଏହି ବିଶ୍ୱାସ ନେଇ ତାଙ୍କ ମନରେ ଐକ୍ୟ ଓ ସାମ୍ୟର ସ୍ୱର ଧ୍ୱନିତ ହୋଇଛି। 'ଓନାପୁତାଓ୍ୱା' କବିତାରେ କବି ସୂର୍ଯ୍ୟଙ୍କୁ ଆହ୍ୱାନ ଜଣାଇ ଗାଇଛନ୍ତି—

'ହେ ଜ୍ଞାନର ଅବତାର
ଅପାପ ବିଦ୍ଧ ରଶ୍ମି ତୁମ, ଚୁମ୍ୱିଯାଏ ପରମ ଶ୍ରଦ୍ଧାରେ
ପୁରୋହିତର ପୂଜା ପୁଷ୍ପ ଡାଲା,
ଅବା ଦରିଦ୍ରର ଆମିଷ ରନ୍ଧା ମାଟି ପାତ୍ର
ସବୁକୁ ତୁମେ ସମାନ ଭାବେ,
ସମାନ ଆଗ୍ରହରେ।

'ଅଦ୍ୱୈତମ୍ ଶିବମ୍ ସନ୍ଦମ୍' ନାମକ ତାଙ୍କର ଏକ କବିତାରେ କବି କେରଳର ପ୍ରତିବର୍ଷର ବନ୍ୟା ଏବଂ ଦୁର୍ଭିକ୍ଷର ଚିତ୍ର ଅଙ୍କନ କରିଛନ୍ତି। ସେ ଅନୁଭବ କରିଛନ୍ତି ଯେ ପ୍ରକୃତି, ଧନୀ-ଦରିଦ୍ର, ବ୍ରାହ୍ମଣ ସମସ୍ତଙ୍କୁ ସମାନଭାବେ ଦୁର୍ଦ୍ଦଶାଗ୍ରସ୍ତ କରି ଦେଇଛି ଯେପରି କେହି କାହାରି ଉପରେ ଆଧିପତ୍ୟ ବିସ୍ତାର କରିପାରିବେ ନାହିଁ। ସେ ପ୍ରାର୍ଥନା କରିଛନ୍ତି ଯେ କେରଳବାସୀ ଏହି ଶିକ୍ଷାରୁ ସୁଫଳ ଲାଭ କରିବେ ଏବଂ ପାଙ୍କାନାର ଜନ୍ମଭୂମି 'ଅଦ୍ୱୈତମ୍ ଶିବମ୍ ସନ୍ଦମ୍' ଅବସ୍ଥା ପ୍ରାପ୍ତ ହୋଇ ସୁଖଶାନ୍ତିର ସ୍ୱର୍ଶରେ ଉଜ୍ଜୀବିତ ହୋଇ ଉଠିବ। ତାଙ୍କ କବିତାର ମଝିରେ ମଝିରେ ଏହିଭାବ ଧ୍ୱନିତ ହୋଇଉଠିଛି ଏବଂ ସେଥିରୁ ଜଣାପଡ଼େ ଯେ ହିନ୍ଦୁ ସମାଜରୁ ଜାତିଭେଦ ଦୂରକରି ହିନ୍ଦୁସମାଜକୁ ସଂସ୍କାର କରିବାପାଇଁ ସେ ଯେପରି ଆଗ୍ରହୀ ଥିଲେ ତାହା ସନାତନ ହିନ୍ଦୁଧର୍ମର ଚିନ୍ତାଧାରା।

ପ୍ରଚଳିତ ରୀତି ନୀତିର ବିଶ୍ୱାସୀ ଏବଂ ପ୍ରାଚୀନପନ୍ଥୀ କବି ପକ୍ଷରେ ଭାବ ପ୍ରବଣତା ଏବଂ ଜୀବନପ୍ରତି ଦୃଷ୍ଟିଭଙ୍ଗୀ ସ୍ୱଭାବତଃ ହିନ୍ଦୁ ସୁଲଭ ଥିଲା। ଏହା ମଧ୍ୟରେ ଗୋଟିଏ କଥା ଅଛି, ଭକ୍ତି ବା ସମର୍ପଣ ଏବଂ ଏହା ପ୍ରତ୍ୟେକ ହିନ୍ଦୁ ପ୍ରାଣରେ ଶତ ଶତାବ୍ଦୀ ଧରି ଏପରି ଗୁନ୍ଥା ହୋଇଛି ଯେ ଏହା ତାର ସ୍ୱକୀୟ ସତ୍ତାରେ ପରିଣତ ହୋଇଛି। କେହି ଯଦି ଭାରତୀୟ ସାହିତ୍ୟକୁ ନିବିଡ଼ଭାବେ ଅଧ୍ୟୟନ କରେ ତେବେ ସେ ବୁଝି ପାରିବ ଭାଲ୍ଲାଥୋଲଙ୍କ 'ଓରୁଚିତ୍ରମ୍', ଅମ୍ମାଦିୟିଲ ଚେଲ୍ଲୁନା ଅକ୍ରୁରାନ୍', 'ଭକ୍ତିୟୁମ୍ ବିଭକ୍ତିୟୁମ୍' ଇତ୍ୟାଦି କବିତାରେ ସେହି ସ୍ୱର ଧ୍ୱନିତ ହୋଇଛି। 'ଡରୁଚିତ୍ରମ'ରେ ଶ୍ରୀକୃଷ୍ଣଙ୍କର ଅପୂର୍ବ ରୂପ ବର୍ଣ୍ଣନା ବାକ୍ ପ୍ରଣାଳୀର ମାଧୁର୍ଯ୍ୟ ଏବଂ ଭକ୍ତି ରସର ସୌନ୍ଦର୍ଯ୍ୟରେ ଗୀତିକାବ୍ୟ ସୁଶୋଭିତ। ଗୋଦହନ-ରତା ମାତାକୁ ଆଲିଙ୍ଗନ ପୂର୍ବକ ଦଣ୍ଡାୟମାନ ଶ୍ରୀକୃଷ୍ଣଙ୍କୁ ସମ୍ବୋଧନ କରି କବି ଗାଇଛନ୍ତି-

ତୁମେ ଯିଏ ମା'ର ଗଳାକୁ ଜଡ଼ାଇ ଧରି ଠିଆ ହୋଇଅଛ
ତୁମେ ତ୍ରିଭୁବନ ମାତ- ପିତା
ତୁମେ ବିଶ୍ୱ ବ୍ରହ୍ମାଣ୍ଡର ପରମାତ୍ମା
ତୁମ ଜନ୍ମ ଧର୍ମ ସଂସ୍ଥାପନ ପାଇଁ
କେତେବେଳେ କେଉଁଜୀବ ରୂପ
ତୁମେ ଯେ ଦୁଧ ଲହୁଣୀ ପାଇବାର ପାଇଁ
ଗୋପାଙ୍ଗନା ମାନଙ୍କର ବାଟ ଜଗିବସ
ଏବଂ ସେମାନଙ୍କ ସମ୍ମୁଖରେ ତ୍ରିଭଙ୍ଗୀ ଠାଣିରେ
ନୃତ୍ୟରତ ଚାରୁଚରଣରେ
ଯେଉଁ ପାଦ-

ତିନିପାଦେ ତ୍ରିଭୁବନ ବ୍ୟାପ୍ତ ହୋଇଯାଏ
ହେ ବାଳକ ରୂପଧାରୀ
ନୀଳ କଳେବର
ସର୍ବଲୋକ ମହେଶ୍ୱର
ହେ ପାଳନ କର୍ତ୍ତା
ତୁମକୁ ପ୍ରଣାମ।

'ଅମିଦିୟିଲି ଚେଲ୍ଲୁନା ଅକ୍ରୁରାନ୍' କବିତାରେ କବି ଅକ୍ରୁରକୁ କୃଷ୍ଣଦର୍ଶନ କରାଇଛନ୍ତି। 'ହେ ଚାତକ ପକ୍ଷୀ ଏଇଯେ ତୁମର ଇପ୍‌ସିତ ନୀଳ ଜଳଧର। ତାପରେ ସେ ଏକ ଆବେଗପୂର୍ଣ୍ଣ ବର୍ଣ୍ଣନା ଦେଇଛନ୍ତି-

ଏଇ ସେହି ରୂପମୟ ଦୀପ
ଯିଏ ନନ୍ଦଘରେ ଜଳୁଅଛି।
ଏଇ ସେହି ନୀଳମଣି
ଯିଏ ଯଶୋଦା ଗଳାରେ ଶୋଭାପାଉଅଛି।
ଏଇ ସେହି ବିଚିତ୍ରପକ୍ଷୀ
ଯିଏ ଗୋଟିଏ ଲତାରୁ
ଅନ୍ୟଗୋପୀ ଲତାଟିକୁ ଉଡ଼ିଯାଉଅଛି।
ଏଇ ସେହି ଶ୍ୟାମ ରାଜହଂସ
ଯିଏ ଯମୁନାର ତଟେ ବିଚରଣ କରେ।
ଏଇ ସେହି ପ୍ରିୟ ସଖା
ବ୍ରଜ ଗୋପାଳ ବାଳକର
ଏଇ ସେହି ଯିଏ ବେଦ ଜାଣେ
ବିଶ୍ୱ ବ୍ରହ୍ମାଣ୍ଡ ଆଦିନିୟମ ବଖାଣେ।

ଯେତେବେଳେ ସେ ମାତୃଭୂମି ଅଥବା କୌଣସି ପ୍ରିୟ ନଦନଦୀ ବା ପର୍ବତର ପ୍ରଶସ୍ତିଗାନ କରିଛନ୍ତି ଅଥବା କୌଣସି ମହାମାନବର ଗୁଣକୀର୍ତ୍ତନ କରିଛନ୍ତି ସେତେବେଳେ ପ୍ରାୟ ଏକପ୍ରକାର ଶ୍ରଦ୍ଧାର ସ୍ୱର ଧ୍ୱନିତ ହୋଇଛି। ତାଙ୍କ ଲେଖନୀରେ ଗାନ୍ଧିଜୀଙ୍କ ଉଦ୍ଦେଶ୍ୟରେ ରଚିତ 'ଭକ୍ତି' ଶୀର୍ଷକ କବିତାରେ ଅତିରଂଜନ ସୁସ୍ପଷ୍ଟ ହୋଇଉଠିଛି। 'ପାପ ମୋଚନମ୍' କବିତାରେ କବି ଗାନ୍ଧିଜୀଙ୍କର ବୈକମ୍ ସତ୍ୟାଗ୍ରହର ନିମ୍ନଲିଖିତ ରୂପ ବର୍ଣ୍ଣନା କରିଛନ୍ତି–

ଦୂର ଦିଗନ୍ତରେ ଉଙ୍କିମାରେ ଉଷା
ପ୍ରଭାତ ଆଲୋକେ ଆନନ୍ଦେ ଉଜ୍ଜ୍ୱଳ ଚିକୁର ତା,

ଆକାଶରୁ ଝରଝର ଝରିପଡ଼େ
ଶିଶିର ବିନ୍ଦୁ- ଆନନ୍ଦାଶ୍ରୁ
ନୂତନ ବୃନ୍ଦର ଦର୍ଶନେ ଉତ୍ସୁକ
ଉଜ୍ଜୀବିତ ସମଗ୍ର ଜଗତ।
ପ୍ରଭୁଙ୍କର ଚରଣଦର୍ଶନ କରିଛି ମୁଁ
ମିଳିଅଛି ସଙ୍ଗ ମୋତେ
ମାନବରୂପୀ ସେ ଜ୍ୟୋତିର୍ମୟର।

ସେ ବିଳାପ କରିଛନ୍ତି–

ହାୟ ଜନତାର ଭିଡ଼େ, ଯଷ୍ଟିପରି ତା ପାଦରେ
ନିଜକୁ ମୁଁ ସମର୍ପଣ କରିପାରି ନାହିଁ
ରେଶମ କୋମଳ ତାର ପବିତ୍ର ଚରଣ ସ୍ପର୍ଶ ମିଳିବ ମୋତେ,
ମୁଁ କେତେବଡ଼ ପାପୀ
ଭାଗ୍ୟ ଯଦି ଟାଣିନିଏ ମୋତେ କାଶୀ
ତଥାପି ବି ଗଙ୍ଗାସ୍ନାନ ମିଳିବନି ମୋତେ।

ବିନୟ, ବିସ୍ମୟାନୁଭୂତି, ଶ୍ରଦ୍ଧା, ମମତା ପ୍ରଭୃତି ଗୁଣରାଜିର ସମନ୍ବୟରେ ସୃଷ୍ଟ 'ଭକ୍ତି' ଲକ୍ଷ୍ୟବସ୍ତୁକୁ ଚରମ ସୌନ୍ଦର୍ଯ୍ୟମଣ୍ଡିତ ଗୁଣାବଳୀରେ ମହିମାନ୍ବିତ କରି ତୋଳେ। ଏହି ମହିମାନ୍ବିତ କରିବାର ବୈଶିଷ୍ଟ୍ୟ ଭାଲ୍ଲାଥୋଳଙ୍କ ଅନେକ କବିତାରେ ଦୃଷ୍ଟିଗୋଚର ହୁଏ।

ଜୀବନର ଆନନ୍ଦଘନ ରସାଧାରରେ ସଂପୃକ୍ତ ଈଶ୍ୱରପ୍ରତି କବିର ଯେଉଁ ବିସ୍ମୟାନୁଭୂତି ତାହା ପ୍ରାଚୀନ ସଂସ୍କୃତ ଏବଂ ମାଲୟାଲମ୍‌ର କାବ୍ୟ ସମୂହରେ ଦୃଷ୍ଟିଗୋଚର ହୁଏ। ପଞ୍ଚେନ୍ଦ୍ରିୟ ମାଧ୍ୟମରେ ଜୀବନକୁ ଉପଭୋଗ, ପ୍ରକୃତିର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ତା'ସହ ଆତ୍ମୀୟତା ପ୍ରକଟ, ଆତ୍ମବିଶ୍ୱାସ ଜନିତ ଆନନ୍ଦଭାବ ପ୍ରଭୃତି ମାଧ୍ୟମରେ ଭାରତୀୟ ସତ୍ତା ଗଢ଼ି ଉଠିଛି। ଅବଶ୍ୟ ଗୃହତ୍ୟାଗୀ ସନ୍ନ୍ୟାସୀ ଏବଂ ଧର୍ମାଚାରୀଙ୍କ କଥା ସ୍ୱତନ୍ତ୍ର। ସେହିସବୁ ଭାବଧାରାର ଅଳ୍ପ ବହୁତ ସମନ୍ବୟ, ଭାଷ, କାଳିଦାସଙ୍କ ପରି ପ୍ରାଚୀନ କବିଙ୍କ କବିତାରେ ଅଥବା ରବୀନ୍ଦ୍ର ନାଥଙ୍କ ଭଳି ଆଧୁନିକ କବିଠାରେ ଅଥବା ସୀମିତ କ୍ଷେତ୍ରରେ ଭାଲ୍ଲାଥୋଳଙ୍କ କବିତାରେ ପରିଲକ୍ଷିତ ହୁଏ। ଭାଲ୍ଲାଥୋଳଙ୍କର ଇନ୍ଦ୍ରିୟଗ୍ରାହ୍ୟ ମନୋଭାବ ପ୍ରମାଣକରେ ଯେ ସେ ଭାରତୀୟ କାବ୍ୟର ମୂଳଉତ୍ସ ସହ ସଂଯୁକ୍ତ। ମାଲୟାଲମ୍ କାବ୍ୟରେ ଇନ୍ଦ୍ରିୟଗ୍ରାହୀ ଚିନ୍ତାଧାରା ସବୁ ସମୟରେ ଲକ୍ଷ୍ୟ କରାଯାଏ। କିନ୍ତୁ ଚେରୁସେରି ଏବଂ କୁଞ୍ଚାନ ନାମ୍ବିଅରଙ୍କ ପରେ ଭାଲ୍ଲାଥୋଳଙ୍କ କାବ୍ୟରେ ଏହି ଚିନ୍ତାଧାରା ପଲ୍ଲବିତ ହୋଇଉଠିଛି। 'ସାନ୍ଧ୍ୟଭ୍ରମଣ' କବିତାରେ ସେ ଲେଖିଛନ୍ତି

ହେ ପୃଥ୍ୱୀ, ତୁମେ ଦୁଃଖେ ଭରା ହେଲେ ବି
ତୁମକୁ କି କେହି କେବେ କ୍ଷଣଟିଏ ଘୃଣାକରିପାରେ,
ତୁମର ମୋହିନୀ ରୂପ ଯେତେଦିନ ଥିବ
ଏ ବିଶ୍ୱଭୁବନେ ?

ଏହି ମନୋରମ ଦୃଶ୍ୟାବଳୀର ଆନନ୍ଦ ରସଧାରା ତାଙ୍କ କବିତାରେ ସର୍ବତ୍ର ବିରାଜମାନ। ପ୍ରକୃତିର ସୌନ୍ଦର୍ଯ୍ୟ ମଧ୍ୟରେ କବି ଅନ୍ୟଏକ କାବ୍ୟରସର ସନ୍ଧାନଲାଭ କରିଛନ୍ତି। କବି ତାଙ୍କ କାବ୍ୟଦେବୀଙ୍କୁ ସମ୍ବୋଧନ କରି ଗାଇ ଉଠିଛନ୍ତି—

କୋକିଳ ପରି ସୁମଧୁର କଣ୍ଠେ
ତୁମର ଗୀତ ଶୁଣୁଛି ମୁଁ
ଚଞ୍ଚଳ ପବନେ ଦୋଳାୟିତ ଫୁଲ ଡାଳେ ମଧ୍ୟେ
ତୁମ ନୃତ୍ୟରତ ରୂପ ଦେଖୁଛି ମୁଁ
ପୁଷ୍ପମଧୁ ମଧ୍ୟେ ଶୁଣି ପାରୁଛି ମୁଁ
ରସାଳ ବାକ୍ୟାଳାପ
ସଦା ପ୍ରଫୁଲ୍ଲିତ ତୁମେ ପ୍ରଭାତ ସମ
ଆନନ୍ଦଦାୟକ ଓ ଚିର ସୁନ୍ଦର।

ଏହି ଅନୁବାଦରେ ମୂଳ କବିତାର ଆଦିରସାଶ୍ରିତ ଦ୍ୟୋତନା କିଞ୍ଚିତ୍ ଭଣା ହୋଇଛି। ଆଦର୍ଶବାଦ ସତ୍ତ୍ୱେ ତାଙ୍କର କାବ୍ୟାନୁଭୂତି ପାର୍ଥିବ ଅନୁଭୂତିର ଭିତ୍ତିଭୂମି ଉପରେ ସ୍ଥାପିତ ହୋଇଥିଲା ଏବଂ ତାହା ତାଙ୍କ କବିତାରେ ସୂକ୍ଷ୍ମ ରୁଚିସମ୍ମତ ଭାବେ ପ୍ରକାଶ ପାଇଛି।

ନିଷ୍କପଟ ଇନ୍ଦ୍ରିୟଭାବବିଳାସ ସଂସ୍କୃତ ଓ ମାଲୟାଲମ୍ କାବ୍ୟର ବୈଶିଷ୍ଟ୍ୟ। କାବ୍ୟରେ ଦୈହିକ ରୂପଲାବଣ୍ୟ ଦ୍ୱାରା ଉଦ୍ଦୀପିତ କାମନାକୁ ପ୍ରେମର ସମାର୍ଥକ ମନେକରାଯାଏ ଏବଂ ନାରୀ ଦେହର ବିଶଦ ଏବଂ ଅତିଶୟ ଆଲଙ୍କାରିକ ବର୍ଣ୍ଣନାର ପ୍ରବଣତା ଏହିସବୁ କବିମାନଙ୍କ ମଧ୍ୟରେ ପ୍ରଚଳିତ। ଭାଲ୍ଲାଥୋଳ ସେହି ଗୋଷ୍ଠୀର ଅନ୍ୟତମ ବ୍ୟକ୍ତି। ତାଙ୍କର ଅନେକ କବିତାରେ ଆଦି ରସର ବର୍ଣ୍ଣନା ରହିଛି ଏବଂ ନାରୀ ରୂପର ଚିରାଚରିତ ବର୍ଣ୍ଣନାରେ ସେ ସଫଳକାମ ହୋଇଛନ୍ତି ବୋଲି ମନେହୁଏ। ମେଘପରି କଳା କୁଞ୍ଚୁକୁଞ୍ଚିଆ କେଶ, ଟଣାଟଣା ନୀଳ ଚକ୍ଷୁ, ଚାନ୍ଦ ବା ପଦ୍ମଫୁଲ ପରି ଗୋଲ ମୁଖମଣ୍ଡଳ ଏବଂ ଗୋଲାକାର ଉନ୍ନତ ସ୍ତନ ବର୍ଣ୍ଣନା ତାଙ୍କ କବିତାରେ ଆଦୌ ବିରଳ ନୁହେଁ। 'ସନ୍ଧ୍ୟା' କବିତାରେ ପ୍ରାର୍ଥନାରତ ଏକ ମୁସଲମାନ ରମଣୀର ରୂପଲାବଣ୍ୟ ବର୍ଣ୍ଣନା ଉପସ୍ଥାପନ କରିଛନ୍ତି। ତାର ନିତମ୍ବସ୍ପର୍ଶୀ କେଶଠାରୁ ତଳିପା ପର୍ଯ୍ୟନ୍ତ ତାର ନିଖୁଣ ରୂପର ବର୍ଣ୍ଣନା କରିଛନ୍ତି। ପ୍ରବାଳ ପରି ରକ୍ତ ବର୍ଣ୍ଣର ହସ୍ତଦ୍ୱୟ

ଚକ୍ଷୁର ଭ୍ରୁଲତାପରି ଆଣ୍ଟୁ ଉପରେ ରହିଥିବାର ଯଥାଯଥ ବର୍ଣ୍ଣନା କବି ପ୍ରଦାନ କରିଛନ୍ତି। ସେ ଯେପରିଭାବେ କଳ୍ପନାର ଆଶ୍ରୟ ନେଇଛନ୍ତି ଏବଂ ଯେଉଁ ଭାବଧାରାର ବଶବର୍ତ୍ତୀ ହୋଇଛନ୍ତି ସେଥିରୁ ଜଣାଯାଏ ଯେ ସେ ପ୍ରାଚୀନ ଯୁଗର ଶୃଙ୍ଗାର ରସଧାରାର କବି ଥିଲେ। 'ମୋର କବିତା' ଏବଂ 'ଅନ୍ତଃପୁରେ ରାବଣର ଆଗମନ' କବିତା ଦ୍ୱୟରେ ଯଦିଓ ବିଷୟବସ୍ତୁ ଏବଂ ଭାବଧାରାରେ ଯଥେଷ୍ଟ ପାର୍ଥକ୍ୟ ଅଛି ତଥାପି କବିତା ଦ୍ୱୟରେ ସମଭାବେ ଜୀବନର ଇନ୍ଦ୍ରିୟାନୁଭୂତି ଲବ୍ଧ ଆନନ୍ଦ ସୁନ୍ଦରଭାବେ ମୂର୍ତ୍ତ ହୋଇଉଠିଛି। କବି ଗାଇଛନ୍ତି—

ହେ କବିତା, ତୁମର ଅପୂର୍ବରୂପ ଦେଖିଛି ମୁଁ
ଗର୍ବୋଦ୍ଧତ ସୈନିକର ଉନ୍ମୁକ୍ତ ଖଡ଼୍ଗରେ
ଝଲସି ଉଠେ ଦିଗ୍‌ବିଦିଗ
(ଆଉ ଦେଖିଛି) ହରିଣ ନୟନା ତରୁଣୀ ଆଖିରେ
ପ୍ରେମାସ୍ପଦର କଣ୍ଠଲଗ୍ନା ହୋଇ ରହିବାରେ
(ଆଉ) ଆନନ୍ଦେ ଆତ୍ମହରା କ୍ରୀଡ଼ାରତ ଶିଶୁ ଘର୍ମସିକ୍ତ
ଉଜ୍ଜ୍ୱଳ ସୁମଧୁର ଗନ୍ଧେ।

ଅନ୍ୟଏକ କବିତାରେ ରାବଣ ଏକ ଆନନ୍ଦପୂର୍ଣ୍ଣ ଦୃଶ୍ୟ ବର୍ଣ୍ଣନା କରିଛି—

ମୋ ସାମ୍ନାରେ ପ୍ରଜ୍ୱଳିତ ଦୁଇଧାଡ଼ି ସୁବର୍ଣ୍ଣର ଦୀପ
ସଂଖ୍ୟାରେ ସେ ଶତାଧିକ
ଓଷ୍ଠାଧରେ ସ୍ମିତହାସ୍ୟ ରେଖା, ସମୁନ୍ନତ ବକ୍ଷ।
ଶତେକ ରମଣୀ ହାତରେ ବାହିତ
ରାତିକି ଦିବସ କରେ ତାର ବିଭା।
କୋମଳ ହାତେ ଅପରୂପା ଏକ ନାରୀ
ବୀଣାରେ ବାନ୍ଧେ ତାର
ଅନ୍ୟଏକ ନାରୀ ଚନ୍ଦନ ଘୋରାରେ ବ୍ୟସ୍ତ
ନିତମ୍ବ ତା ତାଳେ ତାଳେ ଆନ୍ଦୋଳିତ
ଆଉ ଏକ ହରିଣ ନୟନା
ପ୍ରବାଳ ରକ୍ତିମ ପାନ ପାତ୍ରେ ଢାଳୁଅଛି ସୁରା
ମନ୍ଦୋଦରୀର ପ୍ରାସାଦ
ସୁମଧୁର ଗନ୍ଧେ ମତୁଆଲା।

ଯିଏ ସଂସ୍କୃତ କାବ୍ୟ ସହିତ ଓତପ୍ରୋତଃ ଜଡ଼ିତ ସେ ଜାଣେ ଯେ କିପରି ଭକ୍ତି, ଶୃଙ୍ଗାର ଜୀବନର ଇନ୍ଦ୍ରିୟ ଜନିତ କାମଭାବ ଏବଂ ଦାର୍ଶନିକ ଦୃଢ଼ତା ପ୍ରଭୃତି ବିଭିନ୍ନ ସତ୍ତାର ସମ୍ମିଶ୍ରଣରେ

ପ୍ରାଚୀନ ସଭ୍ୟତା ଗଢ଼ି ଉଠିଥିଲା। ଯେକୌଣସି ପାଠକ ଭାଲ୍ଲାଥୋଲଙ୍କ କାବ୍ୟରେ ଭାରତୀୟ ଐତିହ୍ୟବାହୀ ସାହିତ୍ୟର ପରିପୂର୍ଣ୍ଣତା ଲକ୍ଷ୍ୟ କରିପାରେ।

କବି ଭାଲ୍ଲାଥୋଲ ଦୀର୍ଘଦିନ ଧରି କ୍ଲାସିକ କାବ୍ୟ ବିଷୟରେ ଚିନ୍ତା କରିଛନ୍ତି ଓ ଶିକ୍ଷାନବିଶ ପରି ମନଧ୍ୟାନ ସହକାରେ ସେହିସବୁ କାବ୍ୟ ଅଧ୍ୟୟନ କରିଛନ୍ତି। ତାଙ୍କର ଶ୍ରେଷ୍ଠ କବିତାକୃତି ମଧ୍ୟରେ ସେହି ଦକ୍ଷତା ପରିଲକ୍ଷିତ ହୁଏ। ସଂସ୍କୃତ ଧର୍ମୀ କ୍ଲାସିକ ରଚନା ଶୈଳୀର ବହିଃ ପ୍ରକାଶରେ ସଂସ୍କୃତ ଶବ୍ଦ ଚୟନ, ସଂସ୍କୃତ ଛନ୍ଦ ପ୍ରୟୋଗ ଏବଂ ଚିରାଚରିତ ରୂପକର ବାରମ୍ବାର ଆଶ୍ରୟ ଯଥା- ଚାତକ ଓ ବାରି, ସୂର୍ଯ୍ୟ ଓ ପଦ୍ମ, ସମୁଦ୍ର ଓ ତାର ବଧୂ ନଦୀ, ପୁଷ୍ପଶୋଭିତ ବସନ୍ତ ବର୍ଣ୍ଣନାରେ ତରୁଲତାର ନୃତ୍ୟ ଏବଂ ସେଗୁଡ଼ିକର ଦୋଳାୟମାନରେ ନୃତ୍ୟର ବିବିଧ ମୁଦ୍ରାଭାବ ପ୍ରକାଶ, ଚନ୍ଦ୍ରର ସଫେଦ ରେଶମୀ ଜାଲ ବୁର୍ଣ୍ଣନ, ଶସ୍ୟ କ୍ଷେତ୍ରର ସବୁଜ ରେଶମୀ ରୂପ ବର୍ଣ୍ଣନା ଏବଂ ଏହି ପ୍ରକାର ଅନେକ ଉଦାହରଣ ତାଙ୍କ କାବ୍ୟରେ ବାରମ୍ବାର ପରିଲକ୍ଷିତ ହୁଏ। କ୍ଲାସିକଧର୍ମୀ ରଚନାର ସବୁଠାରୁ ଉଲ୍ଲେଖଯୋଗ୍ୟ ପ୍ରକାଶ ଘଟିଛି ତାଙ୍କର କାବ୍ୟ ଗଠନ ଏବଂ କାବ୍ୟ ସୁଷମାକୁ ନିଜ କବିତାରେ ରସାସ୍ୱାଦିତ କରି ପ୍ରକାଶ କରିବାରେ। ଅନୁବାଦରେ ତାଙ୍କ କବିତାର କାବ୍ୟରସର ସମ୍ୟକ୍‌ପ୍ରକାଶ ଆଶା କରାଯାଏ ନାହିଁ। 'ସିଶ୍ୟାନାମ୍ ମାକାନାମ୍'ର ଯେକୌଣସି ପଂକ୍ତି ଅଥବା 'କିଲି କୋଞ୍ଚାଲ' କାବ୍ୟର ପଂକ୍ତି ଅନୁଚ୍ଛେଦ ଅଥବା 'ଓରୁଚିତ୍ରମ୍' ଅଥବା, 'ଭାରତ ଷ୍ଟ୍ରିକ୍‌ଲ ତାନ ଭାବ ସୁଦ୍ଧି' କାବ୍ୟ ସମୂହରେ ଛନ୍ଦ, ଲୟ, ତାଳ ଏବଂ ଅପୂର୍ବ ଶବ୍ଦ ଚୟନ ତାଙ୍କ ଦକ୍ଷତାର ପରିଚୟ ପ୍ରଦାନ କରେ। ଏହି କାବ୍ୟଗୁଡ଼ିକ ତାଙ୍କର ଏକକ ଉଦାହରଣ ନୁହେଁ ବରଂ ତାଙ୍କ କାବ୍ୟ କୃତିର ଏହା ସାଧାରଣ ବୈଶିଷ୍ଟ୍ୟ। ଶାଳୀନତା କ୍ଲାସିକ କାବ୍ୟର ପ୍ରାଣସତ୍ତା ଏବଂ ସେହି ସତ୍ତା ଭାଲ୍ଲାଥୋଲଙ୍କ କାବ୍ୟରେ ପଲ୍ଲବିତ ହୋଇ ଉଠିଛି। ଆଧୁନିକ କବିମାନଙ୍କ ମଧ୍ୟରେ ସେ ଏହି ବିଷୟରେ ଅପ୍ରତିଦ୍ୱନ୍ଦ୍ୱୀ ଏବଂ ଅଦ୍ୱିତୀୟ। ତାଙ୍କ କାବ୍ୟ ରଚନାର ଦକ୍ଷତାରୁ ତାଙ୍କୁ କ୍ଲାସିକ କବିର ଆଖ୍ୟା ଦିଆଯାଇପାରେ। ଅନାବଶ୍ୟକ ପଦଯୁକ୍ତ କରି ସେ କବିତାଗୁଡ଼ିକୁ ଅଯଥା ଭାରାକ୍ରାନ୍ତ କରି ନାହାନ୍ତି। ପରନ୍ତୁ ସୁନ୍ଦର ଶବ୍ଦ ଓ ରୂପକ ପ୍ରୟୋଗ ତଥା ବର୍ଣ୍ଣନା ଛଟାରେ କାବ୍ୟଗୁଡ଼ିକୁ ମହିମାନ୍ୱିତ କରି ରସାସ୍ୱାଦନରେ ପ୍ରୟାସୀ ହୋଇଚନ୍ତି। ତାଙ୍କର ଅଧିକାଂଶ କବିତାର କଳେବର କ୍ଷୁଦ୍ର ହେଲେ ହେଁ ତାହା ପରିପୂର୍ଣ୍ଣ। ରୂପକ, ଉପମା ବ୍ୟବହାରରେ ଏବଂ ନିଛକ ବର୍ଣ୍ଣନା ମଧ୍ୟରେ କବିତାର ପରିପୂର୍ଣ୍ଣ ରୂପକୁ ଲକ୍ଷ୍ୟ କରାଯାଇପାରେ।

କ୍ଲାସିକ କବିତାର ଅନ୍ତଃସ୍ଥଳରେ ସନାତନ ଭାବଧାରା ନିହିତ। ତା ସହିତ ସୁସଙ୍ଗତ ମୂଲ୍ୟବୋଧ ଏବଂ ଜୀବନପ୍ରତି ଦୃଷ୍ଟିଭଙ୍ଗୀ ଆବହମାନକାଳରୁ ପ୍ରଚଳିତ ଏକ ବିଶେଷ ରଚନାଭଙ୍ଗୀ ଏବଂ ଯୁଗ ଯୁଗ ଧରି ସଯତ୍ନ ସାଧନାଦ୍ୱାରା ପ୍ରାପ୍ତ ନିଛକ ସାହିତ୍ୟିକ ଶିଳ୍ପ ଜଡ଼ିତ। ମାଲୟାଲମ୍ କବିତା କ୍ଲାସିକ କାବ୍ୟ ସୃଷ୍ଟିକରି କ୍ଲାସିକ ଭାବଧାରାର ଐତିହ୍ୟ ବଜାୟ ରଖିଛି, ଏହା ତାର

ଗୌରବ। ସମ୍ଭବତଃ ଏହି କ୍ଲାସିକ ଐତିହ୍ୟର ଅନୁଗାମୀମାନଙ୍କର ଶେଷ କବି ଭାଲ୍ଲାଥୋଲ। ସେ ଯେଉଁ କ୍ଲାସିକ ଭାବଧାରାର ପ୍ରବର୍ତ୍ତନ କରିଥିଲେ ତାହା ଏତେ ବିସ୍ତୃତ ହୋଇଛି ଯେ ସେଥିରେ ପୂର୍ବର ଆତ୍ମବିସ୍ତାରିତ ସରଳତା ଆଉ ନାହିଁ। ସେହି କାବ୍ୟ ଶିଳ୍ପର ଉତ୍କର୍ଷ ସାଧନରେ ଭାଲ୍ଲାଥୋଲ ଜଣେ କ୍ଲାସିକ କବି ଏବଂ ଏତେକାଳ ବିତିଥିଲେ ମଧ୍ୟ ସେ ପ୍ରାଚୀନ ଭାରତର ସନାତନ କାବ୍ୟଧାରାର ବାହକ ବୋଲି କୁହାଯାଏ।

■

# ଜାତୀୟବାଦୀ କବି

ଗାନ୍ଧିଜୀଙ୍କ ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନର ଦୁର୍ବାର ସଂଗ୍ରାମ ଆରମ୍ଭ ହେବା ସମୟରେ ଭାଲ୍ଲାଥୋଲଙ୍କର ବୟସ ଚାଳିଶ ବର୍ଷ। ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବା ସଙ୍ଗେ ସଙ୍ଗେ ସଂଗ୍ରାମ ଏକ ନୂତନ ମୋଡ଼ ନେଲା। ପ୍ରତିଟି ଭାରତବାସୀ ଏକ ନୂତନ ଶିହରଣ ଅନୁଭବ କଲେ ଏବଂ ଭାରତବର୍ଷର କୋଣ ଅନୁକୋଣରେ ଗଣ ଜାଗରଣର ଏକ ଜୁଆର ପ୍ରବାହିତ ହେଲା। ଭାଲ୍ଲାଥୋଲ ସେ ପର୍ଯ୍ୟନ୍ତ ନିଭୃତରେ ପରମ ଶାନ୍ତିରେ ସମୟ ଅତିବାହିତ କରୁଥିଲେ। ହଠାତ୍ ତାଙ୍କର ଶାନ୍ତମନ ବିକ୍ଷୁବ୍ଧ ହୋଇଉଠିଲା। କେତେକ ବର୍ଷ ପୂର୍ବରୁ ଯିଏ ଭାରତ ସମ୍ରାଟଙ୍କ ସମ୍ମାନରେ 'ଭାରତ ଚକ୍ରବର୍ତ୍ତୀ ପଞ୍ଚକମ୍' ନାମକ ପାଞ୍ଚଟି କବିତା ରଚନା କରିଥିଲେ- 'ରାଜ ଭକ୍ତି ଓ ପ୍ରଜାବର୍ଗ' କବିତା ରଚନା କରି ସୃଷ୍ଟି ସମ୍ଭାରର ଶ୍ରୀବୃଦ୍ଧି ସାଧନ କରିଥିଲେ- ରାଜାପ୍ରତି ପ୍ରଜାମାନଙ୍କର ଆନୁଗତ୍ୟ ଓ କର୍ତ୍ତବ୍ୟ ପରାୟଣତା ବ୍ୟକ୍ତ କରିଥିଲେ ସେହି କବିଙ୍କ ମନ ପ୍ରାଣରେ ଜାତିର ଉନ୍ନତିକଳ୍ପେ ଗାନ୍ଧିଜୀଙ୍କ ଆହ୍ୱାନ ଏକ ଆଲୋଡ଼ନ ସୃଷ୍ଟି କଲା। କିଛିଦିନ ମଧ୍ୟରେ ସେ ପ୍ରେରଣାଦାୟକ ସ୍ୱଦେଶ ପ୍ରେମମୂଳକ କବିତାର ରଚୟିତା ହୋଇଉଠିଲେ।

ତାଙ୍କର ସ୍ୱଦେଶ ପ୍ରେମାତ୍ମକ ଏବଂ ଜାତୀୟତାବାଦୀ କବିତାଗୁଡ଼ିକର କାବ୍ୟିକ ପରିପ୍ରକାଶ, ଐତିହାସିକ ପୃଷ୍ଠଭୂମି ଏବଂ ଉତ୍ସାହ ଓ ଉଦ୍ଦୀପନା ଜାଗ୍ରତ କରାଇବା ଶକ୍ତି ବିଶେଷ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ଜାତୀୟତାବାଦର ପ୍ରଥମ ପର୍ବ ମାତୃଭୂମି ପ୍ରତି ଭକ୍ତି ପ୍ରଦର୍ଶନ ଉପରେ ପର୍ଯ୍ୟବେଶିତ। ଜାତୀୟବାଦୀ କବିତା ଶାସ୍ତ୍ରୀୟମନ୍ତ୍ର ପରି ଶୁଣାଯାଇଥିଲା। ସ୍ୱଦେଶପ୍ରେମ ଜାଗିବାର ଚରମ ନିଦର୍ଶନ ମିଳେ ବଙ୍କିମ ଚନ୍ଦ୍ରଙ୍କ ବନ୍ଦେମାତ୍‌ରମ ସଙ୍ଗୀତରେ। ଭାଲ୍ଲାଥୋଲଙ୍କ ଅଧିକାଂଶ କବିତା ଯଦିଓ ଜାତୀୟତାର ଏହି ପର୍ଯ୍ୟାୟର ଅନ୍ତର୍ଗତ ତେବେ ସମୟାନୁକ୍ରମରେ ଏଗୁଡ଼ିକ ପରବର୍ତ୍ତୀ କାଳର ରଚନା। କେରଳ ଉଦ୍ଦେଶ୍ୟରେ ରଚିତ ତାଙ୍କର 'ମାତୃ ବନ୍ଦନମ୍' (ମାଙ୍କୁ ପ୍ରଣାମ) କବିତାଟି ମାତୃବନ୍ଦନାର ଏକ ସୁନ୍ଦର ନିଦର୍ଶନ। କବିତାଟି ୧୯୧୮ ମସିହାରେ ରଚିତ ହୋଇଥିଲା। ବନ୍ଦନା ଓ ପ୍ରଶାନ୍ତି ମାଧ୍ୟମରେ କବିତାର ଆରମ୍ଭ ଘଟିଛି।

ପ୍ରଣାମ ଜନନୀ
ପ୍ରଣାମ ଜନନୀ
ପ୍ରଣାମ ଜଣାଏ ସେହି ମହୀୟସୀକୁ

ପ୍ରଣାମ ଜଣାଏ ସେହି ଶୁଭାଦାୟିନୀକୁ
ଆମର ଦେଶ ନୁହେଁ କି ଅମୂଲ୍ୟ ରତନ
ଜାମଦଗ୍ନି ତନୟ ସାଗର ଦାନକରିଛି ଯାହାକୁ
ସହସ୍ରସୂର୍ଯ୍ୟ ଯଥା ଦେଇଅଛି ମହାମୂଲ୍ୟ ମଣି
ପୁରାକଳେ ରାଜା ସତ୍ରାଜିତେ।
ପ୍ରଣାମ ଜଣାଏ
ଅମୂଚ୍ଚା ସୌଭାଗ୍ୟ ଲକ୍ଷ୍ମୀକୁ
ସହ୍ୟାଦ୍ରିର ଶ୍ୟାମଅଙ୍କେ ମସ୍ତକ ଶୋଭିତ ଯାର
ସମୁଦ୍ର ସୈକତେ ପାଦପଦ୍ମ
ଦୁଇପାଶେ ତାର ଉଭା ଦେବୀକୁମାରୀ ଓ ଗୋକର୍ଣ୍ଣସ୍ୱାମୀ
ପ୍ରଣାମ ଜଣାଏ ଜନନୀ
ଜଣାଏ ପ୍ରଣାମ
ଦେବତାର ପୂଜ୍ୟା ସେହି ଦେବୀର ଚରଣେ
ଜଣାଏ ମୋ ସଶ୍ରଦ୍ଧ ପ୍ରଣାମ।

କେରଳର ମହିମା ଏବଂ ଦେଶ ପ୍ରେମିକର ଦାୟିତ୍ୱ ତଥା କର୍ତ୍ତବ୍ୟ ଆଲୋଚନା କରିବାପରେ ଉପସଂହାରରେ କବି ବ୍ୟକ୍ତ କରିଛନ୍ତି-

ଜନନୀର ଭାଷା ବେଦର ଭାଷା
ପରମ କର୍ତ୍ତବ୍ୟ ମୋ ତାହାର ସେବା
ଉତ୍ସର୍ଗ କରିଛି ମୋ ଜୀବନ ତାର ପାଦତଳେ
ହେ ମୋର ଭ୍ରାତୃ ବୃନ୍ଦ !
ମା ବିନା ଈଶ୍ୱର ଆଉ କାହିଁଅଛି
ଏଇ ବିଶ୍ୱ ଧରାତଳେ ?

କବି ଯେପରି କେରଳ ଏବଂ ଭାରତବର୍ଷର ବନ୍ଦନା କରିଛନ୍ତି ତାହା କେବଳ ଦେଶର ନିଛକ ସୌନ୍ଦର୍ଯ୍ୟ ବର୍ଣ୍ଣନା ନୁହେଁ। ଯେଉଁ ଦେଶ ବହୁଯୁଗ ଧରି ମୁନିଋଷିମାନଙ୍କ ଜୀବନ ଦର୍ଶନ ଓ ବାଣୀରେ ସମୃଦ୍ଧ, ଏକ ମହାନ୍ ଏବଂ ସ୍ୱର୍ଗୀୟବୋଧରେ ଉଦ୍‌ବୁଦ୍ଧ ହୋଇ ପୂତପବିତ୍ର ଭାବଧାରାରେ ରସାଣିତ, କବି ସେହି ଦେଶର ଚିତ୍ରଅଙ୍କନ କରିଛନ୍ତି। ଆର୍ଯ୍ୟ ଭାରତ ତାଙ୍କ ନିକଟରେ ଏକ ପବିତ୍ର ଦେଶ ଏବଂ ଯେତେବେଳେ ସେ ଭାରତ ସମ୍ବନ୍ଧରେ ଭାବିଛନ୍ତି ସେତେବେଳେ ତାଙ୍କ ଚିନ୍ତାରେ ରୂପନେଇଛି ଭାରତର ମହାନ୍ ଋଷିମାନଙ୍କର କଥା। ତାଙ୍କର ଦେଶାତ୍ମବୋଧ ନିଛକ ରାଜନୈତିକ ବୋଧରୁ ଉଦ୍ରେକ ନୁହେଁ; ବରଂ ଧର୍ମ ଓ ଆଦର୍ଶ ହିଁ ତାର ଭିତ୍ତିଭୂମି। 'ନାମୁତି ମାରୁପାଟି' (ମୋର ଉତ୍ତର) କବିତାରେ କବି ଗାଇଛନ୍ତି-

ଭାରତ ମୋର ଦେଶ
ମହାନ୍ ମୁନିଋଷି ମୋର ପୂର୍ବ ପୁରୁଷ
ଶାନ୍ତିଥିଲା ସେମାନଙ୍କ ପରମ ସମ୍ପଦ
ଉପନିଷଦ ଗୀତା ମୋ ମହାନ୍ ଐତିହ୍ୟର
ଧାରକ ଓ ବାହକ
ବୁଦ୍ଧ ଚୈତନ୍ୟ ସୂର୍ଯ୍ୟାଲୋକ ପରି ପବିତ୍ର
ତ୍ରିଭୁବନେ ଅନନ୍ତ ମୋକ୍ଷ ହିଁ ମୋର
ଏକମାତ୍ର କାମ୍ୟ ।

'କୋଟୁସୀତା' (ଛୋଟ ସୀତା) କବିତାରେ ସେ ଭାରତର ମହତ୍ତ୍ୱର ପ୍ରଶସ୍ତି ଗାଇଛନ୍ତି-

ତୁମର କି ଅପୂର୍ବ ମହତ୍ତ୍ୱ
ଏପରିକି ଯୁଦ୍ଧକ୍ଷେତ୍ରେ
ନିଷ୍କାମବାଣୀ କମ୍ବୁନାଦେ ଧ୍ୱନିତ
ସାଧୁତାର ପରମ ସମ୍ପଦ
ଗଣିକା ବୃତ୍ତିର ପଥ
କୌମାର୍ଯ୍ୟର ସୁରଭିରେ ସୁରଭିତ ।

'ମାଲୟାଲନ୍ତିତେ ତଲା' (କେରଳ ପ୍ରଧାନ) କବିତାରେ କବି ଦେଖିଛନ୍ତି ଯେ ଏକ କାପାଳିକ ଶଙ୍କରାଚାର୍ଯ୍ୟଙ୍କୁ ଦେବୀ ସମ୍ମୁଖରେ ବଳି ଦେବାକୁ ଇଚ୍ଛୁକ ହେବାରୁ ଶଙ୍କରାଚାର୍ଯ୍ୟ କହିଲେ, ତାଙ୍କୁ ହତ୍ୟା କରିବାରେ କୁଣ୍ଠାବୋଧର କୌଣସି କାରଣ ନାହିଁ ।

କର୍ଣ୍ଣ କି ନୁହେଁ ମୋର ପୂର୍ବ ପୁରୁଷ
ଯିଏ ତାର ଦେହ ଚିରି ଅସ୍ତ୍ର ଦେବାପାଇଁ
ଦମ୍ଭଧରି ନିର୍ଭୟରେ
ଘାତକର ସମ୍ମୁଖରେ ଛିଡ଼ା ହୋଇଥିଲା ।
ଏହା ଯଦି ସତ୍ୟହୁଏ
ତେବେ ଆଜି କାହିଁକି ଏ କୁଣ୍ଠା ?
ଜୀମୂତବାହନ ରାଜା
ସର୍ପଟିକୁ ବଞ୍ଚାଇବାପାଇଁ
ତାରୁଣ୍ୟ ଚଞ୍ଚଳ ତାର ସୁଗଠିତ ଦେହ
କ୍ଷୁଧାର୍ଥ ଗରୁଡ଼ ମୁହଁ ସମର୍ପି ନାହିଁ କି ?
ଶିବିରାଜା ନିଜ ମାଂସ କାଟି
ତୋଳିଦେଲା ଛଞ୍ଚାଣର ମୁଖେ

କୋମଳ ସେ କପୋତର ପ୍ରାଣରକ୍ଷା ହେତୁ
ସିନ୍ଦୂରର ରଙ୍ଗଭଳି
ତାର ସେହି ରକ୍ତଦାଗେ ଉଜ୍ଜ୍ୱଳ ଆଜି ବି
ମୋ'ର ମାତୃଭୂମି।

ପ୍ରାଚୀନ ମୁନିଋଷିମାନଙ୍କର ଅହିଂସା, ପ୍ରେମ, ଆତ୍ମୋତ୍ସର୍ଗ ଏବଂ ଦାର୍ଶନିକ ଚିନ୍ତାଧାରା ପ୍ରଭୃତି ଗୁଣରାଜି ଭାରତବର୍ଷକୁ ଯୁଗଯୁଗ ଧରି ମହିମାନ୍ୱିତ କରିରଖିଛି। ଭାଲ୍ଲାଥୋଲଙ୍କ କବିତା ସମୂହରେ ସେ ସବୁର ଅପୂର୍ବ ଗୁଣକୀର୍ତ୍ତନ କରାଯାଇଛି। ପ୍ରାଚୀନ ଭାରତର ଗୁଣରାଜିର ପ୍ରତିମୂର୍ତ୍ତି ରୂପେ ଗାନ୍ଧିଜୀଙ୍କୁ ଦେଖି ତାଙ୍କ ମନରେ ଗାନ୍ଧିଜୀଙ୍କ ପ୍ରତି ଅଗାଧ ଶ୍ରଦ୍ଧା ଉପୁଜିଛି। ସେହି ଦୃଷ୍ଟିଭଙ୍ଗୀ ଉଦ୍ଦେଶ୍ୟରେ ରଚିତ ଏକ ବିଖ୍ୟାତ କବିତା-

ସମଗ୍ର ବିଶ୍ୱ ତାର ଘର
ତରୁଲତା ତୃଣରାଜି ଓ କୀଟପତଙ୍ଗ
ଆତ୍ମୀୟ ସ୍ୱଜନ ତାର
ତ୍ୟାଗ ତାର ସମ୍ପଦ
ବିନୟ ମହତ୍ତ୍ୱ ତାର
ଏତାଦୃଶ ମହିମା
ମୋ ଗୁରୁଜୀର
ସେତ ଯୋଗର ଅଧୀଶ୍ୱର
ଏ ଯେଉଁ ଆକାଶ
କେତେବେଳେ ସମୁଜ୍ଜ୍ୱଳ ନକ୍ଷତ୍ରମାଳାରେ
ଆଉ କେତେବେଳେ କଜ୍ଜ୍ୱଳକଳା
ବାଦଲରେ ଭରା
ସେଥିରେ ତା ଯାଏ ଆସେ କେତେ
ମୋର ପ୍ରଭୁ ସେହି ଅକାଶ ପରି
ସବୁବେଳେ ସମାନ ପବିତ୍ର
ଏବଂ ନିରପେକ୍ଷ।
ତାଠାରେ ସନ୍ନିବେଶିତ
ଖ୍ରୀଷ୍ଟଙ୍କର ଆତ୍ମାହୁତି
କୃଷ୍ଣଙ୍କ ଧର୍ମରକ୍ଷାର ନୈପୁଣ୍ୟ
ବୁଦ୍ଧଙ୍କର ଅହିଂସା
ଶଙ୍କରଙ୍କ ବୁଦ୍ଧିମତ୍ତା

ରନ୍ତିଦେବଙ୍କ କ୍ଷମା
ହରିଶ୍ଚନ୍ଦ୍ରଙ୍କ ଅବିଚଳ ସତ୍ୟନିଷ୍ଠା
ଏବଂ ମହମ୍ମଦଙ୍କର ସ୍ଥିର ପ୍ରତିଜ୍ଞା।

ବର୍ତ୍ତମାନ ଯେତେବେଳେ ହତାଶା ଏବଂ ଅନ୍ଧକାରରେ ପରିପୂର୍ଣ୍ଣ ସେତେବେଳେ ଜଣେ ଆଶା ଏବଂ ଆଲୋକର ସନ୍ଧାନରେ ଅତୀତକୁ ଫେରି ଚାହିଁବା ସ୍ୱାଭାବିକ। କିନ୍ତୁ ଭାଲ୍ଲାଥୋଲଙ୍କ ଭିତରେ ଏହାଠାରୁ ବଳି ଅଧିକ କିଛି ସନ୍ଧାନ କରାଯାଇପାରେ। ଅତୀତ ଓ ବର୍ତ୍ତମାନ ମଧ୍ୟରେ ଯେ ଅବିଚ୍ଛେଦ୍ୟ ଧାରାବାହିକତା ରହିଛି ତାହାର ପୃଷ୍ଠଭୂମିରେ ସେ ଉଜ୍ଜ୍ୱଳ ବର୍ତ୍ତମାନର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଉଦ୍‌ଘାଟନ କରିବାପାଇଁ ଚେଷ୍ଟା କରିଛନ୍ତି। ଯେଉଁ ଭାରତବର୍ଷ ଗାନ୍ଧିଜୀଙ୍କ ପରି ବ୍ୟକ୍ତିଙ୍କୁ ଜନ୍ମଦେଇପାରେ ନୈତିକ ବଳରେ ବଳୀୟାନ୍ ସେହି ଭାରତବର୍ଷ ହିଁ କେବଳ ସ୍ୱାଧୀନତା ଭୋଗର ଅଧିକାରୀ ହୋଇପାରେ। ତାର ଏହି ନୈତିକବଳ ଅତୀତର ଐତିହ୍ୟ ଏବଂ ମହିମାର ପ୍ରବହମାନ ଧାରାବାହିକତାର ଭିତ୍ତିଭୂମିରୁ ହିଁ ଉଦ୍ରେକ। ତାର ଅତୀତର ଆଦର୍ଶକୁ ଭିତ୍ତିକରି ଗଢ଼ିଉଠିବ ଭବିଷ୍ୟତ, ଅତୀତର ପ୍ରତିମୂର୍ତ୍ତି ରୂପେ। 'ପୋରା ପୋରା' (ପର୍ଯ୍ୟାପ୍ତ ନୁହେଁ, ପର୍ଯ୍ୟାପ୍ତ ନୁହେଁ) ଶୀର୍ଷକ କବିତାଟି ଭାରତର ତ୍ରିରଙ୍ଗପତାକା ପ୍ରତି ଅଭିବାଦନ ଜ୍ଞାପକ ଏକ ବିଜୟ ଗୀତି। ଧର୍ମର ଚରମ ଦୁରବସ୍ଥା ଓ ଧ୍ୱଂସର ରୂପ ଦେଖି ସ୍ୱର୍ଗର ଦେବଗଣ ବ୍ୟଥିତ। ସେଥିପାଇଁ ପବନରେ ଫରଫର ଉଡ଼ି ସ୍ୱର୍ଗର ଦେବଗଣଙ୍କୁ ସାନ୍ତ୍ୱନା ଜଣାଇବାକୁ କବି ପତାକା ନିକଟରେ ନିବେଦନ କରିଛନ୍ତି। ପତାକାରେ ଥିବା ଚରଖାର ଚିତ୍ର ସତେ ଯେପରି ଶ୍ରୀକୃଷ୍ଣଙ୍କ ସୁଦର୍ଶନ ଚକ୍ର ଯାହା ପାପୀର ମସ୍ତକ ଛେଦନ ପାଇଁ ଉଦ୍ଦିଷ୍ଟ।

ପାଶ୍ଚାତ୍ୟ ସଭ୍ୟତା ପ୍ରତି କେତେକାଂଶରେ ବିରାଗ ଓ ଅବିଶ୍ୱାସ ହେତୁ ସେ ବିଦେଶୀ କବଳରୁ ମୁକ୍ତ ହେବାକୁ ଚାହୁଁଥିଲେ। 'ଅରୁକୃଷ୍ଣା ପାରୁଟିନୋଡୁ' (କଳା ଜଞ୍ଜାଣ ପ୍ରତି) ଏବଂ 'ନିଙ୍ଗାଲଟାନ୍ ପୋଲ୍ଲୁ ବିପରୀତମାକୋଲା' (ବ୍ୟଭିଚାରୀ ହୁଅନାହିଁ) ନାମକ ଦୁଇଟି କବିତାରେ ସେ ଏହି ଅନୁଭୂତିର ବର୍ଣ୍ଣନା ଦେଇଛନ୍ତି। ତାଙ୍କ ନିକଟରେ ପାଶ୍ଚାତ୍ୟ ସଭ୍ୟତା ଅତ୍ୟନ୍ତ ଦୁର୍ବଳ ଭିତ୍ତିଭୂମି ଉପରେ ଦଣ୍ଡାୟମାନ। ପାଶ୍ଚାତ୍ୟ ସଭ୍ୟତାରେ ଅନୁପ୍ରାଣିତ ବ୍ୟକ୍ତିପ୍ରତି କବି କଣ୍ଠରୁ ଧ୍ୱନିତ ହୋଇଛି-

ହେ ଚତୁର ସଂପ୍ରଦାୟ
ପଶ୍ଚିମର ସ୍ୱର୍ଗ ଖଚିତ ଆକାଶ କି
ମନ୍ତ୍ର ମୁଗ୍‌ଧ କରିଛି ତୁମକୁ ?
ରଙ୍ଗୀନ ଆଲୁଅର ଝଲକ।
ଅସ୍ତାୟମାନ ମହିମାର ଶେଷ ଚିହ୍ନ
ପ୍ରତିଦିନ, ଯେଉଁଠି ସୂର୍ଯ୍ୟ ଉଏଁ
ଯିବାଚାଲ, ଚାଲଯିବା ସେଠାକୁ

ପତନୋନ୍ମୁଖ ପଶ୍ଚିମଦିଗ
ସେ ଦିଗକୁ ଚାହିଁବାର ଅର୍ଥ
ଅନ୍ଧକାରକୁ ସ୍ୱାଗତ କରିବା
ଅନ୍ଧକାରରେ ଏକାକାର ହେବା ।

ବୈଦେଶିକ ସଭ୍ୟତାର କଳୁଷିତ ପ୍ରଭାବରୁ ଦେଶକୁ ମୁକ୍ତ କରିବା ଉଦ୍ଦେଶ୍ୟରେ କବି ରାଜନୈତିକ ସ୍ୱାଧୀନତାର ପ୍ରତ୍ୟାଶୀ ହୋଇଥିଲେ । କିନ୍ତୁ ତାଙ୍କର ଏହି ସ୍ୱାଧୀନତାର ଆଦର୍ଶ ନିଛକ ପ୍ରତିକାରର ବିଷୟ ନ ଥିଲା । ସ୍ୱାଧୀନତାର ଯଥାର୍ଥ ମୂଲ୍ୟ ଅଛି । ପାର୍ଥିବ ଜଗତରେ ଆତ୍ମାର ମୁକ୍ତି ହିଁ ଚରମତମ ଆଦର୍ଶ । ରାଜନୈତିକ ଦାୟିତ୍ୱ ଓ ଆଧ୍ୟାତ୍ମିକ ଅଜ୍ଞତାକୁ ରୂପକ ମାଧ୍ୟମରେ ବୁଝାଇବାକୁ ଯାଇ ସେ ଅନ୍ଧକାର ଅଥବା ରାତ୍ରି ଏହି ଦୁଇଟି ଶବ୍ଦ ତାଙ୍କର ଅଧିକାଂଶ କବିତାରେ ବ୍ୟବହାର କରିଛନ୍ତି ବିଖ୍ୟାତ 'ପରବାସ୍ୱାମ' କବିତାରେ ଆରମ୍ଭରେ ସେ ଲେଖିଛନ୍ତି-

ସବୁ ସମୟ ରାତ୍ରି
ମୋ ଦେଶରେ
ଆଲୋକ ପ୍ରତ୍ୟାଶୀ ମୁଁ
ପ୍ରଭାତ ଦେବନି କି ଦେଖା
କେବେ ଏହିଠାରେ ?

'କାଲକମାରି' (ସମୟର ପରିବର୍ତ୍ତନ ଘଟିଛି) ନାମକ ଅନ୍ୟଏକ କବିତାରେ ରାତ୍ରି ଏବଂ ଶୁକ୍ରତାରା ରୂପକ ମାଧ୍ୟମରେ ସ୍ୱାଧୀନତାର ରକ୍ତରଙ୍ଗା ପ୍ରଭାତର ଆଗମନକୁ ସ୍ୱାଗତ ଜଣାଇଛନ୍ତି-

ଅନ୍ଧାରର ବର୍ବରତା ଯାଇଅଛି କଟି
ଅରଣ୍ୟର ଅନ୍ଧକାରେ ଢଙ୍କା ଦେଶ
ଅପରୂପ ରୂପ ପ୍ରକାଶିତ
ଦାରିଦ୍ର୍ୟର କଳା ଚାଦରକୁ
ପୂର୍ବାକାଶ ସମୁଦ୍ରରେ ଦେଇଅଛି ଫିଙ୍ଗି
ଏବଂ ରେଶମୀ ପୋଷାକ ପିନ୍ଧି,
ଅଳସ ମଣିଷ ଜାଗିଛି ଆଜି
ଧୋଇଯାଇ ସବୁ ଅପବିତ୍ରତା
ଅଶାନ୍ତି ଦୂରେଇ ଯାଇ
ବିରାଜିଛି ସେଠି ପରମ ଶାନ୍ତି
କି ଅପରୂପ ଭାବେ
ଘଟିଅଛି କାଳାନ୍ତର ଆଜି ।

ଯୁବଶକ୍ତିର ହାତରେ ସ୍ୱାଧୀନତାର ଭାରକୁ ଅର୍ପଣ କରିବା ଉଚିତ୍ ବୋଲି ସେ ମନେ କରିଛନ୍ତି। ଯୁବକମାନଙ୍କ ପଥକୁ ସହଜ ସରଳ କରିଦେବା ବଡ଼ମାନଙ୍କର ପବିତ୍ର କର୍ତ୍ତବ୍ୟ। 'ଆମର ଜବାବ' କବିତାରେ କବି ଲେଖିଛନ୍ତି-

ଫଳାଫଳ ନିରାସକ୍ତ ହୋଇ
ଅଭିଷ୍ଟ ସାଧନେ ମୁଁ ଚାଲିବି
ପଥେ ଯଦି ମୃତ୍ୟୁ ଆସେ ତେବେ
ବୀରଭାବେ ଆଗେଇ ମୁଁ ଯିବି
ପଥ ମଧ୍ୟୁ କଣ୍ଟକ ଏଡାଇ।
ପଶ୍ଚାତେ ମୋ ତରୁଣର ଦଳ
କୋମଳ ଚରଣ ତାଙ୍କ
ପାଇବନି ବ୍ୟଥା କେବେ
କଣ୍ଟକ ଆଘାତେ।

ଭାଲ୍ଲାଥୋଲ ଗାନ୍ଧିଜୀଙ୍କ କର୍ମସୂଚୀ ବିଷୟରେ ବିଶେଷ ଆଗ୍ରହୀ ଥିଲେ। କେରଳର ଆଉ କୌଣସି କବି ଖଦୀର ପ୍ରଚାରପାଇଁ ଏତେ ଉଦାରଭାବେ ଲେଖନୀ ଚାଳନା କରିନାହାନ୍ତି। 'ଚରଖା ଗାଥା' (ଚରଖା ଗୀତ) ଏବଂ 'ଖଦୀ ବସନାଙ୍ଗଲ କୈକ୍କୋଲଭିନ୍ ଏଭାରମ୍' (ପ୍ରତ୍ୟେକ ଖଦୀ ପିନ୍ଧି) କବିତା ଦ୍ୱୟ ଏକଦା ଯୁବ ଜନପ୍ରିୟ ଥିଲା।

ହିନ୍ଦୁ ସମାଜର ତ୍ରୁଟି ବିଚ୍ୟୁତିର ସଂଶୋଧନ କରିବା ଜାତୀୟ ଆନ୍ଦୋଳନର ଏକ ଅଧ୍ୟାୟ ଥିଲା। ହରିଜନମାନଙ୍କର ଉନ୍ନତିସାଧନ ଏବଂ ବର୍ଣ୍ଣବିଦ୍ୱେଷ ବିରୁଦ୍ଧରେ ଗାନ୍ଧିଜୀଙ୍କର ନିରଳସ ସଂଗ୍ରାମ ପାରମ୍ପରିକ ବିଶ୍ୱାସର ଭିତ୍ତିଭୂମିକୁ ଦୋହଲାଇ ଦେଇଥିଲା। ଗାନ୍ଧିଜୀଙ୍କର ଉପଦେଶାବଳୀର ସେ ବିଶେଷଭାବେ ଅନୁପ୍ରାଣିତ ହୋଇଥିଲେ କାରଣ ହିନ୍ଦୁଧର୍ମର ନୈତିକ ଅନୁଶାସନର ଧାରାବାହିକତା ଏବଂ ସଜୀବତାକୁ ସେ ସେଥିରେ ଲକ୍ଷ୍ୟ କରିଥିଲେ। ହିନ୍ଦୁ ସମାଜରେ ଥିବା ଅସମାନତା ବିରୁଦ୍ଧରେ ପ୍ରତିବାଦ କରି ସେ ତାଙ୍କର ଅନେକ କବିତାରେ ସ୍ୱର ଉତ୍ତୋଳନ କରିଛନ୍ତି। 'ଐକ୍ୟମେ ସେବାୟାଲ ସେବାୟମ୍' (ସର୍ବୋପରି ଐକ୍ୟ ଚାହେଁ) କବିତାରେ ସେ ସ୍ପଷ୍ଟଭାବେ ଘୋଷଣା କରିଛନ୍ତି-

ଯେ ପର୍ଯ୍ୟନ୍ତ ଆମଠାରେ ରହିଛି ମୂର୍ଖତା
ଆମେ କହୁ
'ଆସନା ମୋ ପାଖକୁ ଆସନା,
ଛୁଅଁନା, ଛୁଅଁନା ମୋତେ,'
ନଶୁଣି ହିନ୍ଦୁଧର୍ମ, ନ ବୁଝି ତାରେ,
ସେତେଦିନଯାଏ ଆମେ ରହିବୁ ନିର୍ବାସନେ
ଫେରିବୁନି କେବେ ଆମେ ଆମ ନିଜ ଦେଶେ

'ପରସ୍ପରମ୍ ସାହାୟିସ୍ପିନ୍' (ପରସ୍ପରକୁ ସାହାଯ୍ୟ କରେ) କବିତାରେ କବି ସାବଧାନ କରାଇ କହିଛନ୍ତି- ଯେତେଦିନଯାଏ ଆମ ସମାଜରେ ଭେଦାଭେଦ ରହିଥିବ ସେତେଦିନଯାଏ ଆମ ଭିତରେ ଛୋଟ ଛୋଟ ଗୋଷ୍ଠୀ ସୃଷ୍ଟି ହେଉଥିବ। ଯାହାଫଳରେ ଦାସତ୍ୱର ଫାଶ ଆମ ସମାଜ ଗଳାରେ ଭିଡ଼ି ହେଉଥିବ। ସେ କେରଳବାସୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ତାଙ୍କର ଦେଶମାତୃକା ମହାପ୍ରାଣ, ବୈଦିକ ସଭ୍ୟତାର ଆଲୋକରେ ଉଦ୍‌ଭାସିତ, ଏପରିକି ଶୂଦ୍ରର କୁଡ଼ିଆରେ ସେହି ଜ୍ଞାନାଲୋକ ପହଞ୍ଚିପାରିଛି। ତାଙ୍କର ଏହିଭାବ ଓ କଳ୍ପନା କବିଙ୍କ କବିତାବଳୀରେ ସ୍ଥାନ ପାଇଛି। 'ପାପମୋଚନମ୍' (ପାପ ମୋଚନ) କବିତାଟି ହରିଜନଙ୍କ ମନ୍ଦିର ପ୍ରବେଶ ଉଦ୍ଦେଶ୍ୟରେ ବାହାକମ୍‌ଠାରେ ଯେଉଁ ସତ୍ୟାଗ୍ରହ ଆନ୍ଦୋଳନ ସଂଗଠିତ ହୋଇଥିଲା ତାହାରି ଉଦ୍ଦେଶ୍ୟରେ ଲିଖିତ। ସତ୍ୟାଗ୍ରହୀଙ୍କ ଉଦ୍ଦେଶ୍ୟରେ କବି ଲେଖିଛନ୍ତି-

ଏଇ ଯେ ସବୁ ଧର୍ମଯୋଦ୍ଧା
ଏମାନଙ୍କ ଲଲାଟୁ ପତିତ
ପବିତ୍ର ସ୍ୱେଦବିନ୍ଦୁ
ଆମରି ଦେଶର
ମାନବ ବର୍ଜନରୂପୀ ମହାପାତକକୁ
ଧୋଇ ଦେଇଯାଏ।

କେବଳ ନୀତିବାଦୀ କବିତା ରଚନା ବ୍ୟତୀତ ଭାଲ୍ଲାଥୋଲ ଗୋଟିଏ ଛୋଟ ବର୍ଣ୍ଣନାମୂଳକ କବିତା ମାଧ୍ୟମରେ ଜାତିଭେଦ ପ୍ରଥାର ଅଯୌକ୍ତିକତାକୁ ବ୍ୟକ୍ତ କରିଛନ୍ତି। 'ସୁବାରିଲ ସୁବାନ' ନାମକ କବିତାରେ ରାତ୍ରି ସମୟରେ ଗୋଟିଏ ଗୃହରେ ନିଆଁ ଲାଗିଯିବାର ବର୍ଣ୍ଣନା ଦେଇଛନ୍ତି। ଘରର ମାଲିକ ଜଣେ ନାୟାର, ଉଚ୍ଚବର୍ଣ୍ଣ ହିନ୍ଦୁ। ଅଗ୍ନିର ଲହ ଲହ ଶିଖା ସମଗ୍ର ଗୃହକୁ କବଳିତ କରିଛି। ସୌଭାଗ୍ୟବଶତଃ ସେହି ଗୃହରଲୋକ ବାହାରକୁ ବାହାରି ଆସିଛନ୍ତି। ନିଆଁ ଦେଖି ନିମ୍ନବର୍ଗର ଲୋକେ ସେଠାକୁ ଦୌଡ଼ି ଆସିଛନ୍ତି। ସେମାନଙ୍କ ମଧ୍ୟରୁ କେହି କେହି କୂଅରୁ ପାଣିଆଣି ନିଆଁ ଲିଭାଇବାକୁ ଆଗେଇ ଆସିବାବେଳେ ଗୃହ ମାଲିକ କ୍ରୋଧବଶତଃ ତାଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରି କହିଛନ୍ତି-

ଘର ମୋର ପୋଡ଼ି ପାଉଁଶ ହେଉ ପଛେ
ତୁମେ ସୀମା ଲଙ୍ଘ ନାହିଁ
ମୋ କୂଅର ପାଣି
ନଷ୍ଟ କର ନାହିଁ।

କବି ମନ୍ତବ୍ୟ ଦେଇଛନ୍ତି-

ଆହେ ନାୟାର
ତୁମେ ହେଲ ବୋକାଙ୍କର ବୋକା
ଘର ଯଦି ତୁମ ଭସ୍ମୀଭୂତ ହୁଏ

ଯାଏ କିବା ଆସେ କେତେ
ପାରିଛ ତ ରକ୍ଷା କରି
ତୁମ ସେହି ଅମୂଲ୍ୟ ଜାତିକୁ ?

ଭାଲ୍ଲାଥୋଲଙ୍କ ପରି ଜଣେ ପରମ୍ପରାବାଦୀ କବି ପକ୍ଷରେ ସର୍ବଦା ଜାତିଭେଦ ବିରୁଦ୍ଧରେ ନିରବିଚ୍ଛିନ୍ନଭାବେ ଖଡ଼୍‌ଗଧାରଣ କରିବା ଖୁବ୍ ଆଶ୍ଚର୍ଯ୍ୟର ବିଷୟ। 'ଜାତି ପ୍ରଭାବମ୍' (ଜାତିର ପ୍ରଭାବ) କବିତାରେ ଗୌରୀ ନାମକ ଏକ ଉଚ୍ଚବଂଶ ଜାତ ଧନବତୀ ସୁନ୍ଦରୀ ଏବଂ ଶିକ୍ଷିତା ବାଳିକାର ଅଶିକ୍ଷିତ ନିମ୍ନ ବର୍ଗର ଜନୈକ ଶ୍ରମିକକୁ ପ୍ରେମକରିବା ଏବଂ ଅବଶେଷରେ ତା ସହିତ ବିବାହ ବନ୍ଧନରେ ଆବଦ୍ଧ ହେବାର କାହାଣୀ ସେ ଗ୍ରଥିତ କରିଛନ୍ତି। ଦମ୍ପତିଙ୍କ ଜୀବନରେ ଚରମ ଦୁର୍ଦ୍ଦଶା ଘନେଇ ଆସିଛି। ସେମାନେ ଅତ୍ୟନ୍ତ ଗରିବ ହୋଇଯାଇଛନ୍ତି ଏବଂ କଠିନ ରୋଗରେ ପଡ଼ି ଗୌରୀର ସ୍ୱାମୀ ମୃତ୍ୟୁ ବରଣ କରିଛି। ଗୌରୀ ଭିକାରୁଣୀ ହୋଇଛି। ଥରେ ସେ ତା'ର ବାପ ଘରକୁ ଯାଇଛି। ତାର ଦୁଃଖରେ ସମସ୍ତେ ବ୍ୟଥିତ ହୋଇଛନ୍ତି, ହେଲେ ବାପଘରେ ତାର ସ୍ଥାନ ନାହିଁ। ନାଟକୀୟ ଭଙ୍ଗୀରେ ବର୍ଣ୍ଣିତ ଗୌରୀର ବାପଘର ଲୋକଙ୍କର ହୃଦୟହୀନତା ଏବଂ ନୀଚତା ପାଠକର ମନକୁ ଗଭୀରଭାବେ ଆନ୍ଦୋଳିତ କରେ। ଏହି କବିତାରେ କୌଣସି ଜଟିଳତା ନାହିଁ। କବିତାଟି ସମାଲୋଚକର ଦୃଷ୍ଟି ଆକର୍ଷଣ କରେ ନାହିଁ। କିନ୍ତୁ ଏଥିରେ ସେ ପରିସ୍ଥିତିର ବାସ୍ତବରୂପ ଓ ପରିବର୍ତ୍ତନଶୀଳ ସମାଜର ଆଶୁ ସମସ୍ୟାଗୁଡ଼ିକ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି। ଏଥିରେ ଭାଲ୍ଲାଥୋଲଙ୍କର ମାନବତାବାଦ ପ୍ରକାଶ ପାଇଛି।

ଅନ୍ୟ ଏକ ସାମ୍ପ୍ରତିକ ସମସ୍ୟା ବିଷୟରେ ଭାଲ୍ଲାଥୋଲଙ୍କର କବିତା ଅଛି। ତାହା ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ସଂପ୍ରୀତିର ଭାବ ବଜାୟ ରଖିବା ଉପରେ ପର୍ଯ୍ୟବେଶିତ। ଏହି ସମସ୍ୟାଟିକୁ ସେ ଆଦର୍ଶବାଦ ଓ ଭାବବାଦର ଦୃଷ୍ଟିକୋଣ ନେଇ ପ୍ରତ୍ୟକ୍ଷ କରିଛନ୍ତି। "ଭାଇ ସଙ୍ଗେ ଭାଇର ଲଢ଼େଇ ଲଢ଼େଇ ନୁହେଁ, ସେ ଲଢ଼େଇ ଭାବ ଓ ଭଲ ପାଇବାର ଲଢ଼େଇ।"

କବିତାର ଏହି ପଂକ୍ତିଟି ନିଜର ସୁଦୂରପ୍ରସାରୀ ରୂପ ପ୍ରମାଣ କରେ। ଏପରିକି ତାଙ୍କର କଳ୍ପନାପ୍ରସୂତ ଭାବଧାରା ଅମୂଲ୍ୟ ରତ୍ନ ସୃଷ୍ଟି କରିଛି। ଗୋହତ୍ୟା ନିବାରଣ କରିବାକୁ ଯାଇ ନରହତ୍ୟାର ଲୀଳାରେ ମାତିଥିବା ହିନ୍ଦୁ ସମାଜର ମୂଢ଼ତାପ୍ରତି ସେ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ମୁସଲମାନ ସଂପ୍ରଦାୟର ଗାଆଣା ବାଜଣା ବିରୋଧୀ ମନୋଭାବକୁ ସଂଯତ କରିବାପାଇଁ ସେ ଆବେଦନ ଜଣାଇଛନ୍ତି।

ଆଲ୍ଲା ଯଦି ସଙ୍ଗୀତର ଉତ୍କର୍ଷର ପ୍ରତୀକ ହୁଅନ୍ତି
ସଙ୍ଗୀତ ତ ବାଦ୍ୟ ଯନ୍ତ୍ରର କାରଣ
ବିଶ୍ୱ ସମୁଦ୍ର କି ନିନାଦିତ ହେବ ନାହିଁ
ନାଗରାର ଶବ୍ଦରେ କୋକିଳର କୁହୁତାନେ ମୁଖରିତ ହେବନି କି ପୃଥ୍ୱୀ ?

ସାଂପ୍ରଦାୟିକ ଦ୍ୱନ୍ଦ୍ୱ ସଂଘାତ କିମ୍ବା ତୁଚ୍ଛ ଜାତିଭେଦ ପ୍ରଥା କିଛି ବି ଭାଲ୍ଲାଥୋଲଙ୍କୁ ରାଜନୈତିକ ସ୍ୱାଧୀନତାର ଆଦର୍ଶରୁ ବିଚ୍ୟୁତ କରିପାରି ନାହିଁ। ଯେଉଁ ଜାତି ନିଜର ଦ୍ୱନ୍ଦ୍ୱ ସଂଘାତରେ କ୍ଷତବିକ୍ଷତ ଏବଂ ବହୁଧା ବିଭକ୍ତ ସେ ଜାତି ପକ୍ଷେ ସ୍ୱାଧୀନତା ଯେ ଆଦୌ କାମ୍ୟ ନୁହେଁ ସେ କଥା ସେ ବାରମ୍ବାର କହିଛନ୍ତି। ତାଙ୍କର ଏହି ରାଜନୈତିକ ସ୍ୱାଧୀନତା ଯେ ନିପୀଡ଼ିତ ଜାତି ନିକଟରେ ଗୋଟିଏ ଅବାସ୍ତବ ବସ୍ତୁ ସେ ସମ୍ବନ୍ଧରେ କବି ଭାଲ୍ଲାଥୋଲଙ୍କ ମନରେ ତିଳେମାତ୍ର ସନ୍ଦେହ ଓ ସଂଶୟର ଅବକାଶ ନ ଥିଲା। 'ପରବାଶ୍ୟମ୍' ଏବଂ 'ଆମର ଜବାବ୍', ଏହି କବିତା ଦ୍ୱୟରେ ସେ ଏହି ଧରଣର କୂଟନୈତିକ ବିତର୍କ ବିଷୟରେ ସୁନ୍ଦର ଜବାବ ଦେଇଛନ୍ତି। କବି କହିଛନ୍ତି- 'ଭୟଭୀତ ମଣିଷ, ଏପରିକି ନିଜ ଛାଇ ଦେଖି ମଧ ଡରେ।'

ଭାରତୀୟ ସମାଜରେ ମଣିଷ ମଣିଷ ଭିତରେ ଯେଉଁ ଘୃଣାଭାବ ଜାତିକୁ ପଙ୍ଗୁକରି ରଖିଛି ସେହି ଘୃଣାର କାରଣ ଗୁଡ଼ିକ କବି ଅନ୍ତର୍ଦୃଷ୍ଟି ଦେଇ ଗଭୀରଭାବେ ଅନୁଧ୍ୟାନ କରି ଦେଖିଛନ୍ତି, ତାହା ହେଉଛି ଭୀରୁତା। ସେହି ଭୀରୁତା ସ୍ୱାଧୀନତା ପ୍ରାପ୍ତିପରେ ଦୂରହୋଇ ପାରିବ। ଜଣେ ଉଗ୍ର ମୁସଲମାନ ହାତରେ ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କର ଯେତେବେଳେ ମୃତ୍ୟୁ ହେଲା ସେତେବେଳେ ସେ ଭାଙ୍ଗିପଡ଼ିଲେ ଓ ତାଙ୍କର ମନ ଚରମ ହତାଶାରେ ଭରିଗଲା। ସେ ସ୍ୱାଧୀନତା ପାଇଁ ଉଦ୍‌ଗ୍ରୀବ ହୋଇଉଠିଲେ ଓ ତାହା ଶୀଘ୍ର ଲାଭ କରିବାପାଇଁ ପ୍ରାର୍ଥନା କଲେ। ଏହି ଈଶ୍ୱରଙ୍କ ନିକଟରେ ଏଇ ମୁହୂର୍ତ୍ତରେ ଆମକୁ ମୁକ୍ତକର' ବୋଲି କବି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଜଣାଇଛନ୍ତି। ଜାତି ବୈଷମ୍ୟପରି ପ୍ରାଚୀନ ପ୍ରଥା ତାଙ୍କୁ ଭୟଭୀତ କରାଇପାରି ନାହିଁ। ବଳିଷ୍ଠ ଓ ଦୃଢ଼ ପଦକ୍ଷେପ ନିଆଗଲେ ସେଗୁଡ଼ିକ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିବ ବୋଲି ସେ ଆଶା କରିଛନ୍ତି।

ତାଙ୍କର ଜାତୀୟତାବାଦୀ କବିତାଗୁଡ଼ିକ ମଧ୍ୟରେ 'ପରବାଶ୍ୟମ୍' (ପର ନିର୍ଭରତା) କବିତାଟି ଖୁବ୍ ଲୋକପ୍ରିୟ। ତିକ୍ତ ବିଷଣ୍ଣତାରେ ଭରା ଏହି କବିତାଟି ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ହତ୍ୟାକାଣ୍ଡ ଉପରେ ଆଧାରିତ। ଏହି ହତ୍ୟାକାଣ୍ଡଟି କବିଙ୍କ ନିକଟରେ ଜାତୀୟ ବିୟୋଗାନ୍ତକ ଏକ ଘଟଣା ଏବଂ ଜାତୀୟ ପରାଜୟ ବୋଲି ମନେ ହୋଇଛି। ଏହି ଘଟଣାରେ ଜାତିର ଆତ୍ମାମଧ ମର୍ମାହତ। ଜାତିର ଦାସତ୍ୱକୁ ଅବଲୋକନ କରି କବି ଲେଖନୀରୁ ବିଳାପର ସ୍ୱର ଝରି ପଡ଼ିଛି।

ରମଣୀୟ ଚନ୍ଦ୍ରଟିକୁ ଗ୍ରାସିଅଛି ରାହୁ
ସେଥିରୁ କି ନାହିଁ ତାର ମୁକ୍ତି?
ସୂର୍ଯ୍ୟର ଖରାତାପେ ନଦୀ ଯେ ଯାଇଛି ଶୁଖି
ନାହିଁ କି ଏପରି ବୃଷ୍ଟି ବେଗଗାମୀ କରିଦେବ ତାକୁ?
ଶୀତର ପ୍ରକୋପେ ଯେ ବଗିଚା ଯାଇଅଛି ଶୁଖି
ବସନ୍ତ ଦେବୀର ପାଦ କିବା ପଡ଼ିବନି ସେଠି?

ନିମ୍ନଲିଖିତ କବିତାରେ କ୍ଳାନ୍ତିକର ବ୍ୟର୍ଥପ୍ରୟାସ କଥା ବର୍ଣ୍ଣିତ ହୋଇଛି-

ଯାଏ କିବା ଆସେ କେତେ
ପାରିଛ ତ ରକ୍ଷା କରି
ତୁମ ସେହି ଅମୂଲ୍ୟ ଜାତିକୁ ?

ଭାଲ୍ଲାଥୋଲଙ୍କ ପରି ଜଣେ ପରମ୍ପରାବାଦୀ କବି ପକ୍ଷରେ ସର୍ବଦା ଜାତିଭେଦ ବିରୁଦ୍ଧରେ ନିରବିଚ୍ଛିନ୍ନଭାବେ ଖଡ଼୍‌ଗଧାରଣ କରିବା ଖୁବ୍ ଆଶ୍ଚର୍ଯ୍ୟର ବିଷୟ। 'ଜାତି ପ୍ରଭାବମ୍' (ଜାତିର ପ୍ରଭାବ) କବିତାରେ ଗୌରୀ ନାମକ ଏକ ଉଚ୍ଚବଂଶ ଜାତ ଧନବତୀ ସୁନ୍ଦରୀ ଏବଂ ଶିକ୍ଷିତା ବାଳିକାର ଅଶିକ୍ଷିତ ନିମ୍ନ ବର୍ଗର ଜନୈକ ଶ୍ରମିକକୁ ପ୍ରେମକରିବା ଏବଂ ଅବଶେଷରେ ତା ସହିତ ବିବାହ ବନ୍ଧନରେ ଆବଦ୍ଧ ହେବାର କାହାଣୀ ସେ ଗ୍ରଥିତ କରିଛନ୍ତି। ଦମ୍ପତିଙ୍କ ଜୀବନରେ ଚରମ ଦୁର୍ଦ୍ଦଶା ଘନେଇ ଆସିଛି। ସେମାନେ ଅତ୍ୟନ୍ତ ଗରିବ ହୋଇଯାଇଛନ୍ତି ଏବଂ କଠିନ ରୋଗରେ ପଡ଼ି ଗୌରୀର ସ୍ୱାମୀ ମୃତ୍ୟୁ ବରଣ କରିଛି। ଗୌରୀ ଭିକାରୁଣୀ ହୋଇଛି। ଥରେ ସେ ତା'ର ବାପ ଘରକୁ ଯାଇଛି। ତାର ଦୁଃଖରେ ସମସ୍ତେ ବ୍ୟଥିତ ହୋଇଛନ୍ତି, ହେଲେ ବାପଘରେ ତାର ସ୍ଥାନ ନାହିଁ। ନାଟକୀୟ ଭଙ୍ଗୀରେ ବର୍ଣ୍ଣିତ ଗୌରୀର ବାପଘର ଲୋକଙ୍କର ହୃଦୟହୀନତା ଏବଂ ନୀଚତା ପାଠକର ମନକୁ ଗଭୀରଭାବେ ଆନ୍ଦୋଳିତ କରେ। ଏହି କବିତାରେ କୌଣସି ଜଟିଳତା ନାହିଁ। କବିତାଟି ସମାଲୋଚକର ଦୃଷ୍ଟି ଆକର୍ଷଣ କରେ ନାହିଁ। କିନ୍ତୁ ଏଥିରେ ସେ ପରିସ୍ଥିତିର ବାସ୍ତବରୂପ ଓ ପରିବର୍ତ୍ତନଶୀଳ ସମାଜର ଆଶୁ ସମସ୍ୟାଗୁଡ଼ିକ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି। ଏଥିରେ ଭାଲ୍ଲାଥୋଲଙ୍କର ମାନବତାବାଦ ପ୍ରକାଶ ପାଇଛି।

ଅନ୍ୟ ଏକ ସାମ୍ପ୍ରତିକ ସମସ୍ୟା ବିଷୟରେ ଭାଲ୍ଲାଥୋଲଙ୍କର କବିତା ଅଛି। ତାହା ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ସଂପ୍ରୀତିର ଭାବ ବଜାୟ ରଖିବା ଉପରେ ପର୍ଯ୍ୟବେଶିତ। ଏହି ସମସ୍ୟାଟିକୁ ସେ ଆଦର୍ଶବାଦ ଓ ଭାବବାଦର ଦୃଷ୍ଟିକୋଣ ନେଇ ପ୍ରତ୍ୟକ୍ଷ କରିଛନ୍ତି। ''ଭାଇ ସଙ୍ଗେ ଭାଇର ଲଢ଼େଇ ଲଢ଼େଇ ନୁହେଁ, ସେ ଲଢ଼େଇ ଭାବ ଓ ଭଲ ପାଇବାର ଲଢ଼େଇ।''

କବିତାର ଏହି ପଂକ୍ତିଟି ନିଜର ସୁଦୂରପ୍ରସାରୀ ରୂପ ପ୍ରମାଣ କରେ। ଏପରିକି ତାଙ୍କର କଳ୍ପନାପ୍ରସୂତ ଭାବଧାରା ଅମୂଲ୍ୟ ରତ୍ନ ସୃଷ୍ଟି କରିଛି। ଗୋହତ୍ୟା ନିବାରଣ କରିବାକୁ ଯାଇ ନରହତ୍ୟାର ଲୀଳାରେ ମାତିଥିବା ହିନ୍ଦୁ ସମାଜର ମୂଢ଼ତାପ୍ରତି ସେ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ମୁସଲମାନ ସଂପ୍ରଦାୟର ଗାଆଣା ବାଜଣା ବିରୋଧୀ ମନୋଭାବକୁ ସଂଯତ କରିବାପାଇଁ ସେ ଆବେଦନ ଜଣାଇଛନ୍ତି।

ଆଲ୍ଲା ଯଦି ସଙ୍ଗୀତର ଉତ୍କର୍ଷର ପ୍ରତୀକ ହୁଅନ୍ତି
ସଙ୍ଗୀତ ତ ବାଦ୍ୟ ଯନ୍ତ୍ରର କାରଣ
ବିଶ୍ୱ ସମୁଦ୍ର କି ନିନାଦିତ ହେବ ନାହିଁ
ନାଗରାର ଶବ୍ଦରେ କୋକିଳର କୁହୁତାନେ ମୁଖରିତ ହେବନି କି ପୃଥ୍ୱୀ ?

ସାଂପ୍ରଦାୟିକ ଦ୍ୱନ୍ଦ୍ୱ ସଂଘାତ କିମ୍ବା ତୁଚ୍ଛ ଜାତିଭେଦ ପ୍ରଥା କିଛି ବି ଭାଲ୍ଲାଥୋଲଙ୍କୁ ରାଜନୈତିକ ସ୍ୱାଧୀନତାର ଆଦର୍ଶରୁ ବିଚ୍ୟୁତ କରିପାରି ନାହିଁ। ଯେଉଁ ଜାତି ନିଜର ଦ୍ୱନ୍ଦ୍ୱ ସଂଘାତରେ କ୍ଷତବିକ୍ଷତ ଏବଂ ବହୁଧା ବିଭକ୍ତ ସେ ଜାତି ପକ୍ଷେ ସ୍ୱାଧୀନତା ଯେ ଆଦୌ କାମ୍ୟ ନୁହେଁ ସେ କଥା ସେ ବାରମ୍ବାର କହିଛନ୍ତି। ତାଙ୍କର ଏହି ରାଜନୈତିକ ସ୍ୱାଧୀନତା ଯେ ନିପୀଡ଼ିତ ଜାତି ନିକଟରେ ଗୋଟିଏ ଅବାସ୍ତବ ବସ୍ତୁ ସେ ସମ୍ବନ୍ଧରେ କବି ଭାଲ୍ଲାଥୋଲଙ୍କ ମନରେ ତିଳେମାତ୍ର ସନ୍ଦେହ ଓ ସଂଶୟର ଅବକାଶ ନ ଥିଲା। 'ପରବାଶ୍ୟମ୍' ଏବଂ 'ଆମର ଜବାବ୍', ଏହି କବିତା ଦ୍ୱୟରେ ସେ ଏହି ଧରଣର କୂଟନୈତିକ ବିତର୍କ ବିଷୟରେ ସୁନ୍ଦର ଜବାବ ଦେଇଛନ୍ତି। କବି କହିଛନ୍ତି- 'ଭୟଭୀତ ମଣିଷ, ଏପରିକି ନିଜ ଛାଇ ଦେଖି ମଧ ଡରେ।'

ଭାରତୀୟ ସମାଜରେ ମଣିଷ ମଣିଷ ଭିତରେ ଯେଉଁ ଘୃଣାଭାବ ଜାତିକୁ ପଙ୍ଗୁକରି ରଖିଛି ସେହି ଘୃଣାର କାରଣ ଗୁଡ଼ିକ କବି ଅନ୍ତର୍ଦୃଷ୍ଟି ଦେଇ ଗଭୀରଭାବେ ଅନୁଧ୍ୟାନ କରି ଦେଖିଛନ୍ତି, ତାହା ହେଉଛି ଭୀରୁତା। ସେହି ଭୀରୁତା ସ୍ୱାଧୀନତା ପ୍ରାପ୍ତିପରେ ଦୂରହୋଇ ପାରିବ। ଜଣେ ଉଗ୍ର ମୁସଲମାନ ହାତରେ ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କର ଯେତେବେଳେ ମୃତ୍ୟୁ ହେଲା ସେତେବେଳେ ସେ ଭାଙ୍ଗିପଡ଼ିଲେ ଓ ତାଙ୍କର ମନ ଚରମ ହତାଶାରେ ଭରିଗଲା। ସେ ସ୍ୱାଧୀନତା ପାଇଁ ଉଦ୍‌ଗ୍ରୀବ ହୋଇଉଠିଲେ ଓ ତାହା ଶୀଘ୍ର ଲାଭ କରିବାପାଇଁ ପ୍ରାର୍ଥନା କଲେ। ଏହି ଈଶ୍ୱରଙ୍କ ନିକଟରେ ଏଇ ମୁହୂର୍ତ୍ତରେ ଆମକୁ ମୁକ୍ତକର' ବୋଲି କବି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଜଣାଇଛନ୍ତି। ଜାତି ବୈଷମ୍ୟପରି ପ୍ରାଚୀନ ପ୍ରଥା ତାଙ୍କୁ ଭୟଭୀତ କରାଇପାରି ନାହିଁ। ବଳିଷ୍ଠ ଓ ଦୃଢ଼ ପଦକ୍ଷେପ ନିଆଗଲେ ସେଗୁଡ଼ିକ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିବ ବୋଲି ସେ ଆଶା କରିଛନ୍ତି।

ତାଙ୍କର ଜାତୀୟତାବାଦୀ କବିତାଗୁଡ଼ିକ ମଧରେ 'ପରବାଶ୍ୟମ୍' (ପର ନିର୍ଭରତା) କବିତାଟି ଖୁବ୍ ଲୋକପ୍ରିୟ। ତିକ୍ତ ବିଷଣ୍ଣତାରେ ଭରା ଏହି କବିତାଟି ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ହତ୍ୟାକାଣ୍ଡ ଉପରେ ଆଧାରିତ। ଏହି ହତ୍ୟାକାଣ୍ଡଟି କବିଙ୍କ ନିକଟରେ ଜାତୀୟ ବିୟୋଗାନ୍ତକ ଏକ ଘଟଣା ଏବଂ ଜାତୀୟ ପରାଜୟ ବୋଲି ମନେ ହୋଇଛି। ଏହି ଘଟଣାରେ ଜାତିର ଆତ୍ମାମଧ ମର୍ମାହତ। ଜାତିର ଦାସତ୍ୱକୁ ଅବଲୋକନ କରି କବି ଲେଖନୀରୁ ବିଳାପର ସ୍ୱର ଝରି ପଡ଼ିଛି।

ରମଣୀୟ ଚନ୍ଦ୍ରଟିକୁ ଗ୍ରାସିଅଛି ରାହୁ
ସେଥିରୁ କି ନାହିଁ ତାର ମୁକ୍ତି ?
ସୂର୍ଯ୍ୟର ଖରାତାପେ ନଦୀ ଯେ ଯାଇଛି ଶୁଖି
ନାହିଁ କି ଏପରି ବୃଷ୍ଟି ବେଗଗାମୀ କରିଦେବ ତାକୁ ?
ଶୀତର ପ୍ରକୋପେ ଯେ ବଗିଚା ଯାଇଅଛି ଶୁଖି
ବସନ୍ତ ଦେବୀର ପାଦ କିବା ପଡ଼ିବନି ସେଠି ?

ନିମ୍ନଲିଖିତ କବିତାରେ କ୍ଲାନ୍ତିକର ବ୍ୟର୍ଥପ୍ରୟାସ କଥା ବର୍ଣ୍ଣିତ ହୋଇଛି-

ଯାଏ କିବା ଆସେ କେତେ
ପାରିଛ ତ ରକ୍ଷା କରି
ତୁମ ସେହି ଅମୂଲ୍ୟ ଜାତିକୁ ?

ଭାଲ୍ଲାଥୋଲଙ୍କ ପରି ଜଣେ ପରମ୍ପରାବାଦୀ କବି ପକ୍ଷରେ ସର୍ବଦା ଜାତିଭେଦ ବିରୁଦ୍ଧରେ ନିରବିଚ୍ଛିନ୍ନଭାବେ ଖଡ଼୍‌ଗଧାରଣ କରିବା ଖୁବ୍ ଆଶ୍ଚର୍ଯ୍ୟର ବିଷୟ। 'ଜାତି ପ୍ରଭାବମ୍' (ଜାତିର ପ୍ରଭାବ) କବିତାରେ ଗୌରୀ ନାମକ ଏକ ଉଚ୍ଚବଂଶ ଜାତ ଧନବତୀ ସୁନ୍ଦରୀ ଏବଂ ଶିକ୍ଷିତା ବାଳିକାର ଅଶିକ୍ଷିତ ନିମ୍ନ ବର୍ଗର ଜନୈକ ଶ୍ରମିକକୁ ପ୍ରେମକରିବା ଏବଂ ଅବଶେଷରେ ତା ସହିତ ବିବାହ ବନ୍ଧନରେ ଆବଦ୍ଧ ହେବାର କାହାଣୀ ସେ ଗ୍ରଥିତ କରିଛନ୍ତି। ଦମ୍ପତିଙ୍କ ଜୀବନରେ ଚରମ ଦୁର୍ଦ୍ଦଶା ଘନେଇ ଆସିଛି। ସେମାନେ ଅତ୍ୟନ୍ତ ଗରିବ ହୋଇଯାଇଛନ୍ତି ଏବଂ କଠିନ ରୋଗରେ ପଡ଼ି ଗୌରୀର ସ୍ୱାମୀ ମୃତ୍ୟୁ ବରଣ କରିଛି। ଗୌରୀ ଭିକାରୁଣୀ ହୋଇଛି। ଥରେ ସେ ତା'ର ବାପ ଘରକୁ ଯାଇଛି। ତାର ଦୁଃଖରେ ସମସ୍ତେ ବ୍ୟଥିତ ହୋଇଛନ୍ତି, ହେଲେ ବାପଘରେ ତାର ସ୍ଥାନ ନାହିଁ। ନାଟକୀୟ ଭଙ୍ଗୀରେ ବର୍ଣ୍ଣିତ ଗୌରୀର ବାପଘର ଲୋକଙ୍କର ହୃଦୟହୀନତା ଏବଂ ନୀଚତା ପାଠକର ମନକୁ ଗଭୀରଭାବେ ଆନ୍ଦୋଳିତ କରେ। ଏହି କବିତାରେ କୌଣସି ଜଟିଳତା ନାହିଁ। କବିତାଟି ସମାଲୋଚକର ଦୃଷ୍ଟି ଆକର୍ଷଣ କରେ ନାହିଁ। କିନ୍ତୁ ଏଥିରେ ସେ ପରିସ୍ଥିତିର ବାସ୍ତବରୂପ ଓ ପରିବର୍ତ୍ତନଶୀଳ ସମାଜର ଆଶୁ ସମସ୍ୟାଗୁଡ଼ିକ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି। ଏଥିରେ ଭାଲ୍ଲାଥୋଲଙ୍କର ମାନବତାବାଦ ପ୍ରକାଶ ପାଇଛି।

ଅନ୍ୟ ଏକ ସାମ୍ପ୍ରତିକ ସମସ୍ୟା ବିଷୟରେ ଭାଲ୍ଲାଥୋଲଙ୍କର କବିତା ଅଛି। ତାହା ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ସଂପ୍ରୀତିର ଭାବ ବଜାୟ ରଖିବା ଉପରେ ପର୍ଯ୍ୟବେଶିତ। ଏହି ସମସ୍ୟାଟିକୁ ସେ ଆଦର୍ଶବାଦ ଓ ଭାବବାଦର ଦୃଷ୍ଟିକୋଣ ନେଇ ପ୍ରତ୍ୟକ୍ଷ କରିଛନ୍ତି। "ଭାଇ ସଙ୍ଗେ ଭାଇର ଲଢ଼େଇ ଲଢ଼େଇ ନୁହେଁ, ସେ ଲଢ଼େଇ ଭାବ ଓ ଭଲ ପାଇବାର ଲଢ଼େଇ।"

କବିତାର ଏହି ପଂକ୍ତିଟି ନିଜର ସୁଦୂରପ୍ରସାରୀ ରୂପ ପ୍ରମାଣ କରେ। ଏପରିକି ତାଙ୍କର କଳ୍ପନାପ୍ରସୂତ ଭାବଧାରା ଅମୂଲ୍ୟ ରତ୍ନ ସୃଷ୍ଟି କରିଛି। ଗୋହତ୍ୟା ନିବାରଣ କରିବାକୁ ଯାଇ ନରହତ୍ୟାର ଲୀଳାରେ ମାତିଥିବା ହିନ୍ଦୁ ସମାଜର ମୂଢ଼ତାପ୍ରତି ସେ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ମୁସଲମାନ ସଂପ୍ରଦାୟର ଗାଆଣା ବାଜଣା ବିରୋଧୀ ମନୋଭାବକୁ ସଂଯତ କରିବାପାଇଁ ସେ ଆବେଦନ ଜଣାଇଛନ୍ତି।

ଆଲ୍ଲା ଯଦି ସଙ୍ଗୀତର ଉତ୍କର୍ଷର ପ୍ରତୀକ ହୁଅନ୍ତି
ସଙ୍ଗୀତ ତ ବାଦ୍ୟ ଯନ୍ତ୍ରର କାରଣ
ବିଶ୍ୱ ସମୁଦ୍ର କି ନିନାଦିତ ହେବ ନାହିଁ
ନାଗରାର ଶବ୍ଦରେ କୋକିଳର କୁହୁତାନେ ମୁଖରିତ ହେବନି କି ପୃଥ୍ୱୀ ?

ସାଂପ୍ରଦାୟିକ ଦ୍ୱନ୍ଦ୍ୱ ସଂଘାତ କିମ୍ବା ତୁଚ୍ଛ ଜାତିଭେଦ ପ୍ରଥା କିଛି ବି ଭାଲ୍ଲାଥୋଲଙ୍କୁ ରାଜନୈତିକ ସ୍ୱାଧୀନତାର ଆଦର୍ଶରୁ ବିଚ୍ୟୁତ କରିପାରି ନାହିଁ। ଯେଉଁ ଜାତି ନିଜର ଦ୍ୱନ୍ଦ୍ୱ ସଂଘାତରେ କ୍ଷତବିକ୍ଷତ ଏବଂ ବହୁଧା ବିଭକ୍ତ ସେ ଜାତି ପକ୍ଷେ ସ୍ୱାଧୀନତା ଯେ ଆଦୌ କାମ୍ୟ ନୁହେଁ ସେ କଥା ସେ ବାରମ୍ବାର କହିଛନ୍ତି। ତାଙ୍କର ଏହି ରାଜନୈତିକ ସ୍ୱାଧୀନତା ଯେ ନିପୀଡ଼ିତ ଜାତି ନିକଟରେ ଗୋଟିଏ ଅବାସ୍ତବ ବସ୍ତୁ ସେ ସମ୍ବନ୍ଧରେ କବି ଭାଲ୍ଲାଥୋଲଙ୍କ ମନରେ ତିଳେମାତ୍ର ସନ୍ଦେହ ଓ ସଂଶୟର ଅବକାଶ ନ ଥିଲା। 'ପରବାଶ୍ୟମ୍' ଏବଂ 'ଆମର ଜବାବ୍', ଏହି କବିତା ଦ୍ୱୟରେ ସେ ଏହି ଧରଣର କୂଟନୈତିକ ବିତର୍କ ବିଷୟରେ ସୁନ୍ଦର ଜବାବ ଦେଇଛନ୍ତି। କବି କହିଛନ୍ତି- 'ଭୟଭୀତ ମଣିଷ, ଏପରିକି ନିଜ ଛାଇ ଦେଖି ମଧ ଡରେ।'

ଭାରତୀୟ ସମାଜରେ ମଣିଷ ମଣିଷ ଭିତରେ ଯେଉଁ ଘୃଣାଭାବ ଜାତିକୁ ପଙ୍ଗୁକରି ରଖିଛି ସେହି ଘୃଣାର କାରଣ ଗୁଡ଼ିକ କବି ଅନ୍ତର୍ଦୃଷ୍ଟି ଦେଇ ଗଭୀରଭାବେ ଅନୁଧ୍ୟାନ କରି ଦେଖିଛନ୍ତି, ତାହା ହେଉଛି ଭୀରୁତା। ସେହି ଭୀରୁତା ସ୍ୱାଧୀନତା ପ୍ରାପ୍ତିପରେ ଦୂରହୋଇ ପାରିବ। ଜଣେ ଉଗ୍ର ମୁସଲମାନ ହାତରେ ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କର ଯେତେବେଳେ ମୃତ୍ୟୁ ହେଲା ସେତେବେଳେ ସେ ଭାଙ୍ଗିପଡ଼ିଲେ ଓ ତାଙ୍କର ମନ ଚରମ ହତାଶାରେ ଭରିଗଲା। ସେ ସ୍ୱାଧୀନତା ପାଇଁ ଉଦ୍‌ଗ୍ରୀବ ହୋଇଉଠିଲେ ଓ ତାହା ଶୀଘ୍ର ଲାଭ କରିବାପାଇଁ ପ୍ରାର୍ଥନା କଲେ। ଏହି ଈଶ୍ୱରଙ୍କ ନିକଟରେ ଏଇ ମୁହୂର୍ତ୍ତରେ ଆମକୁ ମୁକ୍ତକର' ବୋଲି କବି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଜଣାଇଛନ୍ତି। ଜାତି ବୈଷମ୍ୟପରି ପ୍ରାଚୀନ ପ୍ରଥା ତାଙ୍କୁ ଭୟଭୀତ କରାଇପାରି ନାହିଁ। ବଳିଷ୍ଠ ଓ ଦୃଢ଼ ପଦକ୍ଷେପ ନିଆଗଲେ ସେଗୁଡ଼ିକ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିବ ବୋଲି ସେ ଆଶା କରିଛନ୍ତି।

ତାଙ୍କର ଜାତୀୟତାବାଦୀ କବିତାଗୁଡ଼ିକ ମଧ୍ୟରେ 'ପରବାଶ୍ୟମ୍' (ପର ନିର୍ଭରତା) କବିତାଟି ଖୁବ୍ ଲୋକପ୍ରିୟ। ତିକ୍ତ ବିଷଣ୍ଣତାରେ ଭରା ଏହି କବିତାଟି ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ହତ୍ୟାକାଣ୍ଡ ଉପରେ ଆଧାରିତ। ଏହି ହତ୍ୟାକାଣ୍ଡଟି କବିଙ୍କ ନିକଟରେ ଜାତୀୟ ବିୟୋଗାନ୍ତକ ଏକ ଘଟଣା ଏବଂ ଜାତୀୟ ପରାଜୟ ବୋଲି ମନେ ହୋଇଛି। ଏହି ଘଟଣାରେ ଜାତିର ଆତ୍ମାମଧ ମର୍ମାହତ। ଜାତିର ଦାସତ୍ୱକୁ ଅବଲୋକନ କରି କବି ଲେଖନୀରୁ ବିଳାପର ସ୍ୱର ଝରି ପଡ଼ିଛି।

ରମଣୀୟ ଚନ୍ଦ୍ରଟିକୁ ଗ୍ରାସିଅଛି ରାହୁ<br>
. ସେଥିରୁ କି ନାହିଁ ତାର ମୁକ୍ତି?<br>
ସୂର୍ଯ୍ୟର ଖରାତାପେ ନଦୀ ଯେ ଯାଇଛି ଶୁଖି<br>
ନାହିଁ କି ଏପରି ବୃଷ୍ଟି ବେଗଗାମୀ କରିଦେବ ତାକୁ?<br>
ଶୀତର ପ୍ରକୋପେ ଯେ ବଗିଚା ଯାଇଅଛି ଶୁଖି<br>
ବସନ୍ତ ଦେବୀର ପାଦ କିବା ପଡ଼ିବନି ସେଠି?

ନିମ୍ନଲିଖିତ କବିତାରେ କ୍ଳାନ୍ତିକର ବ୍ୟର୍ଥପ୍ରୟାସ କଥା ବର୍ଣ୍ଣିତ ହୋଇଛି-

ରୋଗାକ୍ରାନ୍ତ ଆମର ଦେହ
ଯୁଗ ଯୁଗାନ୍ତର ଧରି ଦାରିଦ୍ର୍ୟରେ ଜର୍ଜରିତ
ଏହି ଦେହ ନେଇ ଆଉ କେତେକାଳ
ବାହିବ ଦାସତ୍ୱର ଗୁରୁଭାର ?
ଆଗକୁ ଚାହାଁନ୍ତି ଯେତେ
ପଛେଇ ଯାଆନ୍ତି ସେତେ
ବ୍ୟର୍ଥଶ୍ରମ କରିପାରେ ନାହିଁ ଆଉ
ବ୍ୟଥା ଲାଗେ ପାଦେ
ଖୁଣ୍ଟରେ ବନ୍ଧାସବୁ ଆମେ
ବଳଦର ଦଳ।

ଏହି ହତାଶାର କାରଣ ଗୁଡ଼ିକ ଉଲ୍ଲେଖକରି ସେ କହିଛନ୍ତି-

ଆମେ ଯଦି ମନୁଷ୍ୟତ୍ୱ ଭୁଲି
ସଦାବ୍ୟସ୍ତ ରହୁ ନିଜ ମଧ୍ୟେ ଦ୍ୱନ୍ଦ୍ୱ ସଂଘାତରେ
ସେଥିରୁ କି ଅନ୍ୟକିଛି ସୃଷ୍ଟି ହୋଇପାରେ ?
ପ୍ରକୃତ ଐକ୍ୟଆସେ ଧର୍ମର ପଥପରେ
ଧର୍ମଭକ୍ତ ଆମେ ସଦା ସଂଗ୍ରାମେ ଲିପ୍ତ
ଆଲୁଅ ନାମେ ସୃଷ୍ଟିକରି ଅନ୍ଧକାର।

ସ୍ୱାଧୀନତାକୁ ଭଲପାଇବା ନାମରେ ଆମେ ଦାସତ୍ୱର ଶୃଙ୍ଖଳକୁ ଆହୁରି ଦୃଢ଼କରି ଦେଇଛୁ। ଶ୍ରଦ୍ଧାନନ୍ଦଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରି ଏବଂ ତାଙ୍କ ମହତ୍ୱ ସ୍ମରଣ କରି କବି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି-

ସମୟର ଆତ୍ମା, ବିଶ୍ୱବ୍ରହ୍ମାଣ୍ଡର ଭାଗ୍ୟନିୟନ୍ତା
ଅସହାୟର ସହାୟ ତୁମେ
କରୁଣାକର ପ୍ରଭୁ, କ୍ଷମ ଆମ ସବୁ ଅପରାଧ।
ଡରି ଡରି ରହୁ ସକଳ ସମୟେ
ନିଜ ଛାଇ ଦେଖି ଭୟଙ୍କର ରୂପେ।
ଆମେ ସବୁ ଏକକଣ୍ଠେ ଜଣାଉ ପ୍ରାର୍ଥନା
ଦୀର୍ଘସ୍ଥାୟୀ ଅସହ୍ୟ ଏ ଦାସତ୍ୱ ଶୃଙ୍ଖଳୁ
ଆମକୁ ମୁକ୍ତକର ଏଇ ମୁହୂର୍ତ୍ତରେ।

ଏହି କବିତାଟିରେ ଗମ୍ଭୀରଭାବ, ଦୁଃଖ ଏବଂ ସ୍ୱାଧୀନତା ପରି ତୀବ୍ର ଆକୁତି ସଙ୍ଗେ ଭାଗ୍ୟ ବିଷୟକ ଧ୍ୟାନ ଧାରଣାର ସମନ୍ୱୟ ଘଟିଛି। ସୁବିସ୍ତୀର୍ଣ୍ଣ ଅଭିଜ୍ଞତାର ଭିତ୍ତିଭୂମି ଉପରେ

ଜୀବନପ୍ରତି ପ୍ରକୃତ ଅନ୍ତର୍ଦୃଷ୍ଟି ଏବଂ ଜଟିଳ ଅନୁଭୂତି ମିଶି କବିତାଟି ଏକ ବିରଳ ଗଭୀରତା ଲାଭ କରିଛି।

ତାଙ୍କର ଆଉ ଏକ ଉଲ୍ଲେଖଯୋଗ୍ୟ କବିତା ହେଉଛି 'ଏତେ ପ୍ରୟାଗ ସ୍ନାନମ୍' (ପ୍ରୟାଗରେ ମୋର ସ୍ନାନ)। ୧୯୨୮ ମସିହାରେ କଲିକତାଠାରେ କଂଗ୍ରେସର ଯେଉଁ ସଭା ହୋଇଥିଲା ସେଥିରେ ସେ କେରଳର ପ୍ରତିନିଧିରୂପେ ଯୋଗ ଦେଇଥିଲେ। ଏହି କବିତାଟି କଲିକତା କଂଗ୍ରେସ ସମ୍ବନ୍ଧରେ ରଚିତ। ସେହି ସଭାରେ ପ୍ରାୟ ଦଶହଜାର ଶ୍ରମିକ ଶୋଭାଯାତ୍ରାରେ ଆସି ଯୋଗଦେଇଥିଲେ। ଅଭିଜାତ ପ୍ରତିନିଧିଗଣ ଏତେଗୁଡ଼ିଏ ଅଶିକ୍ଷିତ କଳା ଅପରିଚ୍ଛନ୍ନ ଲୋକଙ୍କୁ ପଶିବାର ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଏବଂ ମନେ ମନେ ଡରି ଯାଇଥିଲେ। ଲମ୍ବା ପଟୁଆରରେ ସେମାନେ ସଭାକୁ ଆସି କଂଗ୍ରେସ ପେଣ୍ଡାଲରେ ଖୁବ୍ ଶାନ୍ତଭାବେ ବସିଥିଲେ। ତାହାଦେଖି କବିଙ୍କ ଅନ୍ତରରେ ଆନନ୍ଦର ଏକ ଜୁଆର ପ୍ରବାହିତ ହୋଇଥିଲା ଏବଂ ସେ ଗାଇ ଉଠିଲେ-

ଭାରତୀୟ ଜନଗଣର ହେ କଂଗ୍ରେସ
ଗଭୀର ଶ୍ରଦ୍ଧାରେ ଜଣାଉ ସ୍ୱାଗତ
ଏହି ନିର୍ଭୀକି ମଣିଷ ମାନେ।
ଦୀର୍ଘଦିନ ପରିଶ୍ରମ ପରେ
ଏଇବର୍ଷ ତୁମ ସଭା
ପୂର୍ଣତାର ମର୍ଯ୍ୟାଦା ପାଇଲା
ସେମାନଙ୍କ ଆଗମନେ
ତୁମ ସଙ୍ଗେ ମିଳନରେ।

ସେ ଏହିସବୁ ଅବହେଳିତ ଆଗନ୍ତୁକଙ୍କ କଥା ବର୍ଣ୍ଣନା କରି ଗାଇଉଠିଛନ୍ତି-

ଏମାନେ ଚାଷୀ,
ପୃଥିବୀର କେଉଁ ଏକ ପ୍ରାନ୍ତେ
ରହିଛନ୍ତି ଦୃଷ୍ଟି ଅନ୍ତରାଳେ
ଜଗତର ସର୍ବସୁଖ ମୂଳରେ ସେମାନେ
ଧନୀକର ଟେବୁଲରେ ସଜାଇ ଦିଅନ୍ତି
ମୁଖରୋଚକ ସ୍ୱାଦିଷ୍ଟ ଭୋଜନ
ଉପାସ ଭୋକେ ରହି ନିଜ କୁଡ଼ିଆରେ।
ସମସ୍ତଙ୍କୁ ଆଲୋକ ଯୋଗାଇ
ନିଜେ ରହେ ଅନ୍ଧକାରେ
ସେମାନେ ତ କର୍ମଯୋଗୀ, ନିଃସ୍ୱାର୍ଥ, ଆଦିମ

ରୋଗାକ୍ରାନ୍ତ ଆମର ଦେହ
ଯୁଗ ଯୁଗାନ୍ତର ଧରି ଦାରିଦ୍ର୍ୟରେ ଜର୍ଜରିତ
ଏହି ହେଦ ନେଇ ଆଉ କେତେକାଳ
ବାହିବ ଦାସତ୍ୱର ଗୁରୁଭାର ?
ଆଗକୁ ଚାହାଁନ୍ତି ଯେତେ
ପଛେଇ ଯାଆନ୍ତି ସେତେ
ବ୍ୟର୍ଥଶ୍ରମ କରିପାରେ ନାହିଁ ଆଉ
ବ୍ୟଥା ଲାଗେ ପାଦେ
ଖୁଣ୍ଟରେ ବନ୍ଧାସବୁ ଆମେ
ବଳଦର ଦଳ।

ଏହି ହତାଶାର କାରଣ ଗୁଡ଼ିକ ଉଲ୍ଲେଖକରି ସେ କହିଛନ୍ତି-

ଆମେ ଯଦି ମନୁଷ୍ୟତ୍ୱ ଭୁଲି
ସଦାବ୍ୟସ୍ତ ରହୁ ନିଜ ମଧ୍ୟେ ଦ୍ୱନ୍ଦ ସଂଘାତରେ
ସେଥିରୁ କି ଅନ୍ୟକିଛି ସୃଷ୍ଟି ହୋଇପାରେ ?
ପ୍ରକୃତ ଐକ୍ୟଆସେ ଧର୍ମର ପଥପରେ
ଧର୍ମଭକ୍ତ ଆମେ ସଦା ସଂଗ୍ରାମେ ଲିପ୍ତ
ଆଲୁଅ ନାମେ ସୃଷ୍ଟିକରି ଅନ୍ଧକାର।

ସ୍ୱାଧୀନତାକୁ ଭଲପାଇବା ନାମରେ ଆମେ ଦାସତ୍ୱର ଶୃଙ୍ଖଳକୁ ଆହୁରି ଦୃଢ଼କରି ଦେଇଛୁ। ଶ୍ରଦ୍ଧାନନ୍ଦଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରି ଏବଂ ତାଙ୍କ ମହତ୍ତ୍ୱ ସ୍ମରଣ କରି କବି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି-

ସମୟର ଆତ୍ମା, ବିଶ୍ୱବ୍ରହ୍ମାଣ୍ଡର ଭାଗ୍ୟନିୟନ୍ତା
ଅସହାୟର ସହାୟ ତୁମେ
କରୁଣାକର ପ୍ରଭୁ, କ୍ଷମ ଆମ ସବୁ ଅପରାଧ।
ଡରି ଡରି ରହୁ ସକଳ ସମୟେ
ନିଜ ଛାଇ ଦେଖି ଭୟଙ୍କର ରୂପେ।
ଆମେ ସବୁ ଏକକଣ୍ଠେ ଜଣାଉ ପ୍ରାର୍ଥନା
ଦୀର୍ଘସ୍ଥାୟୀ ଅସହ୍ୟ ଏ ଦାସତ୍ୱ ଶୃଙ୍ଖଳୁ
ଆମକୁ ମୁକ୍ତକର ଏଇ ମୁହୂର୍ତ୍ତରେ।

ଏହି କବିତାଟିରେ ଗମ୍ଭୀରଭାବ, ଦୁଃଖ ଏବଂ ସ୍ୱାଧୀନତା ପରି ତୀବ୍ର ଆକୁତି ସଙ୍ଗେ ଭାଗ୍ୟ ବିଷୟକ ଧ୍ୟାନ ଧାରଣାର ସମନ୍ୱୟ ଘଟିଛି। ସୁବିସ୍ତୀର୍ଣ୍ଣ ଅଭିଜ୍ଞତାର ଭିତ୍ତିଭୂମି ଉପରେ

ଜୀବନପ୍ରତି ପ୍ରକୃତ ଅନ୍ତର୍ଦୃଷ୍ଟି ଏବଂ ଜଟିଳ ଅନୁଭୂତି ମିଶି କବିତାଟି ଏକ ବିରଳ ଗଭୀରତା ଲାଭ କରିଛି ।

ତାଙ୍କର ଆଉ ଏକ ଉଲ୍ଲେଖଯୋଗ୍ୟ କବିତା ହେଉଛି 'ଏନ୍ତେ ପ୍ରୟାଗ ସ୍ନାନମ୍' (ପ୍ରୟାଗରେ ମୋର ସ୍ନାନ) । ୧୯୨୮ ମସିହାରେ କଲିକତାଠାରେ କଂଗ୍ରେସର ଯେଉଁ ସଭା ହୋଇଥିଲା ସେଥିରେ ସେ କେରଳର ପ୍ରତିନିଧିରୂପେ ଯୋଗ ଦେଇଥିଲେ । ଏହି କବିତାଟି କଲିକତା କଂଗ୍ରେସ ସମ୍ବନ୍ଧରେ ରଚିତ । ସେହି ସଭାରେ ପ୍ରାୟ ଦଶହଜାର ଶ୍ରମିକ ଶୋଭାଯାତ୍ରାରେ ଆସି ଯୋଗଦେଇଥିଲେ । ଅଭିଜାତ ପ୍ରତିନିଧିଗଣ ଏତେଗୁଡ଼ିଏ ଅଶିକ୍ଷିତ କଳା ଅପରିଚ୍ଛନ୍ନ ଲୋକଙ୍କୁ ପଶିବାର ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଏବଂ ମନେ ମନେ ଡରି ଯାଇଥିଲେ । ଲମ୍ବା ପଟୁଆରରେ ସେମାନେ ସଭାକୁ ଆସି କଂଗ୍ରେସ ପେଣ୍ଡାଲରେ ଖୁବ୍ ଶାନ୍ତଭାବେ ବସିଥିଲେ । ତାହାଦେଖି କବିଙ୍କ ଅନ୍ତରରେ ଆନନ୍ଦର ଏକ ଜୁଆର ପ୍ରବାହିତ ହୋଇଥିଲା ଏବଂ ସେ ଗାଇ ଉଠିଲେ-

ଭାରତୀୟ ଜନଗଣର ହେ କଂଗ୍ରେସ
ଗଭୀର ଶ୍ରଦ୍ଧାରେ ଜଣାଉ ସ୍ୱାଗତ
ଏହି ନିର୍ଭୀକି ମଣିଷ ମାନେ ।
ଦୀର୍ଘଦିନ ପରିଶ୍ରମ ପରେ
ଏଇବର୍ଷ ତୁମ ସଭା
ପୂର୍ଣ୍ଣତାର ମର୍ଯ୍ୟାଦା ପାଇଲା
ସେମାନଙ୍କ ଆଗମନେ
ତୁମ ସଙ୍ଗେ ମିଳନରେ ।

ସେ ଏହିସବୁ ଅବହେଳିତ ଆଗନ୍ତୁକଙ୍କ କଥା ବର୍ଣ୍ଣନା କରି ଗାଇଉଠିଛନ୍ତି-

ଏମାନେ ଚାଷୀ,
ପୃଥିବୀର କେଉଁ ଏକ ପ୍ରାନ୍ତେ
ରହିଛନ୍ତି ଦୃଷ୍ଟି ଅନ୍ତରାଳେ
ଜଗତର ସର୍ବସୁଖ ମୂଳରେ ସେମାନେ
ଧନୀକର ଟେବୁଲରେ ସଜାଇ ଦିଅନ୍ତି
ମୁଖରୋଚକ ସ୍ୱାଦିଷ୍ଟ ଭୋଜନ
ଉପାସ ଭୋକେ ରହି ନିଜ କୁଡ଼ିଆରେ ।
ସମସ୍ତଙ୍କୁ ଆଲୋକ ଯୋଗାଇ
ନିଜେ ରହେ ଅନ୍ଧକାରେ
ସେମାନେ ତ କର୍ମଯୋଗୀ, ନିଃସ୍ୱାର୍ଥ, ଆଦିମ

ମୁନିଋଷି ଆଶୀର୍ବାଦ ପୁଷ୍ପ ଦେଶେ
ସେମାନେ ତ ପ୍ରଥମ ସନ୍ତାନ।

ସଫା ଚେହେରା, ସଂଭ୍ରାନ୍ତ ପୋଷାକ ପରିହିତ କଂଗ୍ରେସ ସଦସ୍ୟଗଣ ଗଙ୍ଗା ଏବଂ କଳା ଚେହେରାଧାରୀ ନବାଗତଗଣ ଯମୁନାଭଳି କବିଙ୍କୁ ପ୍ରତୀୟମାନ ହୋଇଛି। କଂଗ୍ରେସ ମଧ୍ୟରେ ଏହି ଦୁଇ ନଦୀର ମିଳନ ଘଟି ପବିତ୍ର ସଙ୍ଗମ ପ୍ରୟାଗରେ ପରିଣତ ହୋଇଛି। ସେଥିରେ ବାରମ୍ବାର ବୁଡ଼ମାରି କବି ଏକ ଅପୂର୍ବ ପ୍ରଶାନ୍ତି ଏବଂ ଆନନ୍ଦଲାଭ କରିଛନ୍ତି। ଶ୍ରମିକ ଶ୍ରେଣୀ ବିଶେଷତଃ ଚାଷୀମାନଙ୍କର ଜୀବନଧାରା ସମ୍ବନ୍ଧରେ କବିଙ୍କର ପ୍ରତ୍ୟକ୍ଷ ଜ୍ଞାନ ଥିଲା। ସେମାନଙ୍କ ପ୍ରତି ତାଙ୍କର ପ୍ରଗାଢ଼ ସହାନୁଭୂତି ଏବଂ ଶ୍ରଦ୍ଧା ତାଙ୍କର ଅନେକ କବିତାରେ ଦେଖିବାକୁ ମିଳେ। ଯିଏ ସାରାଜୀବନ ଅନ୍ୟପାଇଁ ଅକ୍ଳାନ୍ତ ପରିଶ୍ରମକରି ଚାଲିଛି ତାହାପ୍ରତି ଅନୁଗ୍ରହ ଏବଂ ଅନୁକମ୍ପା ବ୍ୟତୀତ କବି ତା ଉଦ୍ଦେଶ୍ୟରେ ଶ୍ରଦ୍ଧା ଏବଂ ସମ୍ମାନ ଜ୍ଞାପନ କରିଛନ୍ତି। ତାଙ୍କ ଆଦ୍ୟ ଜୀବନର କବିତାରେ ଏହି ଅନୁଭୂତି ଅତ୍ୟନ୍ତ ସ୍ପଷ୍ଟ ଭାଷାରେ ପ୍ରକାଶିତ। ଏପରିକି କେରଳର ରାଜନୈତିକ ଜୀବନରେ ସମାଜବାଦୀ ଚିନ୍ତାଧାରାର ଅନୁପ୍ରବେଶ ପୂର୍ବରୁ ଗାନ୍ଧିଜୀଙ୍କ ସ୍ପର୍ଶରେ ଭାଲ୍ଲାଥୋଲଙ୍କ ମାନବବାଦୀ ଚିନ୍ତାଧାରା ସୁଦୃଢ଼ ଭିତ୍ତି ଉପରେ ଗଢ଼ି ଉଠିଛି। ଯାହାଫଳରେ ଭାରତୀୟ ସମାଜ ଜୀବନ ସମ୍ପର୍କରେ ତାଙ୍କର ସମ୍ୟକ ଜ୍ଞାନ ଜନ୍ମିଛି ଏବଂ ତାଙ୍କ ପକ୍ଷେ ଜାତି ଧର୍ମର ଊର୍ଦ୍ଧ୍ୱକୁ ଉଠିବା ସମ୍ଭବ ହୋଇଛି। 'ପ୍ରୟାଗାସ୍ନାନମ୍' କବିତା ମଧ୍ୟରେ ମାନବତାବାଦ ବିଶେଷଭାବେ ଲକ୍ଷ୍ୟଣୀୟ। ବାସ୍ତବତାବାଦ ମଧ୍ୟରେ ରାଜନୈତିକ ଜୀବନ ଏକ ଅପରିହାର୍ଯ୍ୟ ଉପାଦାନ ରୂପେ କବିତାଟିରେ ଦେଖା ଦେଇଛି। କଂଗ୍ରେସରେ ଯୋଗଦାନ କରିଥିବା ଏହି ଶ୍ରମିକଶ୍ରେଣୀ କିପରିଭାବେ ନରମ ପନ୍ଥୀର ଭୀରୁତାକୁ ଦୂରେଇଦେଇ ସ୍ୱରାଜ ପାଇଁ ପ୍ରତିଜ୍ଞାବଦ୍ଧ ହେବେ ତାହା ସେ ତାଙ୍କର ଗଭୀର ଅନ୍ତର୍ଦୃଷ୍ଟି ଦ୍ୱାରା ସନ୍ଦର୍ଶନ କରିଛନ୍ତି। ପରବର୍ତ୍ତୀ ସମୟର କବିତାରେ ଗାନ୍ଧିଜୀଙ୍କ ପ୍ରତି ଶ୍ରଦ୍ଧା ନିବେଦନ ଏବଂ ବାମପନ୍ଥୀ ମନୋଭାବ ପ୍ରକାଶ ଦ୍ୱାରା କିଛି ଅସାମଞ୍ଜସ୍ୟ ଲକ୍ଷ୍ୟ କରାଯାଏ। ବାମପନ୍ଥୀ ଝୁଙ୍କ୍ ଆଦର୍ଶବାଦର କୌଣସି ପରିବର୍ତ୍ତନ ଫଳରେ ଆସି ନାହିଁ। ଦାରିଦ୍ର୍ୟ ଏବଂ ଅସାମ୍ୟ ଦୂରୀକରଣ ଉଦ୍ଦେଶ୍ୟରେ ସୃଷ୍ଟି ଆନ୍ଦୋଳନର ଧୀର ମନ୍ଥର ଗତିରେ ସେ ଅଧୈର୍ଯ୍ୟ ହୋଇଥିବାରୁ ତାଙ୍କଠାରେ ଏହି ପରିବର୍ତ୍ତନ ଘଟିଥିଲା। ଅହିଂସା ଏବଂ ପ୍ରାଚୀନ ଭାରତର ନୈତିକ ଆଦର୍ଶପ୍ରତି ତାଙ୍କର ବିଶ୍ୱାସ କେତେବେଳେ ହେଲେ ତୁଟିଯାଇନି।

ସ୍ୱାଧୀନତା ସଂଗ୍ରାମର ଏହି ଚରମ ମୁହୂର୍ତ୍ତରେ ଭାଲ୍ଲାଥୋଲଙ୍କ ସ୍ୱଦେଶ ପ୍ରେମ ମୂଳକ କବିତାଗୁଡ଼ିକ ପ୍ରଥମ ପ୍ରକାଶରେ ହିଁ ମଣିଷ ମନକୁ ବିଶେଷଭାବେ ଆନ୍ଦୋଳିତ କରିଥିଲା। କେରଳବାସୀ ତାଙ୍କ କବିତା ପାଠକରି ଅତ୍ୟନ୍ତ ଅନୁପ୍ରାଣିତ ହୋଇଥିଲେ ଏବଂ ହଜାର ହଜାର କଣ୍ଠରେ ତାଙ୍କର 'ମାତୃବୃନ୍ଦନମ୍', 'ପୋରା ପୋରା', ଏବଂ 'ଏନ୍ତେ ଗୁରୁନାଥମ୍' କବିତାଗୁଡ଼ିକ ଧ୍ୱନିତ ହୋଇଥିଲା। ତାର କାରଣ ଭାରତୀୟ ଚେତନା ସହିତ ଜଡ଼ିତ ବିଷୟବସ୍ତୁର ଅବତାରଣା

ସହିତ କବିତାର ସୁନ୍ଦର କାବ୍ୟିକ ପରିପ୍ରକାଶ। ଏହାବ୍ୟତୀତ ତାଙ୍କ ରଚିତ ଆହୁରି ଅନେକ ସ୍ୱଦେଶପ୍ରେମ ମୂଳକ କବିତା ଆଜି ବି ଜନପ୍ରିୟ। ସମସାମୟିକ ଘଟଣାବଳୀର ଉପସ୍ଥାପନ କେଉଁ କବିକୁ ବା ମହତ୍ତ୍ୱପ୍ରଦାନ କରେ ନାହିଁ। କିନ୍ତୁ ଯଦି କାହାର ଜୀବନକାଳ ମଧ୍ୟରେ କୌଣସି ଦେଶର ଇତିହାସ ଗଢ଼ିଉଠେ, ସେ ଦେଶର ବଡ଼ ବଡ଼ ଲୋକଙ୍କର ଯଦି ସେ ସମସାୟିକ ହୋଇଥାନ୍ତି ଏବଂ ବଡ଼ ବଡ଼ ଗୁରୁତ୍ୱପୂର୍ଣ୍ଣ ଘଟଣା ତାଙ୍କ ଚକ୍ଷୁସାମ୍ନାରେ ଘଟିଯାଏ ତେବେ ତାହା ଏକ ବିରାଟ ସୌଭାଗ୍ୟ ବୋଲି ଧରାଯାଏ। ଏହାଫଳରେ ତାଙ୍କ ଉପରେ ବିରାଟ ଦାୟିତ୍ୱ ଥାଏ। ଭାଲ୍ଲାଥୋଲ ଏହିପରି ସୌଭାଗ୍ୟର ଅଧିକାରୀ ଥିଲେ ଏବଂ ବିଶେଷ ନିଷ୍ଠାର ସହିତ ସେହି ଦାୟିତ୍ୱ ପାଳନ କରିଛନ୍ତି। କବି ହିସାବରେ ଏବଂ ମଣିଷ ହିସାବରେ ସେ ପ୍ରମାଣ କରିଛନ୍ତି ଯେ ସେ ମହତ୍ ପ୍ରାଣର ଅଧିକାରୀ ଏବଂ ତାଙ୍କ ପ୍ରାଣରେ ଯେଉଁ ଭାବାବେଗ ସୃଷ୍ଟି ହୋଇଥିଲା ତାହା ସମସ୍ତ ଜନତା ମଧ୍ୟରେ ଝଡ଼ ବେଗରେ ପ୍ରବାହିତ ହୋଇଥିଲା। ଇତିହାସର ସେହି ମହାନ୍ ନାଟକରେ ଯୋଗଦେବାରେ ତାଙ୍କର ଥିଲା ଗଭୀର ଆନ୍ତରିକତା ଏବଂ କଳ୍ପନାଶକ୍ତି। ଜନସମାଜର ଜୀବନଧାରଣର ମାନ ଉନ୍ନତ କରିବା ଉଦ୍ଦେଶ୍ୟରେ ନିର୍ଭୟରେ ବକ୍ତବ୍ୟ ପ୍ରକାଶ କରିବାପରି ସେ ସାହସୀ ଥିଲେ। ତାଙ୍କୁ ବାଦ୍‌ଦେଇ କେରଳରେ ଜାତୀୟତାବାଦର ଉନ୍ମେଷ ଏପରିଭାବେ ହୋଇ ନ ଥିଲା ଏବଂ ନୈତିକ ଓ ଜାତୀୟତାବୋଧ ସୀମିତ କ୍ଷେତ୍ରରେ ଆବଦ୍ଧ ଥିଲା। ଚିନ୍ତା ଓ ଅନୁଭୂତି ସୁପ୍ରକାଶ ମଧ୍ୟରେ ସ୍ୱଷ୍ଟତା ଲାଭକରେ ଏବଂ ତାହାଦ୍ୱାରା ହିଁ ଜାତିର ରୂପ ଫୁଟି ଉଠେ।

■

# ଭାଲ୍ଲାଥୋଲଙ୍କ କେତୋଟି କ୍ଷୁଦ୍ର କବିତାର ପର୍ଯ୍ୟାଲୋଚନା

ଭାଲ୍ଲାଥୋଲଙ୍କ କ୍ଷୁଦ୍ର କବିତା ସମୂହ 'ସାହିତ୍ୟ ମଞ୍ଜରୀ' ନାମକ ଏଗାରଟି ସଂକଳନରେ ପ୍ରକାଶ ପାଇଛି। ଏତଦ୍ ବ୍ୟତୀତ ତାଙ୍କର ଆଉ କେତୋଟି ସଂକଳନ ହେଲା 'ବୀର ଶୃଙ୍ଖଲା' (ବୀର ବନ୍ଧନ), 'ଦିବାସ୍ୱପ୍ନମ୍' (ଦିବାସ୍ୱପ୍ନ) 'ବିଶୁକ୍କାନି' (ବିଶୁ ପ୍ରଭାତ ଅଂଜଳି), 'ଇଣ୍ଡିଆ ଘାଟେ କରାଚିଲ' (ଭାରତର ଅଶ୍ରୁ), 'ଭାଲ୍ଲାଥୋଲ ରୁଷିୟାଇଲ' (ରୁଷିଆରେ ଭାଲ୍ଲାଥୋଲ)। ଏହିସବୁ ସଂକଳନରେ ସର୍ବମୋଟ ୨୧୪ଟି କବିତା ଅଛି। ଏହା ମଧ୍ୟରେ ସାହିତ୍ୟ ମଞ୍ଜରୀର ପ୍ରଥମ ସାତଖଣ୍ଡରେ ଥିବା କବିତାଗୁଡ଼ିକ ସର୍ବାପେକ୍ଷା ଚିତ୍ତାକର୍ଷକ।

ଭାଲ୍ଲାଥୋଲଙ୍କ କବିତାରେ ବିଷୟବସ୍ତୁ ଓ ଆଙ୍ଗିକ, ଧ୍ୱନି ଓ ରୀତି ମାତ୍ରା ଓ ଭାଷାର ଏପରି ବୈଚିତ୍ର୍ୟ ଅଛି ଯେ ସେଗୁଡ଼ିକୁ ସ୍ୱତନ୍ତ୍ରଭାବେ ଚିହ୍ନିତ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର। କିନ୍ତୁ ତାଙ୍କର ମୌଳିକ କାବ୍ୟଗୁଣର ନିଦର୍ଶନ ଭାବେ କେତୋଟି କବିତାର ଉଲ୍ଲେଖ କରାଯାଇପାରେ।

**କବିତାः-** ସଂସ୍କୃତର ଶାର୍ଦ୍ଦୁଳ ବିକ୍ରିଡ଼ିତମ୍ ଛନ୍ଦରେ ରଚିତ ଦଶପଂକ୍ତି ବିଶିଷ୍ଟ ଏହା ଏକ କ୍ଷୁଦ୍ର କବିତା। ୧୯୨୭ ମସିହାରେ ପ୍ରକାଶିତ ସାହିତ୍ୟ ମଞ୍ଜରୀର ଷଷ୍ଠ ଖଣ୍ଡରେ ଏହି କବିତାଟି ପ୍ରକାଶିତ। କବି ଯେତେବେଳେ କବିତା ଲେଖେ ସେତେବେଳେ କବିତା ଭିତରେ ତାର ବିଶ୍ୱାସ ଓ ଆଦର୍ଶ ମୂର୍ତ୍ତ ହୋଇଉଠେ। କବିତା ରଚନାବେଳେ ତାଙ୍କର ଅନୁଭବ ଏବଂ ତାଙ୍କ କବିତାର ବୈଶିଷ୍ଟ୍ୟ ଆଜିର ଇଙ୍ଗିତ 'କବିତା'ରେ ସୁସ୍ପଷ୍ଟ। କବିତା ତାଙ୍କ ନିକଟରେ ଏକ ଦେବୀ ପ୍ରିୟଦର୍ଶିନୀ ତରୁଣୀ, ଅଜେୟ ଗର୍ବରେ ଗରବିଣୀ ଯାହାର ଦର୍ଶନ ଓ ଆହ୍ୱାନକୁ ସେ ଇଙ୍ଗିତରେ ଅନୁଭବ କରିପାରନ୍ତି।

କବିତାର ପ୍ରଥମରେ କାବ୍ୟଦେବୀର କରୁଣା ପାଇଁ ବର୍ଣ୍ଣନା ରହିଛି, ଯଥା 'ନକ୍ଷତ୍ରର ଖ୍ୟାତିପାଇଁ ନଇଁ ଆସେ ରାତ୍ରି'। 'ମନର ଚାତକପାଇଁ ଘୋଟେ କଳାମେଘ', 'ସାହିତ୍ୟ ପୃଷ୍ଠାରେ ହୋଇଉଠେ କଜ୍ଜଳ ନୀଳ'। କବି କଳ୍ପନାରେ କେଉଁ ପ୍ରିୟଦର୍ଶନୀ ତରୁଣୀର ଦୃଷ୍ଟି କଜ୍ଜଳ, କାବ୍ୟ ଦେବୀର ଦୃଷ୍ଟିପାତ କଜ୍ଜ୍ୱଳ ବା ନୀଳ କଜ୍ଜ୍ୱଳ ସଙ୍ଗେ ତାର ତୁଳନା ଉପଭୋଗ୍ୟ। କବିତାର ଆରମ୍ଭରେ ଯେଉଁ ଅଖଣ୍ଡ କୀର୍ତ୍ତି ବା ଅବିନଶ୍ୱର ଯଶକଥା କୁହାଯାଇଛି ତାହା ବେଶ୍ ଗୁରୁତ୍ୱପୂର୍ଣ୍ଣ। ମିଲ୍‌ଟନ୍‌ଙ୍କ ପରି ଭାଲ୍ଲାଥୋଲଙ୍କ ପ୍ରେରଣାର ଉତ୍ସ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ। ପଂକ୍ତିଟିର ସୂଚନାରେ ଚିନ୍ତାର ବିଷାଦମୟତା ଥିଲେ ମଧ୍ୟ ବଳିଷ୍ଠ କାବ୍ୟିକ ଭାଷା, ସଂସ୍କୃତ ଶବ୍ଦର ବ୍ୟବହାର ଆନନ୍ଦମୟ ପ୍ରତୀକ ଲକ୍ଷ୍ୟ କରାଯାଏ ଯାହା ଅନ୍ଧକାରର ଆବର୍ତ୍ତରେ ଝଲସି

ଉଠେ। ଭାଲ୍ଲାଥୋଲଙ୍କ ବିଖ୍ୟାତ କବିତାଗୁଡ଼ିକ ଏହାରି ଉପରେ ପର୍ଯ୍ୟବେଶିତ। ଆଲୋଚ୍ୟ କବିତାରେ ସେହି ଅପୂର୍ବତ୍ୱ ଯାହା ବୀରର ତରବାରୀରେ, ସୁନ୍ଦରୀ ରମଣୀର ପ୍ରେମର ତୀର୍ଯ୍ୟକ ଦୃଷ୍ଟିପାତରେ, ଶିଶିର ଭିଜା କୁସୁମକୋମଳ ଶିଶୁ ଚିବୁକରେ ଉଦ୍‌ଭାସିତ। ପରବର୍ତ୍ତୀ ସ୍ତବକରେ ବର୍ଣ୍ଣିତ ବସନ୍ତର ସୌନ୍ଦର୍ଯ୍ୟ ବିଭିନ୍ନଭାବେ କାବ୍ୟଦେବୀଙ୍କ ଅଭିବ୍ୟକ୍ତି ଗୁଡ଼ିକରେ ବର୍ଣ୍ଣନା କରାଯାଇଛି। କୋକିଳର ଗୀତପରି ତାର କଣ୍ଠର ସଙ୍ଗୀତ, ଦୋଳାୟମାନ ଲତାପରି ତାର ନୃତ୍ୟ, ଫୁଲେ ଫୁଲେ ଝରା ମଧୁଭଳି ତାର ଆନନ୍ଦ ଚଞ୍ଚଳ ବାକ୍ୟ। ଭାଲ୍ଲାଥୋଲଙ୍କ କବିତାରେ ଯେଉଁ ଇନ୍ଦ୍ରିୟ ସଚେତନତା ରହିଛି ତାହା ଏହି ଦୁଇଟି ସ୍ତବକରେ ପରିସ୍ଫୁଟ। ସୌନ୍ଦର୍ଯ୍ୟ ତା ନିକଟରେ ଇନ୍ଦ୍ରିୟାନୁଭୂତ ସୌନ୍ଦର୍ଯ୍ୟ ଏବଂ ଚିରନ୍ତନ ଭାବେ ସଜୀବ। ତାହା ଦୃଷ୍ଟିଗୋଚର ହୁଏ ଏବଂ ତାହାକୁ ମଧ ସ୍ପର୍ଶ କରାଯାଇପାରେ। ପ୍ରଥମ ଦୁଇଟି ସ୍ତବକରେ ଯେଉଁ ତିନୋଟି ପ୍ରତୀକ ବ୍ୟବହାର କରାଯାଇଛି ସେଥିରୁ କବିତା ମଧରେ ବୀର ଶୃଙ୍ଗାର ଏବଂ ବାତ୍ସଲ୍ୟ ଏହି ତିନୋଟି ମୂଳ ରସାନୁଭୂତି ଲକ୍ଷ୍ୟକରାଯାଏ। ବିସ୍ତୃତ କବି କଳ୍ପନା, ଆଙ୍ଗିକ ପ୍ରକରଣ ଏବଂ ଶବ୍ଦଚୟନରେ ସ୍ତବକଟି ପରିପୂର୍ଣ୍ଣ। କବିଙ୍କ ବର୍ଣ୍ଣନାରେ କାବ୍ୟଦେବୀର ହସରେ ଉଜ୍ଜ୍ୱଳ ହୋଇଉଠେ ଜହ୍ନ ଆଲୁଅ, ତାର ଲୋତକରେ ଆବେଗ ପ୍ରକାଶ ମାନବ ପାଏ ମନୋମୁଗ୍ଧକାରୀ ଗୋଲାପ ଅତର, ବ୍ୟଥାବେଦନାକୁ ଆନନ୍ଦାନୁଭୂତିରେ ପରିଣତ କରିବାର ବିଚିତ୍ର ଶକ୍ତି କବିତାର ଅଛି ବୋଲି ଏଠାରେ ଉଲ୍ଲିଖିତ। କବିତାର କରୁଣାରେ ଅଛି ସୌଭାଗ୍ୟର ଚାବିକାଠି, ଯେଉଁ ମଣିଷ ତାହା ପାଇନି ସେ ବିସ୍ମୃତିର ଅତଳ ତଳକୁ ଯାଇପାରେ। କବିତା ବ୍ୟତିରକେ ବୀର ହୁଏ ଭୀରୁ, ଜ୍ଞାନୀ ହୁଏ ମୂର୍ଖ, ଉତ୍ତୁଙ୍ଗ ପର୍ବତ ହୁଏ ଘାସର ଅଙ୍କୁର ଏବଂ ରାଜା ହୁଏ ଭିକାରୀ। କବିତାର ବିବିଧ ମହିମା କଥା ଭାଲ୍ଲାଥୋଲ ବର୍ଣ୍ଣନା କରିଛନ୍ତି। କବିତାର ଅନୁଶାସନରେ ବନ୍ଦୀ, ବେଦ ପୁରାଣ, ହିତୋପଦେଶମାଳା ଏବଂ ଅନ୍ୟାନ୍ୟ ସୁରୁଚିପୂର୍ଣ୍ଣ କବିତାରେ ତା'ର ବାତ୍ସଲ୍ୟ ଜଡ଼ିତ। ଅନ୍ତରରେ ସେ ବପନକରେ ପ୍ରଜ୍ଞାର ବୀଜ, ବ୍ୟଥା ବେଦନାରେ ପ୍ରଲେପ କରେ ମଧୁମୟ ଔଷଧି ଏବଂ ବ୍ୟକ୍ତିଗତ ଅଧିକାରର ସୀମାଲଙ୍ଘନ ନ କରି ଆଦର୍ଶ ଜୀବନର ପଥ ପ୍ରଦର୍ଶନ କରେ। ଏହାପରେ କବି ବର୍ଣ୍ଣନା କରିଛନ୍ତି କବିତାର ପ୍ରତ୍ୟୁଷ। ତମସାର ଆବରଣ ଉନ୍ମୋଚନ କରି ପ୍ରତ୍ୟୁଷର ଆଲୋକ ବିଞ୍ଛିହୋଇପଡ଼େ। ପୃଥିବୀ ତତ୍‌କ୍ଷଣାତ୍ କବିତାର ବନ୍ଦନା ଗାନକରି ଉଠେ-

ସମୁଦ୍ର ଦେବତା ବଜାଏ ତାର ଭେରୀ
ଉଜ୍ଜ୍ୱଳ ରକ୍ତିମ ସୂର୍ଯ୍ୟ ଗାଏ ସୁନେଲି ତାରର ବୀଣା
କଳତାନ ଝରିପଡ଼େ ପକ୍ଷୀର କଣ୍ଠରୁ।
ଫୁଲେ ଫୁଲେ ବସେ ମହୁମାଛି,
ଗୁଂଜନେ ତା ଉଠେ ମନ୍ତ୍ରଧ୍ୱନି,
ହେ ସ୍ୱର୍ଗୀୟ ଶବ୍ଦର ନିର୍ଯ୍ୟାସ।

ସମଗ୍ର ପୃଥିବୀ ଦେଖ ତୁମରି ବନ୍ଦନା ଗାନେ ପୁଲକିତ
ଏ ସମୟେ, ତମସାର ଆବରଣ ଉନ୍ମୋଚନ।

ରାତ୍ରିର ଅବସାନ ପରେ ଦିବସର ସୂଚନା ଅନ୍ତରରେ ତମ ଗୁଣ ଅନ୍ତେ ସତ୍ୱ ଗୁଣ ଜାଗରଣ ପ୍ରତୀକ। ମନ ଯେତେବେଳେ ଗୋଟିଏ ସାତ୍ତ୍ୱିକ ଅବସ୍ଥାରେ ଉପନୀତ ହୁଏ ସେତେବେଳେ ନାଦବ୍ରହ୍ମର ଉପାସନା ସମ୍ଭବ ହୋଇପାରେ ଓ ତତ୍‌କ୍ଷଣାତ୍ ଅନୁପ୍ରେରଣା ମିଳିଯାଏ। ଶେଷ ଦୁଇଟି ସ୍ତବକରେ ଏହି ଅଭିଯୋଗ ରହିଛି ଯେ କବିମାନେ ସାଧାରଣତଃ ପ୍ରକୃତି ଏବଂ ବିକ୍ଷିପ୍ତ କଳ୍ପନା ଭିତରେ ବିଚରଣ କରନ୍ତି। ଖିଆଲୀ ନାରୀଭଳି ମୋହିନୀ ମାୟାରେ ତାଙ୍କୁ ମୁଗ୍ଧକରି ରଖେ କାବ୍ୟଦେବୀ। ଅନୁଗ୍ରହ କରିବାରେ ସେ କୃପଣ ସ୍ୱଭାବ କବି ଯେତେବେଳେ ତାଙ୍କ ନୂପୁରର ଧ୍ୱନି ଶୁଣନ୍ତି ଏବଂ ତାଙ୍କ ଅବୟବର ରଶ୍ମିରେ ଆତ୍ମହରା ହୋଇପଡ଼ନ୍ତି, ତତ୍‌କ୍ଷଣାତ୍ ଦେବୀ କବିଙ୍କୁ ଅନ୍ଧକାରରେ ନିମଜ୍ଜିତ କରି ଅଦୃଶ୍ୟ ହୋଇଯାଆନ୍ତି। ସେତେବେଳେ କବି ପ୍ରାର୍ଥନା କରନ୍ତି 'ଆଗୋ ହୃଦୟର ରାଣୀ, ମୋତେ ଛାଡ଼ି ଚାଲିଯାଅ ନାହିଁ'। ସେ ଦେଖନ୍ତି ମହାଜାଗତିକ ପ୍ରକୃତି ମଧ୍ୟ ତାଙ୍କ ଅପେକ୍ଷା ଅଧିକ ଭାଗ୍ୟବାନ ନୁହେଁ। ନୀଳ ଆକାଶ ପଟରେ ଦେବୀ ରଚନା କରନ୍ତି ଉଜ୍ଜ୍ୱଳ ନକ୍ଷତ୍ରର ପତ୍ରାବଳୀ, ପର ମୁହୂର୍ତ୍ତରେ ତାହାକୁ ଲିଭାଇ ନୂତନଭାବେ ରଚନା କରନ୍ତି। ସ୍ୱର୍ଗୀୟ ସୁଷମାମୟ କାବ୍ୟଦେବୀ କାହାରିକୁ ଧରାଛୁଆଁ ଦିଅନ୍ତି ନାହିଁ।

ଆଲୋଚ୍ୟ କବିତାରେ ଭାଲ୍ଲାଥୋଲ ଇନ୍ଦ୍ରିୟ ଗ୍ରାହ୍ୟତା, ନୈତିକତା ଏବଂ ସ୍ୱର୍ଗୀୟ ସୁଷମା ଏହି ତିନୋଟି ବୈଶିଷ୍ଟ୍ୟ ପ୍ରତି ବିଶେଷ ଧ୍ୟାନ ଦେଇଛନ୍ତି। କବିତାର ଇନ୍ଦ୍ରିୟାନୁଭୂତି ମୁଗ୍ଧକରେ, ତାର ନୈତିକତା ଅପରିହାର୍ଯ୍ୟ ଏବଂ ସ୍ୱର୍ଗୀୟଭାବ ତାହାକୁ ପରାଭୂତ କରେ। କବିତା ସମ୍ବନ୍ଧରେ କିଛି ଚିରନ୍ତନ ଧାରଣାର ପରିଚୟ ଏଠାରେ ମିଳେ, ଯଥା- ଦେବୀ ପ୍ରେରଣାରୁ କବିତାର ସୃଷ୍ଟି ଓ ସ୍ୱର୍ଗୀୟ ରହସ୍ୟ ହିଁ ତାର ଉତ୍ସ। କବିତା ଆନନ୍ଦ ମାଧ୍ୟମରେ ଶିକ୍ଷାଦାନ କରେ ଓ ଏହି ଆନନ୍ଦ ଲୌକିକ ରସାନୁଭୂତିରୁ ଜାତ। ଆଦର୍ଶ ଜଗତ ସୃଷ୍ଟି କରିବାରେ ତାର ଅବଦାନ ରହିଛି। ଭାଲ୍ଲାଥୋଲଙ୍କ ନିକଟରେ ଏହି ଆଦର୍ଶ ଜଗତ ପରି ଶୁଦ୍ଧ ଇନ୍ଦ୍ରିୟର ଜଗତ। ସେହି କାରଣରୁ ହରିଣନୟନା ସୁନ୍ଦରୀ ପ୍ରେମରେ ଏବଂ ବୀରତ୍ୱ ବ୍ୟଞ୍ଜକ ତରବାରୀର ଉଜ୍ଜ୍ୱଳତା ପରି ଜଳି ଉଠିଛି ତାଙ୍କ ଆନନ୍ଦର ଆଲୋକ। କବିତାଟିରେ ଅଧିକ ସଂସ୍କୃତ ଶବ୍ଦାବଳୀ ଏବଂ କ୍ଲାସିକ ଭାବନାର ଅନୁରଣନ ରହିଛି। ସଂସ୍କୃତ ଛନ୍ଦ ଓ ରଚନାଶୈଳୀର ଅନୁସରଣ, ପ୍ରଚଳିତ କବି କଳ୍ପନା ଏବଂ କବିତା ରଚନାର ପ୍ରଚଳିତ ପ୍ରୟାସ କବିତାଟିକୁ ସର୍ବତୋଭାବେ ଏପରି ସାର୍ଥକ କରି ତୋଳିଛି ଯେ ଏହାକୁ ଭାଲ୍ଲାଥୋଲଙ୍କର ବିଶିଷ୍ଟ ପ୍ରତିନିଧିମୂଳକ କବିତା ଭାବେ ଗ୍ରହଣ କରାଯାଇପାରେ। କାବ୍ୟିକ ସୌନ୍ଦର୍ଯ୍ୟ ଦିଗରୁ ବିଚାର କଲେ ଦ୍ୱିତୀୟ ସ୍ତବକଟିରେ ଯଥେଷ୍ଟ ଆନନ୍ଦ ଦାୟକ ଚିତ୍ରକଳ୍ପ ରହିଛି ଏବଂ ଏହାର ରଚନାଶୈଳୀ ମହିମାନ୍ୱିତ ସଂସ୍କୃତ ସାହିତ୍ୟ ତୁଳନାରେ ମାଲୟାଲମ୍ ସାହିତ୍ୟର ମାଧୁର୍ଯ୍ୟ ଓ ପ୍ରାଞ୍ଜଳତାରେ ସ୍ନିଗ୍ଧ।

**କିଲିକୋଞ୍ଜାଳ:-** ଏହା ଭାଲ୍ଲାଥୋଲଙ୍କର ଗୋଟିଏ ସୁନ୍ଦର କବିତା। ଦ୍ରାବିଡ଼ ଛନ୍ଦ. ମଞ୍ଜରୀରେ ଏହା ରଚିତ। ଏହା ମଧ୍ୟରେ ଭାଲ୍ଲାଥୋଲଙ୍କ ଶିଳ୍ପସୌନ୍ଦର୍ଯ୍ୟ ବିଶେଷଭାବେ ପ୍ରକାଶିତ। ୧୯୨୪ ମସିହାରେ ସାହିତ୍ୟମଞ୍ଜରୀର ଚତୁର୍ଥ ଖଣ୍ଡରେ ଏହା ପ୍ରକାଶ ଲାଭ କରିଛି।

କଳ୍ପନାର ମୁକ୍ତ ଆକାଶରେ କବି ତାଙ୍କର ପାଠକକୁ ଅତୀତ ପର୍ଯ୍ୟଟନର ସଙ୍ଗୀ କରି ଦେଇଛନ୍ତି। ସେମାନଙ୍କ ସମ୍ମୁଖରେ ପ୍ରତିଭାତ ହୋଇଉଠିଛି ଜନକ ରାଜାଙ୍କ ରାଜଧାନୀ ମିଥିଳା, ଯିଏ ତାଙ୍କ ରାଜଦଣ୍ଡ ସାହାଯ୍ୟରେ ପାର୍ଥିବ ଜୀବନ ରୂପ ସମୁଦ୍ରକୁ ପାର ହୋଇଛନ୍ତି। ଆଉ ମଧ୍ୟ ବୃହତ୍ ଅଟ୍ଟାଳିକାର ଶୀର୍ଷରେ ଲଙ୍ଗଳ ଚିହ୍ନିତ ଉଡ୍ଡୀୟମାନ ପତାକା, ବୃହତ୍ କକ୍ଷରେ ଗ୍ରନ୍ଥରଚନାରେ ବ୍ୟସ୍ତ ଯାଜ୍ଞ ବଲ୍କଙ୍କ ଶିଷ୍ୟଗଣ, ଆଉ ସେହି ବିଶାଳ ମଞ୍ଚ ସେପଟେ ସୁରକ୍ଷିତ ଶିବଧନୁ ' ତ୍ରିୟମ୍ବକମ୍' ଦୃଷ୍ଟିରେ ପଡ଼େ। କିନ୍ତୁ କବି ପାଠକକୁ ଶୀଘ୍ର ଅଟ୍ଟାଳିକାର ଉଦ୍ୟାନକୁ ନେଇଯାଇ ଗାଇ ଉଠନ୍ତି-

ଚକ୍ଷୁ ଦୁଇଟି ମୋର ବିଭ୍ରାନ୍ତ ହୁଅନା
ଫୁଲରୁ ଫୁଲକୁ ଆଉ କୋମଳ ପତ୍ରରେ
ଖୋଜି ଖୋଜି ତାକୁ।
ଉଦ୍ୟାନର ଦେବୀ ସ୍ୱୟଂ ଅଧିଷ୍ଠିତ ଏହିଠାରେ
ସ୍ଫଟିକ ଉଜ୍ଜ୍ୱଳ ଏହି ଦେହଳୀରେ
ନିରୁପମ ମାଧୁର୍ଯ୍ୟର ସାଥେ ଘୂରିବୁଲେ ସିଏ
ପାଞ୍ଚ ବର୍ଷ କନ୍ୟାରୂପେ, ଛଦ୍ମବେଶେ।
ପ୍ରସ୍ଫୁଟିତ ଚମ୍ପାଫୁଲ ପରି ତନୁଲତା ତାର
ଟିକି ମୁଖ ସତେଅବା ଅନନ୍ୟ ଗୋଲାପ
ମନୋରମ ଦୀର୍ଘଚକ୍ଷୁ ନୀଳକଇଁଳ ପାଖୁଡ଼ା
ଗ୍ରୀବାରୁ ଝରଇ ତା କଜଳ କଳା
ଚାହାଁଣୀ ତା କାଚ ପୋକ ପରି
ଲତାସମ ଚିକ୍କଣ ତା ବାହୁ
କୋମଳ ପତର ଅବା ହାତ ଦୁଇ।

ତା ଖେଳର ଶେଷ ନାହିଁ। ଅସଂଖ୍ୟ ଜୀବଜନ୍ତୁ ତାର ଖେଳ କଣ୍ଢେଇ। ସେମାନଙ୍କୁ ଧାଡ଼ିରେ ବସାଇ ଗୃହିଣୀ ପରି ସେ ସେମାନଙ୍କୁ ଫଳ, କ୍ଷୀର ମିଠା ଓ ଜଳ ଆଣି ସେହି ଜଳକୁ ବୃକ୍ଷମୂଳରେ ଢାଳେ। ମୁଣ୍ଡ ହଲେଇ ସେମାନେ ସେମାନଙ୍କର ସନ୍ତୋଷ ଜଣାନ୍ତି। ଶାଢ଼ିପରି ଗୁଡ଼େଇ ହୋଇଥିବା ରେଶମୀ କପଡ଼ାକୁ ବିଛେଇ ଦେଇ ତା ଉପରେ କଣ୍ଢେଇଗୁଡ଼ିକୁ ରଖି ନାନାବାୟା ଗୀତଗାଇ ସେମାନଙ୍କୁ ଥାପୁଡ଼େଇ ଶୁଆଇ ଦିଏ ସୀତା। ଏହାପରେ ବିଷ୍ଣୁମୂର୍ତ୍ତି ସାମ୍ନାରେ ଛିଡ଼ାହୋଇ ପୁଷ୍ପାଞ୍ଜଳି ଦିଏ। ଆୟତଚକ୍ଷୁ ଦୁଇଟି ବୁଜିହୋଇ ଆସେ। ଠିକ୍ ଯେପରି

ଭାବ ସମାହିତ ସନ୍ୟାସିନୀ ଗାର୍ଗୀ। ଜୀବନ ନାଟକ ଏହିପରି ଅଭିନୀତ ହେଉଥିବାବେଳେ, ହଲେ ଶୁଆଶାରୀଙ୍କ ଆକାଶ ବନ୍ଦନା ଶୁଣି ସେ ଗାଇ ଉଠିଲା-

'ଆହା, ଶୁଣି ପାରୁଛ କି
ଆମପରି କଥା କହେ ଏହି ଶୁଆଶାରୀ'
ନୂତନ ଖେଳନା ଆକର୍ଷଣେ କହେ ପୁଣି
'ସେଗୁଡ଼ିକୁ ମୁଁ ରଖିବି ଧରି।'

ଦୁଇ ଜଣ ପରିଚାରକ ପକ୍ଷୀ ଦୁଇଟିକୁ ଧରି ତା ହାତରେ ଦେବାପରେ ଖୁସିରେ ସେ ଆତ୍ମହରା ହୋଇଉଠିଛି-

ନିବିଡ଼େ ଜଡ଼ାଇ ଧରିଥାଏ ସିଏ ବକ୍ଷେ ତାଙ୍କୁ
ସୁବର୍ଣ୍ଣ ଓ ବହୁମୂଲ୍ୟ ରତ୍ନର ଆଲୁଅଛିଟା
ଝରିପଡ଼େ ତାର କଣ୍ଠଦେଶୁ
ପକ୍ଷୀର ଚଞ୍ଚୁକୁ ଚାପି ତାର ଗାଲେ
ପ୍ରବାଳର ରକ୍ତରାଗ ସମ ଉଜ୍ଜଳି ଉଠେ
ମଖମଲ ଶରୀରେ ପକ୍ଷୀର
ବୁଲାଏ ସେ ମଖମଲରୁ ନରମ ଦୁଇହାତ ତାର।

ସେ ତାଙ୍କୁ ଦୁଧ ଓ ମହୁ ଯେତେଦେଲେ ମଧ ଭୟାର୍ତ୍ତ ପକ୍ଷୀଦୁଇଟି ପରସ୍ପରକୁ ଚାହିଁ ରହିଥାନ୍ତି-

କାରାଗାର ତ କାରାଗାର
ହେଉ ଅବା ସେ ସୁନାର।

ଏହାପରେ ଦୃଶ୍ୟର ପରିବର୍ତ୍ତନ ଘଟିଛି। ସୀତା ମାଆଙ୍କର ଗୃହ। ରାଜା ଜନକଙ୍କ ରାଣୀ ପ୍ରାସାଦର ବୃହତ୍ ଗୃହରେ ସେତେବେଳେ ବିଶ୍ରାମ କରିଥାନ୍ତି। ଚତୁର୍ଦ୍ଦିଗରେ ନିରୁପମ ଶାନ୍ତି ବିରାଜମାନ। ମୈତ୍ରେୟୀ ନିକଟରେ ବୈଦାନ୍ତିକ ଅନୁଶାସନ ମଧରେ ସେ ସେତେବେଳେ ଭାବସମାହିତ ହୋଇଥାନ୍ତି। ସ୍ୱର୍ଗୀୟ ବୈଦିକ ଆନନ୍ଦ ନେଇ ଠିକ୍ ସେହି ସମୟରେ ତାଙ୍କ ନିକଟକୁ ନୃତ୍ୟରତା ସୁବର୍ଣ୍ଣ ପୁଷ୍ପପରି ଛୁଟି ଆସିଛି ସୀତା। ସୌଭାଗ୍ୟ ଲକ୍ଷ୍ମୀଙ୍କୁ ଅନୁସରଣ କଲାଭଳି ପରିଚାରିକା ବୃନ୍ଦ ତାର ପଶ୍ଚାତ୍‌ଧାବନ କରିଛନ୍ତି। ଶିଶୁକନ୍ୟାକୁ ଦେଖି ରାଣୀଙ୍କ ମୁଖରେ ଆନନ୍ଦର ଭାଷା ପ୍ରକାଶ କରିବାକୁ ଯାଇ କବି ଲେଖିଛନ୍ତି-

ଉଦ୍ୟାନ ଫେରା ଶିଶୁ କନ୍ୟାକୁ ଦେଖି
ଅନନ୍ତ ଆନନ୍ଦେ ଉଜ୍ଜ୍ୱଳ
ମମତା ଆନତ ତାଙ୍କ ମୁଖମଣ୍ଡଳ
ସତେ ଅବା ଦୀର୍ଘ ବିଚ୍ଛେଦ ପରେ
ଦେଖାହେଲା ଶିଶୁକନ୍ୟା ସାଥେ ଜନନୀରେ।

ଅଧୀର ଆଗ୍ରହ ନେଇ କନ୍ୟା ତତ୍‌କ୍ଷଣାତ୍ ଶୁଆଶାରୀ ଦୁଇଟିର ରୋମାଞ୍ଚକର ସମ୍ବାଦଦେଇ କହି ଉଠିଛି-

କି ଦୁଷ୍ଟ ଏଇ ଶୁଆଶାରୀ, ଜାଣ ମା
ରାମ ଆସି ବିଭାହେବ ତୁମ ଏଇ
ଶିଶୁ କନ୍ୟାଟିକୁ। ମୁଁ ହେବି ନାହିଁ...।

ପ୍ରକୃତ କଥାଟି ମା ପରିଚାରିକାଠାରୁ ଜାଣିବାକୁ ଚାହିଁଛନ୍ତି। ପରିଚାରିକା କହିଛି ଯେ ବାଲ୍ମୀକି ଆଶ୍ରମରୁ (ବାଲ୍ମୀକି ନାମ ଶୁଣି ରାଣୀ ହସ୍ତ ଯୋଡ଼ିଛନ୍ତି) ହଳେ ଶୁଆଶାରୀ ଆସିଛନ୍ତି ଯେଉଁମାନେ ରାମାୟଣ କଥା ଆବୃତ୍ତି କରିପାରିବେ। ଭବିଷ୍ୟତ ଦ୍ରଷ୍ଟା ମହାକବି ବାଲ୍ମୀକି ରାମ ଜନ୍ମ ପୂର୍ବରୁ ରାମାୟଣ ରଚନା କରିଛନ୍ତି।

ମହାକବି ବାଲ୍ମୀକିଙ୍କ ଗାନ
ରାଜା ଦଶରଥଙ୍କର ନୟନାଭିରାମ ପୁତ୍ରରାମ
ତୁମକନ୍ୟା ସୀତାଙ୍କର କରିବେ ପାଣିଗ୍ରହଣ
କି ପରମ ସୌଭାଗ୍ୟ !

ଶିଶୁ ପ୍ରଶ୍ନ କରିଛି, ମୋ ବିବାହ ପାଇଁ ବାଲ୍ମୀକି ରାମଙ୍କୁ କାହିଁକି ନିର୍ବାଚନ କଲେ ? ମା କନ୍ୟାଟିକୁ ବୁଝାଇବାକୁ ଯାଇ କହିଛନ୍ତି ଯେ ପ୍ରତ୍ୟେକ କନ୍ୟାକୁ ବିବାହ କରିବାକୁ ହୁଏ। ସୀତା ତତ୍‌କ୍ଷଣାତ୍ ଖୁବ୍ ଦୃଢ଼ତାର ସହିତ କହିଛି- ମା'ଙ୍କ ବ୍ୟତୀତ କେହି ମୋତେ ବିବାହ କରିବେ ନାହିଁ। ଏକଥା ଶୁଣି ସମସ୍ତେ ହସିଉଠିଲେ ଏବଂ କନ୍ୟାଟି ମାଆର ଗଳାକୁ ଭିଡ଼ି ଧରିଲା।

କବିତାଟି ଯେ କେବଳ କବିତା, ତା ନୁହେଁ। ଗୋଟିଏ ଦୃଶ୍ୟର ସାମଗ୍ରିକ ଉପସ୍ଥାପନା। ନାଟକୀୟ ଚମତ୍କାରିତା, ବର୍ଣ୍ଣନା ସୌନ୍ଦର୍ଯ୍ୟ, ମଞ୍ଜରୀ ଛନ୍ଦର ଉତ୍ତୁଙ୍ଗ ପ୍ରବାହରେ ଏବଂ ରଚନା ଶୈଳୀର ସାବଲୀଳତାରେ ଏହା ଭାଲ୍ଲାଥୋଲଙ୍କ କାବ୍ୟର ଅନ୍ୟ ଏକ ଶ୍ରେଷ୍ଠ ନିଦର୍ଶନ। ଏହାର ରଚନାଶୈଳୀରେ କ୍ଳାନ୍ତି ନାହିଁ ବା ସୁରରେ ପ୍ରାଣସ୍ପନ୍ଦନର ଅଭାବ ନାହିଁ। ଏହି କବିତାରେ ଭାଲ୍ଲାଥୋଲ ଖୋଜି ପାଇଛନ୍ତି ଶୈଶବର ଗ୍ଳାନିହୀନ ସୌନ୍ଦର୍ଯ୍ୟ, ସରଳତା, ପବିତ୍ରତା, ଆତ୍ମମଗ୍ନ ଆନନ୍ଦ ଏବଂ ଅନିର୍ବଚନୀୟ ମାଧୁରୀର ସମ୍ମିଶ୍ରଣ। ମାଲୟାଲମ୍ କାବ୍ୟ ସାହିତ୍ୟରେ ତାଙ୍କ ସୃଷ୍ଟ ଚରିତ୍ର ସୀତା ଏକ ଅତୁଳନୀୟ ଆଲେଖ୍ୟ।

**ନରେନ୍ଦ୍ରର ପ୍ରାର୍ଥନା-** ଦ୍ରାବିଡ଼ 'ପାନ' ଛନ୍ଦରେ ରଚିତ ଏହା ଏକ କ୍ଷୁଦ୍ର କବିତା। 'ସାହିତ୍ୟ ମଞ୍ଜରୀ'ର ପଞ୍ଚମ ଖଣ୍ଡରେ କବିତାଟି ସଂକଳିତ। ଏହାର ବିଷୟବସ୍ତୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନର ଗୋଟିଏ ବିଶିଷ୍ଟ ଘଟଣା ଉପରେ ଆଧାରିତ। ସନ୍ୟାସ ଜୀବନ ପୂର୍ବରୁ ତାଙ୍କ ନାମ ଥିଲା ନରେନ୍ଦ୍ରନାଥ। ଗୋଟିଏଦିନ ରାମକୃଷ୍ଣ ତାଙ୍କ ଶିଷ୍ୟର ଆଖିରେ ଅଶ୍ରୁ ଦେଖିଲେ। ଯେଉଁ ଅନିନ୍ଦ୍ୟ କାନ୍ତି ଏବଂ ମଧୁର ହୃଦୟ ଶିଷ୍ୟର ସଙ୍ଗୀତ ରାମକୃଷ୍ଣଙ୍କ ନିକଟରେ ସ୍ୱର୍ଗୀୟ

ଆନନ୍ଦର ପ୍ରବାହ ସୃଷ୍ଟିକରେ ତାର ବ୍ୟଥା ବେଦନା ଲକ୍ଷ୍ୟକରି ଉତ୍କଣ୍ଠାରେ ବିଚଳିତ ହୋଇ ସେ ପ୍ରଶ୍ନ କଲେ-

ଦୁର୍ବିପାକ କିଛି ଘଟିଛି କି ଗୃହରେ ନରେନ୍ଦ୍ର,
କାହିଁପାଇଁ ଲୋତକ ଝରାଅ ?
ଦୁଇ ଚକ୍ଷୁ ଯା'ର ନିଦାରୁଣ ଦୁଃଖାହତ
ଜଗତର ବେଦନା ମୋଚନେ ବ୍ୟାପ୍ତ,
ନିଜର ଆଖିରୁ ତାର କାହିଁପାଇଁ
ଝରୁଅଛି ଏହି ବେଦନା ଅପାର

କମ୍ପିତ କଣ୍ଠରେ ନରେନ୍ଦ୍ର କହିଲା ଯେ ତାର ମା ଉପବାସୀ। ଯେତେବେଳେ ତାର ବାପା ବଞ୍ଚିଥିଲେ ସେତେବେଳେ ସେହି ସମ୍ପଦ ମଧରେ ହିତୈଷୀ ବନ୍ଧୁର ଅଭାବ ନ ଥିଲା। ବର୍ତ୍ତମାନ କେବଳ କରାଳ ଦାରିଦ୍ର୍ୟର ହାହାକାର ଛଡ଼ା ଆଉ କିଛି ନାହିଁ-

ଯେଉଁ ବକ୍ଷୁ ସ୍ତନ୍ୟପାନ କରି
ଲଭିଅଛି ଏହି ବଳିଷ୍ଠ ଜୀବନ
ନମନୀୟ ସେହି ମାତୃବକ୍ଷ ଉପବାସୀ
ବେଦନାରେ ବିକ୍ଷୁବ୍ଧ କଠିନ
ଆଗୋ ମାଆ- କି ନିର୍ମମ, ଅକୃତଜ୍ଞ ଆମେ।

ଅପରିସୀମ ଦୁଃଖରେ ନରେନ୍ଦ୍ର ଏକାବେଳେ ଭାଙ୍ଗି ପଡ଼ିଲେ। ଶ୍ରୀରାମକୃଷ୍ଣଙ୍କ ମୁଖରେ ସର୍ବଦା ମୁକ୍ତିର ମହାମନ୍ତ୍ର ବିରାଜିତ। ଶିଷ୍ୟକୁ ଅର୍ଥ ଉପାର୍ଜନର ଉପାୟ କହିଲେ-

ପ୍ରିୟତମ, ଯାଅ ମାତା ମହାକାଳୀର ସମୀପେ
ଯାହା କରୁଣାରେ ରୌପ୍ୟବର୍ଣ୍ଣା ଗଙ୍ଗା
ପ୍ରବହମାନା ବିଶ୍ୱ ଚରାଚର, ଅପାର ଶକ୍ତିରେ ଯାର
ବିକିରଣ କରେ ସୂର୍ଯ୍ୟ ସ୍ୱର୍ଣ୍ଣ ରଶ୍ମିଜାଲ
ମହାମୂଲ୍ୟ ରତ୍ନେଯାର ଜଳିଉଠେ କୃଷ୍ଣକାୟ ରାତ୍ରି
ମହାଦେବୀ, ଜଗତର ଧରିତ୍ରୀ ସେ
କରୁଣା ଦୃଷ୍ଟିରେ ତାର
କିବା ଅଛି ଏମିତି ଦାରିଦ୍ର୍ୟ ହେବ ନାହିଁ ଯା'ର ଅବସାନ ?

ଗଭୀର ନିଃଶ୍ୱାସଟିଏ ପକାଇଲେ ନରେନ୍ଦ୍ର। କାନ୍ଧରେ ପକାଇଥିବା ଚାଦରର ଦୁଇ କାନିରେ ଆଖିରୁ ଲୁହପୋଛି ଫେରିଲେ ସେ। ଅବନତ ମସ୍ତକରେ ଆସି ଉପସ୍ଥିତ ହେଲେ କାଳୀ ମନ୍ଦିର ସମ୍ମୁଖରେ। କିଛିକ୍ଷଣ ପରେ ଲୋତକଭରା ଆଖିରେ ଫେରି ଆସିଲେ। ଶ୍ରୀରାମକୃଷ୍ଣ ତାଙ୍କ ଲୋତକଭରା ଚକ୍ଷୁଦେଖି ଜିଜ୍ଞାସା କଲେ-

ତୁମର ଚକ୍ଷୁରୁ ଲୋତକ ପ୍ରବାହ ଛୁଟେ
ଏ ସମୟେ-
ବାଞ୍ଛା କଳ୍ପତରୁ ଦେବୀ ଏତେ ଅକୃପଣ
ମୋର ଶିଷ୍ୟପାଇଁ ?

ମୋତେ କୁହ ତା ନିକଟରେ କି ବାସନା ନିବେଦନ କରିଛ? ଭବିଷ୍ୟତରେ ସନ୍ନ୍ୟାସୀ କହିଲେ ସେହି ସତ୍ୟବାଣୀ-

ଅର୍ଥ ନୁହେଁ, ଅର୍ଥାପେକ୍ଷା ବଡ଼ ପରମାର୍ଥ
ପ୍ରାର୍ଥନା କରିଛି
ମହାଦେବୀଙ୍କ ସମୀପେ
କିନ୍ତୁ ହାୟ, ଘରେ ମୋର କି ଦାରୁଣ....

ବାଧାଦେଲେ ଶ୍ରୀରାମକୃଷ୍ଣ, ନିରୁପମ ହସରେ ଉଜ୍ଜ୍ୱଳି ଉଠିଲା ତାଙ୍କ ମୁଖମଣ୍ଡଳ। ସେ କହିଲେ-

ସର୍ବଦା ଜାଣେ ମୁହିଁ ଏହି କଥାଗୋଟି
ମାୟା ଆବରଣ ଖୋଲିଦେବ ତୁମେ
ସତ୍ୟ ଆତ୍ମା ନିକଟରେ ନ କରି ମିନତି
ତୁଚ୍ଛ ଅର୍ଥପାଇଁ
ତୁମେ ନୁହଁ ସେ ମଣିଷ
ସାମ୍ରାଜ୍ଞୀ ନିକଟେ ପତେଇବ
ହୀନ ଭିକ୍ଷାପାତ୍ର ନେଇ।

ଏହି କବିତାଟିର ରଚନାଶୈଳୀ ଚମତ୍କାର ଓ ସ୍ୱଚ୍ଛନ୍ଦ। ଏହାର ନାଟକୀୟ ଗଠନ ଶୈଳୀର ସଂଘବଦ୍ଧତା ଗୁରୁ ଓ ଶିଷ୍ୟ ଦୁହିଁଙ୍କ ସମ୍ବନ୍ଧରେ ଏକ ସୁସ୍ପଷ୍ଟ ଚିତ୍ର ଅଙ୍କନ କରେ। ନରେନ୍ଦ୍ରର ଯୁବଜନୋଚିତ ଆବେଗ, ଗୁରୁଙ୍କ ପ୍ରତି ତାର ପରିପୂର୍ଣ୍ଣ ଆତ୍ମସମର୍ପଣ। ଶିଷ୍ୟପ୍ରତି ଗୁରୁର ଅନନ୍ତ ପ୍ରେମ, ମହାମୟୀ ଦେବୀ ସାମ୍ନାରେ ନରେନ୍ଦ୍ର ଆତ୍ମମୂର୍ତ୍ତିର ବିକାଶ, ସବୁକିଛି ଏହି ଦୁଇଟି ଚରିତ୍ରର ସଂଳାପ ମଧ୍ୟରେ ପ୍ରକାଶିତ ହୋଇଛି। ଯଥାଯୋଗ୍ୟ ଶବ୍ଦଚୟନ ଏବଂ ତାର ପରିପୂର୍ଣ୍ଣ ଅର୍ଥବହତା ଭାଲ୍ଲାଥୋଲଙ୍କ ଶିଳ୍ପର ବୈଶିଷ୍ଟ୍ୟ ଏବଂ ଏହି ଦୁଇଟି ଗୁଣ ମଧ୍ୟ ବର୍ତ୍ତମାନ କବିତାରେ ଲକ୍ଷ୍ୟ କରାଯାଏ। ଏହାର ଗାମ୍ଭୀର୍ଯ୍ୟ ଏବଂ ସହଜଭାବ ସ୍ୱତଃସ୍ଫୁର୍ତ୍ତ ଭାବେ ହିଁ ଯେପରି ଭାବସଂହତି ବଜାୟ ରଖିଛି। ସହଜ ସଂସ୍କୃତ ଏବଂ ମାଲୟାଲମ୍ ଶବ୍ଦର ପ୍ରୟୋଗରେ କୁଶଳୀ କବିଭାଷା ବାଗ୍‌ବିନ୍ୟାସର ସ୍ୱଚ୍ଛତାରେ ଏବଂ ଗୀତିକବିତାର ପ୍ରବାହରେ 'ମଣିପ୍ରବାଳମ୍'ର ଏହା ଅନନ୍ୟ ଉପମା।

**କୃଷକ ସଙ୍ଗୀତ:-** 'କେକା' ଛନ୍ଦରେ ରଚିତ ଏହି କବିତାଟି 'ସାହିତ୍ୟ ମଞ୍ଜରୀ'ର ସପ୍ତମ ଖଣ୍ଡରେ ସଂକଳିତ। କବିତାଟିର ଆରମ୍ଭରେ ବିସ୍ମୟକର ଦୁଇଟି ପଂକ୍ତି ରହିଛି

ଲୁହାର କି ଆଖି ଅଛି
ସେ ଆଖିର ଅଶ୍ରୁ
ବିନ୍ଦୁ ବିନ୍ଦୁ ଝରିଯିବ
ଏଇ ଶବ୍ଦପରେ ।

ଏହି କବିତାଟିରେ ସ୍ୱାର୍ଥପର ମଣିଷର ଲୁହାର ଅପବ୍ୟବହାର ସମ୍ପର୍କରେ ଗଭୀର ବେଦନା ପ୍ରକାଶ ପାଇଛି । ଜୀବନଦାୟିନୀ କୃଷିକାର୍ଯ୍ୟରେ ଲୁହାକୁ ବ୍ୟବହାର ନ କରି ଜୀବନର ମାରଣାସ୍ତ୍ର ତିଆରି କାର୍ଯ୍ୟରେ ଲଗାଯାଅଛି । କେଉଁଠି ଯଦି କାହାର ଶିର ଉନ୍ନତ ହୁଏ ତେବେ ଶକ୍ତିରଦମ୍ଭ ତାକୁ ମୂଳପୋଛ କରେ, ଖଡ଼୍ଗ ତାକୁ ଚାହିଁ ହସେ, ତୀକ୍ଷ୍ଣ ବର୍ଚ୍ଛା ତାକୁ ବିଦ୍ଧ କରିବାକୁ ଉଦ୍ୟତହୁଏ ଓ ରାଇଫଲ୍ ତାର ପ୍ରାଣ ନେବାକୁ ଚାହେଁ । ଏହପରିଭାବେ ସ୍ୱେଚ୍ଛାଚାରୀମାନଙ୍କ ହାତରେ ଲୁହା ଜୀବନ ହାନିର ପଥ ବାଛିନିଏ । ଏହି ତାମସ ପାପାନୁଷ୍ଠାନର କଳଙ୍କ କେତେବେଳେ ହେଲେ କ'ଣ ମୋଚନ ହେବ ?

କିନ୍ତୁ ଅଶିକ୍ଷିତ ଚାଷୀ ସମ୍ପ୍ରଦାୟ ବ୍ୟତୀତ ଏହି ଅନ୍ଧକାରାଚ୍ଛନ୍ନ ଦେଶରେ ଲୁହାର ଶୋକଗୀତିକୁ କିଏ ବା ପାଠ କରିବ? ଯୁଦ୍ଧ ଜୟର ଗୌରବରେ ଆକାଶ ଅନ୍ଧକାର କରି ଭାରତର ଜନସାଧାରଣ ବୀରର ଖ୍ୟାତିଲାଭ କରିନାହିଁ । ଜନସାଧାରଣଙ୍କୁ ଚାପିରଖି ଭାରତବର୍ଷ ଆତ୍ମଶ୍ଳାଘା ଅନୁଭବ କରେ ନାହିଁ । 'ଅନ୍ୟାନ୍ୟ ପର୍ବତମାଳାକୁ ଆଘାତ କରି ହିମାଳୟ ସୁମହାନ ହୋଇନି ।'' ସେହିପରି ମାଟି ଅପରାପର ପ୍ରାଣୀ ସହାନୁଭୂତିରେ ସଜୀବ ନ ହେଲେ ବନ୍ଧ୍ୟାହୋଇ ପଡ଼ିରହେ । ଚାଷୀ କହେ-

ଅବନତ ହୁଅ, ମୋ ଶରୀର
ସଂଗ୍ରହ କର ଗୋମୟ ସାର
କିନ୍ତୁ ଅବନତ ହୁଅ ନାହିଁ
ଅତ୍ୟାଚାରୀ ସମ୍ମୁଖରେ ।
ବହନକର ଲଙ୍ଗଳର ଭାର
ବଳିଷ୍ଠ କାନ୍ଧ ମୋର
ଅବନତ ହୁଅ ନାହିଁ
ସ୍ୱାର୍ଥପର ଆହ୍ୱାନରେ ।

ତାହାର ବିଶ୍ୱାସ ସ୍ୱାଧୀନଭାବରେ ତାହାର ଶ୍ରମ ନିୟୋଜିତ ହେବ ଜନ କଲ୍ୟାଣର ସ୍ୱାର୍ଥରେ, କେତେବେଳେ ହେଲେ ଧ୍ୱଂସର ପଥରେ ନୁହେଁ । କବି କଳ୍ପନାରେ ଭାରତବର୍ଷ ଯେପରି ଶୃଙ୍ଖଳ ବିଚୂର୍ଣ୍ଣ କରିବାକୁ ଉଦ୍ୟତ ଏକ ହସ୍ତୀ । କେତେବେଳେ ହେଲେ ଭାରତବର୍ଷ ଉନ୍ମତ୍ତପରି ବ୍ୟାପକ ଧ୍ୱଂସର ତାଣ୍ଡବ ବୁହାଇ ସ୍ୱାଧୀନତା କାମନାକରେ ନାହିଁ । ଗଭୀର ଦୁଃଖ ଏବଂ ଦାସତ୍ୱର ନିମଜ୍ଜିତ ମଣିଷର ଜାଗରଣ ମଧ୍ୟରେ ଆପଣା ଶକ୍ତିର ପ୍ରକାଶ ଦେଖିବାକୁ ଚାହେଁ । ଭାରତବର୍ଷର ଆବହମାନ ପ୍ରାର୍ଥନା ମଧ୍ୟଦେଇ କବିତାଟିର ପରିସମାପ୍ତି 'ସୁଖୀହେଉ ସମଗ୍ର ପୃଥିବୀ' ।

ମନୋରମ ବାକ୍ ପ୍ରତିମା ଏବଂ ମହତ୍ ଅନୁଭୂତିରେ କବିତାଟି ପରିପୂର୍ଣ୍ଣ। ତେବେ କିଛି ମାତ୍ରାରେ କଳ୍ପନାର ଅତିଶୟୋକ୍ତିରେ ଭାବବସ୍ତୁ ମନ୍ଥର ହୋଇପଡ଼ିଛି। ମତାଦର୍ଶମୂଳକ ଏହାଏକ ବିଶିଷ୍ଟ କବିତା ଓ ଏହା ମଧ୍ୟରେ ଯଥେଷ୍ଟ ଅନୁପ୍ରେରଣାର ଭାବ ବିଦ୍ୟମାନ। ତଥାପି ମତାଦର୍ଶରେ ନିରାନନ୍ଦଭାବ ଏଥିରେ ପରିସ୍ଫୁଟ।

**ଜୀର୍ଣ୍ଣ ଉପାଧାନଃ-** ୧୯୧୬ ମସିହାରେ ରଚିତ ଏହି କବିତାଟି ସାହିତ୍ୟ ମଞ୍ଜରୀର ପ୍ରଥମ ଖଣ୍ଡରେ ସଂକଳିତ। ଏହା ଭାଲ୍ଲାଥୋଲଙ୍କର ଅନ୍ୟଏକ ଜନପ୍ରିୟ କବିତା। ପ୍ରାଞ୍ଜଳ ଓ ସରଳ ଏହାର ରୀତି ଏବଂ ସହଜ ସବାଲୀଳ ଏହାର ପ୍ରକାଶ। କବି ତାର ଶବ୍ଦ ସମ୍ଭାରକୁ ଗୋଟିଏ ଜୀର୍ଣ୍ଣ ଉପାଧାନ ସଙ୍ଗେ ତୁଳନା କରିଛନ୍ତି। ଏହାର ମଳିନ ତୁଳା ବାହାରକୁ ଠେଲିହୋଇ ବାହାରି ଆସିଛି। କବିଙ୍କର ମନେ ପଡ଼ିଛି ଅତୀତର ଗୌରବମୟ ଦିନଗୁଡ଼ିକ-

ଗୋଟିଏ ସମୟେ
ଉଜ୍ଜ୍ୱଳ ଓ ଶୁଭ୍ରତାରେ ଦୀପ୍ତଥିଲ ତୁମେ
ସେତେବେଳେ,
ମଳିନ ହୁଏନି ହସ୍ତ ତୁମରି ସ୍ପର୍ଶରେ
ଆଜି ଦୁର୍ଭାଗ୍ୟ ତୁମର
ତୁମକୁ ଛୁଇଁଲେ ହାତଧୁଆ ହୁଏ ପ୍ରୟୋଜନ।

ଜନୈକା ତରୁଣୀର ଫୁଲପରି କୋମଳ ଶଯ୍ୟାରେ ଥିଲା ସେହି ତକିଆଟି।

ତାର ଶୁଭ୍ର ବିଛଣାରେ ଦୀପ୍ତଥିଲ ତୁମେ
ସୁନ୍ଦର ମଖମଲ କପଡ଼ାରେ ଢଙ୍କା
ସତେଅବା ସ୍ୱଚ୍ଛ ଶାରଦ ନଦୀର ବୁକେ
ଜୋଛନା ଚୁମୁଥାଏ ବାଲୁକା ପଠାକୁ।
ଆବରଣ ମସୃଣ ଲାଗିଲେ ତାକୁ
କୋମଳତା ଦୁଇହାତେ, ସାଉଁଳାଇ ଦିଏ ତୋତେ
ମାଆ ଯେଉଁପରି ଥାପୁଡ଼ାଇ ଶୁଆଏ ଶିଶୁକୁ।
ଫୁଲର ପରଶଠାରୁ
ତାର ସେହି କୋମଳ ହାତର ସ୍ପର୍ଶ
ଅପାର ଆନନ୍ଦ ଦିଏ
ବିମୋହିତ ହୁଅ ତୁମେ।

ତାର ବୈବାହିକ ଜୀବନର ଅନେକ ଆନନ୍ଦମୟ ଦୃଶ୍ୟର ନୀରବ ସାକ୍ଷୀ ସେହି ତକିଆ।

ଯେତେବେଳେ
ଚୁମ୍ବିବାକୁ ତୃଷିତ ତା ସ୍ୱାମୀ
ଲଜ୍ଜାବତୀ ନବ ବିବାହିତା

ତୁମଠାରେ ଲୁଚାଏ ତା ମୁଖ
ସେତେବେଳେ ତୁମେ ହୁଅ
ପୁରୁଷର ଈର୍ଷାର ଆଧାର ।

ରାତ୍ରିର ତକିଆରେ ମୁଣ୍ଡଦେଇ ବିଶ୍ରାମ ନେଲାବେଳେ ସେମାନଙ୍କର ହସକୌତୁକଭରା ବାକ୍ୟାଳାପ ସତେଯେପରି ସେମାନଙ୍କ ହୃଦୟରେ ପ୍ରସ୍ଫୁଟିତ ଭଲପାଇବାର ପୁଷ୍ପରୁ ଝରି ପଡୁଥିବା ମଧୁ, ଯାହା ପବନ ଶୁଣିବା ପୂର୍ବରୁ ଶୁଣିଥାଏ ସେହି ତକିଆ ।

ସନ୍ଧ୍ୟା ସ୍ନାନ ସାରି ହରିଣନୟନା
ତୁମ ଶୁଭ୍ରବୁକୁ ପରେ
ଖୋଲିଦିଏ ତାର ସିକ୍ତ କେଶରାଶି
ତୁମେ ଦେଖାଯାଅ କଳାମେଘ ଢଙ୍କା
ଶରଦ ଆକାଶ ପରି ।
କମନୀୟ ତାର ବେଣୀ ସତେ ଅବା
ନୀଳ ଆକାଶର ପ୍ରତିଦ୍ୱନ୍ଦ୍ୱୀ
ତୁମ ପାଶେ ଥିଲା କିଛିକ୍ଷଣ ଫୁଲେ ସୁସଜ୍ଜିତ ହୋଇ
ତାର ସୁବାସରୁ ଖିଏ
ତୁମକୁ ଧରିଛି ଛଡ଼ାଇ ।

ସେହି ସୁଖର ଦିନ ଆଜି ଆଉ ନାହିଁ । ତକିଆଟି ସାମ୍ନାରେ ଏବେ ମରୁଭୂମି । ଅତୀତର ସୁଖ କଥା ଗଭୀରଭାବେ ତାର ମନେପଡ଼େ । କବି ଅନୁଚ୍ଚ ସ୍ୱରରେ ପ୍ରଳାପ କରନ୍ତି, ଏପରି ନିଷ୍ଠୁର ଭାଗ୍ୟ କାହିଁକି ବା ତାର ହେଲା ? ସିଏ ତ ଅନ୍ୟର ସେବାରେ ଉତ୍ସର୍ଗ କରିଛି ତାର ଜୀବନ-

କିବା ଯାଏ ଆସେ ଯଦି ତୁମର କ୍ଷୟିଷ୍ଣୁ ଶରୀର
ସୁଖଦେଇ ପାରେ ନାହିଁ ଆଉ ଦିବସେ ନିଶୀଥେ
କର୍ମଯୋଗୀର ଔଦାର୍ଯ୍ୟେ ପୂର୍ଣ୍ଣ ତୁମର ଅନ୍ତର
ପ୍ରଶାନ୍ତ, ଅମୋଚନୀୟ ପବିତ୍ରତାରେ ଭରାତୁମେ

କବିତାଟିର ଶେଷରେ କବି ଆଶାପ୍ରକାଶ କରିଛନ୍ତି ଯେ ଅନ୍ୟ ଏକ ଆବରଣ ମଧ୍ୟରେ ତୁଳା ଭର୍ତ୍ତି କରିବାରେ ନୂତନ ଜୀବନର ପ୍ରକାଶ ସୂଚିତ ହୁଏ । ଯେଉଁ ତୁଳା ତକିଆଟିକୁ ପୂର୍ଣ୍ଣକରେ ଶାସ୍ତ୍ର ତାହାକୁ କହେ ଶାଶ୍ୱତ ଆତ୍ମା । ଏଠାରେ ବାକ୍ ପ୍ରତିମାଟି ଗୀତାର ବିଖ୍ୟାତ ଶ୍ଳୋକ 'ବାସାଂସି ଜୀର୍ଣ୍ଣନି'ରୁ ଆହରଣ କରାଯାଇଛି । ଭାବ କଳ୍ପନାରେ ରଚନାଶୈଳୀ ଓ ଆଙ୍ଗିକ ବିଚାରରେ କବିତାଟି ଅନୁପମ । ଶ୍ରେଷ୍ଠ ପର୍ଯ୍ୟାୟର ନ ହେଲେ ବି 'ସାହିତ୍ୟ ମଞ୍ଜରୀ' କବିତାବଳୀର ମାନାନୁଯାୟୀ କବିତା ।

**'ଏନ୍ତେ ଭାଷା' (ମୋର ଭାଷା):-** ଏହି ବିଖ୍ୟାତ କବିତାଟିର ରଚନା ୧୯୨୭ ମସିହାରେ। ନିଜ ଭାଷା ସମ୍ପର୍କରେ କବିଙ୍କ ଗର୍ବର ଶେଷ ନାହିଁ। ଦ୍ରାବିଡ଼ ମାକନ୍ଦ ମଞ୍ଜରୀ ଛନ୍ଦରେ ରଚିତ ଏହି କବିତା ସାହିତ୍ୟ ମଞ୍ଜରୀର ସପ୍ତମ ଖଣ୍ଡରେ ଗ୍ରଥିତ। ଭାଷାର ଅନ୍ତର୍ନିହିତ ଗୁଣାବଳୀର ଉଲ୍ଲେଖରେ କବିତାଟିର ଆରମ୍ଭ-

ସନ୍ନିହିତ ସାଗରର ଉଦାର ମହିମା
ସହ୍ୟାଦ୍ରିମାଳାର ଧୀର ସଚଳତା
ଗୋକର୍ଣ୍ଣ ମନ୍ଦିରର ପ୍ରଶାନ୍ତି
ମାତା କନ୍ୟାକୁମାରୀର ଆନନ୍ଦମୟୀ ଦୀପ୍ତି
ଗଙ୍ଗାପରି ପବିତ୍ର ପେରିୟାର ନଦୀଜଳ
ପଇଡ଼ର ସୁମଧୁର ରସ
ବିଚ୍ଛୁରିତ ହୁଏ।
ସଂସ୍କୃତ ଭାଷାର ଶକ୍ତି
ମଧୁର ସୌନ୍ଦର୍ଯ୍ୟେ ଭରା ତାମିଲ
ମୋର ଭାଷା ଏଇସବୁ ସୌନ୍ଦର୍ଯ୍ୟର
ସାର୍ଥକ ମିଶ୍ରଣ
ଏ ଗୌରବ ଶିରେଧରି
ଆନନ୍ଦେ ଉନ୍ମତ୍ତ ହୋଇ
ନୃତ୍ୟକର ତୁମେ।

ଶିଶୁର ପରିପୂର୍ଣ୍ଣ ବିକାଶରେ ମାତୃଭାଷାର ପ୍ରୟୋଜନୀୟତା ବିଷୟରେ କବି ଗାଇଛନ୍ତି-

ନରମ ତୁଣ୍ଡରେ ତାର ତୋତୁଣ୍ଡିଆ କଥା'
ପ୍ରଥମ ଶବ୍ଦଟି ତାର ଆସିଥାଏ
ମାତା ବକ୍ଷ ସ୍ୱାଦିଷ୍ଟ କ୍ଷୀରରେ
ଆମ୍ମା- ମାଆ ମୋର।
ଆଉସବୁ ଭାଷା ମୋର ପାଳିକା ମାତା
ମୋର ଭାଷା ହିଁ ପିୟୁଷ ପାନରେ
ଶିଶୁଟିର ପରିପୂର୍ଣ୍ଣ ସୁଷମ ବିକାଶ
ସ୍ୱର୍ଗର ଅମୃତ କେବଳ ଅମୃତ
ଯଦି ମାତା ଦିଏ ଆମର ମୁଖରେ।

ଧର୍ମଶାସ୍ତ୍ର, କବିତା ବା ବିଜ୍ଞାନ ଯାହାକିଛି ମଣିଷ ଚର୍ଚ୍ଚାକରୁନା କାହିଁକି, ତାହା କେବଳ ମାତୃଭାଷାରେ ପରିବେଶିତ ହେଲେ ତାହା ମନକୁ ଗଭୀରଭାବେ ପ୍ରଭାବିତ କରେ। ତାହା

ତତ୍‌କ୍ଷଣାତ୍ ମନର ମଧୁରେ ପରିଣତ ହୁଏ। ନଚେତ୍ ତାହା ଅଚର ପୁଷ୍ପର ପାଖୁଡ଼ାରେ କ୍ଷଣସ୍ଥାୟୀ ଶିଶିରବିନ୍ଦୁ ପାଲଟିଥାଏ। ମାତୃଭାଷାର ଅଯୋଗ୍ୟତା ବିଷୟରେ କବି କହିଛନ୍ତି-

କିଏ କହେ କେରଳୀ ଶ୍ରୀହୀନା
ଯିଏ ଗାଏ ଜନଗଣ ଜଗତର ତରିବା ସଙ୍ଗୀତ
ପ୍ରଥମ ରାମାୟଣ ପଞ୍ଚମବେଦ
ଭଗବତ୍‌ଗୀତା, ନୀତିଶାସ୍ତ୍ର ଏବଂ ଉପନିଷଦ।

ସେ ସମାଲୋଚକମାନଙ୍କୁ ସତର୍କ କରିଛନ୍ତି ଯେ ବିଦେଶୀ ଭାଷା ମାଧ୍ୟମରେ ସେମାନେ କୌଣସି ଦିନ ପୂର୍ଣ୍ଣ ମାନବିକ ମର୍ଯ୍ୟାଦା ପାଇବେ ନାହିଁ। 'ଯେ ପର୍ଯ୍ୟନ୍ତ ତୁମ ନିଜ ଭାଷାରେ ବ୍ୟାପ୍ତି ନୈପୁଣ୍ୟ ଏବଂ ନିତ୍ୟ ବ୍ୟବହାର ପ୍ରସୂତ ସାବଲୀଳତାର ଅଭାବ ରହିବ, ସେତେବେଳେ ପର୍ଯ୍ୟନ୍ତ ତୁମେ ହେବ ଅଯୋଗ୍ୟ ଏବଂ ତୁମର ଅର୍ଦ୍ଧୋଚାରିତ ଚିନ୍ତା ବିଶ୍ୱର ତଳକୁ ଚାଲିଯିବ।' କବି ଅବଶ୍ୟ ସ୍ୱୀକାର କରିଛନ୍ତି ଯେ ମାଲୟାଲମ୍ ଦାରିଦ୍ର୍ୟ ପୀଡ଼ିତା ଗୃହବଧୂ। ନିଜ ସନ୍ତାନର କ୍ଷୁଧା ନିବାରଣ କରିବାପରି ସତ୍‌ଗ୍ରନ୍ଥ ଭଣ୍ଡାର ତାର ନାହିଁ। ଯାହାର ଅନ୍ୟାନ୍ୟ ଭାଷା ସାଗରରେ ବୁଡ଼ିବାର କ୍ଷମତା ରହିଛି ସେ ସେଥିରୁ ମଣିମୁକ୍ତା ଆହରଣ କରି ନିଜ ମାତୃଭାଷାକୁ ସମୃଦ୍ଧିଶାଳୀ କରିବା ତାର ପରମ କର୍ତ୍ତବ୍ୟ।

କି ଗଭୀର ଏହି ଲଜ୍ଜା, କି ଦୁଃଖର କଥା
ତୁମେ ସନ୍ତାନର କର୍ତ୍ତବ୍ୟ ଭୁଲିଛ
ମାତୃଭାଷା ନିକଟରେ ବଶ୍ୟତା ସ୍ୱୀକାର
ନ କରିବ ଯେତେଦିନ, ସେତେଦିନ
ଶାସନ ପରିଚାଳନାରେ
ନାହିଁ କିଛି ଅଧିକାର ତୁମ।
ମା ପଦେ ମଥାନତ ନ କଲେ ଶ୍ରଦ୍ଧାରେ
ଗର୍ବରେ ମଥା ଉଚ୍ଚ କରିବା କିପରି ?

ଭବିଷ୍ୟତର ସ୍ୱପ୍ନନେଇ କବିତାଟିର ପରିସମାପ୍ତି ଘଟିଅଛି।

ଆଉ କେଉଁକଥା କହିବି ମୁଁ ?
ଆସନ୍ତାକାଲି ଯେ ମଣିଷ ଆସିବ କେରଳେ
ଜ୍ଞାନ ଭିକ୍ଷାପାତ୍ର ଧରି ହାତେ
ପୂର୍ଣ୍ଣ କରିନେବ ତାର ଥଳି।
ସ୍ମରର ଅତୀତ କଥା
ଅକୃପଣ ଉଦାରତା ଗୁଣେ ଖ୍ୟାତ ଏଇଦେଶ।

ମାତୃଭାଷା ସପକ୍ଷରେ ଗଭୀର ବିଶ୍ୱାସ, ବିରୋଧୀ ବକ୍ତବ୍ୟର ଯୁକ୍ତିନିଷ୍ଠ ଆଲୋଚନା ବିଚାରରେ ଏହି କବିତା ଅସାଧାରଣ ଦକ୍ଷତାପୂର୍ଣ୍ଣ ବିବୃତ୍ତି। ତାର ଯଶଗାଥାରେ ଏବଂ ସେବାରେ ଆହ୍ୱାନରେ କବିତାଟି ସମୃଦ୍ଧ। ଗଭୀର ଅନୁଭୂତି ହେଉଛି ଯେକୌଣସି ଭାଷାର ଗୌରବବୋଧ। ଭାଲ୍ଲାଥୋଲଙ୍କ ନିକଟରେ ସେହି ଗୌରବବୋଧ ଆହୁରି ଶକ୍ତିଶାଳୀ ହେବାର କାରଣ ହେଉଛି ସେ ଐତିହ୍ୟର ଅନୁସାରୀ ଏବଂ ଜାତୀୟତାବାଦୀ। ସ୍ୱଷ୍ଟ ଚିନ୍ତାଧାରା ବ୍ୟତୀତ ଚମତ୍କାର ରଚନାଶୈଳୀ କବିତାଟିର ବୈଶିଷ୍ଟ୍ୟ।

ଉଲ୍ଲିଖିତ ଏହି କେତୋଟି କବିତା ଭାଲାଥୋଲଙ୍କର ଅସଂଖ୍ୟ କବିତାର ସାମଗ୍ରିକ ପରିଚୟ ଦେଇ ନ ପାରିଲେ ମଧ୍ୟ ତାଙ୍କର ଚିନ୍ତାଧାରା ଏବଂ ଆଙ୍ଗିକର ଏଗୁଡ଼ିକ ଉତ୍କୃଷ୍ଟ ଉଦାହରଣ।

■

# ଭାଲ୍ଲାଥୋଲଙ୍କ ବର୍ଣ୍ଣନାତ୍ମକ କବିତା

ଭାଲ୍ଲାଥୋଲଙ୍କ ଅନେକ କବିତା ଆଖ୍ୟାନ କାବ୍ୟ ଅଥବା ବର୍ଣ୍ଣନାତ୍ମକ କାବ୍ୟ। 'ଚିତ୍ରଯୋଗମ୍' ଗୋଟିଏ ବର୍ଣ୍ଣନାତ୍ମକ ଦୀର୍ଘ କବିତା। ସାହିତ୍ୟ ମଞ୍ଜରୀରେ ସଂକଳିତ ହୋଇଥିବା ଅନେକ କବିତା ମଧ୍ୟ ଗୀତିନାଟ୍ୟଧର୍ମୀ ବା ବର୍ଣ୍ଣନାତ୍ମକ। 'ବନ୍ଧନ ସ୍ଥାନାୟ ଅନିରୁଦ୍ଧନ' (କାରାରୁଦ୍ଧ ଅନିରୁଦ୍ଧ), 'ଶିଷ୍ୟନୁମ୍ ମାକାନୁମ୍' (ଶିଷ୍ୟ ଓ ପୁତ୍ର), 'ମ୍ୟାଗଡ଼େଲେନା ମ୍ୟାରିୟାମ୍' (ମେରୀ ମ୍ୟାଗଡେଲେନା), 'କୋଚୁ ସୀତା' (ଛୋଟ ସୀତା) ଏବଂ 'ଆଚ୍ଛାନୁସ୍ ମାକାନୁମ୍' (ପିତା ଏବଂ କନ୍ୟା)- ମୁଖ୍ୟତଃ ଏହି ପାଞ୍ଚଟି କବିତା ରଚନାକରି ସେ ବର୍ଣ୍ଣନାତ୍ମକ କବି ହିସାବରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି। କବି ଜୀବନର ବିଭିନ୍ନ ସମୟରେ ରଚିତ କବିତାବଳୀ ଭିନ୍ନଭିନ୍ନ ଭାବେ ଛୋଟ ଛୋଟ ଆକାରରେ ପ୍ରକାଶିତ ହୋଇଥିଲା। ଶିକ୍ଷାନବିଶଭାବେ କାର୍ଯ୍ୟ କରୁଥିବା ସମୟରେ ସେ ପୌରାଣିକ ବିଷୟବସ୍ତୁ ଉପରେ ଆଧାରିତ ଗଣପତି ନାମକ କବିତାପରି ଅନେକ କାହାଣୀ କବିତା ରଚନା କରିଥିଲେ।

୧୯୧୪ ମସିହାରେ 'ଆତ୍ମପୋଷିନୀ' ପତ୍ରିକାରେ ଅନିରୁଦ୍ଧ କବିତାଟି ପ୍ରକାଶ ହେବା ସଙ୍ଗେ ସଙ୍ଗେ ତାଙ୍କର ଖ୍ୟାତି ବଢ଼ିଯାଇଥିଲା। ଅନିରୁଦ୍ଧ ଉପାଖ୍ୟାନ ଏହାପୂର୍ବରୁ ମାଲୟାଲମ୍ ସାହିତ୍ୟରେ ବହୁବାର ବର୍ଣ୍ଣିତ ହୋଇଥିଲା, ଯେପରି ଚମ୍ପୂ, କଥାକଳି ଏବଂ ତୁଲ୍ଲଲେ। ପୌରାଣିକ ପ୍ରେମ ଉପାଖ୍ୟାନ ଅବଲମ୍ବନରେ କବି ଭାଲ୍ଲାଥୋଲ ଖଣ୍ଡକାବ୍ୟ ବା କ୍ଷୁଦ୍ର କବିତା ମାଧ୍ୟମରେ ଗୋଟିଏ କାଳ୍ପନିକ କାହାଣୀ ରଚନା କଲେ। କବିତାର ପ୍ରାରମ୍ଭରେ ଉଷାର ପିତା ରାଜା ବାଣାସୁର ତାର ପ୍ରେମିକ ଅନିରୁଦ୍ଧଙ୍କୁ କାରାରୁଦ୍ଧ କରିଥିବାରୁ ଉଷା ଶୋକାଭିଭୂତ ହୋଇପଡ଼ିଛି। ସେ ବୟୋଜ୍ୟେଷ୍ଠ ମନ୍ତ୍ରୀ କୁମ୍ଭଣ୍ଡଙ୍କୁ ଡାକି ଅନିରୁଦ୍ଧ ସଙ୍ଗେ ଦେଖା କରିବାପାଇଁ ତାଙ୍କ ଅନୁମତି ପ୍ରାର୍ଥନା କରିଛି। ମନ୍ତ୍ରୀଙ୍କ ନୀରବତାକୁ ସମ୍ମତି ହିସାବରେ ଗ୍ରହଣ କରି ସେ ବନ୍ଦୀ ସହିତ କାରାନ୍ତରାଳେ ଦେଖା କରିବାକୁ ଯାଇଛି। କବି ତାହାର ସାକ୍ଷାତ୍‌କାର, ତାର କଥୋପକଥନର ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରଦାନ କରିଛନ୍ତି ଏବଂ ତାହାର ଭବିଷ୍ୟତର ସୁଖମୟ ଜୀବନ କାମନା କରି ତାର ଚିତ୍ର ଅଙ୍କନରେ କବିତାଟିର ସମାପ୍ତି ଘଟାଇଛନ୍ତି।

କବିତାଟିରେ ୭୩ଟି ସ୍ତବକ ରହିଛି ଏବଂ ପ୍ରତି ସ୍ତବକରେ ଚାରୋଟି ଲେଖାଁ ପଂକ୍ତି ରହିଛି। ବେଳେବେଳେ ଘଟଣାର ବର୍ଣ୍ଣନା ଏବଂ କଥୋପକଥନ ଫଳରେ ତାଙ୍କର ସେହି ସୁବିସ୍ତୀର୍ଣ୍ଣ କାହାଣୀ ବୟାନରେ ବ୍ୟାଘାତ ଘଟିଛି। କବିତାର ଅର୍ଦ୍ଧାଧିକ ଅଂଶ ଉତ୍ତମ ପୁରୁଷରେ

ବ୍ୟକ୍ତ। ଯାହାଫଳରେ କବିତାଟି ବର୍ଣ୍ଣନାତ୍ମକ ନ ହୋଇ ନାଟକୀୟତା ଲାଭ କରିଛି। କୁମ୍ଭଣ୍ଡପ୍ରତି ଉଷାର ଭକ୍ତି ଅତ୍ୟନ୍ତ ସଂଯତ ହେଲେ ମଧ ତା ମଧରେ ତାର ଦୁଃଖ ମର୍ମପୀଡ଼ା ପ୍ରକାଶ ପାଇଛି। ସେ କହିଛି ଯଦି ଅନିରୁଦ୍ଧର କାରାଦଣ୍ଡ ପ୍ରାପ୍ୟହୁଏ ତେବେ ତାର ନିଶ୍ଚିତ ମୃତ୍ୟୁଦଣ୍ଡ ପ୍ରାପ୍ୟ ହେବ।

‘କାହିଁକି ବା ମୋତେ ଆଉ ଶାସ୍ତିଦିଅ
ହତ୍ୟା ନ କରି ମୋତେ ଜୀବନ୍ତ ନେଉଛ ମୋହର’
ବାକ୍ୟ ସ୍ଫୁରେନା କଣ୍ଠୁ, ସ୍ୱରକ୍ଷୀଣ ହୁଏ
ଭାଙ୍ଗିପଡ଼େ ଶିଶୁପରି ଲୋତକ ଝରାଏ।

ଅନିରୁଦ୍ଧ ଅତ୍ୟନ୍ତ ମର୍ମାହତ, କାରଣ ତା ସଙ୍ଗେ କାରଗାରରେ ଦେଖାକରିବାକୁ ଆସି ତାର ପ୍ରିୟତମା ଆଘାତ ପାଇଛି।

ଦରିଦ୍ର ମଣିଷ
ସ୍ୱଗୃହକୁ ନେଇଯାଏ
ସେହି ନାରୀକୁ ଯାହାକୁ ସେ ଭଲପାଏ
ଏବଂ ତାକୁ ବିଭା ହୁଏ।
କିନ୍ତୁ ;
ହାତଧରି ଏହି ହତଭାଗ୍ୟ ପୁରୁଷର
ଅନ୍ଧକାରମୟ ଏହି କାରାକକ୍ଷ
ହୋଇଗଲା ନୂଆ ବାସସ୍ଥଳୀ
ମୋ ପ୍ରିୟତମାର।

ତାର ଆଖିର ଲୋତକ ଅନିରୁଦ୍ଧକୁ ବିଚଳିତ କରିଛି। ତା ମୁଖରୁ ଉଚ୍ଚାରିତ ହୋଇଛି-

ହୃଦୟେଶ୍ୱରୀ ! ନ କାନ୍ଦ ଆଉ
ମୋ ବକ୍ଷ ସହ୍ୟ କରିପାରେ
ଶତ୍ରୁପକ୍ଷ ତୀକ୍ଷ୍ଣ ଶରର ଆଘାତ
କିନ୍ତୁ, ତୁମ ଆଖିରୁ ନିର୍ଗତ
ଏକ ବୁନ୍ଦା ଅଶ୍ରୁ ମୋର ଅସହନୀୟ।

କାରାଗାର ଛାଡ଼ି ଉଷା ସହିତ ପଳାୟନ କରିବାର ଆହ୍ୱାନକୁ ସେ ପ୍ରତ୍ୟାଖ୍ୟାନ କରିଛି ଏହି ଭାଷାରେ:-

ତୁମ ପତି ଚୋର ନୁହେଁ ଯେ
କାରାଗାରୁ ଲୁଚି ପଳାଇବ
ଶୁଣ, ଯଦୁବଂଶ ପୁତ୍ରବଧୂ

ତୁମେ ବୀରଙ୍ଗନା,
ମୋତେ ସହାନୁଭୂତିସିକ୍ତ କରିବାକୁ ଯାଇ
ଜଳାଞ୍ଜଳି ଦିଅନାହିଁ ତୁମର ସମ୍ମାନ
ନୂତନ ଆତ୍ମୀୟ ତୁମ ଚଞ୍ଚଳ ଆସିବେ
ଉଦ୍ଧାର କରିବେ ମୋତେ କାରାଗାର ବକ୍ଷୁ।

ଆଉ ମଧ ଅନିରୁଦ୍ଧ ଉଷାକୁ ସାନ୍ତ୍ୱନା ଦେବାକୁଯାଇ କହିଛି-

ପ୍ରିୟତମା, ଈଶ୍ୱର ବ୍ୟର୍ଥ ହେବାକୁ ଦେବେନି ଏ ପ୍ରେମ
ସେହି ତ ହୃଦରେ ଆମ ପୋତିଛନ୍ତି ପ୍ରେମର ଏ ବୀଜ।

ପ୍ରଚଳିତ ଉତ୍କଟ ଶୃଙ୍ଗାର ରସ ମୁକ୍ତ ସମୁନ୍ନତ ଓ ସୁକୋମଳ ପ୍ରେମକଥା ବ୍ୟକ୍ତ ହୋଇଛି ଏହି କବିତାଟିରେ। କବି କେବଳ ମଧୁର ଓ ମହାନ୍ ଭାବାବେଗର କଥା ପ୍ରକାଶ କରି ନାହାନ୍ତି, ଉତ୍ତେଜନାମୟ ଅବସ୍ଥା ପରିବେଷଣ କରି ଚରିତ୍ରଗୁଡ଼ିକୁ ପ୍ରାଣବନ୍ତ କରିଛନ୍ତି। କୁମ୍ଭଣ୍ଡ ଶ୍ରଦ୍ଧାଭାଜନ ଓ ଦୟାଳୁ ପ୍ରକୃତିର ମଣିଷ। ଉଷାପ୍ରତି ତାର ଯେଉଁ ସୁକୋମଳ ଅପତ୍ୟ ସ୍ନେହ ବିଦ୍ୟମାନ ତାହା ତାର ମୁଖର ଭାବଭଙ୍ଗୀ ପ୍ରକାଶ ମାଧମରେ ନାଟକୀୟ ଭାବେ କବି ଉପସ୍ଥାପନ କରିଛନ୍ତି। ଉଷାର କରୁଣ ରୂପ ଦେଖି ସେ ସ୍ତମ୍ଭିତ ହୋଇ ଠିଆହୋଇ ଯାଇଛନ୍ତି ଏବଂ ଉଷାକୁ ସାନ୍ତ୍ୱନା ଦେବାକୁ ଚାହିଁଛନ୍ତି; ମାତ୍ର ତାଙ୍କ ମୁହଁରେ କୌଣସି ଭାଷା ଫୁଟିନି। ଉଷା ଅନିରୁଦ୍ଧ ସହିତ କାରାଗାରରେ ଦେଖା କରିବାକୁ ଚାହିଁଲାରୁ ତାଙ୍କ ମନରେ ଆତଙ୍କର ବିଦ୍ୟୁତ୍ ପ୍ରବାହିତ ହୋଇଛି। ଅନ୍ତରରେ ଗର୍ବିତ, ମର୍ମପୀଡ଼ାରେ ଜର୍ଜରିତ, ରୁଷ୍ଟ, ଦୁଃଖରେ କ୍ଷତବିକ୍ଷତ ଏବଂ ପ୍ରେମରେ ଆତ୍ମହରା ଉଷାକୁ ବର୍ଣ୍ଣନା ଏବଂ ଭାଷଣ ମାଧମରେ ଚିତ୍ରିତ କରାଯାଇଛି। ଚିନ୍ତାମଗ୍ନ ହୋଇ ଚିତ୍ରପ୍ରତିମା ପରି ନୀରବରେ ସେ ବସି ରହିଛି। ଦୁଃଖରେ ତାର ମସ୍ତକ ଅବନତ, ଘର୍ମାକ୍ତ କପାଳ ତାର କୋମଳ ହସ୍ତ ଉପରେ ନ୍ୟସ୍ତ। ସେ ଯେତେବେଳେ କୁମ୍ଭଣ୍ଡଙ୍କ ସହିତ କଥାବାର୍ତ୍ତା କରିଛି ତତ୍କ୍ଷଣାତ୍ କ୍ରୋଧରେ ତାଙ୍କ ଆଡ଼କୁ ଅଗ୍ନିଦୃଷ୍ଟି ନିକ୍ଷେପ କରିଛି, କିନ୍ତୁ ପରେ ପରେ ସେ ଭାଙ୍ଗିପଡ଼ି ଶିଶୁପରି କାନ୍ଦି ଉଠିଛି। ଆଖିରୁ ଲୁହଝରା ଅନିରୁଦ୍ଧ ସହିତ ଦେଖା କରିବାର ଅଧିକାର ସେ ପାଇଛି। ଦ୍ରୁତ ପଦକ୍ଷେପରେ ଅନ୍ଧକାର କାରାଗୃହ ଆଡ଼କୁ ସେ ଛୁଟିଯାଇଛି। ଅନିରୁଦ୍ଧ ଉଠି ଉଷାକୁ ଧରିବା ପୂର୍ବରୁ ସେ ତାର କୋଳରେ ପଡ଼ିଯାଇଛି। ଅଶ୍ରୁକୁ ସେ ସମ୍ଭାଳି ରଖିପାରି ନାହିଁ। ଅନିରୁଦ୍ଧ ଶରୀରର କ୍ଷତସ୍ଥାନରେ ତାର କୋମଳ ହସ୍ତ ବୁଲାଇ ଆଣିଛି। ତାର ଦୁଃଖକଥା ଭାବି ସେ ଯେ ବୀରର ସ୍ତ୍ରୀ ସେକଥା ତା ମନରେ ଜାଗ୍ରତ ହୋଇଛି। ଅନିରୁଦ୍ଧ ତାକୁ ଫେରିଯିବାପାଇଁ କାତର ଆବେଦନ କଲାବେଳେ ସେ ଛିଡ଼ାହୋଇ ଯୋଡ଼ହସ୍ତରେ ସେଠାରେ ରହିବା ପାଇଁ ଅନୁରୋଧ କରିଛି। ଉଷାର ଫେରିଯିବା ଯେ ଉଚିତ୍ ଅନିରୁଦ୍ଧ ତାହାଯୁକ୍ତି ଦେଇ ବୁଝାଇବାକୁ ଚେଷ୍ଟା କଲାବେଳେ ସେ ଅନିରୁଦ୍ଧକୁ ତା ସହିତ କାରାଗାରରୁ ପଳାୟନ କରିବାପାଇଁ କାକୁତି ମିନତି କରିଛି।

ଉଷା ସରଳ, ଆବେଗପ୍ରବଣ ଓ ମହତ୍। ଅନିରୁଦ୍ଧ ତା ଅପେକ୍ଷା ଅଧିକ ସାହାସୀ ଏବଂ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବା ପାଇଁ ସକ୍ଷମ। କାରାଗାରରେ ପ୍ରଶାନ୍ତ ଓ ପ୍ରଫୁଲ୍ଲ ଚିତ୍ତରେ ସେ ବସିରହେ, ସତେ ଯେପରି ତାର ଘରେ ତାର ପିତାମହ ଶ୍ରୀକୃଷ୍ଣ ନଗରୀରେ ଶାନ୍ତି ଓ ପ୍ରାଚୁର୍ଯ୍ୟର ଦେବୀ କ୍ରୀଡ଼ାବ୍ୟସ୍ତ। ଉଷାପ୍ରତି ତାର ପ୍ରୀତି ତାକୁ ତା'ନିକଟରେ ଏକ ଦଣ୍ଡ ରହିବାକୁ ବା ତାକୁ ସଙ୍ଗରେ ନେଇ କାରାଗାରରୁ ପଳାୟନ କରିବାକୁ ପ୍ରଲୁବ୍ଧ କରିପାରି ନାହିଁ। କିନ୍ତୁ ଏପରି କେତେଗୁଡ଼ିଏ ମୁହୂର୍ତ୍ତ ଆସେ ଯେତେବେଳେ ସେହି ଧୀରସ୍ଥିର ବୀରର ପ୍ରଶାନ୍ତିର ବନ୍ଧ ଭୁଶୁଡ଼ି ପଡେ-

ଯେତେବେଳେ
କାରାଗାର ମ୍ଳାନ ଆଲୁଅରେ
ଉଷାକୁ ସେ ଆସିବାରେ ଦେଖେ
ହଠାତ୍ ତା'ହୃଦସ୍ପନ୍ଦନ ଦ୍ରୁତତର ହୁଏ।

ଉଷାର କଥାଶୁଣି ତାର ହୃଦୟ ଉତ୍ତେଜିତ ହୋଇଛି, ଦେହ ଘର୍ମାକ୍ତ ହୋଇଛି, ନାସିକା ସ୍ଫୀତ ହୋଇଛି ଏବଂ ନୟନ ଅଶ୍ରୁଳ୍ ହୋଇ ଉଠିଛି। ଉଷା ତା ସାମ୍ନାରେ ଛିଡ଼ାହୋଇ କରଯୋଡ଼ି ଆବେଦନ କଲାବେଳେ ସେ ତା ହସ୍ତକୁ ଚୁମ୍ବନ କରିଛି, ତାକୁ ବୁକୁ ଉପରକୁ ଟାଣିନେଇ ଆବେଗଭରା କଣ୍ଠରେ କଥା କହିଛି। କଣ୍ଠସ୍ୱର ଭାବଭଙ୍ଗୀ, ଦୃଷ୍ଟି ଏବଂ ଭାଷା ମଧ୍ୟରେ ଏକ କୋମଳ ହୃଦୟ ଦୃଢ଼ସଙ୍କଳ୍ପ ମହତ୍ ଯୁବକର ପରିଚୟ ମିଳେ।

କବିତାଟି ସାଧାସିଧା ଏବଂ ସଂଯମ ଓ ବୁଦ୍ଧିମତ୍ତାର ଏକ ସୁନ୍ଦର ସମ୍ମିଶ୍ରଣ। ଏହାର ପ୍ରତ୍ୟେକଟି ପାଦ ଏକ ଏକ ଉଜ୍ଜ୍ୱଳ ରତ୍ନ।

ଏହାର ଚାରି ବର୍ଷପରେ 'ଶିଷ୍ୟ ଓ ପୁତ୍ର' କବିତା ପ୍ରକାଶିତ ହୁଏ। ଅଣସ୍ତରୀଟି ସ୍ତବକରେ ଚାରିଧାଡ଼ି ବିଶିଷ୍ଟ ଏହି କବିତାଟି 'ଅନିରୁଦ୍ଧ' କବିତାଟି ପରି ଦୀର୍ଘ। ଉକ୍ତ କବିତାରେ ପର୍ଶୁରାମ ଏକମାତ୍ର ମାନବ ଏବଂ ଆଉସବୁ ସ୍ୱର୍ଗର ଅଧିବାସୀ। 'ଅନିରୁଦ୍ଧ' ଅପେକ୍ଷା ଏଥିରେ ଅନେକ ବେଶୀ ଚରିତ୍ର, ଦୃଶ୍ୟ ଓ ଭାବାବେଗ ଥାଇ ଏହା ନାଟକୀୟତାରେ ଅଧିକ ପ୍ରାଣବନ୍ତ ହୋଇଉଠିଛି। ପର୍ଶୁରାମ ଶିବଙ୍କ ଆବାସସ୍ଥଳ କୈଳାସକୁ ଚାଲିଛି ଅଳକାର ପଥଧରି। ଏହି ବର୍ଣ୍ଣନା ମଧ୍ୟରେ କାବ୍ୟର ଆରମ୍ଭ। ଅନ୍ୟ ଲୋକଙ୍କ ମନ ଉପରେ ପର୍ଶୁରାମଙ୍କ ପ୍ରଭାବରୁ ତାଙ୍କ ମହତ୍ତ୍ୱ ଫୁଟି ଉଠିଛି। କର୍ମବ୍ୟସ୍ତ ପଥ ମଧ୍ୟରେ ଯେତେବେଳେ ସେ ଚାଲନ୍ତି-

ନାନାକାର୍ଯ୍ୟେ ବ୍ୟସ୍ତ ମଣିଷ
ନିକିମା ହୋଇ ତାକୁ ତକେଇ ଚାହେଁ।
କିଏ କିଏ ଲଜ୍ଜାରେ ମୁଖେ ହାତଦେଇ
ଅନ୍ୟର କାନରେ କହନ୍ତି
'ଜୋର୍‌ରେ କଥା କହ ନାହିଁ'

ଅପୂର୍ବ ସୁନ୍ଦର ଦେଖି
ଯକ୍ଷବାଳା ତା'ଗଳାରେ ମାଳା ଲମ୍ୱାଇବ।
ତା'ର ଗଭୀର ନୀଳ ଚକ୍ଷୁରେ ଭାଷାରେ
ପୂର୍ଣ୍ଣକାମନା
ମନେ ମନେ ପ୍ରାର୍ଥନା ଜଣାଏ
ତା'ପରି ପୁତ୍ର ପ୍ରାପ୍ତି ପାଇଁ।
ଦୁଇପାର୍ଶ୍ୱ ଲୋକେ
ଉଠିପଡ଼ନ୍ତି ଖରତରେ
ପାଖେ ପାଖେ ଚାଲୁଥିବା ଲୋକ
ତା ପାଇଁ କରୁଥାନ୍ତି ପଥ
ସାରା ପଥଧରି
ପଥଚାରୀ ମାନଙ୍କର କାନେ କାନେ ଚାଲେ
ଶ୍ରଦ୍ଧା, ଭୟ ଏବଂ ପ୍ରଶଂସାର ଗାନ।

କୈଳାସରେ ପହଞ୍ଚି ସେ ଶିବଙ୍କ ପୁତ୍ର ଗଣପତି ଓ ସୁବ୍ରମଣ୍ୟଙ୍କୁ ଶିବଙ୍କ ବାସଗୃହ ସମ୍ମୁଖରେ ଦେଖିବାକୁ ପାଆନ୍ତି। ସେମାନଙ୍କୁ ପ୍ରଣାମକରି ଯେତେବେଳେ ସେ ତରତରରେ ଯାଆନ୍ତି ସେତେବେଳେ ଗଣପତି ତାଙ୍କୁ ବାଧାଦିଅନ୍ତି। 'ଏତେ ତରବର କାହିଁକି? ବାପା ବର୍ତ୍ତମାନ ଭିତରେ ବିଶ୍ରାମ ନେଉଛନ୍ତି।' ସୁବ୍ରମଣ୍ୟ ତାଙ୍କୁ ବାଧାଦେଇ କହିଲେ-

ଏହା କ'ଣ ଠିକ୍ ଭାଇ
ପୂର୍ବାନୁମତି ବିନା
ଯେଉଁ ଗୁରୁ ନିର୍ଜନେ ଅଛନ୍ତି
ତାଙ୍କ ସମୀପକୁ ଯିବା,

କିନ୍ତୁ ପର୍ଶୁରାମ କହିଲେ ଯେ, ଶିଷ୍ୟର ସବୁ ସମୟରେ ଗୁରୁ ନିକଟକୁ ଯିବାର ଅଧିକାର ଅଛି। ଘର ଭିତରକୁ ପଶିଲାବେଳେ ଗଣପତି ତାଙ୍କୁ ଆହୁରି ବାଧା ଦେଇଛନ୍ତି। ତାହାପରେ ଦୁଇ ଜଣଙ୍କ ମଧ୍ୟରେ ମାଡ଼ପିଟ ଆରମ୍ଭ ହୋଇଛି। ଶିବଙ୍କର ଅନୁଚର 'ଭୂତଦଳ' ଏହା ଲକ୍ଷ୍ୟ କରିଛନ୍ତି। ଗଣପତି ନିଜ ଶୁଣ୍ଢରେ ଗୁଡ଼ାଇ ତାଙ୍କୁ ଘୋଷାରିଛନ୍ତି।

ଯେଉଁ ସାଧୁ ଗଣପତି ପ୍ରିୟପାତ୍ର
ଖେଳଛଳେ ଘୂରାଇ ଘୂରାଇ
ସ୍ୱର୍ଗକୁ ପଠାଏ ତାଙ୍କୁ
ଅନେକ ସମୟ ଲକ୍ଷ୍ୟକରେ ସେ
ସେହିଠାରୁ ମର୍ତ୍ତ୍ୟ ଓ ପାତାଳ।

କିନ୍ତୁ ରସିକ ଦେବତା ଅନେକଦୂର ପର୍ଯ୍ୟନ୍ତ ଭାବିଛନ୍ତି। ଏହି ଅପମାନ ଫଳରେ ପର୍ଶୁରାମଙ୍କ କ୍ରୋଧ ବୃଦ୍ଧି ପାଇଛି। ପ୍ରାଚୀନ ଭାରତୀୟମାନେ ଏପରିକି ଦେବତାକୃତ ଅପମାନକୁ ସହ୍ୟକରି ପାରି ନାହାନ୍ତି। ସେ କୁଠାର ବାହାର କରିଛନ୍ତି। ଶିବଙ୍କ ପ୍ରଦତ୍ତ ଏହି ସ୍ୱର୍ଗୀୟ ଅସ୍ତ୍ରକୁ ସେ ଗଣପତି ଉଦ୍ଦେଶ୍ୟରେ ଫିଙ୍ଗିଛନ୍ତି। ତାହା ଗଣପତିଙ୍କ ଗାଲରେ ବାଜିଛି ଏବଂ ତାଙ୍କ ଶୁଣ୍ଢ ବଜ୍ରନିନାଦରେ ଭୂପତିତ ହୋଇଛି।

ବିଶ୍ୱ ବ୍ରହ୍ମାଣ୍ଡ ଥରହରେ କମ୍ପମାନ
ଯେତେବେଳେ ସେହି ଶୁଣ୍ଢ
ଛିନ୍ନ ଭିନ୍ନ ରକ୍ତପ୍ଲୁତ ହୋଇ
ମାଟିରେ ପଡ଼େ, ଚତୁର୍ଦ୍ଦିଗେ ଲାଲ୍‌ମାଟି
ସତେଅବା ସୃଷ୍ଟିହୁଏ
କୈଳାସର ଅନ୍ୟଏକ ଶୃଙ୍ଗ
ପାର୍ବତୀଙ୍କ ପିତା ହିମବାନ
ପକ୍ୱକେଶ ମସ୍ତକକୁ ଟେକି
ନାତିର ଏ ଦୁର୍ଘଟଣା ଦେଖି
ମର୍ମାହତେ ଚାହିଁରହେ।
ସମସ୍ତ ଘଟଣାର ସାକ୍ଷୀ ସୂର୍ଯ୍ୟ
କୈଳାସ ଚୂଡ଼ାରେ ଅସ୍ତଯାଏ।
ସତେଅବା କିଛି ଘଟିନାହିଁ
କିଛିକ୍ଷଣ ମେଘର ଉଢ଼ାଳେ ଲୁଚେ।
ସ୍କନ୍ଦ ହସେ, ନନ୍ଦି ଆଖି ମିଟି ମିଟି କରେ
ବୀରଭଦ୍ର ଗଦା ଘୂରାଏ
ଗରୁ ଦୀର୍ଘଶ୍ୱାସ ମାରେ,
କୁମ୍ଭନ୍ଦ ହାତ ପିଟେ
ଏବଂ ଚାନ୍ଦ ଜିଭ ଚାଟେ।

ଅନୁଚରମାନଙ୍କର ଚିତ୍କାରଶୁଣି ଗଣପତିଙ୍କ ପିତାମାତା ଅର୍ଥାତ୍ ଜଗତର ପିତାମାତା ଶିବ ଓ ପାର୍ବତୀ ସେଠାକୁ ଛୁଟି ଆସିଲେ। ସନ୍ତାନକୁ ରକ୍ତାପ୍ଲୁତ ଦେଖି ତା ନିକଟକୁ ଦୌଡ଼ିଯାଇ ପାର୍ବତୀ ତାକୁ କୋଳକୁ ଟେକି ନେଲେ। ପର୍ଶୁରାମ ଶିବଙ୍କ ପାଦତଳେ ପଡ଼ିଗଲେ। ସୁବ୍ରମଣ୍ୟ ପିତାମାତାଙ୍କୁ ସମସ୍ତ ଘଟଣା ଜଣାଇଲେ।

ମହାଶକ୍ତି ରୂପିଣୀ ଦେବୀ
ବାମ ହସ୍ତ ଦ୍ରୁତ ସଞ୍ଚାଳନେ

ଆଲୁଳାୟିତ କୁନ୍ତଳ ସଜାଡ଼ି ବୋଇଲେ
'ମିଳିଲାତ ଉପଯୁକ୍ତ ଦକ୍ଷିଣା
ତୁମର ସେ ଯୋଗ୍ୟଶିଷ୍ୟା ହସ୍ତୁ ?
ଅଛି ଯଦି ଆଉ କିଛି ଦେବ ଅସ୍ତ୍ର
ତୋଳିଦିଅ ତାର ହସ୍ତେ
ତୁମ ଆଶୀର୍ବାଦ ସାଥେ ।
ମରଣ କୋଳରେ ଯଦି ତୁମ ଶିଶୁ
ଦୁଃଖ କିମ୍ବାଇ
ରହିଛି ତ ତୁମ ସେହି ଶିଷ୍ୟ ।
ଇଏତ ତୁମର କଥା
'ରାମ ହେଲେ ଅପୂର୍ବ ମହାନ୍
ଯୋଗ୍ୟଲୋକ ଏକା ପାଇପାରେ ଶିକ୍ଷାର ଆଲୋକ ।'

ତାଙ୍କ ତିକ୍ତତା ଏପରିଭାବେ ପ୍ରକଟ ହେଲାବେଳେ ଜଗଦୀଶ୍ୱର ଶିବ କ'ଣ କହିବେ କିଛି ଭାବିପାରିଲେ ନାହିଁ । ହଠାତ୍ ସେହି ଅସ୍ୱାଭାବିକ ପରିସ୍ଥିତି ମଧ୍ୟରେ ସ୍ୱର୍ଗୀୟ ବଂଶୀସ୍ୱନ ଶ୍ରୁତିଗୋଚର ହେଲା । ସେହି ଅତୁଳନୀୟ ମଧୁର ସଙ୍ଗୀତ ସହିତ ସଙ୍ଗୀତକାର ରାଧା ଓ କୃଷ୍ଣ ସେଠାରେ ଉପସ୍ଥିତ ହେଲେ । ସେମାନଙ୍କ ଔଜ୍ଜ୍ୱଲ୍ୟ ନିକଟରେ ଜ୍ୟୋତିର୍ମୟ ଶିବଙ୍କ ତେଜ ଦିବସର ଆଲୋକରେ ପ୍ରଦୀପର କ୍ଷୀଣାଲୋକପରି ମ୍ଲାନ ଦେଖାଗଲା । ଜ୍ୱଳନ୍ତ ଭାଷାରେ କବି ସେହି ସୌନ୍ଦର୍ଯ୍ୟର ଛବି ଅଙ୍କନ କରିବାକୁ ପ୍ରୟାସ କରିଛନ୍ତି-

ସେ ସୁଦର୍ଶନ, କଳାମେଘ ପରି ତାର ବର୍ଣ୍ଣ
ଲୀଳାମୟ ସେ, ବିଦ୍ୟୁତ୍ ଔଜ୍ଜ୍ୱଲ୍ୟ ତାର ଭୂଷଣ ।
କୋମଳ ପାଖୁଡ଼ା ହସ୍ତ ବଂଶୀହାତେ ସମୁଜ୍ଜ୍ୱଳ
ମନୋରମ କେଶ ମୟୂର ପୁଚ୍ଛେ ଶୋଭିତ ।
ଯେଉଁ ଯୁବତୀର ହାତଧରି ଆସିଛନ୍ତି
ସେ ସଦ୍ୟଫୁଟା ଚମ୍ପକ, ସୁଦୂର ପ୍ରସାରୀ ତାର ସୌରଭ ।
ପ୍ରଭାତ ସୂର୍ଯ୍ୟୋଦୟ ସଦ୍ୟଫୁଟା ପଦ୍ମପରି ତା ମୁଖମଣ୍ଡଳ
ମୁକ୍ତାପରି ରେଶମୀ ଆବରଣେ ଆଲୋକୋଟପଳ ।

ଏହି କାନ୍ତରୂପ ଦମ୍ପତିଙ୍କୁ କୈଳାସ ବାସୀ ଆନ୍ତରିକ ସ୍ୱାଗତ ଜଣାଇଲେ । ପ୍ରତ୍ୟେକ ଅଭ୍ୟାଗତଙ୍କ ପାଦତଳେ ପ୍ରଣାମ କଲେ । ପାର୍ବତୀଙ୍କ କ୍ରୋଧ ପାଇଁ ବା ଗଣପତିସଙ୍ଗେ ତାଙ୍କ ବନ୍ଧୁତାର ବିଚ୍ଛେଦ ହେବାର ମନୋବେଦନାରେ ପର୍ଶୁରାମ ମ୍ଲାନ ଦେଖାଯାଉଥିଲେ । ରାଧା ଓ କୃଷ୍ଣ ତାଙ୍କଆଡ଼େ କରୁଣା ଦୃଷ୍ଟିରେ ଚାହିଁଲେ । ରାଧା ଗଣପତିଙ୍କ ନିକଟକୁ ଯାଇ ମାଆପରି ସ୍ନେହରେ

ତାଙ୍କୁ କୋଳକୁ ଚୋଳିନେଲେ ଏବଂ ତାର କ୍ଷତବିକ୍ଷତ ଗାଲରେ ହାତବୁଲାଇ ଦେଲେ। ପୂଣ୍ୟମୟୀ ରାଧାଙ୍କ ହସ୍ତର ସ୍ୱର୍ଗୀୟ ଅମୃତ ସ୍ପର୍ଶରେ ସଙ୍ଗେ ସଙ୍ଗେ ସବୁବ୍ୟଥା ଦୂର ହୋଇଗଲା। କୃଷ୍ଣଙ୍କ ବଂଶୀଧ୍ୱନି ଅପେକ୍ଷା ଅଧିକ ମଧୁର ସ୍ୱରରେ ରାଧା ପାର୍ବତୀଙ୍କୁ କହିଲେ-

ପିଲାମାନେ ଯେତେବେଳେ ପରସ୍ପରେ କଳହ କରନ୍ତି
ମାଆକୁ କି ସାଜେ ଏତେ କ୍ରୁଧ ହେବା ?
ଶୁଣ ବରନାରୀ
ରାମ ଯେତେବେଳେ ଶିଷ୍ୟ ତୁମରି ସ୍ୱାମୀର
ଏ ତିନିହେଁ ତୁମରି ସନ୍ତାନ।
ଜନମ ମହାନ୍ ଯେଉଁ ମାନବର
ସନ୍ତାନଠୁ ବଳି ସ୍ନେହ କର ତାକୁ
ଅନ୍ତର ଦେଇ।
ଯେଉଁ ପୁତ୍ର ତୁମର ହୋଇଛି ଆଜି
ସେ ତ ଦେଇନି ତୁମକୁ ଗର୍ଭଧାରଣର କଷ୍ଟ
ଏବଂ ପ୍ରସବ ବେଦନା।

ରାମପ୍ରତି ପାର୍ବତୀଙ୍କର ଅନୁକମ୍ପା ନିମ୍ନଭାବେ ଜାଗ୍ରତ ହୋଇଛି-

ପତି ଯେତେବେଳେ ତାଙ୍କ ଆଡ଼େ
ସ୍ମିତ ଆଉ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଚାହିଁଲେ
ସେତେବେଳେ ଚନ୍ଦ୍ରମୁଖୀ ରୁଦ୍ରାଣୀ
ମୁଖ ଅବନତ କଲେ ଲଜ୍ଜାରେ।
ଦୁଇ ହସ୍ତେ ତୋଳିନେଲେ ତାକୁ
ସସ୍ନେହରେ ପଦ ପ୍ରାନ୍ତୁ।
ସେ ପବିତ୍ର ନିର୍ଭୀକ ଯୋଦ୍ଧାଶ୍ରେଷ୍ଠ
ଶିଶୁଭଳି ବିରାଜିଲେ
ବିଜୟିନୀ ମାତାର କୋଳରେ।

କବି ଦେବତାକୁ ମଣିଷ କରି ଦେଇଛନ୍ତି। ସାଂସ୍କୃତିକ ଦ୍ୱନ୍ଦ୍ୱ ଓ କଳହ ମଧରେ ସେମାନଙ୍କୁ ଜଡ଼ିତ କରାଇଛନ୍ତି ଅଥଚ ଦେବତାଙ୍କ ମହତ୍ତ୍ୱ ଓ ଗୌରବକୁ ଅକ୍ଷୁଣ୍ଣ ରଖିଛନ୍ତି। ଘଟଣାର ବର୍ଣ୍ଣନାରେ ପ୍ରାୟ ସେ ସବୁ ଜଗତର କଥା କହିଛନ୍ତି। ସେ ଜଗତ୍‌ପତି ଜଗନ୍ମାତା ଈଶ୍ୱର ପାର୍ବତୀ ଓ ଅଷ୍ଟମୂର୍ତ୍ତୀ ଏବଂ ମହାଦେବୀଙ୍କ ମୁଖରେ ଯେଉଁସବୁ ଭାଷା ଦେଇଛନ୍ତି, ରାଧାକୃଷ୍ଣଙ୍କ ସ୍ୱର୍ଗୀୟ ସୌନ୍ଦର୍ଯ୍ୟର ବର୍ଣ୍ଣନା ଏବଂ କାବ୍ୟର ଉନ୍ନତ ରଚନା- କୌଶଳ ପାଇଁ ତାହା ଏକାନ୍ତ ପ୍ରୟୋଜନୀୟ ହୋଇପଡ଼ିଛି। ଲୋକ କଥା ଏବଂ ପୌରାଣିକ କାହାଣୀରେ ଦେବଦେବୀଗଣ

ପ୍ରାୟ ମନୁଷ୍ୟଙ୍କ ଭଳି ଆଚରଣ କରିଛନ୍ତି ଏବଂ ହିନ୍ଦୁମାନେ ତାଙ୍କର ଏହି ସାଂସାରିକ ଓ ପାରିବାରିକ ଜୀବନ ଦେଖି ତିଳେମାତ୍ର ବିଚଳିତ ହୋଇନାହାନ୍ତି। କବି ହିନ୍ଦୁଙ୍କର ଏହି ମନସ୍ତତ୍ତ୍ୱକୁ ନୈପୁଣ୍ୟର ସହ ସଦ୍‌ବ୍ୟବହାର କରିଛନ୍ତି। କାବ୍ୟର ପ୍ରତିଟି ଛନ୍ଦ ନିଖୁଣଭାବେ ରଚିତ ହୋଇଥିବାରୁ କାବ୍ୟଟିର ଶୈଳ୍ପିକ ଦୃଷ୍ଟିକୋଣ ଅନବଦ୍ୟ ହୋଇଉଠିଛି। ନିର୍ଭୀକ ରାମ, ସଦାନନ୍ଦ ଗଣପତି ବିଜ୍ଞ ସବ୍ରମଣ୍ୟ, କ୍ରୋଧଦୀପ୍ତ ପାର୍ବତୀ, ତାଙ୍କର ହତବୁଦ୍ଧି ସ୍ୱାମୀ ଏବଂ ମଧୁର ଓ ହୃଦୟଖୋଲା ସ୍ୱଭାବର ଶାନ୍ତି ରକ୍ଷାକାରୀ ଏବଂ ସୁନ୍ଦର ସୁନ୍ଦର ଦୃଶ୍ୟାବଳୀ- ଅଳକା ପଥରେ ରାମଙ୍କ ଗମନ, ଶିବଙ୍କ ସନ୍ତାନ ସହିତ ତାଙ୍କର ତର୍କବିତର୍କ, ମରାମରି ଏବଂ ତାଙ୍କୁ ଗଣପତିଙ୍କ ଶୁଣ୍ଢରେ ଘୂର୍ଣ୍ଣନ, ଶୁଣ୍ଢଚ୍ଛେଦ, ଶିବଙ୍କ ଅନୁଚରଗଣଙ୍କ ପ୍ରତିକ୍ରିୟା, ପାର୍ବତୀଙ୍କ ତୀବ୍ର କ୍ରୋଧ, ଶିବଙ୍କ କିଂକର୍ତ୍ତବ୍ୟ ବିମୂଢ଼ତା, ରାଧାକୃଷ୍ଣଙ୍କ ଆଗମନ ଏବଂ କ୍ରୋଧାବସାନେ ଶିବଙ୍କର ସ୍ମିତ ହାସ୍ୟ ପ୍ରଭୃତି ଚରିତ୍ର ଓ ଦୃଶ୍ୟାବଳୀର ସମନ୍ୱୟରେ ଏହା ଏକ ରମଣୀୟ ନାଟିକା ହୋଇଉଠିଛି।

'ଅନିରୁଦ୍ଧ' ଓ 'ଶିଷ୍ୟାନୁମ୍ ମାକାନୁମ୍'- କାବ୍ୟ ଦୁଇଟିର ମୂଳରେ ନାଟକୀୟ ଗୁଣ ବିଦ୍ୟମାନ। ସେଗୁଡ଼ିକ ସହଜରେ ନାଟକୀୟ ରୂପ ଦିଆଯାଇପାରେ। ଶବ୍ଦ ଉଚ୍ଚାରଣ, ସ୍ପଷ୍ଟ ମୁଖଭଙ୍ଗୀ, ବଳିଷ୍ଠ ଅଙ୍ଗଭଙ୍ଗୀ, ବିଷୟବସ୍ତୁ ଉପଯୋଗୀ ହୋଇଥିବାରୁ କାବ୍ୟ ଦୁଇଟିର ଚରିତ୍ର ସମୂହ ଜୀବନ୍ତ ହୋଇଉଠିଛନ୍ତି। କାବ୍ୟ ଦୁଇଟିରେ ନିଚ୍ଛକ ରଚନାଶୈଳୀର ସୌନ୍ଦର୍ଯ୍ୟ ବ୍ୟତୀତ ଅନ୍ୟ ଏକ ମୌଳିକ ଶକ୍ତି ରହିଛି। ସତର୍କଭାବେ ଘଟଣାବଳୀକୁ ବାଛିବିଚାରି ବିଷୟବସ୍ତୁକୁ ଉପସ୍ଥାପନା କରିବାରୁ ତାହା ସମ୍ଭବ ହୋଇଛି।

ଭାଲ୍ଲାଥୋଲ ତାଙ୍କର କେତେଜଣ ଖ୍ରୀଷ୍ଟିୟାନ ବନ୍ଧୁଙ୍କ ଅନୁରୋଧକ୍ରମେ ବାଇବେଲର କାହାଣୀକୁ ତାଙ୍କ ବର୍ଣ୍ଣନାତ୍ମକ କବିତାର ବିଷୟବସ୍ତୁଭାବେ ଗ୍ରହଣ କରିଛନ୍ତି। ଏହି ଗଳ୍ପଟି ମେରୀ ମ୍ୟାଗଡ଼େଲେନ୍। ସେଣ୍ଟ ଲ୍ୟୁକ୍‌ଙ୍କ ଲିଖିତ ସୁସମାଚାରର ସପ୍ତମ ପରିଚ୍ଛେଦରେ ଏହା ବର୍ଣ୍ଣିତ ଅଛି। ଭାଲ୍ଲାଥୋଲଙ୍କ 'ମ୍ୟାଗଡେଲେନା ମ୍ୟାରିୟମ' ୧୯୨୧ ମସିହାରେ ପ୍ରକାଶିତ ହୋଇଅଛି। ତାଙ୍କର ବର୍ଣ୍ଣନାତ୍ମକ କବିତାଗୁଡ଼ିକ ମଧ୍ୟରେ ଏହା ସର୍ବଶ୍ରେଷ୍ଠ କାବ୍ୟ ହିସାବରେ ବିବେଚିତ ହୁଏ ଏବଂ ସବୁଠାରୁ ଜନପ୍ରିୟ ମଧ୍ୟ। 'ଅନିରୁଦ୍ଧନ୍' ଓ 'ଶିଷ୍ୟାନୁମ୍ ମାକାନୁମ୍' କାବ୍ୟପରି ଏହା ନୁହେଁ। ଦ୍ରାବିଡ଼ଛନ୍ଦ ଓ ପ୍ରଚଳିତ ମାକନ୍ଦମଞ୍ଜରୀ ନାମକ ଗୀତିକାବ୍ୟର ଛନ୍ଦରେ ଏହା ରଚିତ। 'ସାହିତ୍ୟ ମଞ୍ଜରୀ' କାବ୍ୟରେ ସେ ଅତ୍ୟନ୍ତ ସଫଳତାର ସହିତ ଏହି ଛନ୍ଦରେ କେତେଗୁଡ଼ିଏ କବିତା ରଚନା କରିଛନ୍ତି। କାବ୍ୟଟି ପାଞ୍ଚଭାଗରେ ବିଭକ୍ତ। ପ୍ରଥମ ଅଂଶରେ ସାଇମନ୍ ଗୃହରେ ଖ୍ରୀଷ୍ଟ। ଦ୍ୱିତୀୟ ଅଂଶରେ ମ୍ୟାରିୟମ୍‌ର ଖ୍ରୀଷ୍ଟଙ୍କ ନିକଟକୁ ଗମନ, ତୃତୀୟ ଅଂଶରେ ତାର ଅତୀତ ଜୀବନ। ଚତୁର୍ଥ ଅଂଶରେ ଖ୍ରୀଷ୍ଟଙ୍କ ବାଣୀ ଶ୍ରବଣ ପରେ ତାର କଥାବାର୍ତ୍ତାର ବିଶ୍ଳେଷଣ ଏବଂ ସର୍ବଶେଷରେ ଖ୍ରୀଷ୍ଟସଙ୍ଗେ ତାର ମିଳନର ବର୍ଣ୍ଣନା ମଧ୍ୟରେ କାବ୍ୟର ଚରମ ବିନ୍ଦୁରେ ଉତ୍ତରଣ।

ସମଗ୍ର କବିତାଟି ପାଞ୍ଚ ଭାଗରେ ବିଭକ୍ତ। ସ୍ପଷ୍ଟ ଗତିଶୀଳ ଏବଂ ସୁଗଭୀର ବର୍ଣ୍ଣନାରେ ଅତୁଳନୀୟ। ରୂପକର ସଠିକ୍ ପ୍ରୟୋଗ ଓ ବାକ୍ୟ ବିନ୍ୟାସର ଅପୂର୍ବ ସୌନ୍ଦର୍ଯ୍ୟ ଏବଂ

ଧୀର ଅଥଚ ଗୁରୁଗମ୍ଭୀର ଗତିଶୀଳତା ପ୍ରମାଣକରେ ଯେ ଭାଲ୍ଲାଥୋଲ କାବ୍ୟ ରଚନାରେ କେତେ ଯତ୍ନଶୀଳ ଥିଲେ।

ପ୍ରଥମ ଦୃଶ୍ୟରେ ଯୀଶୁଖ୍ରୀଷ୍ଟ ସାଇମନ ଘରକୁ ଆସିଛନ୍ତି। ଧନୀ ବ୍ୟକ୍ତିଟି ଯଦିଓ ତାଙ୍କୁ ନିମନ୍ତ୍ରଣ କରିଥିଲା ତଥାପି ତାଙ୍କୁ ସେ ସାଦର ଅଭ୍ୟର୍ଥନା ଜଣାଇ ନାହିଁ। ସେ ଯୀଶୁଖ୍ରୀଷ୍ଟଙ୍କ ସାମ୍ନାରେ ଜାନୁମାଡ଼ି ବସି ନାହିଁ। ପାଦ ଧୋଇବାକୁ ଜଳଦେଇ ନାହିଁ କିମ୍ବା ତାଙ୍କ ହସ୍ତ ଚୁମ୍ବନ କରି ନାହିଁ।

ଯେଉଁ ହାତ ଦିଏ ଜଗତକୁ ଐଶ୍ୱର୍ଯ୍ୟ
ଅକିଞ୍ଚିତ୍କର ଧନର ବୃଥା ଗର୍ବେ ଉଦ୍ଧତ
ମସ୍ତକ କି ନତ ହେବ
ସେ ହସ୍ତକୁ ଚୁମିବା ନିମନ୍ତେ

ଶ୍ରୀକୃଷ୍ଣ ଯେପରି ସଖାଙ୍କ ଗହଣରେ ବୃନ୍ଦାବନରେ ଚମ୍ପା, ଯୂଇ ଏବଂ ଅଶୋକ ଫୁଲ ବ୍ୟତୀତ ଭୂମି ଉପରେ ଉପବେଶନ କରୁ ନ ଥିଲେ ଠିକ୍ ସେହିପରି ଯୀଶୁଖ୍ରୀଷ୍ଟ ତାଙ୍କ ଶିଷ୍ୟମାନଙ୍କୁ ନେଇ ରଙ୍ଗ ବେରଙ୍ଗର ଅପୂର୍ବ ରେଶମୀ ଗାଲିଚା ଉପରେ ବସିଥିଲେ। ସାଇମନ୍‌ର ଭୃତ୍ୟମାନେ ହସ୍ତରେ ରେକାବୀ ଧରି ଜଳ ପରିବେଷଣ କରୁଥିଲେ ଏବଂ ସେହି ଜଳ ତାଙ୍କ ହସ୍ତର ସ୍ପର୍ଶରେ ସୁରାରେ ରୂପାନ୍ତରିତ ହେଲା। ପକ୍ଷୀଗଣ ତାଙ୍କର ଗୁଣକୀର୍ତ୍ତନ କଲେ ଏବଂ ସୁଗନ୍ଧ ସମୀର ତାଙ୍କ ଉପରେ ମନ୍ଦମନ୍ଦ ପ୍ରବାହିତ ହେଲା। ତାଙ୍କର ଘନକୃଷ୍ଣ କେଶ ଏବଂ ଶ୍ମଶ୍ରୁ ଅଥବା କବିଙ୍କ ଭାଷାରେ ତାଙ୍କର କମଳ ମୁଖମଣ୍ଡଳ ମହୁମାଛି ପରିବୃତ ହୋଇ ଈଷତ୍ ଆନ୍ଦୋଳିତ ହେଲା ଏବଂ କାଳିନ୍ଦୀ ଜଳରେ କୃଷ୍ଣକାୟ ତରଙ୍ଗପରି ପ୍ରତୀୟମାନ ହେଲା। ଯୀଶୁଖ୍ରୀଷ୍ଟଙ୍କ ଅଲୌକିକ ଘଟଣାର ଉଲ୍ଲେଖ ଏବଂ ମହେଶ୍ୱର ପରି ତାଙ୍କ ଗୁଣାବଳୀର ପ୍ରଶଂସା କେତେକାଂଶରେ ପାରମ୍ପରିକ 'ଧୀର ଲଳିତ ନାୟକ' ପରି। ସୁନ୍ଦର ରଜନୀ ଓ ସାଇମନର ରମଣୀୟ ବୈଠକଖାନା ପ୍ରେମଦୃଶ୍ୟ ବର୍ଣ୍ଣନାପାଇଁ ଉପଯୋଗୀ କରି ଉପସ୍ଥାପନା କରାଯାଇଛି। କବି ସୂକ୍ଷ୍ମଭାବେ ଖ୍ରୀଷ୍ଟଙ୍କର ନାୟକ ଓ ରକ୍ଷାକର୍ତ୍ତା ଭୂମିକା ମଧ୍ୟରେ ସମତା ବଜାୟ ରଖିଛନ୍ତି। ପରବର୍ତ୍ତୀ ଦୃଶ୍ୟରେ ନାୟିକା ସହିତ ପରିଚୟ କରାଇଛନ୍ତି-

ହେ ନକ୍ଷତ୍ରମାଳା !
ଏତେ ଶାନ୍ତଭାବେ କାହିଁକି ବା ନତଦୃଷ୍ଟି ତୁମ ?
ତୁମର ଆପଣା ଜନକି
ପଡ଼ିଅଛି ଏହି ପୃଥିବୀରେ ?
ଠିକ୍ ସେହିପରି
ଏହିଠାରେ ଚାଲୁଅଛି ଏକ ରୂପମୟୀ
ନକ୍ଷତ୍ରପରି

ଅଥବା ଅନ୍ୟକେଉଁ କ୍ଷୀଣ ଚନ୍ଦ୍ରାଲୋକେ
ଫୁଟନ୍ତା ଯୁଇର ଶ୍ୱେତଶୁଭ୍ର ରୂପଧରି ।

ତା'ର ସୌନ୍ଦର୍ଯ୍ୟର ବର୍ଣ୍ଣନା ତା ଦୈହିକ ରୂପର ନିଖୁଣ ବର୍ଣ୍ଣନା ମାଧ୍ୟମରେ ଉପସ୍ଥାପିତ କରିଛନ୍ତି । ତାର ଦୈହିକ ଭଙ୍ଗୀଗୁଡ଼ିକ ଦିଗରେ କବି ଦୃଷ୍ଟି ଆକର୍ଷଣ କରିଛନ୍ତି । ସେ ନିଶ୍ଚୟ ଅଭିସାର ଉଦ୍ଦେଶ୍ୟରେ ପ୍ରେମିକ ନିକଟକୁ ଯାତ୍ରା କରୁଅଛି । କିନ୍ତୁ ସେ ନିର୍ଭୀକ । ତା ମୁହଁରେ ଭୟର କୌଣସି ରେଖା ଫୁଟିଉଠି ନାହିଁ । ତାର କୌଣସି ଭୟ ନାହିଁ କାରଣ ସେ ଯେ ଚାଲିଛି ତାର ପ୍ରେମାସ୍ପଦ ସହିତ ମିଳିତ ହେବାପାଇଁ ଯାହାର ପ୍ରତିଟି ଆତ୍ମାସଙ୍ଗେ ତାର ମିଳନ ଘଟିବ । ମ୍ୟାରିୟମ ସାଇମନ୍ ଘରର ଖୋଲାଦରଜା ନିକଟରେ ପହଞ୍ଚିଲାପରେ ତାର ମନେହେଲା ସତେଯେମିତି ତାହାପାଇଁ ସ୍ୱର୍ଗର ଦ୍ୱାର ଉନ୍ମୁକ୍ତ । ସମୁଦ୍ର ନିକଟରେ ନଦୀର ଗତି ଯେପରି ଧୀର ହୋଇଆସେ ଠିକ୍ ସେହିପରି ତାର ଦ୍ରୁତ ପଦକ୍ଷେପ ମନ୍ଥର ହୋଇଆସିଲା । ତାପରେ ସେ ଆଉଥରେ ଦ୍ରୁତ ପଦକ୍ଷେପରେ ଆଗେଇଯାଇ ଦ୍ୱାର ନିକଟରେ ସ୍ଥିରହୋଇ ଠିଆହେଲା-

ଆଗେ ବରନାରୀ
ଦ୍ୱିଧାଭରେ ଠିଆ ହୁଅ ନାହିଁ ଧୀରେ
ଭିତରକୁ ଯିବାପାଇଁ ଯୋଗ୍ୟା ତୁମେ
ନିଶ୍ଚିନ୍ତରେ ହୁଅ ଅଗ୍ରସର ।
କଚା ରାସ୍ତାପରେ ଯେ କାଦୁଅ
ଲାଗିଥିଲା ତୁମ ପାଦେ
ଧୋଇହୋଇ ଯାଇଛି ସେ
ତୁମ ଆଖିର ଲୁହରେ ।

କବିତାର ପରବର୍ତ୍ତୀ ଅଂଶଟି ଦୃଷ୍ଟିମେଲିଛି ତାର ସେହି କଚା ରାସ୍ତା ଦିଗକୁ । ସେ ଜନ୍ମ ନେଇଥିଲା ଏକ କ୍ଷୁଦ୍ର କୁଟୀରରେ, ଦାରିଦ୍ର୍ୟ ମଧ୍ୟରେ । କିନ୍ତୁ ସେ ଅପରୂପ ସୌନ୍ଦର୍ଯ୍ୟର ଅଧିକାରିଣୀ । ରୁକ୍ଷ ପଥର ବୁକୁରେ କିପରି କୋମଳ ଗୋଲାପ ବିକଶିତ ହୁଏ, ତାହା କେହି ବୁଝିପାରେ ନାହିଁ । ଯେତେବେଳେ ତାର ସୌନ୍ଦର୍ଯ୍ୟ ଯୌବନରେ କଣେ କଣେ ଭରିଉଠିଲା ସେତେବେଳେ ତାର ଚତୁର୍ଦ୍ଦିଗରେ ସ୍ତାବକ ଦଳର ଭିଡ଼ ଜମିଲା । ସେମାନଙ୍କର କାମନା ତାକୁ ଠେଲିଦେଲା ଅସତ୍ ପଥକୁ । ପ୍ରଥମେ ତାର ବିବେକ ସେହି ଲମ୍ପଟ କାମୁକ ସାଙ୍ଗସାଥୀ ମାନଙ୍କ ବିରୁଦ୍ଧରେ ପ୍ରତିବାଦକଲା । କିନ୍ତୁ ତାର ସେହି କଣ୍ଠସ୍ୱର ଚାପାପଡ଼ିଗଲା ତାର ସୌନ୍ଦର୍ଯ୍ୟ ପ୍ରଶସ୍ତିର ହୋହଲ୍ଲା ମଧ୍ୟରେ-

ଯାହାର ଏପରିକି ଏକ ମୁଠା ଅନ୍ନ ନାହିଁ
କ୍ଷୁଧା ନିବାରଣ ପାଇଁ

ସେ ରାଜକୀୟ ଛାତ୍ର ଧାରଣ କରେ, ରାଣୀସାଜେ।
ହେ ସୌନ୍ଦର୍ଯ୍ୟ। ଯେତେବେଳେ ନାରୀକୁ ସଜାଅ ତୁମେ
କି ଗୌରବମୟ ସେ, ଯାହା ତୁମେ ପାରିନାହିଁ ଜିତି।

ଏହା କିପରି ଘଟେ ଯେ ପାପପଙ୍କରେ ବୁଡ଼ିଥିବା ନାରୀ ଶୁଭଚିନ୍ତାରେ ଉନ୍ମତ୍ତ ହୋଇଉଠେ, ପବନ ଯେପରି ସୁଧା ବିନ୍ଦୁକୁ ବହିଆଣେ ଠିକ୍ ସେହିପରି ଖ୍ରୀଷ୍ଟଙ୍କ ବାଣୀ ଦୂରରୁ ତାର ଶ୍ରୁତିଗୋଚର ହୋଇଛି। ସତେଯେପରି ସେ ବୃନ୍ଦାବନର ଭ୍ରମରୀ। କୃଷ୍ଣଙ୍କ ବଂଶୀଧ୍ୱନି ଶୁଣି ମନ୍ତ୍ରମୁଗ୍ଧା। ମହାନ୍ ପ୍ରଭୁର ଶିକ୍ଷା ତାର ମନକୁ ଆଲୋଡ଼ିତ କରେ ଏବଂ ତାକୁ ବାଧକରେ ନିଜ ଜୀବନପ୍ରତି ଦୃଷ୍ଟିପାତ କରିବାକୁ। 'ସତୀ' ଏଇ କଥାଟି ତା ଜୀବନରେ କେତେବେଳେ କେଉଁଠି ନ ଥିଲା ଏବଂ ସେହି ନୂତନ ଭୟରେ ସେ କମ୍ପିବାକୁ ଲାଗିଲା। ତା ପରଠାରୁ ତାର ପରିଚିତ ପରିବେଶ ତା ନିକଟରେ ରୀତିମତ ଭୀତିମୟ ହୋଇଉଠିଲା। ତାର ବାସସ୍ଥାନ ନରକପରି, ତାର ବିଳାସମୟଶଯ୍ୟା ମରଣଶଯ୍ୟା ପରି ଏବଂ ତାର ଦାସଦାସୀ ଭୟଙ୍କର ପ୍ରତୀୟମାନ ହେଲେ, ତାମନରେ ବିଶାଳ ମରୁଭୂମିର ଶୁଷ୍କତା ଜନ୍ମିଲା ଏବଂ ଦୁଃସ୍ୱପ୍ନ ତାକୁ ଘେରିଗଲା। ତାର ମନେହେଲା, ଯେଉଁ ରାଜକୀୟ ବିଳାବ୍ୟସନରେ ପରିପୂର୍ଣ୍ଣ ସୁବର୍ଣ୍ଣ ଜାହାଜରେ ସେ ବସିଛି ସେହି ଜାହାଜକୁ ଶଇତାନ ବାହି ନେଉଛି ଏବଂ ଅଗ୍ନିସାଗରର ମଝିକୁ ଠେଲି ଦେଉଛି। ଭୟ ଓ ଭାବନାରେ ଅସହାୟ ତଥା ନିଃସଙ୍ଗ ବୋଧକରି ଶୋକରେ ସେ ଭାଙ୍ଗି ପଡ଼ିଲା -

କାନ୍ଦ କାନ୍ଦ ଆଗୋ ଭ୍ରମର ନୟନୀ
କାନ୍ଦେ ଯିଏ
ଈଶ୍ୱର ଦିଅନ୍ତି ମୁକତି ତାହାକୁ

ଖ୍ରୀଷ୍ଟଙ୍କ ମୁକ୍ତିରବାଣୀ ତା ନିକଟରେ ପହଞ୍ଚିଲା। ସେ ତାର ଅସଦୁପାୟେ ଅର୍ଜିତ ସମ୍ପଦ ଗରିବମାନଙ୍କୁ ବାଣ୍ଟିଦେଇ ଭଜନ ପୂଜନରେ ଦିନ କାଟିଲା।

କବିତାର ଶେଷଅଂଶ ତା ସହିତ ଖ୍ରୀଷ୍ଟଙ୍କର ମିଳନ ଦୃଶ୍ୟ। ଖ୍ରୀଷ୍ଟଙ୍କ ସାମ୍ନାରେ ଉପସ୍ଥିତ ହୋଇ ସେ ତାଙ୍କ ପାଦତଳେ ପଡ଼ିଗଲା। ତାର ପ୍ରେମ ବର୍ତ୍ତମାନ ସମ୍ପୂର୍ଣ୍ଣରୂପେ ଭଗବତ୍‌ପ୍ରେମ ଏବଂ ତାହା ଅଶ୍ରୁରୂପେ ଉତ୍ସାରିତ ଅଶ୍ରୁରେ ସେ ଧୋଇଦେଲା ଖ୍ରୀଷ୍ଟଙ୍କର ପଦ ଯୁଗଳ। ରେଶମୀ ଚିକ୍କଣ କେଶ ରାଶିରେ ପୋଛିଦେଇ ତାର ପରିଶୁଦ୍ଧ ଓଷ୍ଠରେ ସେହି ପଦ ଯୁଗଳକୁ ଚୁମ୍ବନ କଲା-

ହେ ରମଣୀ, ଆଜି ତୁମ ଓଷ୍ଠ ପରିଶୁଦ୍ଧ
ଯଥାସ୍ଥାନେ ସେ ଆଙ୍କିଛି ଚୁମ୍ବନର ରେଖା।

ଏହାପରେ ସେ ଆଣିଥିବା ବିରଳ ଅତର ତାଙ୍କରି ମସ୍ତକରେ ଢାଳିଦେଇଛି, ଯାହାର କରୁଣାରେ ପୁଷ୍ପରାଜି ସୁବାସିତ ହୁଏ। ସେ ତାକୁ କହିଛି-

ପ୍ରଭୁ, ତୁମର ଆଦେଶ ନ ମାନି
କରିଅଛି ଅନ୍ୟାୟ ବହୁତ,
ଜଗତର ଶାସନାଧିପତି, କ୍ଷମାମୋର ପାପ,
ଚରଣରେ... ସ୍ଥାନଦିଅ... ଦାସୀକୁ ତୁମର।
ଯଦିଓ କରିଛି ଅନୁଚିତ କାର୍ଯ୍ୟ
କର ନାହିଁ ପରିତ୍ୟାଗ ମୋତେ,
ହେ ପ୍ରଭୁ।
ମୁଁ ତ ତୁମରି ହାତରେ ସୃଷ୍ଟି
ଯିଏପାରେ ଅଗ୍ନିକୁ ନିର୍ବାପିତ କରି,

ମଥା ଉପରେ ରହିଥିବା ଅନ୍ଧକାରକୁ ସୂର୍ଯ୍ୟର ପ୍ରଥମ କିରଣ ସ୍ପର୍ଶକଲାପରେ ତାଙ୍କର କରୁଣା ବର୍ଦ୍ଧିତ ହେଲା ଏବଂ ସେ କହିଲେ-

ହେ ବତ୍ସ ! ଦୁଃଖରୁ ମୁକ୍ତହୁଅ, ଫେରିଯାଅ,
ତୁମକୁ କରିଛି ରକ୍ଷା ତୁ ଅନ୍ତର ବିଶ୍ୱାସ।
ପାପାପଙ୍କୁ ତରିଅଛ ତୁମେ
ଏହି ଅନୁତାପ ପ୍ରାୟଶ୍ଚିତ ଦ୍ୱାରା।

କବିତାଟିରେ କେବଳ ସାଇମନ ମ୍ୟାରିୟମ ଓ ଖ୍ରୀଷ୍ଟ ଏହି ତିନୋଟି ଚରିତ୍ର ରହିଛି। ସାଇମନ୍ ପଦୁଟିଏ ହେଲେ କଥା କହିନାହିଁ। ଖ୍ରୀଷ୍ଟଙ୍କୁ ତାର ନିରୁତ୍ସାହ ସ୍ୱାଗତ ଜଣାଇବାର ଦେଖି ପ୍ରଶ୍ନଉଠେ ·ଯେ ସେ କ'ଣ ତାଙ୍କୁ କେବଳ କୌତୁହଳବଶତଃ ନିମନ୍ତ୍ରଣ କରିଥିଲା ଅବା ଅତିଥି ନିକଟରେ ତାର ଗୁରୁତ୍ୱ ପ୍ରତିପାଦନ କରିବାପାଇଁ ଚେଷ୍ଟା କରିଥିଲା। ମ୍ୟାରିୟମକୁ ତାର ଗୃହରେ ପ୍ରବେଶ କରିବାକୁ ସମ୍ମତି ପ୍ରଦାନ ନ କରିବା ଅର୍ଥ ସେ ଏଇ ପୃଥିବୀର ଏକ ଭଣ୍ଡ ଓ ନିଷ୍ଠୁର ପ୍ରକୃତିର ମଣିଷ। ଅତ୍ୟଧିକ ନାଟକୀୟ ମିତବ୍ୟୟିତା ସହିତ ଭାଲ୍ଲାଥୋଲ ସାଇମନ୍ ଚରିତ୍ରଟିକୁ ରୂପାୟିତ କରିଅଛନ୍ତି। ଖ୍ରୀଷ୍ଟ ଏକଧାରାରେ ମଣିଷ ଓ ଭଗବାନ। ମଣିଷ ନିକଟରେ ସେ ମଣିଷ ଏବଂ ଐଶ୍ୱରିକ କ୍ଷମତାରେ ସେ ଭଗବାନ, ସେଥିପାଇଁ ସେ ପାପୀକୁ ପାପମୁକ୍ତ କରିଛନ୍ତି। ସେ ସ୍ୱର୍ଗୀୟ ପ୍ରେମର ଠାକୁର, ଅନ୍ୟଏକ କୃଷ୍ଣ, ଯିଏ ପ୍ରେମ ଭକ୍ତିର ପ୍ରେରଣା ଦିଅନ୍ତି। ଶେଷ ଦୃଶ୍ୟରେ ପ୍ରେମ, ଦୁଃଖ ଓ ଅନୁତାପରେ ଅଭିଭୂତ ମ୍ୟାରିୟମ ଖ୍ରୀଷ୍ଟଙ୍କ ପାଦତଳେ ପଡ଼ି କରୁଣାଭିକ୍ଷା କରିବାର ଚିତ୍ରଟି ଅତିଶୟ ମର୍ମସ୍ପର୍ଶୀ।

ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ସ୍ପର୍ଶକରି କବିତା ଯଦି ମନସ୍ତାତ୍ତ୍ୱିକ ଓ ନୈତିକ ସମସ୍ୟା ଜଡ଼ିତ ବିଷୟବସ୍ତୁକୁ ଆଲୋଚନା କରେ ତେବେ ସେହି କବିତା ବାସ୍ତବ ନାଟକୀୟତା ଲାଭକରେ। ଭାଲ୍ଲାଥୋଲଙ୍କ କବିତା ଗୁଡ଼ିକରେ ସେପରି କିଛି ନାହିଁ। ବାହ୍ୟ ଘଟଣାର ଏହା ଏକ ମୂକାଭିନୟ। ପାପ ଓ ଅନୁତାପର ମନସ୍ତାତ୍ତ୍ୱିକ ଗଭୀରତାକୁ ଏହା ସ୍ପର୍ଶକରି ନାହିଁ

ବା ଆତ୍ମଶୁଦ୍ଧିର ବୃତ୍ତାନ୍ତ ଏ ଗୁଡ଼ିକରେ ବିଶେଷ ନାହିଁ। ଏତଦ୍‌ବ୍ୟତୀତ ସଂଳାପର ଧାରାବାହିକତା ଯଥାଯଥଭାବେ ରକ୍ଷା କରାଯାଇପାରି ନାହିଁ। କ୍ଲାସିକ ଶିଳ୍ପକଳାରେ ସାଧାରଣତଃ ଯେପରି ଦେଖାଯାଏ ଠିକ୍ ସେହିପରି ସେ ବାହ୍ୟିକ ଏବଂ ସାଧାରଣ ବିଷୟବସ୍ତୁ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି।

ଗୀତିକାବ୍ୟର ସ୍ୱରରେ ରଚିତ ଏହି କବିତାଟି ଚିତ୍ରପରି ବର୍ଣ୍ଣନା, ନାଟକୀୟ ଗତିଶୀଳତା, ପ୍ରାଞ୍ଜଳତା, ସରଳ ଅଭିବ୍ୟକ୍ତି ଏବଂ ଅପୂର୍ବ ଶିଳ୍ପ ଚାତୁର୍ଯ୍ୟରେ ଏକ ଅତୁଳନୀୟ ସୌନ୍ଦର୍ଯ୍ୟଲାଭ କରିଅଛି। ବାଇବେଲ୍‌ର ବିଷୟବସ୍ତୁ ଉପସ୍ଥାପନାରେ ଉନ୍ନତ ଭାବଧାରା ଏବଂ ପ୍ରେମଭକ୍ତିର ବିପୁଳ ଆବେଗ ସହିତ ମିଳନସାଧନ ନିମିତ୍ତ ଯେଉଁ ସୌନ୍ଦର୍ଯ୍ୟର ପ୍ରୟୋଜନ ସେ ଦୁଇଟି ତାଙ୍କ କାବ୍ୟରେ ପ୍ରଚୁର ପରିମାଣରେ ଦୃଷ୍ଟିଗୋଚର ହୁଏ। 'ମ୍ୟାଗଡ଼େଲେନା ମ୍ୟାରିୟମ୍' କାବ୍ୟର ବଚନଭଙ୍ଗୀର ସ୍ୱଚ୍ଛତା ଶିଳ୍ପକ୍ଷେତ୍ରରେ ପ୍ରାୟ ଏକ ବିସ୍ମୟଜନକ ଅବଦାନ।

ଭାଲ୍ଲାଥୋଲଙ୍କ ପରବର୍ତ୍ତୀ ବର୍ଣ୍ଣନାମୂଳକ କାବ୍ୟ 'କୋଚୁ ସୀତା' ବା 'ଛୋଟ ସୀତା' ୧୯୨୮ ମସିହାରେ ପ୍ରକାଶିତ। ଛୋଟ ସୀତା ଚମ୍ପକବଲ୍ଲୀ ନାମ୍ନି ଏକ ନର୍ତ୍ତକୀ ବାଳିକା। ରାମାୟଣର କାହାଣୀରେ ଅନୁପ୍ରାଣିତ ହୋଇ ସୀତାପରି ଅପାପବିଦ୍ଧ ଓ ସତୀ ହେବାର ବାସନା ତା ମନରେ ଜାଗିଛି। ତାର ଆଈମା ତାଙ୍କୁ ତାର ପାରମ୍ପରିକ ପେଶା ଦେବଦାସୀ ବୃତ୍ତି ଗ୍ରହଣ କରିବାପାଇଁ ବୁଝାଇଛି ମାତ୍ର ଶେଷରେ ତାକୁ ବୁଝାଇବା କଷ୍ଟକର ହୋଇପଡ଼ିଛି ଏବଂ ବୃଦ୍ଧାର ମନେହୋଇଛି ଯେ ସେଥିରେ ସେ ଫଳବତୀ ହୋଇପାରିବ ନାହିଁ। ବାଳିକାର ସୀତା ଆରାଧନା ବୃଦ୍ଧାର ଘୃଣା ମାତ୍ରାକୁ ବଢ଼ାଇ ଦେଇଛି। ସେ ତରୁଣୀ ନିକଟରେ ବୀରାଙ୍ଗନା ଜୀବନର ନୀତିକଥା ଉପସ୍ଥାପନା କରିଛି-

ସତୀତ୍ୱ ସାଜେ ସେହିସବୁ କୁରୂପା ନାରୀଙ୍କୁ
ସୃଷ୍ଟିକର୍ତ୍ତା ରତ୍ନମୟ ସୌନ୍ଦର୍ଯ୍ୟ କରିଛନ୍ତି ଦାନ
ତୁ ତ ସଜଫୁଟା ଚମ୍ପା
ରାଜାଙ୍କ କାମନାର ବସ୍ତୁ,
କର ନାହିଁ ସତୀତ୍ୱର ନାମେ
ଗନ୍ଧହୀନ ପୁଷ୍ପର କାମନା।

କିନ୍ତୁ ଚମ୍ପକବଲ୍ଲୀ ବଡ଼ ହେବା ସଙ୍ଗେ ସଙ୍ଗେ ସୀତା ଏବଂ ସତୀ ଆଦର୍ଶର ପରମଭକ୍ତ ହୋଇଉଠିଛି। ଆଈମା ତାର ଘରେ ଜଣେ ପ୍ରତ୍ୟାଶିତ ନାଗରକୁ ପଦାର୍ପଣ କରାଇବାର ଦେଖି ସେହି ରାତ୍ରିରେ ସେ ଗୃହ ତ୍ୟାଗକରି ପଳାୟନ କରିଛି। ଦଶଦିନ ପରେ ତା ନିକଟରୁ ଖଣ୍ଡିଏ ପତ୍ର ଆସିଛି ଯେଉଁଥିରେ ସେ ନିଜେ ଆତ୍ମହତ୍ୟା କରିବା କଥା ଉଲ୍ଲେଖ ରହିଛି।

କବିତାଟି କବିଙ୍କ ସୁରୁଚିସମ୍ପନ୍ନ ଶିଳ୍ପର ପରିଚାୟକ। ଏଥିରେ ଅନେକ ସୁନ୍ଦର ପଂକ୍ତି ଏବଂ ଉପମା ରହିଛି। କବି ବୃଦ୍ଧାକୁ କିଭଳି ଭାବେ ଚିତ୍ରଣ କରିଛନ୍ତି ତାହା ନିମ୍ନପଂକ୍ତିରୁ ଜଣାପଡ଼େ।

ଝିଅଟିର ଆଈ
ଏକ ବୃଦ୍ଧା, ପାଶେ ଶୋଇଅଛି
ଅବସନ୍ନ ଦେହେ, ମଦନର ଭଙ୍ଗାଧନୁ ଭଳି।

ଚମ୍ପକବଲ୍ଲୀ ଚଟାଣରୁ ଉଠିପଡ଼ି ଠିଆହେଲା ଏବଂ ଚାଲିଯିବା ପାଇଁ ଉଦ୍ୟତ ହେଲା

ଯୌବନ ସମ୍ପଦ ସ୍ଫୀତ ବକ୍ଷେ
ତାର ଲାଲ୍ ରେଶମୀ ଆବରଣ
ତାତଳେ ରଖିଛି ସେ ରାମାୟଣ
ଧାର ତାର କରିଅଛି ସ୍ପର୍ଶ
ମୁକ୍ତା ପ୍ରବାଳ ଏବଂ ସୁବର୍ଣ୍ଣର ଝଲମଲ ଗଳା
ମୁଖଟିକୁ ରଖିଛି ସେ ଗୋଟିଏ ପାଖକୁ
ଯେପରିକି ପଦ୍ମଟିଏ ଢଳିଅଛି ଗୋଟିଏ ଦିଗକୁ।
ଚିବୁକେ ଧରିଛି ଶକ୍ତକରି ଗ୍ରନ୍ଥଟିକୁ।
ଅଙ୍ଗୁରୀୟ ଶୋଭିତ ଉଜ୍ଜ୍ୱଳ ତା ହସ୍ତ
ପୃଷ୍ଠଦେଶେ ଝୁଲିଅଛି ବେଣୀ ତାର।
ତାର ରକ୍ତିମ ଚରଣର ଉପରପ୍ରାନ୍ତ
ଚୁମ୍ବିଅଛି ଚଟାଣ ଉପରେ
ବିଞ୍ଚିହୋଇ ପଡ଼ିଛି ସିନ୍ଦୂର
ଘରକୁ ସେ ଗଲାବେଳେ
ସଦ୍ ଚିନ୍ତାର ଯାହାଥିଲା ପ୍ରତୀକ।

ତାର ଶେଷ ଚିଠିରେ ଭାରତୀୟ ମହାନ୍ ନାରୀ ଚରିତ୍ରର ସତୀତ୍ୱ ମହିମାର ଗୁଣଗାନ କରିଅଛି। କାହିଁକି ସେ ମୃତ୍ୟୁବରଣ କରିବାକୁ ଯାଇଚି ତାର କାରଣ ଉଲ୍ଲେଖ କରିବାପରେ ସେ ପ୍ରାର୍ଥନା କରିଛି, 'ହେ ଭାରତମାତା, ତୋ ଚରଣରେ ଏହି ମୋର ଶେଷପ୍ରଣତି। ମୋର ଯଦି ପୁନର୍ଜନ୍ମ ହୁଏ, ଆଉଥରେ ଯଦି ତୋ କୋଳରେ ଜନ୍ମଗ୍ରହଣ କରେ ତାହେଲେ ମୁଁ ଯେମିତି ଦେଖିପାରେ ଯେ ମୋର ଭଉଣୀମାନେ ଆଉ କାହା ଉପରେ ନିର୍ଭରଶୀଳ ନୁହଁନ୍ତି ?'

କାବ୍ୟଟି ଚିତ୍ତାକର୍ଷକ ହେଲେ ମଧ ଅନ୍ୟାନ୍ୟ କାବ୍ୟପରି ନାଟକୀୟ ଗୁଣରେ ସମୃଦ୍ଧ ନୁହେଁ। ପୁନଶ୍ଚ କାବ୍ୟର ଶେଷ ଅଂଶରେ ଚିଠିଟି ଏକ ଅଶିଳ୍ପଗତ କୌଶଳ, ଯାହାଫଳରେ କାବ୍ୟର ଗୁଣ ବ୍ୟାହତ ହୋଇଛି।

୧୯୪୧ ମସିହାରେ ଭାଲ୍ଲାଥୋଲ 'ଆଚାନୁମ୍ ମାକାନୁମ୍' (ପିତା ଓ କନ୍ୟା) କାବ୍ୟଟି ରଚନା କରିଛନ୍ତି। କାବ୍ୟଟି ବିଶ୍ୱାମିତ୍ର ଓ ଶକୁନ୍ତଳାଙ୍କ ସାକ୍ଷାତକାର ଭିତ୍ତିରେ ରଚିତ। ଶକୁନ୍ତଳା

ତାଙ୍କର କନ୍ୟା, ସେ ଜନ୍ମହେବା ସଙ୍ଗେ ସଙ୍ଗେ ପରିତ୍ୟକ୍ତା। ସ୍ୱାମୀ ଦୁଷ୍ମନ୍ତ କର୍ତ୍ତୃକ ପ୍ରତ୍ୟାଖ୍ୟାତ ହୋଇ ଶକୁନ୍ତଳାକୁ ହିମାଳୟରେ କଶ୍ୟପମୁନିଙ୍କ ଆଶ୍ରମରେ ବାସ କରିବାକୁ ହୋଇଛି। ତାର ଶିଶୁପୁତ୍ର ସର୍ବଦା ସର୍ବଦମନ ଆଶ୍ରମ ନିକଟ ଜଙ୍ଗଲରେ କ୍ରୀଡ଼ାରତ। ଦିନେ ବିଶ୍ୱାମିତ୍ର ବୁଲି ବୁଲି ମହାମୁନି କଶ୍ୟପଙ୍କ ସହିତ ଦେଖା କରିବାକୁ ଆସିଲେ। ଅଶୋକ ବୃକ୍ଷତଳେ ଦଣ୍ଡାୟମାନ ହୋଇ କଶ୍ୟପ ମୁନି ଆଶ୍ରମରେ ଅଛନ୍ତି କି ନାହିଁ ଜାଣିବାକୁ ତାଙ୍କ ଶିଷ୍ୟଟିକୁ ପଠାଇଲେ। ସେଠାରେ କ୍ରୀଡ଼ାରତ ଗୋଟିଏ ଶିଶୁ ସହିତ ବିଶ୍ୱାମିତ୍ରଙ୍କର ସାକ୍ଷାତ୍ ହେଲା। ସେ ତାଙ୍କୁ ତାର ଜେଜେବାପାଙ୍କ ନିକଟକୁ ନେଇଯିବାକୁ କହିଲା। ବିଶ୍ୱାମିତ୍ର ଆଶ୍ଚର୍ଯ୍ୟ ହେଲେ। କଶ୍ୟପଙ୍କୁ ଜେଜେବାପା କହୁଥିବା ସେହି ପିଲାଟି ପ୍ରତି ଆକୃଷ୍ଟ ହୋଇ ସେ ତାକୁ କୋଳକୁ ଟେକିନେଲେ ଏବଂ ବୁକୁରେ ଚାପିଧରିଲେ।

ବଳିଷ୍ଠ ବାଳକ ମଣିଷ
ମୁନିଙ୍କୁ ପାର୍ଥିବ ଜଗତକୁ ଟାଣିଆଣେ
ପବିତ୍ର ମଣିଷ ନଇଁ କୋଳେ ଟେକିନିଏ
ଏବଂ ଦୀର୍ଘବାହୁ ମେଲି ତାକୁ ଆଲିଙ୍ଗନ କରେ,
ମୃଗଚର୍ମ ଆବୃତ ବକ୍ଷେ।
ଅନ୍ଧକାର ଆକାଶରେ ସେହିଶିଶୁ
ସତେ ଅବା ଉଜ୍ଜ୍ୱଳ ନକ୍ଷତ୍ର,
ବାହୁସ୍ପର୍ଶୀ ଦୀର୍ଘ କେଶରାଶି
ସିକ୍ତ ହୋଇଅଛି ଘର୍ମେ।
ମୁନିବର ତାର ପୁଷ୍ପସମ ଗଣ୍ଡପରେ
ଶ୍ମଶ୍ରୁମୟ ନିଜଗଣ୍ଡ ରଖେ ଧୀରେ।
କବି ଦୁରଭିସନ୍ଧିମୂଳକ ହସହସି ତାକୁ ପ୍ରଶ୍ନ କରେ
ଯଥାବିହିତ ସମ୍ମାନ ସହିତ
ଜିଜ୍ଞାସେ, ହେ ମୁନିବର!
କିଏ ବୃହତ୍ତର ଆନନ୍ଦ ତୁମର
ହୃଦେସ୍ଥିତ ସଚ୍ଚିଦାନନ୍ଦର ଧ୍ୟାନେ
ଅବା ଏଇ ଶିଶୁଟିର ଆଲିଙ୍ଗନେ?

ପିଲାକୁ ଖୋଜି ଖୋଜି ତାର ମା ସେଠାରେ ଉପସ୍ଥିତ ହେଲା। କ୍ଷୀଣଶରୀର ତାର ଦୁଃଖରେ ମର୍ମାହତ। ନିଜର ସୌନ୍ଦର୍ଯ୍ୟ ବ୍ୟତୀତ ତାର କିଛି ଆଭରଣ ନାହିଁ। ପିଲାଟି କହିଲା, 'ମା, ମୁଁ ଏଇଠି ଅଛି।' କିନ୍ତୁ ମା'ନିକଟକୁ ଯିବାପୂର୍ବରୁ ତା ଦୃଷ୍ଟିରେ ଗୋଟିଏ ଖେଳନା ପଡ଼ିଲା। କାଳିଦାସଙ୍କ ବର୍ଣ୍ଣିତ ମାଟିଉପରେ ରଙ୍ଗକରା ଗୋଟିଏ ମୟୂର - ମାର୍କେଣ୍ଡୟ ହାତରୁ

ଭିଡ଼ିନେଇ ସେ ପଳାୟନ କଲା। ନାରୀଟିକୁ ମେନକାପରି ଦେଖି ବିଶ୍ଵାମିତ୍ର କ୍ଷଣକ ପାଇଁ ବିସ୍ମିତ ହେଲେ। ସେ ତାକୁ ପ୍ରଶ୍ନ କରିବାକୁ ଚାହିଁଲେ, ତୁମର ଏପରି ପରିବର୍ତ୍ତନ କାହିଁକି ମେନକା ? କିନ୍ତୁ ସେ ପଚାରିଲେ, ଯେଉଁ ଶିଶୁର ସମ୍ରାଟ ହେବା ଲକ୍ଷଣ ରହିଛି ତୁମେ ତାର ସୁଖୀମାତା। କିଏ ତୁମେ ? ସେ ଉତ୍ତର ଦେଇଛି-

ମୁନିବର, ଅରଣ୍ୟେ ଜନ୍ମିବାର ପରେ
ପିତାମାତା ମୋତେ ପରିତ୍ୟାଗ କରିଗଲେ।
କଣ୍ଵ ଋଷିଙ୍କର ମୁଁ ପାଳିତା କନ୍ୟା
ସ୍ଵାମୀ ମୋର ମହୀପତି ରାଜା ଦୁଷ୍ମନ୍ତ
ପିତା ମୋର ମହାମୁନି ବିଶ୍ଵାମିତ୍ର।

'ମୁଁ' ଆତଙ୍କିତ ହୋଇଉଠିଲେ ବିଶ୍ଵାମିତ୍ର। ଯାହାକୁ ଦେଖି ତାଙ୍କର ମେନକା କଥା ମନେପଡ଼ିଛି ତା ବିଷୟରେ ତାଙ୍କର ତିଳେମାତ୍ର ସନ୍ଦେହ ନ ଥିଲା। ଅଶ୍ରୁରେ ତାଙ୍କର ଆଖି ଛଳ ଛଳ ହେଲା। ଶକୁନ୍ତଳା ତାଙ୍କ ପାଦତଳେ ପଡ଼ିଗଲା। ତାକୁ ଦେଖି ବିଶ୍ଵାମିତ୍ରଙ୍କ ଆନନ୍ଦ କହିଲେ ନ ସରେ। ତାକୁ ଟେକିନେଇ ବାରମ୍ବାର ତାର କପାଳକୁ ଚୁମ୍ବନ ଦେଲେ। ବାପା ପରି ପ୍ରଶ୍ନକଲେ-

ହେ ମା, କିବା ନାମ ତୋର, କି ନାଁ ପୁତ୍ରର
ରାଜାର ସପ୍ତ ହୋଇ କି କାରଣେ ବନେ ଆଗମନ ?

ଭଙ୍ଗା ଭଙ୍ଗା ସ୍ଵରରେ ଶକୁନ୍ତଳା ତା କାହାଣୀ ଆରମ୍ଭ କରିଛି। କିନ୍ତୁ କହୁ କହୁ ସେ କାନ୍ଦରେ ଭାଙ୍ଗି ପଡ଼ିଛି।

'ମୁଁ' ମୋର ଚନ୍ଦ୍ରସ୍ଵାମୀ ଦ୍ଵାରା ପରିତ୍ୟକ୍ତା।'

ବିଶ୍ଵାମିତ୍ରଙ୍କର କ୍ରୋଧ ଉଦ୍ରେକ ହେଲା। ବିଶ୍ଵସଂହାରୋଦ୍ୟତ ଶିବପରି ସେ ମନେହେଲେ। ତାଙ୍କ ଚକ୍ଷୁରୁ ଅଗ୍ନିସ୍ଫୁଲିଙ୍ଗ ସ୍ଫୁରିତ ହେଲା ଏବଂ ସମଗ୍ର ପ୍ରକୃତି ଭୟରେ ସନ୍ତ୍ରସ୍ତ ହୋଇପଡ଼ିଲା। ତାଙ୍କ କନ୍ୟାର ଅପମାନ ସେ ସହ୍ୟକରି ପାରିଲେ ନାହିଁ। ବିଶ୍ଵାମିତ୍ରଙ୍କ ତପବଳରେ ରାଜା ତ୍ରିଶଙ୍କୁ ଓ ହରିଶ୍ଚନ୍ଦ୍ରଙ୍କର ଯେ କି ଦଶା ହୋଇଥିଲା ତାହା କ'ଣ ଦୁଷ୍ମନ୍ତ ଜାଣେ ନାହିଁ। ସେହି ପାପାତ୍ମା ଯେ ତାର ଗର୍ଭବତୀ କନ୍ୟାକୁ ବିନାକାରଣରେ ବିତାଡ଼ିତ କରିଅଛି। ସେ ଦୁଷ୍ମନ୍ତଙ୍କୁ ଅଭିଶାପ ଦେବାକୁ ଉଦ୍ୟତ ହେଲେ। କିନ୍ତୁ ଶକୁନ୍ତଳା ଅନୁନୟ କରି ତାଙ୍କୁ ସେଥିରୁ ବିରତ କଲେ।

କରନାହିଁ ତବ କନ୍ୟାକୁ
ତା'ପତିର ଧ୍ଵଂସର କାରଣ
ବୈଧବ୍ୟ ଅଗ୍ନିଶିଖାରେ
ଦିଅ ନାହିଁ ଜଳିବାକୁ ତାକୁ

ଭୋଗିବାକୁ ଦିଅ ତା'ରେ ପତି ପରିତ୍ୟକ୍ତ ଜୀବନ
କିନ୍ତୁ ମୋ ଦୁର୍ଭାଗ୍ୟ ହେତୁ ସନ୍ତାନ ମୋ
ଯେପରି ନ ହୁଏ ପ୍ରତ୍ୟାଖ୍ୟାତ

ସେ ଆଉ କିଛି କହିପାରିଲା ନାହିଁ-

ପିତାମାତା ପରିତ୍ୟକ୍ତା ହତଭାଗ୍ୟା କନ୍ୟା
ସମ୍ଭବତଃ ହୁଏ ସ୍ୱାମୀ ପରିତ୍ୟକ୍ତା।

ତାର ଆଖିର ଲୁହରେ ବିଶ୍ୱାମିତ୍ରଙ୍କର ସମସ୍ତ କ୍ରୋଧ ନିର୍ବାପିତ ହୋଇଛି ଏବଂ ସେ ତାକୁ ଆଶୀର୍ବାଦ କରିଛନ୍ତି-

ତୋର ସୁସ୍ୱଭାବ ମୋତେ କରିଅଛି ରକ୍ଷା
ଶୀଘ୍ର ପୁତ୍ର ପତିସହ ଘଟୁ ତୋ ମିଳନ।

କବିତାଟି କ୍ଷୁଦ୍ର ଏବଂ ବଳିଷ୍ଠ। ଭଲ୍ଲାଥୋଲଙ୍କ ଅନ୍ୟାନ୍ୟ କବିତାଠାରୁ ଏହା ସ୍ୱତନ୍ତ୍ର ଏବଂ ଏହା ସେତେବେଶି ଶୈଳ୍ପିକ ଅଳଙ୍କାରରେ ଅଳଙ୍କୃତ ନୁହେଁ। ଆଭରଣ ନାହିଁ, ଏତେ ସାଧାସିଧା ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ ହୋଇ ମଧ୍ୟ କଠୋର ଓ ବିଷାଦମୟ ସ୍ୱର ଧ୍ୱନିତ ହୋଇଛି। ପିତା ଓ କନ୍ୟାର ଅପ୍ରତ୍ୟାଶିତ ନାଟକୀୟ ମିଳନର ଉପସ୍ଥାପନା ମର୍ମସ୍ପର୍ଶୀ ଯାହା ଭାଲ୍ଲାଥୋଲଙ୍କ କାବ୍ୟ କାହାଣୀରେ ସବୁଠାରେ ଦୃଷ୍ଟିଗୋଚର ହୁଏ। ଦୃଶ୍ୟଟି ନୀରବ ଅଭିନୟ କାଳର କଳ୍ପନା କରାଯାଏ। କିନ୍ତୁ ଏହି କବିତାରେ ନାଟକୀୟ ଘଟଣାର ବହିଃଆଙ୍ଗିକ ଅପେକ୍ଷା ଚରିତ୍ର ଗୁଡ଼ିକର ଅନ୍ତରଙ୍ଗ ଅନୁଭୂତି ଆମର ଚିନ୍ତାକୁ ଅଧିକ ସ୍ପର୍ଶକରେ। ଦୃଶ୍ୟ ବର୍ଣ୍ଣନାରେ ବା ପରିବେଶ ସୃଷ୍ଟି କରିବାରେ ଗୋଟିଏ ଅଯଥାଶବ୍ଦ ବ୍ୟବହୃତ ହୋଇ ନାହିଁ। ଏହି ସବୁ ପ୍ରକାର ବର୍ଣ୍ଣନା ବର୍ଜିତ କବିତାଟି ଭାଲ୍ଲାଥୋଲଙ୍କ ମାନବିକ ସମ୍ବନ୍ଧ ଓ ହୃଦୟାବେଗ ବିଷୟରେ ସବୁଠାରୁ ଅଧିକ ବୈଶିଷ୍ଟ୍ୟ ପ୍ରୟାସୀ। ଭାବାବେଗ ଗୁଡ଼ିକ ସରଳ ଓ ସିଧାସଳଖ ପରିସ୍ଥିତି ସହିତ ସମ୍ପୂର୍ଣ୍ଣ ସଙ୍ଗତିପୂର୍ଣ୍ଣ ଏବଂ ଚରିତ୍ରଗୁଡ଼ିକ କ୍ଲାସିକାଲ ଚରିତ୍ର ଅନୁସାରେ ସୃଷ୍ଟି।

ଏହି ପାଞ୍ଚଟି ବର୍ଣ୍ଣନା ମୂଳକ କବିତାରେ, ବିଶେଷତଃ ପ୍ରଥମ ତିନୋଟିରେ ଭାଲ୍ଲାଥୋଲଙ୍କର ନିପୁଣ ଶୈଳ୍ପିକ ସୃଷ୍ଟି ମନ୍ତ୍ରମୁଗ୍ଧ କରିବାର କ୍ଷମତା ଅର୍ଜନ କରିଅଛି। ମନସ୍ତାତ୍ତ୍ୱିକ ଜଟିଳତା ଛୋଟ ଛୋଟ ବିଷୟ ଏବଂ ନୈତିକ ବୋଧର ସୂକ୍ଷ୍ମାତିସୂକ୍ଷ୍ମ ବିଷୟଗୁଡ଼ିକୁ ସେ ଯେ କେତେ ସତର୍କତାର ସହିତ ବର୍ଜନ କରିଛନ୍ତି ତାହା ପ୍ରକାଶ ପାଇଛି ଏହି କବିତାବଳୀରେ। ସୀମାବଦ୍ଧତା ଥିବା ସତ୍ତ୍ୱେ ମଧ୍ୟ କବିତାଗୁଡ଼ିକରେ ଉଦ୍ୟମ ଓ ଉତ୍ସାହ ବିଦ୍ୟମାନ। ବିଷୟବସ୍ତୁ ପ୍ରତି ନ୍ୟାୟବିଚାରର ଏବଂ ଅତୀତର ଘଟଣା ସମୂହକୁ ନାଟକୀୟ ଦକ୍ଷତାର ସହିତ ପୁନର୍ସ୍ଥାପନ କରିବାର ପ୍ରୟାସ ରହିଛି। ପାଠକ ପାଠିକାମାନଙ୍କୁ ବର୍ଣ୍ଣନା ମଧ୍ୟରେ ଧରି ରଖିବାର ନାଟକୀୟ ସମ୍ମୋହନୀ ଶକ୍ତି କବିତାବଳୀର ବିଦ୍ୟମାନ।

■

# ପ୍ରକୃତି କବି

ଏକୋଇଶି ବର୍ଷ ବୟସରେ ଭାଲ୍ଲାଥୋଲ ପ୍ରଥମେ ପ୍ରକୃତି ସମ୍ବନ୍ଧରେ କବିତା ରଚନା ଆରମ୍ଭ କଲେ। କାଳିଦାସଙ୍କର 'ଋତୁସଂହାର'ର ଅନୁକରଣରେ 'ଋତୁବିଳାସମ୍' କାବ୍ୟ ତାଙ୍କର ଏକ ଅପରିଣତ ସୃଷ୍ଟି। ପ୍ରାଚୀନ କବିଗଣ ଯେଉଁଭଳିଭାବେ ଲେଖିଛନ୍ତି ଠିକ୍ ସେହି ପ୍ରଚଳିତ ଧାରାରେ ସେ ଋତୁର ବର୍ଣ୍ଣନା ଦେଇଛନ୍ତି। ଉଦାହରଣ ସ୍ୱରୂପ କବି ତାଙ୍କର ପ୍ରେମାସ୍ପଦଙ୍କୁ ଶରତ ରାତ୍ରିର ସୌନ୍ଦର୍ଯ୍ୟ ବର୍ଣ୍ଣନା ଦେବାକୁ ଯାଇ କହିଛନ୍ତି-

ହେ ଭଦ୍ରେ, ଯାର କଣ୍ଠସ୍ୱର ମଧୁମୟ
ଏଇ ଶରତ ରାତ୍ରି କୋମଳ ରମଣୀ ପରି
ଚନ୍ଦ୍ରାଲୋକ ଶ୍ୱେତ ରେଶମର ଆସ୍ତରଣ ମେଲିଅଛି
ଆଚ୍ଛାଦିତ କରିଅଛ ସତେ ଅବା ମେଦିନୀ ଶଯ୍ୟା।

କୋକିଳର କୁହୁତାନ ପ୍ରସଙ୍ଗରେ ସେ ଉଲ୍ଲେଖ କରିଛନ୍ତି-

ଶୁଣ ଏଇ କୋକିଳର କୁହୁତାନ
ଦକ୍ଷବନ୍ଧୁ ପରି
ମିଳାଏ ସେ ପ୍ରେମାସ୍ପଦ ସଙ୍ଗେ
ରମଣୀ ତା ସଙ୍ଗେ ବିବାଦ କରନ୍ତି
ଏବଂ ଦୁଃଖରେ ଜଳନ୍ତି।

ଏହିପରି ସ୍ତବକ ମଝିରେ ଗୋଟିଏ ସ୍ତବକର ସୌନ୍ଦର୍ଯ୍ୟ ଓ ପ୍ରାଞ୍ଜଳତା ପାଠକର ମନକୁ ପୁଲକିତ କରେ।

ନଦୀର ଗର୍ଜନ
ପ୍ରବଳବେଗରେ ପାହାଡ଼ୁ ନିର୍ଗତ ଜଳରାଶି
ବହୁ ଜଳାବର୍ତ୍ତ ମଧ୍ୟେ
ଗୋଲାକାର ଫେନପୁଞ୍ଜ ଢେଉର ଶିଖରେ
ଢେଉପରେ ଢେଉ ଉଚ୍ଛୁଳି ପଡ଼େ ଅବିରତ
ଏବଂ ନଦୀକୂଳେ ଶନ୍ନମୂଳ କେତେ ଗଛ।

ଭାଲ୍ଲାଥୋଲଙ୍କ ପ୍ରକୃତି ବିଷୟକ କବିତାର ଏକ ଆନନ୍ଦଘନ ବିଷୟବସ୍ତୁର ଏଇ ବାସ୍ତବଧର୍ମୀତା ତାଙ୍କ କବି ଜୀବନର ଶିକ୍ଷାନବୀଶ ସମୟର ଠିକ୍ ଉତ୍ତରଣ ପରେ ଜାଗ୍ରତ ହୋଇଛି। 'ସାହିତ୍ୟ ମଞ୍ଜରୀ'ର ପ୍ରଥମ ଖଣ୍ଡ ଗୁଡ଼ିକରେ ଏଇ ଧରଣର କବିତା ଯଥା- 'ଗୋଟିଏ ସାନ୍ଧ୍ୟଭ୍ରମଣ', 'ଦେଶର ଗୋଟିଏ ସନ୍ଧ୍ୟା' 'ଦେଶର ଗୋଟିଏ ଗ୍ରୀଷ୍ମ', 'ଗୋଟିଏ ନୌକାବିହାର', 'ଭାରତ ନଦୀ', 'ତିରୁର ପୋନ୍ନାନି ନଦୀ' ଇତ୍ୟାଦି ଦୃଷ୍ଟିଗୋଚର ହୁଏ। ଏ ସବୁରେ କେରଳର ପରିଚିତ ପ୍ରାକୃତିକ ସୌନ୍ଦର୍ଯ୍ୟର ଜୀବନ୍ତରୂପ ପ୍ରକଟିତ। ବିଭିନ୍ନ କବିତାର କେତୋଟି ସ୍ତବକରୁ ତାଙ୍କର ଧର୍ମୀତାର ପରିଚୟ ମିଳେ।

ଏକ ମଇଁଷି ପଡ଼ିଆରେ ଚରୁଅଛି
ପିଠିପରେ ବସିଅଛି ତାର ଏକ ସୁନ୍ଦର ପକ୍ଷୀ
ବଙ୍କା ଶିଙ୍ଗ ତାର, ମୁଣ୍ଡ ହଲାଉଛି
ଏବଂ ହିଂସ୍ର ଚକ୍ଷୁରେ ଆମକୁ ଚାହୁଁଛି। (ଗୋଟିଏ ସାନ୍ଧ୍ୟଭ୍ରମଣ)
ଭୟଙ୍କର କୁମ୍ଭୀରର ଦଳ
ଦୀଘିରୁ ଉଠି
କୂଳରେ ଖରା ପୋଉଁଛନ୍ତି
ସ୍ଫଟିକ ପଥରର ସ୍ତୂପଭଳି
ଦେଖାଯାଉଛନ୍ତି। (ଶରତ୍)
ଶାରଦ ଉତ୍ସବେ ଯେବେ
କୌଞ୍ଚପକ୍ଷୀ ଗୀତଗାଏ
ଶୀତେ କମ୍ପମାନ ଲୋକ ଯେଉଁପରି
ଚିବୁକର ଶିହରଣେ ସମୟକୁ ମାରେ। (ଶରତ୍)
ପୃଷ୍ଠଦେଶେ ଉଜ୍ଜ୍ୱଳଗାର ଗୁଣ୍ଡୁଚି
ଯେତେବେଳେ ଆମ୍ରବୃକ୍ଷେ
ଆନନ୍ଦ ଚଞ୍ଚଳ ନୃତ୍ୟରଚେ
ନୀଳେଠିଆ ଶିଶୁ ତାହା ଦେଖେ
କୌତୁହଳ ଭରା ଲୋଲୁପ ଦୃଷ୍ଟିରେ। (ଗ୍ରୀଷ୍ମ)

ଏହି ଧରଣର ବାସ୍ତବଧର୍ମୀ ଅସଂଖ୍ୟ ପ୍ରଚଳିତ ଚିତ୍ର ସାଧାରଣ ଏବଂ ଚିତ୍ତାକର୍ଷକ। କବିର ମୌଳିକ ଚିନ୍ତାଧାରା ଏବଂ ସୂକ୍ଷ୍ମ ଇନ୍ଦ୍ରିୟସ୍ପର୍ଶାନୁଭୂତିର ଭାଷା ଏବଂ ଚିତ୍ରସମୂହ ବାରମ୍ବାର ବର୍ଣ୍ଣିତ ହେଲେ ମଧ୍ୟ ପ୍ରାଣବନ୍ତ ହୋଇ ଉଠିଛି। 'ଗୋଟିଏ ସାନ୍ଧ୍ୟଭ୍ରମଣ'ରେ ଏଥିରେ ସେ ନଦୀ ବକ୍ଷରେ ସୂର୍ଯ୍ୟଙ୍କ ପ୍ରତିଛବିର ଚିତ୍ର ଅଙ୍କନ କରିଛନ୍ତି।

ସନ୍ଧ୍ୟାର ଆକାଶ ସଂମ୍ପୂର୍ଣ୍ଣ ଗୋଲାପୀ ରଙ୍ଗର
ମଝି ନଈରେ ସେ ଦିଶିଯାଏ
ଅଇନାରେ ଦୃଶ୍ୟ ହେଲାପରି
ଗୋଲାପୀ ରଙ୍ଗର ପଦ୍ମଫୁଲେ
ନଈକୁ ସମୁଜ୍ଜ୍ୱଳ କରି।

'ଭାରତ ପୂଜା'ରେ ପାହାଡ଼ଗୁଡ଼ିକ ଯେପରି ସହ୍ୟାଦ୍ରିର କନ୍ୟା ନଦୀ ଆଡ଼କୁ ଆନନ୍ଦରେ ଚାହିଁ ରହିଛନ୍ତି-

ସମସ୍ତ ସୌନ୍ଦର୍ଯ୍ୟ ନେଇ ଆଗେଇ ଚାଲିଛି ସେ
ତାର ପତି ପଶ୍ଚିମ ସାଗର ସଙ୍ଗେ ମିଳନ ଆଶାରେ।

'ନୌକାଭ୍ରମଣ' କବିତାରେ 'ଜହ୍ନଉଠେ, ଅନ୍ଧକାର ରାତ୍ରିର ପଙ୍କରୁ ଏବଂ ଶ୍ୱେତପଦ୍ମ ଭଳି ଫୁଟିଉଠେ ପୂର୍ବାକାଶ ସ୍ୱଚ୍ଛହ୍ରଦେ'। ଢେଉର ମଥାରେ ନାଚେ ଯେଉଁ ଜହ୍ନ ଆଲୁଅ ତାକୁ ଜହ୍ନ ଆଲୋକ ନ କହି ଜଳରେ ରାଜହଂସ କ୍ରୀଡ଼ାରତ ବୋଲି କୁହାଯାଇଛି। 'ବାଦଲ ପ୍ରତି କୃଷକର ଦୃଷ୍ଟି' କବିତାରେ ସେ ପ୍ରଚଳିତ ଚିତ୍ରକଳ୍ପ ଉପରେ ତାଙ୍କ ମୌଳିକତାର ଆଲେଖ୍ୟ ଅଙ୍କନ କରିଛନ୍ତି।

ଯେତେବେଳେ କଳାମେଘ ନନ୍ଦି ହୋଇପଡ଼େ
ଫିକା ରକ୍ତିମ ଆଭା ଉକୁଟେ ପୃଥିବୀ ବୁକୁରେ
ଯେପରିକି ନବବଧୂ ସଲଜ୍ଜେ ରକ୍ତିମ ଗୋଲାପ
ତା ସ୍ୱାମୀର ଆଗମନ ଫଳେ।
ହଠାତ୍ ବିଜୁଳି ଝଲକପରି
ଲକ୍ଷ୍ମୀ ଆଲିଙ୍ଗନେ ତାର ଦେହ
ଇନ୍ଦ୍ରଧନୁ ମାଳାପିନ୍ଧି ଗଳାରେ
କୃଷ୍ଣବର୍ଣ୍ଣର ସେହି ଈଶ୍ୱର
ଦୁଃଖୀଙ୍କୁ ତାରିବାପାଇଁ
ଆସିଛି ଯେପରି ସେ।

କବି ଆନନ୍ଦର ସହିତ କେରଳର ଋତୁରଙ୍ଗ ପ୍ରତ୍ୟକ୍ଷ କରିଛନ୍ତି। ସେ ଶରତ୍, ଗ୍ରୀଷ୍ମ, ବର୍ଷା ଏବଂ ଓନମ୍ ଉତ୍ସବର ଔଜ୍ଜଲ୍ୟ ଓ ମନୋରମ ଦିନର କଥା ବର୍ଣ୍ଣନା କରିଛନ୍ତି। ତାଙ୍କପାଇଁ ପ୍ରକୃତିର ଆହ୍ୱାନରେ ମଣିଷର ପ୍ରତ୍ୟୁତ୍ତର ପ୍ରକୃତିପରି ଗୁରୁତ୍ୱପୂର୍ଣ୍ଣ। 'ଶରତ୍' କବିତାରେ ମନୁଷ୍ୟକୁ ଅଗ୍ନି ଉତ୍ସବରେ ଚତୁର୍ପାର୍ଶ୍ୱରେ ଏକତ୍ରିତ ହୋଇ ସେହି ଅଗ୍ନିଉପରେ ହସ୍ତ ରଖିଥିବାର ଦେଖି ମନେହୁଏ ସତେଯେମିତି ସେମାନେ ଅଗ୍ନିକୁ ଆଶୀର୍ବାଦ କରୁଛନ୍ତି। 'ଗ୍ରୀଷ୍ମ' କବିତାରେ

ପ୍ରତ୍ୟୁଷରେ କର୍ମବ୍ୟସ୍ତ ଚାଷୀ ଜମିରେ ଜଳସେଚନ କରିବା ସମୟରେ ଯେଉଁ ସଙ୍ଗୀତ ଗାନକରେ ତାହା ଆମେ ଶୁଣିପାରୁ ଏବଂ ଶିଶୁଗଣ ପକ୍ୱଆମ୍ବ ସଂଗ୍ରହ କରିବାପାଇଁ ବୃକ୍ଷମୂଳକୁ ଛୁଟିଯାଆନ୍ତି। 'ବର୍ଷା ସନ୍ଧ୍ୟାରେ ଭ୍ରମଣ' କବିତାରେ କବି ଲେଖିଛନ୍ତି-

ଗର୍ବୋଦ୍ଧତ ଭଙ୍ଗୀରେ ସୁସୁ ଗର୍ଜ୍ଜନ କରୁଛି ବତାସ
ଆକ୍ରମଣପାଇଁ ମେଘ ଉଦ୍ୟତ
ବର୍ଷାରେ କମ୍ପମାନ ଆମେ ପଥଚାରୀ ଦଳ
ରଜତ ଶୁଭ୍ର ଜଳ ବିନ୍ଦୁରେ
ଆମର ଛତା ଦିଶେ ରାଜକୀୟ
କିନ୍ତୁ ଯିଏ ପାଦ ଭିଡ଼ି ଧରେ
ସେମାନଙ୍କୁ ରକ୍ଷା କରିବାକୁ
ସେ ଅସମର୍ଥ ହୁଏ

ବର୍ଷାରେ ଭିଜି ଭିଜି ଚାଲିଥିବା ଗୋଟିଏ, ଦରିଦ୍ର ମଣିଷର ବର୍ଣ୍ଣନା ଦେବାକୁ ଯାଇ ସେ ଲେଖିଛନ୍ତି-

ତୋଫାନ ବହିଯାଏ ଓ
ମେଘ ବର୍ଷିଯାଏ ମୂଷଳ ଧାରାରେ
ନିର୍ବିକାରେ ଚାଲିଛି କେହି ଜଣେ
ଶରୀରରେ ତା ମଳିନ ବସନ
ମସ୍ତକରେ ତାଳପତ୍ର ଛତା
ସେଥିରେ ତା ନାହିଁ କ୍ଳେଶ ବୋଧ
ତାର ଦାରିଦ୍ର୍ୟର କଠିନ ବର୍ମରେ
ବ୍ୟଥାର ତୀକ୍ଷ୍ଣ ଶରାଘାତ
କୁସୁମ କୋରକରେ ସୂର୍ଯ୍ୟ ରଶ୍ମିପରି
ମୃଦୁ ମନେହୁଏ।

ପ୍ରକୃତି କୋଳରେ ମଣିଷର ବର୍ଣ୍ଣନା ଦେବାକୁଯାଇ ପ୍ରକୃତିର ପୁଙ୍ଖାନୁପୁଙ୍ଖ ସୌନ୍ଦର୍ଯ୍ୟ ମଧ୍ୟରେ ଆନନ୍ଦଭୋଗର କଥା ସେ ଭୁଲିପାରି ନାହାନ୍ତି। ଉଦାହରଣ ସ୍ୱରୂପ 'ଗ୍ରୀଷ୍ମ' କବିତାରେ କେରଳର ଗ୍ରୀଷ୍ମର ଏକ ବୈଶିଷ୍ଟ୍ୟ ପ୍ରତି ଆମର ଦୃଷ୍ଟି ଆକର୍ଷଣ କରିଛନ୍ତି। ପକ୍ୱ ଆମ୍ବ, ସୁନାହାର ପରି ସୁନାରି ଫୁଲ, ସବୁଜ ରମଣୀୟ ଧାନକ୍ଷେତ ଏବଂ ଗ୍ରୀଷ୍ମର ଶାନ୍ତ ଗୋଧୂଳି ବେଳା। ସାଧାରଣତଃ ପ୍ରକୃତିର ଉଜ୍ଜ୍ୱଳ ଓ ମଧୁର ରୂପ ଭାଲ୍ଲାଥୋଲଙ୍କ କବିତାରେ ସ୍ଥାନ ପାଇଥିଲେ ମଧ୍ୟ ପ୍ରକୃତିର ନିର୍ମମ ଓ ରୁଦ୍ରରୂପର ବର୍ଣ୍ଣନା ମଧ୍ୟ ତାଙ୍କ କବିତାରେ ବିଦ୍ୟମାନ। ମୌସୁମୀ

ବାୟୁର ଯେତେବେଳେ କୋପ ଦୃଷ୍ଟିପଡ଼େ ଏବଂ ଦୁର୍ଭିକ୍ଷ ଦେଖାଦିଏ ସେତେବେଳେ କେରଳ ପ୍ରକୃତିର ଏହି ନିର୍ମମତା ବୁଝାପଡ଼େ। 'ଅଦ୍ୱୈତମ୍ ଶିବମ୍ ଶାନ୍ତମ୍' କବିତାରେ ସେ ବର୍ଷାକାଳକୁ ବନ୍ୟ ହାତୀଦଳ ସହିତ ତୁଳନା କରିଛନ୍ତି। କବି ନାରିକେଳ ବାଥର ଉଲ୍ଲେଖ କରିଛନ୍ତି। ହାତୀର ଉନ୍ମତ୍ତ ରୁଦ୍ର ତାଣ୍ଡବରେ କେତେଗୁଡ଼ିଏ ବୃକ୍ଷ ଭୂପତିତ ହୋଇଛି। କେତେ ଗଛପତ୍ର ଛିନ୍ନଭିନ୍ନ ହୋଇ ଛିଣ୍ଡିପଡ଼ିଛି ଓ ଆଉ କେତେକର କାଣ୍ଡ ଭଗ୍ନ ହୋଇଛି। 'ଅତିବୃଷ୍ଟି' କବିତାରେ କବି ଅବିରାମ ବୃଷ୍ଟି ଫଳରେ ଅବର୍ଣ୍ଣନୀୟ ଦୁଃଖର ଛବି ଆଙ୍କିଛନ୍ତି। ଗଛଡ଼ାଳରେ ବସିଥିବା ପକ୍ଷୀଆଡ଼କୁ ଦୃଷ୍ଟିପାତକରି ସେ ଲେଖିଛନ୍ତି-

ଗଭୀର ସ୍ନେହେ ତାର
ଅସହାୟ ଶାବକକୁ ରକ୍ଷାକରେ ଡେଣାତଳେ
ଭିଜା କମ୍ପମାନ ତାର ଜୀର୍ଣ୍ଣଶୀର୍ଣ୍ଣ ଡେଣାମେଲି
ବସାକରେ, ମଝିରେ ମଝିରେ
କୃଷ୍ଣ ମୂର୍ତ୍ତିକାରେ ଢଙ୍କା ଆକାଶକୁ ଚାହେଁ।
କେତେଦିନ କାଟିଛି ସେ ଏହି ଅବସ୍ଥାରେ
ଡାଳେ ବସି ବସି,
ଭୁଲି ଯାଇଛି ସେ କୂଜନ।
ଏହି ପକ୍ଷୀଠାରୁ ମଣିଷ ଅବସ୍ଥା
କେତେବେଳେ ହେଲେ ନୁହେଁ ଭଲ।
କଟିରେ ଘେରା ତା ଛିଣ୍ଡାକନା
ବର୍ଷାରେ ଭିଜା
କେଉଁଠି ମିଳିବ ବା କାମ, ଏତେ ବର୍ଷାରେ
କ୍ଷୁଧାର ଜ୍ୱାଳାରେ କାତର ସେ।

'ଅନ୍ୟବେଶେ ବ୍ରାହ୍ମଣ' କବିତାରେ କବି ବର୍ଷାର ନିର୍ମମ ଛବି ଅଙ୍କନ କରିଛନ୍ତି। ୧୯୫୦ ମସିହାରେ ବର୍ଷା ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ସ୍ଥାୟୀ ହୋଇଛି। କେରଳବାସୀଙ୍କର ଆଧୁନିକ ପୋଷାକ ପ୍ରତି ଥିବା ମୋହକୁ କବିତାର ଶେଷ ଅଂଶରେ କବି ବିଦ୍ରୂପ କରିଛନ୍ତି। ନିର୍ଦ୍ଦୟ ବାଦଲ ଉଦ୍ଦେଶ୍ୟରେ ସେ ଲେଖିଛନ୍ତି-

ତୁମର ଏ ଅନାବଶ୍ୟକ ଜଳଦାନ ହେତୁ
ତୁମ ପ୍ରଶଂସାରେ ମୁଖର ଭେକ ନୀରବ ଆଜି
ତୁମକୁ ଦେଖି ମୟୂରୀ ବି ନାଚୁ ନାହିଁ
କେବଳ କେତେ ଅନାମିକା ଲତାବୁଦା ପବନେ ହଲୁଚି।

ଏପରିକି ତୁମର ପରମ ବନ୍ଧୁ
ବିଜୁଳି ଚମକ ତୁମକୁ ଛାଡ଼ିଛି
ହେ ମେଘ ! କେଉଁଠାରେ ତୁମ ବଜ୍ର ନିନାଦ ?
ଗୋପନେ ଗୋପନେ ତୁମେ ବ୍ୟର୍ଥ କରୁଛ
ପୃଥିବୀର ଭବିଷ୍ୟତ ସମ୍ଭାବନା ଗୁଚ୍ଛ ।

ଆଉ ମଧ୍ୟ କେରଳର ଭାଗ୍ୟପାଇଁ ଦୁଃଖକରି ସେ ଲେଖିଛନ୍ତି-

ପ୍ରତିପକ୍ଷେ ଜହ୍ନଉଠେ
ସେ ଜହ୍ନ ଆଖିରେ ପଡ଼େନା
ସେପ୍ଟେମ୍ବର ଝଲମଲ ହୁଏ ଖରାରେ
ସେ ମାସରେ ସୂର୍ଯ୍ୟ ଦେଖାଯାଏନା ।
ଚାଷବାସର ନାହିଁ ସୁଯୋଗ
ଚାଷୀମୁଖେ ନାହିଁ ଏକମୁଠା ଭାତ
କେରଳର ସବୁ ହୋଇଅଛି ଓଲଟପାଲଟ ।

କେରଳର ଶରତ୍ ଋତୁକୁ ସେ ଉପଦେଶ ଦେଇଛନ୍ତି ଏଇ ଭାଷାରେ

ଟେକନା ଟେକନା ନିଜକୁ
କଳାଶାଢ଼ୀ ପିନ୍ଧି
ତୁମେ ତ ସୁନ୍ଦର ଦିଶ
ଜ୍ୟୋତ୍ସ୍ନା ଶୁଭ୍ର ରେଶମୀ ଆଭରଣେ
ଏବଂ ନକ୍ଷତ୍ର ଖଚିତ ମଣିମୁକ୍ତାରେ ।
ବିଦେଶୀ ବସନପାଇଁ
ଏତେ ତୁମ ଆସକ୍ତି କାହିଁକି ?

ଗ୍ରୀଷ୍ମାବସାନର ସାଧାରଣ ଦୃଶ୍ୟରେ କବି ଯେପରି ମୋହାଚ୍ଛନ୍ନ । ବର୍ଷା ଋତୁରେ ମେଘକ୍ରମେ, ବୃଷ୍ଟିପାଇଁ ମେଘ ଗର୍ଜନରେ ତାର ପ୍ରସ୍ତୁତି ଚାଲେ ଏବଂ ତାପରେ ନୀରବରେ ବିଦାୟ ନିଏ । ତାଠାରୁ ଆଉ ଏକବିନ୍ଦୁ ଜଳ ଝରେନା । 'ଚାଷୀ ବାଦଲକୁ ଲକ୍ଷ୍ୟକରେ' କବିତାରେ ଚାଷୀ ଚାତକ ପକ୍ଷୀପରି କଳାବାଦଲ ଆଡ଼କୁ ଅଧୀର ଆଗ୍ରହରେ ଅନାଇ ରହେ । କଳାମେଘ କୋଳରେ ବିଦ୍ୟୁତ ଖେଳେ । ତା କାନରେ ବଜ୍ରର ନିନାଦ ମୃଦଙ୍ଗ ଭଳି ଧ୍ୱନିତ ହୁଏ । ବାଦଲ ଗୁଡ଼ିକ ପଡ଼ିଆରେ ଚରୁଥିବ ବଡ଼ ବଡ଼ ମହିଷି ପରି ତାକୁ ପ୍ରତୀୟମାନ ହୁଏ ଆଉ ମଧ୍ୟ ତାର ମନେହୁଏ ସେହି କଳାବାଦଲ ସତେଯେମିତି ସ୍ୱୟଂ ବିଷ୍ଣୁ ଏବଂ ସେ ଉତ୍ତାପ ଦାଉରୁ ପୃଥିବୀକୁ ରକ୍ଷା କରିବାକୁ ଆସିଛନ୍ତି । କିନ୍ତୁ କ୍ଷୁବ୍ଧ ବତାସ ମେଘକୁ ତଡ଼ିନିଏ । ସତେଯେମିତି ପଥରଖଣ୍ଡ

ଭାଙ୍ଗି ପଡ଼ିବାରୁ ମହିଷିଦଳ ଦୌଡ଼ିପଳାଇ ଯାଉଛନ୍ତି। ଏଥିରେ ପବନ ତା ପ୍ରଚଣ୍ଡ ଶକ୍ତିର ପରିଚୟ ଦିଏ।

ଜୀବନ ସଂଗ୍ରାମେ
ଯାହାର ହୃଦୟ ଶକ୍ତ ସମର୍ଥ
ମୂଲ୍ୟବାନ ରତ୍ନଖଚିତ ଧନୁଧରେ ଟାଙ୍କି
ତୀର ନିକ୍ଷେପର ସୁଯୋଗ ତେବେ ବି ମିଳେନି
ବ୍ୟର୍ଥ ହୁଏ ଶେଷେ।

'ଗ୍ରୀଷ୍ମଶେଷରେ ଏକ ରାତ୍ରି' କବିତାରେ କବି ବିଦ୍ୟୁତ ଚମକର ଏକ ନାଟକୀୟ ଛବି ଆଙ୍କିଛନ୍ତି। ଅନ୍ଧକାର ଆକାଶ ନୀଳମଣି ଖଚିତ ରଙ୍ଗଭୂମି ବୋଲି ମନେହୁଏ ଏବଂ ତା ବୁକୁରେ ଚମକ ଯେପରି କିଛି ସଙ୍କେତ ଦେଇ ମିଳେଇ ଯାଏ। ଉଜ୍ଜ୍ୱଳ ରୂପେଲୀ ବସନ ଉପରେ ପୁନଶ୍ଚ ଦେଖାଦିଏ ଏକ ସ୍ୱର୍ଗୀୟ ରୂପ। ସେ ନାନା ଭାବଭଙ୍ଗୀ କରି ଅଦୃଶ୍ୟ ହୁଏ। ତୃତୀୟଥର ସୁବର୍ଣ୍ଣ ଆଭରଣରେ ସ୍ୱର୍ଗୀୟଜ୍ୟୋତି ଆବିର୍ଭୂତ ହୁଏ। ସମସ୍ତଙ୍କ ଆଖି ତା ନୃତ୍ୟ ଆଡ଼କୁ ଟାଣିହୋଇ ଯାଏ।

ସାରାରାତି ସେ ଦିନ, ଭୋର ନ ହେବା ପର୍ଯ୍ୟନ୍ତ
ଅନେକ ବିଜୁଳି ପ୍ରବଳ ବିକ୍ରମେ ନାଚେ
ଏବଂ ଆକାଶ ମେଘର ଗର୍ଜନେ ପ୍ରତିଧ୍ୱନିତ ମୁଖର
କିନ୍ତୁ ଅଜାଣତେ ଏକ ବିନ୍ଦୁ ଝରେନା ଜଳ
ତୃଷିତ ଚାତକର ତୃଷ୍ଣା ନିବାରଣ ହୁଏ ନା ତ ଆଉ।

ଡାଲ୍ଲାଥୋଲଙ୍କର ପଶୁପକ୍ଷୀ ପ୍ରତି ଗଭୀର ମମତା ଥିଲା। ସେ ପକ୍ଷୀଙ୍କ ବିଷୟରେ ଏବଂ ଗୋରୁବଳଦ ବିଷୟରେ କେତୋଟି କବିତା ରଚନା କରିଛନ୍ତି। 'ଗୋଟିଏ ପାରା' କବିତାରେ ସେ ଲେଖିଛନ୍ତି ଯେ ଗୋଟିଏ ପାରା ତାଙ୍କ ଝରକାରେ ବସି ଖୁମ୍ପିବା ସମୟରେ ସେ ତାକୁ ସାଦର ଆହ୍ୱାନ ଜଣାଇଛନ୍ତି ଏବଂ ଏହିଠାରୁ କବିତାଟିର ଆରମ୍ଭ ହୋଇଛି। ତାର ସୌନ୍ଦର୍ଯ୍ୟରେ କବି ଆତ୍ମବିଭୋର ହୋଇ ଲେଖିଛନ୍ତି-

ଏ ପ୍ରଭାତ ମୋର ସୁଖକର
ହେ ପାରା, ଚମତ୍କାର ଔଜ୍ଜଲ୍ୟ ତୁମର
ତୁମେ ଏତେ ସୁନ୍ଦର ଯେ
ସତେ ଅବା ତୁମେ ମୋର ଘର ସଜାଇ ଦେଇଛ,
ତୁମ ବିବିଧ ବର୍ଣ୍ଣ ଡେଣାର
ବର୍ଣ୍ଣନା ଦେବା କଠିନ

ଏବଂ ତୁମ ଚଞ୍ଚୁ ଓ ପାଦର ଲାଲ୍‌ରଙ୍ଗ
ଦୈହିକ ସୌନ୍ଦର୍ଯ୍ୟ ପକ୍ଷୀର ଗର୍ବ
ତୁମ ଆଖି ସତେ ଅବା
ସୁନ୍ଦରୀ ନାରୀକପାଳ କୁଙ୍କୁମର ଟିପା
ତୁମର ଦେହ ଏତେ ସୁନ୍ଦର
ସତେ ଅବା ଦରଫୁଟା କଢ଼।

ପକ୍ଷୀ ଓ ମଣିଷ ଜୀବନର ଭାବନା, ମଣିଷର ଅଚରିତାର୍ଥ ଲୋଭ ଓ ନିର୍ଦ୍ଦୟତା ଏବଂ ପକ୍ଷୀର ଆନନ୍ଦ ଓ ନିରୀହଭାବ ଆଦିର ବର୍ଣ୍ଣନା ସେ ଦେଇଛନ୍ତି। ପକ୍ଷୀ ଉଡ଼ିଯିବାବେଳେ କବି ତାକୁ ଅଟକି ଯିବାକୁ କାତର ନିବେଦନ କରିଛନ୍ତି-

ହେ ସୌନ୍ଦର୍ଯ୍ୟମୟୀ
ଇନ୍ଦ୍ରଧନୁର ନିର୍ଯ୍ୟାସ
ସୌନ୍ଦର୍ଯ୍ୟ ସ୍ରୋତର ଟିକି ଢେଉ
ଦୂରକୁ ଉଡ଼ିଯାଅ ନାହିଁ, ଯାଅ ନାହିଁ
ମୋତେ ଏକାକରି।
ମାଟିକୁ ଠୋକର ମାରେ ତୁମ ଥଣ୍ଟ
ଏବଂ ତୁମେ ପ୍ରବାଳରଙ୍ଗର ପାଦ ପକାଇ ପକାଇ
ଧୀରେ ଧୀରେ ଆଗେଇ ଚାଲିଛ।
ମୋର ଦୁଇ ଆଖି ମୁଗ୍ଧ
ତୁମ ସୁନ୍ଦର ରୂପରେ।
ରହିଯାଅ କ୍ଷଣେ।
ଠିଆ ହୁଅ ମୋହରି ସାମ୍ନାରେ।

କିନ୍ତୁ ତାର ସରୁ ବେକକୁ ଟେକିଲାବେଳେ ସୂକ୍ଷ୍ମ ଲାଲ୍ ରଙ୍ଗର ଦାଗ ଆଖିରେ ପଡ଼େ। ଏହିପରି ପକ୍ଷୀ କବିଙ୍କୁ ବିଦାୟ ଜଣାଏ ଏବଂ କବି ତାହାକୁ ଉଡ଼ିଯିବାପାଇଁ ସମ୍ମତି ଜଣାନ୍ତି।

ଏହାଆଗୁ କେହିବି ତୁମକୁ ଦେଖି ଆନନ୍ଦ ପାଇଛ ?
ମୋ ଆଖିରେ ଆଜି ଆନନ୍ଦ ଜାଗିଛି
ତେଣୁ ତୋତେ ମୁହିଁ ଧନ୍ୟବାଦ ଦିଏ
ହେ ପକ୍ଷୀ !
ଫେରିଯାଅ, ଆନନ୍ଦ ଯୋଗାଅ
ତୁମ ଛୋଟ ସଂସାର ରହିଛି

ତୁମ ପ୍ରତୀକ୍ଷାରେ।

ଗୃହକର୍ତ୍ତାର ଏହି ତ କର୍ତ୍ତବ୍ୟ।

'ଗଞ୍ଜାକୁକୁଡ଼ା', 'ତୀରବିଦ୍ଧ ପକ୍ଷୀ', 'ଏକ ବଡ଼ ବଳିଦାନ', 'ସନ୍ତୁଷ୍ଟ ହୁଅ ହେ ଜନନୀ' ଏବଂ 'ଏକ ବୃଦ୍ଧା' ଏହି ଧରଣର କବିତାଗୁଡ଼ିକରେ କବିର ସୌନ୍ଦର୍ଯ୍ୟର ପ୍ରୀତି, ଜୀବନପ୍ରତି ତୀବ୍ର ସହାନୁଭୂତି ଏବଂ ପଶୁପକ୍ଷୀପ୍ରତି ମଣିଷର ନିର୍ଦ୍ଦୟତା ପ୍ରତି ତାଙ୍କର ଘୃଣା ଆଦି ଆମେ ଅନୁଭବ କରିପାରୁ। !ଏକ ବଡ଼ ବଳିଦାନ' କବିତାରେ କୁକୁଡ଼ା ବଳି କଥା ସେ ଉଲ୍ଲେଖ କରିଛନ୍ତି। ପକ୍ଷୀର ସୌନ୍ଦର୍ଯ୍ୟ ବର୍ଣ୍ଣନା କରି କବି କାଳିଙ୍କୁ ପ୍ରଶ୍ନ ପଚାରିଛନ୍ତି- ପକ୍ଷୀକୁ ଯେତେବେଳେ ଦେଖ ସେତେବେଳେ କ'ଣ ତୁମ ହୃଦୟରେ ସ୍ତନ୍ୟଦାୟିନୀ ମାଆର ଭାବ ଜନ୍ମେନାହିଁ? ପରକ୍ଷଣରେ ସେ ଭାରତର ଅହିଂସାର ଐତିହ୍ୟ କଥା ସ୍ମରଣ କରିଛନ୍ତି ଏହି ଭାଷାରେ-

ତୃଣାଗ୍ର ଛିଣ୍ଡାଇବାକୁ ଯେ ମଣିଷ<br>
ପାପ ମନେକରେ, କାୟମନୋବାକ୍ୟେ<br>
ଯେ ମଣିଷ ଅହିଂସା ବିଶ୍ୱାସୀ<br>
ଯେ ଦେଶେ ମହାନ୍ ଆତ୍ମାର ବାସ<br>
ସେ ଦେଶ କେମିତି ବା ସହ୍ୟକରେ<br>
ମଣିଷର ଏଇ ବର୍ବରତା<br>
ନିରୀହକୁ ହତ୍ୟାକରି ବଳିଦାନ କୁହ।

'ଚାଷୀର ଜୀବନ' କବିତାରେ ସେ ବଳଦ ଉଦ୍ଦେଶ୍ୟରେ ଲେଖିଛନ୍ତି।-

ତୁମେମାନେ ଶାନ୍ତି ପାଅ,<br>
ତୁମ ମାଆ ଦୁଗ୍ଧଦାନ କରେ<br>
ତୁମେ ଆମରି ପ୍ରିୟଭାଇ<br>
ଆମ ଜୀବନ ଧାରଣର ଉପାର୍ଜନ ପାଇଁ<br>
ପ୍ରାଣପଣେ ତୁମେ ମଧ୍ୟ ସହଯୋଗ କର<br>
ଆମର ସ୍ନେହ ଓ ଯତ୍ନରେ<br>
ତୁମ ଦେହ ହେଉ ତୈଳାକ୍ତ ମସୃଣ।

ଭାଲ୍ଲାଥୋଲ ପ୍ରକୃତିର ସନ୍ତାନଙ୍କୁ ଯେପରି ଭଲପାଇଛନ୍ତି ସେହିପରି ଯେଉଁ ମଣିଷ ସହିତ ପ୍ରକୃତିର ସମ୍ପର୍କ ନିବିଡ଼ ଥିଲା ତାହାକୁ ମଧ ଭଲ ପାଇଛନ୍ତି। ସମଗ୍ର ମଣିଷ ସମାଜ ମଧ୍ୟରେ କୃଷକମାନଙ୍କୁ ଅନ୍ତର ଦେଇ ଭଲ ପାଉଥିଲେ। ସେଥିପାଇଁ ସେ କୃଷକମାନଙ୍କୁ ସେ ଅନ୍ତର ଦେଇ ଭଲ ପାଉଥିଲେ। ସେଥିପାଇଁ ସେ କୃଷକମାନଙ୍କୁ ଉପଜୀବ୍ୟ କରି ଅନେକ କବିତା ରଚନା କରିଛନ୍ତି। 'ବାଦଲକୁ ଚାହିଁ ରହେ ଚାଷୀ', 'କୃଷକର ପ୍ରାର୍ଥନା', 'କୃଷକ ସଙ୍ଗୀତ'

ଏବଂ 'ଅତିବୃଷ୍ଟି' ସେଗୁଡ଼ିକ ମଧ୍ୟରେ ଅନ୍ୟତମ। କୃଷକପ୍ରତି ଏହି ଭଲପାଇବାର ତାର ଦୁଃଖ ଦୁର୍ଦ୍ଦଶାର ସମ୍ୟକ ଉପଲବ୍ଧି, ତା ପ୍ରତି ଅକୃତ୍ରିମ ସହାନୁଭୂତି ଏବଂ ଗର୍ବବୋଧ ଏହି କବିତାଗୁଡ଼ିକର ବୈଶିଷ୍ଟ୍ୟ।

ଭାଲ୍ଲାଥୋଲ ଗାନ୍ଧିଜୀଙ୍କ ମତରେ ପୁନରାବୃତ୍ତି କରିଛନ୍ତି। ସେ କହିଛନ୍ତି ସୁଖୀ, ଶକ୍ତିଶାଳୀ ଏବଂ ସ୍ୱାଧୀନ ଭାରତ ଗଢ଼ିବାକୁ ହେଲେ ଚାଷୀର ଜୀବନକୁ ଉନ୍ନତ କରିବାକୁ ହେବ। କୃଷକର ଜୀବନ ବିଷୟକ କେତୋଟି ଛବି ଆମର ସ୍ମୃତିପଟରେ ଉଜ୍ଜୀବିତ ହୁଏ- ମେଘ ଦେଖି ଘର୍ମକ୍ଲାନ୍ତ ଚାଷୀ ବୃଷ୍ଟି ଆଶାରେ ଅଧୀର ଆଗ୍ରହରେ ଆକାଶକୁ ଚାହିଁ ରହେ, ଅତ୍ୟଧିକ ବର୍ଷା ଗରିବର କୁଡ଼ିଆକୁ ଭସାଇନିଏ ଏବଂ ଲୋକଟି ଶୀତରେ ଥରିଥରି ଠିଆହୋଇ ରହେ। ନିମ୍ନ ବର୍ଣ୍ଣର ନାରୀ ଶ୍ରମିକ ସନ୍ଧ୍ୟାରେ ଯେତେବେଳେ କ୍ଷେତରୁ ଫେରେ ସେତେବେଳେ ସବର୍ଣ୍ଣ ବା କବିଙ୍କ ପରି ଉଚ୍ଚବର୍ଣ୍ଣକୁ ଛୁଆଁରେ ଦୂଷିତ ନ କରିବାପାଇଁ ଜଳରେ ଗାଧୋଇପଡ଼େ। ଗ୍ରାମ ମଝିରେ ରାମାୟଣପାଠ କରିବା ପୂର୍ବରୁ କବିଙ୍କ ଅନୁମତି ନେବା, ପ୍ରଭୃତି।

ପ୍ରକୃତିର ସୌନ୍ଦର୍ଯ୍ୟ ଏବଂ ବୈଚିତ୍ର୍ୟମୟ ଜୀବନ ମଧ୍ୟରେ ଭାଲ୍ଲାଥୋଲ କ'ଣ ପ୍ରକୃତିର କୌଣସି ଗୂଢ଼ଅର୍ଥ ଖୋଜି ପାଇଥିଲେ? ସମୟେ ସମୟେ ପ୍ରକୃତି ଜୀବନପ୍ରତି ବିଶ୍ୱସ୍ତ ହୁଏ ଏବଂ ଚିନ୍ତାଧାରାକୁ ବିକାଶ କରିବାରେ ସାହାଯ୍ୟ କରେ। କିନ୍ତୁ ଏହି ଚିନ୍ତାଧାରା ଗୁଡ଼ିକ ଅଧିକାଂଶ ଭିତ୍ତିହୀନ ଏବଂ ପ୍ରକୃତିର ବାସ୍ତବତା ସହିତ ତାର ସମ୍ପର୍କ ଅଗଭୀର। ବର୍ଷାଜଳର ଧାରା ଭଲ ଲାଗିବାଠାରୁ ପାର୍ଥିବ ଜୀବନର ଧାରା ଭଲଲାଗିବା ପର୍ଯ୍ୟନ୍ତ ଅଥବା ମଣିଷର ଅତୃପ୍ତ କ୍ଷୁଧା ଓ ପକ୍ଷୀର ସନ୍ତୋଷର ବୈସାଦୃଶ୍ୟ ମଧ୍ୟରେ ମନୁଷ୍ୟ ଜୀବନର ବା ପ୍ରକୃତି ଜୀବନର କୌଣସି ଅନ୍ତର୍ଦୃଷ୍ଟି ଅଛିବୋଲି କୁହାଯାଇପାରେନା।

କିଛି କିଛି କବିତାରେ ବାସ୍ତବଧର୍ମୀ ଅଥବା ଜ୍ଞାନ ଗର୍ଭକ କୌଣସି ଚିନ୍ତାଧାରାର ଛବି ଆଙ୍କିବାଠାରୁ କଳ୍ପନାର ଜାଲ ବୁଣିବାରେ କବି ବେଶି ଆଗ୍ରହୀ ଥିଲେ। ଯେପରି 'ପ୍ରଭାତ ଗୀତ' କବିତାରେ ପ୍ରଭାତକୁ କର୍ମବ୍ୟସ୍ତ ଦାସୀ ବୋଲି ମନେକରିଛନ୍ତି। ସେ ରାତ୍ରିର ବାସୀଫୁଲ ଅର୍ଥାତ୍ ତାରାଗୁଡ଼ିକୁ ଆକାଶ ଗୃହରୁ ଝାଡୁ ଦେଇଦିଏ, ରୁପାର ସୁଗନ୍ଧିପାତ୍ର ଚନ୍ଦ୍ରକୁ ସେ ନେଇଯାଏ ଏବଂ ଆକାଶରେ ପବିତ୍ର ପାଣି ସିଞ୍ଚି ତାକୁ ଫୁଲରେ ସଜାଇ ଦିଏ। ତାଙ୍କର ଏହି କଳ୍ପନା ଆହୁରି ଗଭୀର ଏବଂ ଅର୍ଥବହ ହୋଇ ଦେଖାଦେଇଛି 'ସତ୍ୟଗନ୍ଧା' କବିତାରେ। ସେଠାରେ ପ୍ରକୃତିର ସବୁକିଛି ସତ୍ୟଦେବୀ ବୋଲି ବ୍ୟକ୍ତ ହୋଇଛି। ମୁଣ୍ଡ ଉପରେ ସୁଦୂର ବିସ୍ତୃତ ଶୂନ୍ୟତା ସତ୍ୟାଲୋକର ଖଣ୍ଡାଂଶ ଏବଂ ସେଗୁଡ଼ିକ ହେଉଛି ନକ୍ଷତ୍ର, ସ୍ତମ୍ଭ ଚୂଡ଼ାରେ ତାର ଉଜ୍ଜ୍ୱଳ ଆଲୁଅ ପଡ଼ି ଅନ୍ଧକାର ଦୂରହୁଏ ଏବଂ ଦେବୀ ହସ୍ତର ରୂପାପାତ୍ରରୁ ଉତ୍ସାରିତ ହୁଏ ଦୁଗ୍ଧକୋମଳ ଯେଉଁ କରୁଣାବାରି ତାହା ହେଉଛି ଚନ୍ଦ୍ରାଲୋକ। ପ୍ରତିମୁହୂର୍ତ୍ତରେ ସମୁଦ୍ର ପୃଥିବୀକୁ ଗ୍ରାସ କରିବାପାଇଁ ଭୟ ଦେଖାଏ ଏବଂ ତାକୁ ଧୀରେ ପଛକୁ ଟାଣିନିଏ ଶକ୍ତିର ଅଧିଷ୍ଠାତ୍ରୀ ଦେବୀଙ୍କ ସନ୍ତାନ।

ବିଦ୍ୟୁତ୍ ତୁମର ରାଜକୀୟ ତରବାରୀ
ମେଘ ତୁମର ରଥ
ପ୍ରତିଧ୍ୱନିତ ବଜ୍ରନିନାଦ ତୁମ ତ୍ରମ
ଅନନ୍ତ ଶବ୍ଦ ସମୂହ,
ବିଜୟୀର ଅବା ମହାନ୍ ଆହ୍ୱାନ୍।

ଯେଉଁଶକ୍ତି ଓ ଗାରିମା ପ୍ରକୃତି ମଧ୍ୟରେ ଅନୁଭୂତ ତାହା ମନୁଷ୍ୟ ଜୀବନରେ ଶୁଭାକାଂକ୍ଷୀ ଅଭିଭାବକ ରୂପେ ଦେଖାଦିଏ।

ଯିଏ ତୁମ ପାଦସ୍ପର୍ଶ କରିବାକୁ ଚାହେଁ
ହେ ସତ୍ୟ! ସେଠାରେ କି
ନିର୍ଭୀକ ଓ ଊର୍ଦ୍ଧ୍ୱମୁଖୀ ହୋଇ ଠିଆ ହୁଅ।

ଏହି କବିତାରେ ଦୃଶ୍ୟ ଅଦୃଶ୍ୟକୁ ସ୍ପର୍ଶକରେ ଏବଂ ସେଠାରେ ଦେବତା, ପ୍ରକୃତି ଏବଂ ମଣିଷ ମଧ୍ୟରେ କାଳ୍ପନିକ ଯୋଗସୂତ୍ର ବିଦ୍ୟମାନ। କିନ୍ତୁ ସାଧାରଣଭାବେ କହିବାକୁ ଗଲେ ଭାଲ୍ଲାଥୋଲ ମରମୀ ନୁହଁନ୍ତି, ରୂପକଧର୍ମୀ ନୁହଁନ୍ତି, ଏପରିକି ଦାର୍ଶନିକ କବି ମଧ୍ୟ ନୁହଁନ୍ତି। ସେ ଅତ୍ୟନ୍ତ ଇନ୍ଦ୍ରିୟଗ୍ରାହ୍ୟ ଏବଂ ପ୍ରାଣ ପ୍ରାଚୁର୍ଯ୍ୟମୟ ମଣିଷ। ପ୍ରକୃତି ତାଙ୍କ ନିକଟରେ ଅଫୁରନ୍ତ ଆନନ୍ଦର ଉତ୍ସ। ସମୁଦ୍ର କେରଳର ଚରଣରେ ଫେନର ଶୁଭ୍ରନୂପୁର ବାନ୍ଧିଛି ଅତୃପ୍ତଭାବେ, ପୁନଶ୍ଚ ଖୋଲିଛି ପୁଣି ପିନ୍ଧାଇ ଦେଇଛି। ଏ ଦୃଶ୍ୟ କବି ଚିରକାଳ ଧରି ଦେଖିପାରିଛନ୍ତି ଅଥବା ଆକାଶରେ ବତାସ ଏବଂ ମେଘର, ନଦୀ ବୁକୁରେ ଢେଉର ଖେଳ ଦେଖିପାରି ପ୍ରକୃତି ଗରିମାର ଜୟଗାନ କରିଛନ୍ତି ଏବଂ ତା ଉପରେ ଏହିସବୁ ଆଶୀର୍ବାଦ ବର୍ଷଣ କରିବାଯୋଗୁ ସୃଷ୍ଟିକର୍ତ୍ତାଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

କେମିତି ବା ମୋର ପ୍ରଲୁବ୍ଧ ହସ୍ତ ତାଆଡ଼େ ପ୍ରସାରିତ ହେବ,
ସେ ଯେ କରୁଣାମୟ, ସ୍ନେହମୟ
ମୋର ଅବାସସ୍ଥଳୀ କରିଛନ୍ତି କ୍ରୀଡ଼ାକ୍ଷେତ୍ର
ସୁନ୍ଦର ବସ୍ତୁରେ ଭରା
ଏଇ ଅନ୍ଧକାରାଚ୍ଛନ୍ନ ନରମ ବିଛଣା
ଏଇ ସ୍ନିଗ୍ଧତା
ଏଇ ପ୍ରକମ୍ପିତ ପଙ୍ଖା
ହୀରକ ଖଚିତ ଏଇ ନୀଳ ଚନ୍ଦ୍ରାତପ
ଏବଂ ତା'ମଧ୍ୟେ ସ୍ୱର୍ଣ୍ଣମୟ ପୃଥ୍ୱୀ ରହିଅଛି ସମୁଜ୍ଜ୍ୱଳ।

ଉଲ୍ଲିଖିତ ସ୍ତବକରେ ପ୍ରକୃତିପ୍ରତି ଭାଲ୍ଲାଥୋଲଙ୍କର ଏକ ଅଦ୍ଭୁତ ମନୋଭାବ ଫୁଟି ଉଠିଛି। ତାଙ୍କ ନିକଟରେ ପ୍ରକୃତି ମଣିଷପାଇଁ ଏକ ଆଶୀର୍ବାଦ ସ୍ୱରୂପ ଏବଂ ମଣିଷ ଜୀବନର ପଶ୍ଚାଦ୍‌ଭୂମି।

ପ୍ରକୃତି କେତେବେଳେ ଯଦି ଧ୍ୱଂସଲୀଳାରେ ମୋତେ କବି ତାକୁ ମନୁଷ୍ୟପ୍ରତି ନିର୍ଦ୍ଦୟ ଓ ବିରୂପ ମନେ କରିପାରନ୍ତି କିନ୍ତୁ ସେ ତାକୁ କେବେହେଲେ ହିଂସ୍ର, ସ୍ୱତନ୍ତ୍ର ଏବଂ ଉଦାସୀନ ମନେକରି ନାହାନ୍ତି। ପ୍ରକୃତି ସ୍ୱତନ୍ତ୍ର ସତ୍ତା ସମ୍ବନ୍ଧରେ ଭାଲ୍ମୀଥୋଲଙ୍କର ଅନୁଭୂତି ତାଙ୍କୁ ଦକ୍ଷ କ୍ଲାସିକ କବିର ଗୌରବ ଦେଇଛି। ଅତି ପରିଚିତ ବିଭିନ୍ନଦିଗ ସମ୍ବନ୍ଧରେ ତାଙ୍କର ସମ୍ୟକ୍ ଜ୍ଞାନ ଥିଲା। କ୍ଷୁଦ୍ର ବା ବୃହତ୍ କୌଣସି ପ୍ରାକୃତିକ ଘଟଣା କବିଙ୍କୁ ବିଚଳିତ କରିପାରି ନାହିଁ। ତାଙ୍କ ଦୃଷ୍ଟିରେ ପ୍ରକୃତି ଏକ ଦିଗରେ ଯେପରି ଈଶ୍ୱରଙ୍କ ସହିତ ସଂଯୁକ୍ତ ସେହିପରି ଅନ୍ୟ ଦିଗରେ ମଣିଷ ସହିତ ସଂପୃକ୍ତ। ସେ ପ୍ରକୃତିର ଯେଉଁ ସୌନ୍ଦର୍ଯ୍ୟ ମଣ୍ଡିତରୂପ ଦେଖିଛନ୍ତି, ତା ମଧ୍ୟରେ ଯେଉଁ ମଣିଷତ୍ୱର ସନ୍ଧାନ ପାଇଛନ୍ତି, ଜୀବନର ନୈତିକତାର ଉତ୍ସ ପ୍ରକୃତି ମଧ୍ୟରେ ସେ ଯେଭଳି ଭାବେ ଖୋଜି ପାଇଛନ୍ତି ସେଥିରୁ ନିଃସନ୍ଦେହରେ କୁହାଯାଇପାରେ ଯେ ସେ ପୃଥିବୀର ଅନନ୍ୟ କ୍ଲାସିକ କବିଙ୍କ ସମଗୋତ୍ର।

■

# ରୋମାଣ୍ଟିକ କବି

କ୍ଲାସିକ ରୀତିରେ ନିଷ୍ଠାବାନ ଏବଂ ସନାତନ ଧର୍ମ ଓ ସଂସ୍କୃତିର ସଂସ୍ପର୍ଶରେ ନ ଆସିଲେ ରୋମାଣ୍ଟିକ କାବ୍ୟାଦର୍ଶକୁ ଗ୍ରହଣ କରିପାରେ ନାହିଁ। ଏହା ସତ୍ତ୍ୱେ କେରଳ ଓ ମାଲୟାଲମ୍ ସମାଜ ଏବଂ ସାହିତ୍ୟରେ ଯଥେଷ୍ଟ ନୂତନତା ଦେଖାଦେଇଛି। କିନ୍ତୁ ଭାଲ୍ଲାଥୋଲଙ୍କଠାରେ ଏହାର କୌଣସି ବିଶେଷ ପ୍ରଭାବ ପଡ଼ି ନାହିଁ। ତାଙ୍କର କ୍ଲାସିକରୀତି ଖୁବ୍ ଆତ୍ମସଚେତନ ନୁହେଁ, ଏପରିକି ସ୍ଥିତିଶୀଳ ନୁହେଁ, ବରଂ ଅନେକ ସ୍ଥାନରେ ନମନୀୟ, ସରଳ ଏବଂ ନୂତନ ଭଙ୍ଗୀ ସହିତ କବି ସାମିଲ ହେବାପାଇଁ ଆଗ୍ରହୀ। ଅନେକ ସ୍ଥଳରେ ସେ ରୋମାଣ୍ଟିକ କବି ଭଳି ମନେ ହୁଅନ୍ତି। ମାଲୟାଲମ୍ ସାହିତ୍ୟରେ ରୋମାଣ୍ଟିସିଜମ୍‌ରେ ବିକାଶରେ ଭାଲ୍ଲାଥୋଲଙ୍କ ଅବଦନାକୁ ଅସ୍ୱୀକାର କରାଯାଇ ପାରେ ନାହିଁ। କ୍ଲାସିସିଜମ୍ ଏବଂ ରୋମାଣ୍ଟିସିଜମ୍‌ର ଏହି ମିଳନ ସେତୁ ରଚନାରେ ବିସ୍ମିତ ହେବାର କିଛି କାରଣ ନାହିଁ। କ୍ଲାସିକ କାବ୍ୟାଦର୍ଶ ମଧ୍ୟରେ ଅନନ୍ୟ ଭାବଧାରାର ସଙ୍ଗତି କରଣର ପ୍ରେରଣା ସ୍ୱାଭାବିକ ଭାବେ ବିଦ୍ୟମାନ।

ଆଧୁନିକ ମାଲୟାଲମ୍ କବିତା ତଥା ସମସ୍ତ ରୋମାଣ୍ଟିକ କବିତାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ ଏଇ ଯେ କବି ତାର ବିଷୟବସ୍ତୁର ପଶ୍ଚାତ୍‌ରେ ନିଜକୁ ଗୋପନ କରେ ନାହିଁ, ତାକୁ ଉପଲକ୍ଷ୍ୟକରି ନିଜ ଚିନ୍ତା ଓ ଅନୁଭୂତି ବ୍ୟକ୍ତକରେ। ବେଳେବେଳେ ମନେହୁଏ କବି ତା'ର ପାଠକ ସହିତ ସିଧାସଳଖ କଥାବାର୍ତ୍ତା ହେଉଛି, କିନ୍ତୁ ଅଧିକାଂଶ ସମୟରେ ମନେହୁଏ ସେ ସ୍ୱାଗତ ଭାଷଣରେ ମଗ୍ନ, ଯେପରି ତାର କବିତାର ଉତ୍ତମ ପୁରୁଷର ପାଠକ ହଠାତ୍ ଶୁଣିପାରୁଅଛି। ମାଲୟାଲମ୍ କବିତାର ଉତ୍ତମ ପୁରୁଷର କଥନରେ ଲେଖନରୀତି ସାଂପ୍ରତିକ କବିତାରେ ଦେଖିବାକୁ ମିଳେ। ଯେପରି ପ୍ରଥମ ପର୍ଯ୍ୟାୟର କବିତାବଳୀ 'ଜ୍ଞାନାପ୍ପାନା' (ପ୍ରଜ୍ଞାନତାର ସଙ୍ଗୀତ) ସର୍ବୋତଭାବେ ବିଚାରକଲେ ଦେଖାଯାଏ ଯେ ପ୍ରଚଳିତ କାବ୍ୟଧାରା ଅନୁଯାୟୀ ଊନବିଂଶ ଶତାବ୍ଦୀର ଶେଷପର୍ଯ୍ୟାୟ ପର୍ଯ୍ୟନ୍ତ କବିମାନେ କବିତାର ବସ୍ତୁଗତ ଉପସ୍ଥାପନାରେ ବହୁଳଭାବରେ ଆସ୍ଥାବାନ ଥିଲେ। ଇଂରେଜୀ ଶିକ୍ଷାର ପ୍ରସାର ସଙ୍ଗେ ସଙ୍ଗେ ଗୋଟିଏ ପରିବର୍ତ୍ତନର ସୂଚନା ମିଳିଲା। ଇଂରେଜୀ କବିତାରେ, ବିଶେଷକରି ରୋମାଣ୍ଟିକ କବିତାର ଚର୍ଚ୍ଚାରେ ସାମ୍ନାକୁ ଆସେ ଦୁର୍ଦ୍ଦମନୀୟ ଅଭିଜ୍ଞତାର ଫସଲ। ଏହାଫଳରେ ଖୁବ୍ ଶୀଘ୍ର ମାଲୟାଲୀ ଭାଷାରେ ବିବିଧ ନବ କିଶଳୟର ଆବିର୍ଭାବ ଘଟିଲା। କ୍ଷୁଦ୍ର କବିତା ଲେଖାର ରୀତି ଚାଲୁହେଲା ଏବଂ ସେହିସବୁ କବିତାରେ କବିର ଅନ୍ତରଙ୍ଗଭାବ ଓ ଚିନ୍ତା ପ୍ରକାଶ ପାଇବାକୁ ଲାଗିଲା। ସାହ୍ୟ

ପର୍ବତ ଦର୍ଶନ ଅନୁଭୂତିର ସ୍ୱାକ୍ଷର ରହିଛି କବି ଏ.ଆର.ରାଜାରାଜ ବର୍ମାଙ୍କ 'ମାଲୟାବିଳାସମ୍' କବିତାରେ, କବି ଭି.ସି.ବାଳକୃଷ୍ଣ ପନିକ୍କରଙ୍କର 'ବିଶ୍ୱରୂପମ୍' (ବିଶ୍ୱରୂପ ଦର୍ଶନେ) ଓ 'ଓରୁ ବିଳାପସ' (ଗୋଟିଏ ବିଳାପ) ମାଲୟାଲମ୍ ସାହିତ୍ୟର ନୂତନ କାବ୍ୟଧାରାର ପ୍ରକୃଷ୍ଟ ଉଦାହରଣ। ଶେଷୋକ୍ତ ଏହି ବିଳାପ କବିତାଟି ମାଲୟାଲମ୍ ସାହିତ୍ୟର ପ୍ରଥମ ଏଲିଜି। ଏହାବ୍ୟତୀତ ସି.ଏସ୍, ସୁବ୍ରମଣ୍ୟଙ୍କ 'ଓରୁ ବିଳାପମ୍' (ଗୋଟିଏ ବିଳାପ) ଏବଂ କେ.ସି. କେଶବ ପିଲାଇଙ୍କ 'ଆସନ୍ନ ମରଣ ଚିନ୍ତା ଶତକମ୍' (ମୃତ୍ୟୁପଥ ଯାତ୍ରୀର ଚିନ୍ତାରାଜି) ଆଦି ରହିଛି। ଏସବୁ କବିତାର ବିଷୟବସ୍ତୁ ଖୁବ୍ ବଳିଷ୍ଠ ନ ହେଲେ ମଧ୍ୟ କବିକଣ୍ଠ ସ୍ପଷ୍ଟରୁ ସ୍ପଷ୍ଟତର ହୋଇଉଠିଛି। ରୂପକର ଆବରଣରେ ରଚିତ କୁମାରନ୍ ଆସନଙ୍କ' 'ବୀଣାପୂଭୁ' (ଝରାଫୁଲ) କବିତାର ଲକ୍ଷଣ ଦେଖି ସ୍ୱଷ୍ଟମନେହୁଏ ନୂତନ ଆଙ୍ଗିକର ପ୍ରଚଳନ ଚାଲିଛି। ଏହି ନୂତନ କାବ୍ୟଧାରା ପ୍ରତି ଭାଲ୍ଲାଥୋଲଙ୍କର କ୍ଷୁଦ୍ର କବିତା ସମୂହ ହେଉଛି ଏକ ଅବଦାନ। ତାଙ୍କର ଅନେକ କବିତା ବର୍ଣ୍ଣନାମୂଳକ ଓ ଏହି ବର୍ଣ୍ଣନା କବିର ଭାବନା ଜାତ, ଯେଉଁ ଭାବନା ଏକ ବିଶିଷ୍ଟ ମନୋଭଙ୍ଗୀର ବା ଆବେଗାନୁଭୂତିର ସୁରରେ ସଂପୃକ୍ତ। ସେହି ହେତୁ 'ଗ୍ରାମୀଣ ନୌକାରେ ଜଳଯାତ୍ରା'। 'ଦେଶ ମାତୃକା ପ୍ରତି', 'ବାୟୁବେଗେ, ଭାସମାନ କବିତା' ପ୍ରଭୃତି କବିତାରେ କବିଙ୍କ ଭାବନାରେ ସନ୍ଧାନ ଲକ୍ଷ୍ୟକରାଯାଇପାରେ। ଏହି ସୁର ତାଙ୍କ 'ଜନୈକ ବଧିରର କାନ୍ଦ', 'ମୋର ପକ୍ୱକେଶକୁ ଲକ୍ଷ୍ୟକରି', 'ମୋର ଛୋଟ ଝିଅ', ଇତ୍ୟାଦି କବିତାରେ ଦୃଷ୍ଟିଗୋଚର ହୁଏ। ତାଙ୍କ 'ବିଳାପ'ରେ କବି ଗାଇଛନ୍ତି-

> ପରଦିନ ସକାଳେ ମୁଁ ସ୍ୱାଭାବିକ ହେବି
> ଆଶାକରେ, ପ୍ରତି ରାତ୍ରିରେ ଶୋଇଯାଏ।
> କିନ୍ତୁ;
> ଆଗୋ ପ୍ରଭାତର ସୌନ୍ଦର୍ଯ୍ୟମୟୀ ଦେବୀ
> ଆଖିଖୋଲିଲେ, ହୃଦୟମୋ ଭରିଯାଏ ହତାଶାରେ,
> ପୃଥିବୀର ଅଧିକାଂଶ ଶବ୍ଦର ତରଙ୍ଗ
> ମୁଁ ଶୁଣିପାରେ ନାହିଁ।
> ସ୍ତବ୍ଧତାରେ ନିରବଚ୍ଛିନ୍ନ ମୋର ମନ
> ଯେପରି ମନେହୁଏ ନିଦ୍ରାଚ୍ଛନ୍ନ।
> ଆଗୋ କବିତାର ଆନନ୍ଦ ପ୍ରତିମା
> କବି ସଭାର ସତୀର୍ଥ ସମାଗମେ ଉପସ୍ଥିତ ହେଲେ
> କବିତା ଆବୃତ୍ତି ମୁଁ ଶୁଣିପାରେ ନାହିଁ
> ମୋ ଦୁଃଖରେ ଶେଷ ନାହିଁ
> ମୋ ଶ୍ରବଣେ କିଛିମାତ୍ର ପ୍ରବେଶ କରେନି।

'ମୋର ପକ୍ୱକେଶକୁ ଲକ୍ଷ୍ୟକରି' କବିତାରେ ପ୍ରକାଶ ପାଇଛି ଗୋଟିଏ ଅସ୍ୱାଭାବିକ ଅନୁଭୂତି।

ତୁମ ପଥେ ଆସିବନି କେବେ, ହେ ମୃତ୍ୟୁ
ତୁମ ଭଗ୍ନୀ ନିଦ୍ରାଠାରୁ ଢଗିଛି ମୁଁ ଭଲଭାବେ
ତୁମ ରାଜ୍ୟରେ କି ଅନନ୍ୟ ବିଷାଦ।
ଅକଳ୍ପନୀୟ ଭୟର ରାଜ୍ୟେ ତୁମର।
କେଉଁଠାରେ ଦେବି ମୁହିଁ
ଅତି କଷ୍ଟେ ଲବ୍‌ଧ
ମୋ ଅନ୍ତର ଭଲପାଇବାକୁ ନେଇ ?
ମୋ ଛୋଟଝିଅ 'ସମବ୍ୟଥୀ'
ଲାଳନ କରିଛ ଯାହାକୁ ଶ୍ରଦ୍ଧାରେ
ତୁମ ଶୂନ୍ୟନଗ୍ରରେ
ତା ଆଖିରେ ପଡ଼େ ତୁମ ଉଚକାନ୍ଧ
ତା ଅଶ୍ରୁର ମୁକ୍ତାମାଳାରେ
ଯିଏ କରେ ତୁମ ଉପାସନା।

କବିଙ୍କର ଦେଶପ୍ରେମ ମୂଳକ ଏବଂ ଜାତୀୟବାଦୀ ଚେତନାର କବିତା ଗୁଡ଼ିକ ଏକ ଗତିଶୀଳ ଆବେଗାନୁଭୂତିରେ ଅନୁରଣିତ ଓ ଖୁବ୍ ସଂଗତ। ଏହି କାରଣରୁ ପାଠକ କବିର ବକ୍ତବ୍ୟ ସହିତ ନିଜକୁ ଏକାତ୍ମ ମନେକରେ।

ରୋମାଣ୍ଟିକତାର ଆଦର୍ଶ ଏବଂ ମନ୍ମୟ କବିତାର ଲକ୍ଷଣ ଦିଗରୁ ଭାଲ୍ଲାଥୋଲଙ୍କର କ୍ଷୁଦ୍ରକବିତା ଗୁଡ଼ିକ ବେଶ୍ କିଛି ସ୍ୱତନ୍ତ୍ର ଧରଣର। କବିର ଚିନ୍ତାଧାରା ଏବଂ ଆବେଗାନୁଭୂତି ଏତେ ତୀବ୍ର ଏବଂ ଅଳଙ୍କାରମୟ ଯେ ରୋମାଣ୍ଟିକତାର ଆବିଳତାରେ ଢଳି· ପଡ଼ିବାର ଅବକାଶ ନାହିଁ। ଭାଲ୍ଲାଥୋଲଙ୍କର ମନ୍ମୟ କବିତାଗୁଡ଼ିକ କେତେକାଂଶରେ ଗ୍ରେ'ଙ୍କ ଏଲିଜି କବିତା ସଙ୍ଗେ ତୁଳନୀୟ। 'ଏଲିଜି' ଶ୍ରେଣୀର କବିତାର ଆବେଗାନୁଭୂତି ପୃଥକ କରିବା ଦୁଷ୍କର ବିଷାଦ ଯାହା କବିର ଚିନ୍ତାରେ ସମୃଦ୍ଧ, ଯଥାଯୋଗ୍ୟ ସାମାନ୍ୟ ଘଟଣା ଉପସ୍ଥାପନାରେ ବିଶିଷ୍ଟ ରଚନାଶୈଳୀ ସ୍ୱଚ୍ଛନ୍ଦ ଏବଂ ପରିଚ୍ଛନ୍ନ, ଛନ୍ଦରେ ସାବଲୀଳ ପ୍ରବାହ ଏବଂ ଏସବୁ ଭିତରେ ସଚେତନ ପାଠକ କବି ଅନ୍ତରର ବିଷାଦ, ଗାମ୍ଭୀର୍ଯ୍ୟ, ନିରାନନ୍ଦ, ନମ୍ରତା ଏବଂ ଅଭିମାନର ସାନ୍ନିଧ ଲାଭ କରିପାରେ। ଭାଲ୍ଲାଥୋଲଙ୍କ ରଚନାରେ ଅନନ୍ୟ ମାର୍ଜିତ ରୀତିର ପ୍ରକାଶ ଘଟିଛି ଏବଂ ତାଙ୍କର ଅନୁଭୂତି ଓ ଚିନ୍ତାଧାରା କେରଳ ହିନ୍ଦୁ ସଂସ୍କୃତିର ମୁଖାପେକ୍ଷୀ ନୁହେଁ, ତଥାପି ତାମଧ୍ୟରେ ପାଠକ କବି ସତ୍ତାର ଧାରାବାହିକତା ଏବଂ ବ୍ୟକ୍ତିତ୍ୱକୁ ଖୋଜିପାଏ। ଭାଲ୍ଲାଥୋଲ ଯଦ୍ୟପି ଖୁବ୍ ବଳିଷ୍ଠ ମନ୍ମୟକବିତା ରଚନା କରି ନାହାଁନ୍ତି ତେବେ ବି ଚିନ୍ତାମୂଳକ କ୍ଷୁଦ୍ର କବିତା ପ୍ରତି ତାଙ୍କର ଅବଦାନ ମାଲୟାଲମ୍ ସାହିତ୍ୟର ମନ୍ମୟ କବିତାକୁ ସମୃଦ୍ଧ କରିପାରିଛି।

ଆଧୁନିକ ଭାବଧାରାରେ ଅତୃପ୍ତହୋଇ କବିଙ୍କ ମନ ଅତୀତର କୌଣସି ଭାବ ଦର୍ଶ ମଧ୍ୟରେ ଆଶ୍ରୟ ଖୋଜି ବୁଲିବାରୁ ତାଙ୍କୁ ରୋମାଣ୍ଟିକ କବି କୁହାଯାଏ। ମଧ୍ୟ ଯୁଗର ଇଂରେଜୀ ସାହିତ୍ୟ ମଧ୍ୟରେ ରୋମାଣ୍ଟିକତା ପ୍ରତି ଆକର୍ଷଣ ରହିଛି। ଭାବତବର୍ଷୀୟ ରୋମାଣ୍ଟିସିଜମ୍ ଅତୀତର ମୋଗଲ ରାଜତ୍ୱର ଜାକଜମକରେ ରାଜପୁତ୍‌ଗଣଙ୍କ ବୀରତ୍ୱରେ କିମ୍ବା ସୁପ୍ରାଚୀନ ଗୌରବମୟ ଘଟଣାଦିଗରେ ଉତ୍ସୁକ ଦୃଷ୍ଟି ଫେରାଇବାରେ ନିହିତ। ଭାଲ୍ଲାଥୋଲ ଅତୀତକୁ ଭଲପାଇଛନ୍ତି। ଭାରତର ମହାକାବ୍ୟ ଗୁଡ଼ିକ ଏବଂ ପୁରାଣଗ୍ରନ୍ଥ ତାଙ୍କ କଳ୍ପନାର ଲୀଳାଭୂମି। ବହୁତଳ ବିଶିଷ୍ଟ ନଗର ଦୁର୍ଗରେ ଘୂରି ତାର ବେଢ଼ାରେ ସେ ଆନନ୍ଦ ଅନୁଭବ କରିଛନ୍ତି। ପାନ କରିବାକୁ ଚାହିଁଛନ୍ତି ଝରଣାର ଜଳ ଏବଂ ତାର ଛାୟାରେ ବିଶ୍ରାମ ନେବାକୁ ଚାହିଁଛନ୍ତି। ତାଙ୍କ 'କିଲିକ୍କୋଞ୍ଚଲ' କବିତାରେ ପାଠକକୁ କହିଛନ୍ତି ନେବାକୁ ଚାହିଁଛନ୍ତି। ତାଙ୍କ 'କିଲିକ୍କୋଞ୍ଚଲ' 'କବିତାରେ ପାଠକକୁ କହିଛନ୍ତି-

ଯଦି ତୁମେ ପ୍ରିୟ ପାଠକ, ଆଗ୍ରହୀ ହୁଅ<br>
ଘୂରିବାକୁ କଳ୍ପନାର ଉଡ଼ାଜାହାଜରେ<br>
ନିରବଚ୍ଛିନ୍ନ ଭାବେ ଆମେ ବୁଲିଯିବା<br>
ଅତୀତ ଆକାଶରେ ପଥେ ପଥେ।

ଏହି କବିତାରେ ସେ ପଦ୍ମପୁରାଣରୁ ଗୋଟିଏ ଘଟଣା ଗ୍ରହଣ କରିଛନ୍ତି, ଛୋଟଝିଅ ସୀତା ଦୁଇଟି ଶୁଆଶାରୀଙ୍କୁ ଧରି ଗୋଟିକୁ ପଞ୍ଜୁରୀରେ ପୁରାଇଛି ଏବଂ ଅନଟି ତାକୁ ଅଭିଶାପ ଦେଇଛି। ରଚନାଶୈଳୀ, ଆଙ୍ଗିକ ଏବଂ ଉଦ୍ଭାବନୀ କଳ୍ପନା ବିଚାରରେ ଏହା ତାଙ୍କର ଗୋଟିଏ ଅନ୍ୟତମ ଶ୍ରେଷ୍ଠ କବିତା। ଏହି କବିତାରେ ଜନକରାଜାଙ୍କ ରାଜଧାନୀର ବିଶାଳତା ସମ୍ମାନିତା ନାରୀଙ୍କର କରୁଣା ଏବଂ ସୀତାର ଶୈଶବର ଚମତ୍କାରିତା ପାଠକଙ୍କ ନିକଟରେ ସ୍ପଷ୍ଟହୋଇ ଉଠିଛି। ଏହି କବିତାରେ ପାଠକ ବାରମ୍ବାର ରାମାୟଣ ଗାନର ପ୍ରତିଧ୍ୱନି ଶୁଣିପାରେ। ଏହା ଯେପରି ଅତୀତର ଅନ୍ତଃସ୍ଥଳେ ବିଚରଣ, ଯେପରି ରାଜର୍ଷି ଜନକଙ୍କ ଆଦର୍ଶରାଜ୍ୟରେ, ଶୈଶବର ମାଧୁର୍ଯ୍ୟାଲୋକରେ ପ୍ରବେଶ, ଶ୍ରୀକୃଷ୍ଣଙ୍କ ବିଷୟରେ ରଚିତ କବିତା 'ଗୋଟିଏ ଆଲେଖ୍ୟ', 'ଅକ୍ରୁରର ବୃନ୍ଦାବନ ଯାତ୍ରା', 'କର୍ମଭୂମିରେ କୋମଳ ଚରଣ' ପ୍ରଭୃତିରେ ଯୁଗ ଯୁଗ ଧରି ସମାଦୃତ ଏକ ଆଦର୍ଶ ଅତୀତ ଓ ଆଦର୍ଶ ଶୈଶବର ଚିତ୍ର ଜୀବନ୍ତ ହୋଇଉଠିଛି। 'କାରାଗାରରେ ଅନିରୁଦ୍ଧ' କବିତାରେ ଉଷା ଓ ଅନିରୁଦ୍ଧର ପ୍ରାଚୀନ ରୋମାଣ୍ଟିକ କାହାଣୀ ଓ ଆଙ୍ଗିକରେ ଏକ କାଳ୍ପନିକ ଉପାଖ୍ୟାନ ବର୍ଣ୍ଣିତ ହୋଇଛି। 'ଶିଷ୍ୟ ଓ ପୁତ୍ର' କବିତାରେ ସମସ୍ତ ଚରିତ୍ର ଦେବଦେବୀ, ଗୋଟିଏ ମାତ୍ର ମାନବ ଚରିତ୍ର- ପୌରାଣିକ କାହାଣୀରେ ସେ ପର୍ଶୁରାମ। ଅନେକଗୁଡ଼ିଏ କବିତାର ବିଷୟବସ୍ତୁର ଭିତ୍ତି ପୌରାଣିକ ବା ଲୋକ କାହାଣୀ ଯେପରି 'କେରଳ ପ୍ରଧାନ', 'ସେହି ଅଙ୍ଗୁରୀୟ', 'ଭକ୍ତି ଓ ପାଣ୍ଡିତ୍ୟ' ପ୍ରଭୃତି। ମରହଟ୍ଟା ନାୟକ ଶିବାଜୀଙ୍କ ପରିଚୟ ରହିଛି 'ବନ୍ୟମୃଷାର ପତ୍ର' କବିତାରେ ଏବଂ ମୋଗଲ ସମ୍ରାଟ ହୁମାୟୁନଙ୍କ କାଳ୍ପନିକ

ଉପାଖ୍ୟାନ ବର୍ଣ୍ଣିତ ହୋଇଛି 'ଭାରତୀୟ ନାରୀର ମହିମା'ରେ। ଏହିସବୁ ଏବଂ ଆହୁରି ଅନେକ କବିତାରେ ଖୁବ୍ ସ୍ପଷ୍ଟଭାବେ ଭାଲ୍ଲାଥୋଲ ଅତୀତଚାରୀ ହୋଇଛନ୍ତି; କେତେବେଳେ ଦୃଶ୍ୟପରେ ଦୃଶ୍ୟ ବର୍ଣ୍ଣନାରେ କେତେବେଳେ ଚରିତ୍ର ଚିତ୍ରଣରେ, କେତେବେଳେ ନୈତିକ ଆଦର୍ଶ ଉନ୍ମୋଚନରେ ଏବଂ କେତେବେଳେ ଆଧାତ୍ମିକ ବଞ୍ଜନାର ପ୍ରକାଶରେ। ଏହିସବୁ କବିତାରେ ରୋମାଣ୍ଟିକ ଭାବକଳ୍ପନାର ଆତିଶଯ୍ୟ ଲକ୍ଷ୍ୟ କରାଯାଏ। ଏହି ଅତୀତମୁଖୀନତା, ଅତୀତକାଳର କଳ୍ପନାର ସ୍ୱାଧୀନତା ପ୍ରଗାଢ଼ ରୋମାଣ୍ଟିକ ପ୍ରେରଣାର ଫଳ। ଏଠାରେ ସ୍ମରଣ ରଖିବାକୁ ହେବଯେ ଅତୀତ ସଙ୍ଗେ ବର୍ତ୍ତମାନର ବ୍ୟବଧାନ ପୂରଣର ଯେଉଁ ସ୍ୱାଭାବିକ ରୋମାଣ୍ଟିକ ସଚେତନତା, ତାହା ଭାଲ୍ଲାଥୋଲଙ୍କଠାରେ ନାହିଁ। ଅତୀତକୁ ଫେରିଯିବା ତାଙ୍କପାଇଁ ଦୁଃସ୍ଥ ଉଦ୍‌ବାସ୍ତୁର ପୁନର୍ବାସନ ନୁହେଁ, ଅତୀତ ତାଙ୍କ ନିକଟରେ ଆଦର୍ଶର ଉତ୍ସ ଏବଂ ବର୍ତ୍ତମାନକାଳ ତାର ସମସ୍ତ ଅସମ୍ପୂର୍ଣ୍ଣତା ସତ୍ତ୍ୱେ ମଧ୍ୟ ଅତୀତର ନିରବଚ୍ଛିନ୍ନ ବିସ୍ତୃତି। ଆର୍ଶଭାରତମ୍ ଭାଲ୍ଲାଥୋଲଙ୍କ ନିକଟରେ ଚିରନ୍ତନ ସତ୍ୟ ଏବଂ ସେ ଏହାର ଜୟଗାନ କରିଛନ୍ତି।

ତାଙ୍କ ରଚନାରେ ଏପରି କବିତା ଲକ୍ଷ୍ୟକରାଯାଏ ଯାହା ଖୁବ୍ କଳ୍ପନାବାହୀ ଅଥବା ଅଳଙ୍କାର ବହୁଳ। 'ଓରୁ ଯୁବବିନ୍ତେ ଆତ୍ମସମ୍ମାନମନାନୀ' (ଜନୈକ ଯୁବକର ସଂଯମ) କବିତାରେ ସୁନ୍ଦରୀ ନଦୀଦେବୀର ଅଗ୍ରଗମନକୁ ବ୍ରାହ୍ମଣ ଯୁବକ ବାଧାଦେବାର କାହାଣୀ ଲିପିବଦ୍ଧ ହୋଇଛି। 'ଓରୁଭାବନା' (ଗୋଟିଏ କାଳ୍ପନିକ ଚିତ୍ର) ଗୋଟିଏ ବର୍ଣ୍ଣନାମୂଳକ କବିତା। ଯଥେଷ୍ଟ ଅଳଙ୍କାରମୟ ଏହି ବର୍ଣ୍ଣନାରେ ସ୍ୱର୍ଗୀୟ କୌଣସି ସୁନ୍ଦରୀ ବୀଣାବାଦନ କରୁଥିବା, ତାର ପ୍ରେମିକ ତା ଆଡ଼କୁ ଏକଲୟରେ ରକ୍ତିମ ହୋଇଉଠିବା ଯୋଗୁ ତାର ପ୍ରେମିକ ତାକୁ ସେଥିରୁ ନିବୃତ କରିଛି। ତରୁଣ ଯୋଦ୍ଧାର ଯୁଦ୍ଧଯାତ୍ରା କାଳରେ ପତ୍ନୀ ଏବଂ ସନ୍ତାନ ନିକଟରୁ ବିଦାୟ ଦୃଶ୍ୟ 'ଓରୁବୀର ପତ୍ନୀ' (ଜନୈକା ବୀରପତ୍ନୀ) କବିତାରେ ବର୍ଣ୍ଣିତ ହୋଇଛି। ବିଶୁଦ୍ଧ କାଳ୍ପନିକ ଭାବନା କିମ୍ବା ପ୍ରାଚୀନ ଉପକଥା ଅଥବା କିମ୍ବଦନ୍ତୀ ଯେଉଁଠାରୁ ହେଲେ ଏହିସବୁ କବିତାର ଭାବବସ୍ତୁ ଆହରଣ କରାଯାଇଥାଉ ନା କାହିଁକି, କଳ୍ପନାର ପ୍ରାଚୁର୍ଯ୍ୟରେ ତାହା ରୋମାଣ୍ଟିକ ଗୁଣାନ୍ୱିତ ହୋଇ ଉଠିଛି। ବିଶିଷ୍ଟ ବାଗ୍‌ଧାରା, ଆଙ୍ଗିକର ସାର୍ଥକତା ଏବଂ କଳ୍ପନାର ଆଧିକ୍ୟ ଭାଲ୍ଲାଥୋଲଙ୍କ କବିତାବଳୀକୁ ଏକ ଅନନ୍ୟ ସାଧାରଣ ସୌକୁମାର୍ଯ୍ୟ ଦାନ କରିଛି।

ଅନୁଭୂତିର ମାତ୍ରାତୀତ ତୀବ୍ରତା ରୋମାଣ୍ଟିକତାର ଗୁଣ। ଭାଲ୍ଲାଥୋଲଙ୍କ ଶିଶୁବିଷୟକ କବିତାରେ ନମ୍ର ଭାବାନୁଭୂତିର ପ୍ରବାହ ଲକ୍ଷ୍ୟ କରାଯାଏ। 'ସାନ୍ତ୍ୱନା ସୌଖ୍ୟମ୍' (ଶିଶୁଙ୍କୁ ଯେ ସୁଖଦିଏ), 'କଚ୍ଚିଲ ପରନ୍ନାକବିତା' (ପବନରେ ଭାସମାନ ଗୋଟିଏ କବିତା), 'ଏନ୍ତେ କୋଚ ମାକାଲ', (ମୋର ଛୋଟ ଝିଅ), 'ପାନିନିରପୂଭମ ପୈତାଲୁମ୍' (ଗୋଲାପ ଏବଂ ଶିଶୁ) ପ୍ରଭୃତି କବିତା ରଚନା ନୈପୁଣ୍ୟରେ ସୁମନୋହର ଏବଂ ଭାବାବେଗର ଆତିଶଯ୍ୟରେ ପରିପ୍ଲୁତ। ତାଙ୍କର ଦେଶପ୍ରେମମୂଳକ କବିତାରେ ଏପରି ଗୋଟିଏ ସମୁନ୍ନତ ଏବଂ ପରମ ପରିତୃପ୍ତିର

[illegible]

[illegible]

[illegible]

[illegible]

ସ୍ୱାଭାବିକ। ତାର ରୋମାଣ୍ଟିକ ଗୁଣ କେବଳମାତ୍ର ଉତ୍ତୁଙ୍ଗ ଭାବାଦର୍ଶ କିମ୍ବା ପ୍ରେରଣା ମୁହୂର୍ତ୍ତର ରଚନା। ଜୀବନପ୍ରତି ତାଙ୍କର ଦୃଷ୍ଟିଭଙ୍ଗୀ ସୁଖୀ, ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ, ଆତ୍ମବିଶ୍ୱାସରେ ଭରପୂର ଏବଂ ଆନନ୍ଦଘନ। ଅନ୍ତରତମ ସତ୍ତାରେ ଭାଲ୍ଲାଥୋଲ କ୍ଲାସିକ କବି, ରୋମାଣ୍ଟିକ କବି ନୁହଁନ୍ତି। ରୋମାଣ୍ଟିକ ରୀତିର ଦ୍ୱିତୀୟ ପର୍ଯ୍ୟାୟର କିଛି ଗୁଣାବଳୀ ତାଙ୍କ କବିତାରେ ଲକ୍ଷ୍ୟ କରାଯାଏ ଏବଂ କ୍ଲାସିକ କବିତାର ଉତ୍ତରାଧିକାରରେ ତାହା ସୌନ୍ଦର୍ଯ୍ୟ ଦାନ କରିଅଛି। ଏଗୁଡ଼ିକ ମାଲୟାଲମ୍ କାବ୍ୟ ଜଗତରେ ନବଯୁଗର ସୂଚନା ଦେଇଛି।

■

# ଐତିହ୍ୟବାଦୀ ମେନନ

'କେରଳୋଦୟମ୍' ଏବଂ ପରେ 'ଆତ୍ମପୋଷିନୀ' ପ୍ରତିକାରେ ସମ୍ପାଦକ ଥିବା ସମୟରେ ଭାଲ୍ଲାଥୋଲ ଅନେକ ପୁସ୍ତକର ସମାଲୋଚନା କରିଛନ୍ତି ଏବଂ ଅନେକ ପ୍ରବନ୍ଧ ମଧ୍ୟ ଲେଖିଛନ୍ତି। ତାଙ୍କର ବନ୍ଧୁ କୁଟ୍ଟିକୃଷ୍ଣ ୧୯୨୫ ମସିହାରେ ଭାଲ୍ଲାଥୋଲଙ୍କର ସମାଲୋଚନାଗୁଡ଼ିକୁ ସଂଗ୍ରହ କରି 'ଗ୍ରନ୍ଥ ବିହାରମ୍' ନାମକ ଗୋଟିଏ ସଂକଳନ ପ୍ରକାଶ କରିଥିଲେ। ଏହିସବୁ ସମାଲୋଚନାରେ କବିଙ୍କୁ ଆମେ କବିତାର ସମାଲୋଚକ ରୂପେ ଦେଖିବାକୁ ପାଉ। ତାଙ୍କ ଦୃଷ୍ଟିରେ ଯାହାକିଛି ଭଲ ତାହାକୁ ସେ ଆଦର କରିଛନ୍ତି। ଭାଷାର ବିଶୁଦ୍ଧତା ଏବଂ ରଚନାଶୈଳୀର ମୌଳିକତା ଉପରେ ସେ ନିରଳସ ସତର୍କ ଦୃଷ୍ଟି ରଖିଚନ୍ତି ଏବଂ ସାହିତ୍ୟଖ୍ୟାତି ଅର୍ଜନପାଇଁ ଚେଷ୍ଟିତ ଛଳନାକାରୀଙ୍କ ମୁଖାଖୋଲି ଦେବାକୁ କୁଣ୍ଠାବୋଧ କରି ନାହାନ୍ତି। 'ଆତ୍ମପୋଷିନୀ' ପତ୍ରିକାରେ ସେ କହିଥିଲେ, ତାଙ୍କ ସମାଲୋଚନାର ନୀତି ହେଲା ଭଲଲେଖାର ପ୍ରଶଂସା କରିବା ଏବଂ ସାହିତ୍ୟ କ୍ଷେତ୍ରରେ ନବାଗତମାନଙ୍କୁ ନିର୍ଭୟରେ ବିଚରଣ କରିବାର ସୁଯୋଗ ଦେବା ନିମିତ୍ତ ସେମାନଙ୍କର ନିନ୍ଦା ପରିହାର କରିବା। ଜଣେ ସମାଲୋଚକ ସର୍ବଦା ନିଷ୍ଠାବାନ୍, ଉଦାର ଏବଂ ଦୟାଶୀଳ ହେବା ଉଚିତ୍। କିନ୍ତୁ ଭାଲ୍ଲାଥୋଲ ସ୍ୱୀକାର କରିଛନ୍ତି ଯେ କିଛିଲୋକ ଅଛନ୍ତି ଯିଏ କବିଙ୍କ ଦଳରେ ପଶିଯାଇଛନ୍ତି ଏବଂ କାବ୍ୟ ଲକ୍ଷ୍ମୀଙ୍କ ବିରୁଦ୍ଧରେ ଅବିରାମ ସଂଗ୍ରାମଲିପ୍ତ ଥିବାରୁ କବି ନିର୍ଦ୍ଦୟ ନ ହୋଇ ରହିପାରେ ନାହିଁ। ସେ ଦୁଃଖ ପ୍ରକାଶ କରି କହିଛନ୍ତି, ଏ ସମୟର ସମାଲୋଚକ ଭୁଲିଯାଇଛି ଯେ ସମାଲୋଚକର ପାଣ୍ଡିତ୍ୟ, ସତ୍ୟତା, ସୂକ୍ଷ୍ମଦୃଷ୍ଟି ଓ ସ୍ମୃତିଶକ୍ତିଥିବା ଉଚିତ୍, ଯାହା ପ୍ରତିପକ୍ଷ ବିରୁଦ୍ଧରେ ଏକ ଶକ୍ତିଶାଳୀ ଅସ୍ତ୍ର ହିସାବରେ ବ୍ୟବହାର କରାଯାଏ।

କବିତାରେ ଯେପରି, ସମାଲୋଚନା କ୍ଷେତ୍ରରେ ଠିକ୍ ସେହିପରି ସେ ଥିଲେ ସନାତନ ପନ୍ଥୀ। ସଂସ୍କୃତ ଭାଷାର କ୍ଲାସିକ ସମାଲୋଚନା ନୀତି ସହିତ ତାଙ୍କ ନିଜର ସାଧାରଣଜ୍ଞାନ ଓ ସମ୍ବେଦନଶୀଳତାର ସମନ୍ୱୟ ଘଟିଛି ଏବଂ ଏହି ସମନ୍ୱିତ ଚିନ୍ତାଧାରା ତାଙ୍କ ସମାଲୋଚନାର ଧାରାକୁ ନିୟନ୍ତ୍ରିତ କରିଛି। ପୁସ୍ତକ ସମାଲୋଚନା କ୍ଷେତ୍ରରେ ପୁଙ୍ଖାନୁପୁଙ୍ଖ ନୀତି ନିର୍ଦ୍ଧାରଣ ନ ହୋଇଥିଲେ ମଧ୍ୟ ସମାଲୋଚକ ବିଶେଷଭାବେ ଭାଷାର ଶୁଦ୍ଧତା, ଶବ୍ଦଚୟନ ଏବଂ ରଚନା ଶୈଳୀର ମୌଳିକତା ବିଚାର କରି ସମାଲୋଚନା କରିବାକୁ କୁହାଯାଇଛି। ଭଲ୍ଲୁରଙ୍କ କବିତା 'ମଙ୍ଗଳା ମଞ୍ଜରୀ' ତ୍ରିଭାଙ୍କୁର ମହାରାଜାଙ୍କ ପ୍ରଶସ୍ତି ଅବଲମ୍ବନରେ ରଚିତ। କବିତାଟିର ସମାଲୋଚନାର ଆରମ୍ଭରେ ଲେଖାଅଛି, କେରଳବାସୀଙ୍କ ମଧ୍ୟରେ କାହାକୁ ଯଦି କବି ରୂପେ ଆଖ୍ୟାୟିତ

କରାଯାଏ ତାହେଲେ ସେ ହେଉଛନ୍ତି ଭଲ୍ଲୁର ପରମେଶ୍ୱର ଆୟାର। କବିତାଟି କବିର କଳ୍ପନା, ଶବ୍ଦାଡ଼ମ୍ବର ଏବଂ ଛନ୍ଦର ଅପୂର୍ବମିଳନରେ ଅନବଦ୍ୟ ହୋଇ ଉଠିଥିଲେ ମଧ୍ୟ କବି ଭାଲ୍ଲାଥୋଲଙ୍କ ଦୃଷ୍ଟିରେ କିଛି ତ୍ରୁଟି ବିଚ୍ୟୁତି ଧରାପଡ଼ିଛି। କବିତାଟିରେ ପ୍ରଶସ୍ତି ଏବଂ ଭାବମୂର୍ତ୍ତିର ବାରମ୍ବାର ଉଲ୍ଲେଖ ଏବଂ ମହାରାଜାଙ୍କ ଗୁଣ କୀର୍ତ୍ତନ ଆଦି ଅତିଶୟ ଦୋଷଦୃଷ୍ଟ। ସମପର୍ଯ୍ୟାୟର ଏକ କବିଙ୍କ ନିକଟରେ ଯେତେବେଳେ ଅନ୍ୟକବିଙ୍କ ଦୋଷତ୍ରୁଟି ଧରାପଡ଼େ ଏବଂ ସେହି କ୍ଷେତ୍ରରେ ଭାଲ୍ଲାଥୋଲ ସମାଲୋଚନା କରିବା ସମୟରେ ଶବ୍ଦଚୟନ ଏବଂ ଭାଷା ପ୍ରୟୋଗରେ ପ୍ରବୀଣତାର ଯଥେଷ୍ଟ ପରିଚୟ ଦେଇଛନ୍ତି। ଅତ୍ୟନ୍ତ ଦୁଃଖର ବିଷୟ ଯେ ଭଲ୍ଲୁରଙ୍କର ଗୋଟିଏ ସାଧାରଣ କବିତା ଯାହାକୁ ଭାଲ୍ଲାଥୋଲ ସମାଲୋଚନା କରିଥିଲେ ତାହା ଆମ ଦୃଷ୍ଟିକୁ ଆସିଛି। କୁମାରନ୍ ଆସାନଙ୍କର 'ଲୀଳା' କବିତାଟିକୁ ସେ ଆହୁରି ସ୍ପଷ୍ଟ ଏବଂ କଠୋରଭାବେ ସମାଲୋଚନା କରିଥିଲେ। 'ଲୀଳା' ଗୋଟିଏ ଶ୍ରେଷ୍ଠ କବିତା ଏବଂ ତାହାର ଉତ୍କର୍ଷ ସମ୍ବନ୍ଧରେ କବି ଅତ୍ୟନ୍ତ ସଜାଗ ଏବଂ ସଚେତନ ଥିଲେ। ଉଚ୍ଛ୍ୱସିତ ପ୍ରଶଂସା କରି ସେ ତାହାର ସମାଲୋଚନା ଆରମ୍ଭ କରିଥିଲେ। ଆସାନ୍‌ଙ୍କ ରଚନାର ମୌଳିକତା, 'ଲୀଳା'ର କଳ୍ପନାରେ ଅଭିନବତ୍ୱ ଏବଂ ବର୍ଣ୍ଣନାର ପୁଙ୍ଖାନୁପୁଙ୍ଖତା ପ୍ରତି କବିର ସତର୍କ ଦୃଷ୍ଟିର ପ୍ରଶଂସା କରାଯାଇଛି। କରୁଣତାରସର ପରିପୂର୍ଣ୍ଣ ରୂପ ଫୁଟାଇ କବି ବିପ୍ରଲମ୍ଭ ଶୃଙ୍ଗାରର ଯେଉଁ ଅପୂର୍ବ ବର୍ଣ୍ଣନା ଚିତ୍ରାୟିତ କରିଛନ୍ତି ତାହା ମାଲାୟାଲମ୍ ଭାଷାରେ ରଚିତ ଅନ୍ୟକୌଣସି କବିତାରେ ଦେଖାଯାଏ ନାହିଁ। 'ଲୀଳା' କବିତାର ସମପର୍ଯ୍ୟାୟ ଧର୍ମୀ ଏକମାତ୍ର କବିତା 'ନଳିନୀ' (ତାଙ୍କରି ଲେଖା)। ଏହାପରେ ସମାଲୋଚକ କବିତାଟିର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିବାକୁ ଅଗ୍ରସର ହୋଇଛନ୍ତି। କବିତାଟିର ଦୁର୍ବଳ ଗଠନ ଏବଂ ତ୍ରୁଟିପୂର୍ଣ୍ଣ ଭାଷାପ୍ରୟୋଗ କବିଙ୍କ ଦୃଷ୍ଟିରେ ଧରାପଡ଼ିଛି। ବିଶୁଦ୍ଧ ସଂସ୍କୃତ ଶବ୍ଦ ସହିତ ମାଲୟାଲମଭାଷାର ଅପରିଣତ ଏକ କଥ୍ୟ ନିକୃଷ୍ଟମାନ ଶବ୍ଦର ଖେଚୁଡ଼ି ବ୍ୟବହାରକୁ ସେ ମାନିନେଇ ପାରିନାହାନ୍ତି। କାବ୍ୟ ବିନ୍ୟାସରେ ଆସାନ୍ ଯେଉଁ ଆଧୁନିକତାର ପ୍ରଚଳନ କରିଛନ୍ତି ତାହାକୁ ମଧ୍ୟ ସେ ଗ୍ରହଣ କରିପାରି ନାହାନ୍ତି। ବାକ୍ୟ ଗଠନରେ ଯେଉଁ ଜଟିଳତାର ଉଦ୍ଭବ ଘଟିଥିଲା ତାହାର ଅନେକ ଉଦାହରଣ ସେ ଦେଇଛନ୍ତି। କବିତାର ବାକ୍ୟବିନ୍ୟାସରେ ଅନେକ ଗଠନ ପ୍ରକ୍ରିୟା ଲକ୍ଷ୍ୟ କରାଯାଏ, ଯେପରି ଯଥାସ୍ଥାନରେ ବିଶେଷଣ ନ ବସାଇବା ଫଳରେ ଅର୍ଥ ବଦଳିଯାଏ, ଅନୁପଯୁକ୍ତ ସଂଯୋଗକ ଅବ୍ୟୟ ବ୍ୟବହାରରେ କର୍କଶ ଶବ୍ଦ ପ୍ରୟୋଗରେ, ବ୍ୟାକରଣ ଗତ ଭୁଲ ଏବଂ ଛନ୍ଦର ମେଳ ରଖିବା ପାଇଁ କେତେବେଳେ ଶବ୍ଦାର୍ଥ ଆଉ କେତେବେଳେ ସଂଗତିର ବ୍ୟାଘାତରେ କବିତାର ଭାଷା ମୂଳତଃ ଦୁର୍ବୋଧ ହୋଇଉଠିଛି। ଏସବୁ ଦୋଷଥିବା ସତ୍ତ୍ୱେ କବିତାଟି ମଧ୍ୟ ଉଚ୍ଚ ପ୍ରଶଂସିତ ହୋଇଅଛି ଯଥା- 'ଯଥେଷ୍ଟ ପରିମାଣରେ ଦୁଗ୍ଧଦାନ କରୁଥିବା ଗାଈଟି ଯଦି ନାତ ମାରେ ବା ଶିଙ୍ଗରେ ଭୂଷେ, ତେବେ ବି ତାକୁ ଗ୍ରହଣ କରାଯାଏ।'' 'ଲୀଳା' କବିତାଟିର ସମାଲୋଚନାରେ କବି ଭାଲ୍ଲାଥୋଲ ଦୃଢ଼ତା ଏବଂ ଦୁର୍ବଳତାର ଦୁଇଟି ଦିଗ ଦର୍ଶାଇଛନ୍ତି। ତାଙ୍କ ମତରେ ଶବ୍ଦ ପ୍ରୟୋଗରେ ବିଶୁଦ୍ଧତା ସମ୍ବନ୍ଧରେ ଅତ୍ୟନ୍ତ ସୂକ୍ଷ୍ମ ବିଚାରକ ଏବଂ ଜଣେ ରୁଚିଶୀଳ ଉନ୍ନତ ମାନର ସମାଲୋଚକ ପକ୍ଷେ 'ଲୀଳା' କବିତାରେ ଭାଷାର ଏକ ତ୍ରୁଟି ବିଚ୍ୟୁତି ଦେଖି ଧୈର୍ଯ୍ୟ ହରାଇବା ଅତ୍ୟନ୍ତ ସ୍ୱାଭାବିକ।

ପୁନଶ୍ଚ ଠିକ୍ ତାଙ୍କରି ନିକଟରେ ଏଇ କବିତାଟି ସୁନ୍ଦର ବୋଲି ମନେ ହୋଇଛି ଏବଂ କବିତାଟିକୁ ସେ 'ଚିତ୍ତାକର୍ଷକ', 'ଇନ୍ଦ୍ରିୟଗ୍ରାହୀ' ଏବଂ 'ଅନନ୍ୟ ସାଧାରଣ' ପ୍ରଭୃତି ବିଶେଷଣରେ ଭୂଷିତ କରିଛନ୍ତି। ଖୁବ୍ ସାଧାରଣଭାବେ ସେ କବିତାଟିର କାବ୍ୟଗୁଣର ବ୍ୟାଖ୍ୟା କରିଛନ୍ତି। କବିତାଟିରେ ବିପ୍ରଲମ୍ଭ ଶୃଙ୍ଗାର ସଙ୍ଗେ କରୁଣରସର ମିଳନ ଘଟିଛି- ଏହି ମନ୍ତବ୍ୟଟିରେ ତାଙ୍କର ରୋମାଣ୍ଟିକ ଆବେଗର ତୀବ୍ରତା ତଥା କାମନାର ଆକୁଳତା ପ୍ରତି ଯଥେଷ୍ଟ ସୁବିଚାର କରାଯାଇ ନାହିଁ। 'ଲୀଳା' କବିତାରେ ରୋମାଣ୍ଟିକ୍ ପରିବେଶର ଉଲ୍ଲେଖଯୋଗ୍ୟ ଦିଗଗୁଡ଼ିକ ହେଲା- ବିନ୍ଧ୍ୟ ପର୍ବତର ଅପୂର୍ବ ଦୃଶ୍ୟପଟ, ଚମ୍ପାର ସୁଗନ୍ଧି, ମଦନ ପାଇଁ ଲୀଳାର ପ୍ରତୀକ୍ଷା, ନଦୀରେ ବୁଡ଼ି ମଦନର ଆତ୍ମହତ୍ୟା ଆଦି ବୃତ୍ତାନ୍ତ ସନାତନଧର୍ମୀ ସମାଲୋଚକ ମନରେ ରେଖାପାତ କରେ ନାହିଁ। ଭାଲ୍ଲାଥୋଲଙ୍କର ସୂକ୍ଷ୍ମ ସାହିତ୍ୟବୋଧ କବିତାର ସୌନ୍ଦର୍ଯ୍ୟରେ ଖୋରାକ ଯୋଗାଇଛି କିନ୍ତୁ ସେହି ସୌନ୍ଦର୍ଯ୍ୟର ଉତ୍ସ ଅଥବା ସେହି ସୌନ୍ଦର୍ଯ୍ୟର ପ୍ରକୃତି ବିଶ୍ଳେଷରେ ତାଙ୍କର ଲେଖନୀ କେତେବେଳେ ବ୍ୟବହୃତ ହୋଇନାହିଁ। ସେ ଅତି ସୂକ୍ଷ୍ମ ବିଚାରକ ପରି 'ଲୀଳା' କବିତାର କେଉଁ କେଉଁଠାରେ ବିଚ୍ୟୁତି ରହିଛି ସେ କେବଳ ତାହା ଦେଖିଛନ୍ତି କିନ୍ତୁ କବିତାଟିର ପ୍ରଶଂସା କରିବାକୁ ଯାଇ ଅସ୍ପଷ୍ଟ ମାମୁଲି ମନ୍ତବ୍ୟ ପ୍ରଦାନ କରିଛନ୍ତି।

ଭାଷାର ବିଶୁଦ୍ଧତା ରକ୍ଷାକରିବା ପାଇଁ ସମାଲୋଚନା କ୍ଷେତ୍ରରେ ଭାଲ୍ଲାଥୋଲ ସଂଗ୍ରାମ ଚଳାଇଛନ୍ତି। ସେହି କ୍ଷେତ୍ରରେ ସେ ସମାଲୋଚକ ରୂପେ ଶ୍ରେଷ୍ଠତ୍ୱର ସ୍ୱୀକୃତି ଲାଭ କରିଛନ୍ତି। ସେ ଶବ୍ଦର ଅର୍ଥଗତ ଦିଗ ଉପରେ ଗୁରୁତ୍ୱ ଦେଇଛନ୍ତି। ତାଙ୍କ ମତରେ କବିଙ୍କୁ ଶବ୍ଦାର୍ଥ ସମ୍ବନ୍ଧରେ ପ୍ରାଥମିକ ଭାବେ ସଚେତନ ହେବାକୁ ହେବ ଏବଂ ଭଲ ଶବ୍ଦର ମୋହରେ ମନ୍ତ୍ରମୁଗ୍ଧଭାବେ ଚାଳିତ ହେବା ଉଚିତ୍ ନୁହେଁ।

ସାହିତ୍ୟ ପରିଷଦ ଦ୍ୱାରା ଆୟୋଜିତ ସଭାରେ ବକ୍ତୃତା ମାଧମରେ ମାଲୟାଲମ୍ କବିତାରେ ସେ କିଛି କିଛି ନୂତନ ପ୍ରବଣତା ଦେଖାଦେଇଛି ସେ ସମ୍ବନ୍ଧରେ ସେ ତାଙ୍କର ଅସନ୍ତୋଷ ପ୍ରକାଶ କରିଛନ୍ତି। ମାଲୟାଲମ୍ କବିତାରେ ପ୍ରେମମୂଳକ ଗୀତି କବିତାର ଜୁଆର ଆସିଲାବେଳେ ଭାଲ୍ଲାଥୋଲଙ୍କ ପରି ରୁଚିଶୀଳ ପ୍ରଥମଶ୍ରେଣୀର କବି ଭୟ କରିଛନ୍ତି। ଭାଲ୍ଲାଥୋଲଙ୍କର ଧାରଣା, ଗୀତି କବିତା ଗୁଡ଼ିକ ରୂପପାଇଛନ୍ତି ଯୌବନର ଉନ୍ମାଦନାରୁ ଯେତିକି ନୁହେଁ ଅଧିକଭାବେ କବିଙ୍କର ଭାବପ୍ରକଟ ରୂପ ଦୈନ୍ୟଠାରୁ। କବିତାରେ ଏବଂ ଉପନ୍ୟାସରେ ପ୍ରେମିକ ପ୍ରେମିକାଙ୍କର ଆତ୍ମହତ୍ୟା କରିବାର ପ୍ରବଣତାରେ ସେ ଅତ୍ୟନ୍ତ ଅସ୍ୱସ୍ତିବୋଧ କରିଛନ୍ତି ଏବଂ ତାହା ସେ ସ୍ପଷ୍ଟଭାବେ ସ୍ୱୀକାର କରିଛନ୍ତି। ଆଧୁନିକ ମାଲୟାଲମ୍ କବିତାରେ ରୋମାଣ୍ଟିକ୍ ଆତିଶଯ୍ୟ ଦେଖି କୌତୁକ କଲେ ମଧ୍ୟ ତରୁଣ କବିଗଣଙ୍କୁ ସେ ଅକୁଣ୍ଠ ପ୍ରଶଂସା କରିଛନ୍ତି। 'ସେମାନେ ଯେତେବେଳେ ସାହିତ୍ୟର ବିରଳ ଫସଲ ଧରି ଘରକୁ ଯାଆନ୍ତି ଏବଂ ବଳିଷ୍ଠ ହସ୍ତରେ ସାହିତ୍ୟ ପାଦରେ ଲାଗିଥିବା ଗତାନୁଗତିକତାର ବେଢ଼ିକୁ ଭାଙ୍ଗିପକାନ୍ତି ସେତେବେଳେ ତାହାକୁ ଆନନ୍ଦ ବିସ୍ଫାରିତ ନେତ୍ରରେ ଆମେ ଅବଲୋକନ କରୁ।''

ମାଲୟାଲମ୍ ଭାଷାରେ ସେ ଅନେକ ସଂସ୍କୃତ ଗ୍ରନ୍ଥର ଅନୁବାଦ କରିଛନ୍ତି। ଅନୁବାଦ କରିବା କାର୍ଯ୍ୟରେ ତାଙ୍କର ଯଥେଷ୍ଟ ସ୍ୱଚ୍ଛଦୃଷ୍ଟି ଥିଲା। ସେ ଦୁଇଟି ବିଷୟପ୍ରତି ପ୍ରାଧାନ୍ୟ

ଦେଇଛନ୍ତି- ଯେଉଁଲେଖା ଅନୂଦିତ ହେବ ତାହା ଅନୂଦିତ ହେବାର ଉପଯୁକ୍ତ କି ନା ଏବଂ ଅନ୍ୟଟି ହେଲା ଅନୁବାଦ ଯଥାଯଥ ହେବ। 'ଅବାଧ ଭାଷାନ୍ତର' ବିରୁଦ୍ଧରେ କଠୋର ଭାଷାରେ ତାଙ୍କର ଅମତ ବ୍ୟକ୍ତ କରିଛନ୍ତି। ସେ ମାଲାୟାଲମ୍ ଭାଷାରେ ଭଲ ବହି ଅନୁବାଦର ପ୍ରୟୋଜନୀୟତା କଥା ସାହିତ୍ୟସଭା ମାନଙ୍କରେ ବାରମ୍ବାର କହିଥିଲେ ଏବଂ 'ଏନ୍ତେ ଭାଷା' ନାମକ ଏକ ବିଖ୍ୟାତ କବିତାରେ ତାର ପୁନରୁଲ୍ଲେଖ ମଧ କରିଛନ୍ତି।

ରାଜନୈତିକ ଘଟଣାବଳୀ ଏବଂ ସାମାଜିକ ସଂସ୍କାର ସମ୍ପର୍କୀୟ ଅନେକ ସାହିତ୍ୟ ବହିର୍ଭୂତ ପ୍ରବନ୍ଧ ସେ ରଚନା କରିଛନ୍ତି। ସାମାଜିକ ସମସ୍ୟାର ସରକାରୀ ହସ୍ତକ୍ଷେପରେ ସେ ରୁଷ୍ଟଥିଲେ ଏବଂ ସାଧାରଣତଃ ପ୍ରଗତିଶୀଳ ବୋଲି ବିବେଚିତ ଆଇନ୍ ତାଙ୍କର ମନୋନୀତ ନ ଥିଲା। ନାୟାର ସଂପ୍ରଦାୟର ବିବାହକୁ ଆଇନ୍‌ସିଦ୍ଧ କରି ଯେଉଁ ନାୟାର ସଂପ୍ରଦାର ବିବାହକୁ ଆଇନ୍‌ସିଦ୍ଧ କରି ଯେଉଁ ନାୟାର ରେଗୁଲେସନ୍ ଚାଲୁହେଲା ସେ ସମ୍ବନ୍ଧରେ ଭାଲ୍ଲାଥୋଲ ଲେଖିଛନ୍ତି, ''ବିବାହ ସମ୍ପର୍କରେ ଯଦି କୌଣସି ଆଇନ୍‌ର ଶୃଙ୍ଖଳା ନ ରହେ ତାହେଲେ ମାତୃକେନ୍ଦ୍ରିକ ସମାଜ ବ୍ୟବସ୍ଥାରେ କୌଣସି ସମସ୍ୟାର ଉଦ୍ଭବ ହୁଏନା। ଦାମ୍ପତ୍ୟ ଜୀବନର ଭିତ୍ତି ହେଲା ଭଲପାଇବା। ଏହି ପବିତ୍ର ମନୋଭାବ କେତେବେଳେ ହେଲେ ଆଇନ୍ ଦ୍ୱାରା ଜନ୍ମନେଇଛି ତାର କୌଣସି ଉଦାହରଣ ନାହିଁ।'' ପୁରାତନ ସବୁକୁ ମୂଲ୍ୟହୀନ ଭାବେ ତ୍ୟାଗକରି ଏବଂ ଯାହାକିଛି ନୂତନ ତାହାକୁ ମହତ୍ ହିସାବରେ ଗ୍ରହଣ କରିବା କବି ଭାଲ୍ଲାଥୋଲଙ୍କ ମତରେ ବୋକାମୀର ପରିଚାୟକ ଥିଲା। ଜଣେ ମାଲୟାଲୀ ଯଦି ସାରାଜୀବନ ମାଲୟାଲୀ ପରି କଟାଇପାରେ ତାହେଲେ ତାହା ତାର ଗୌରବର ବିଷୟ। ଏହାଥିଲା ତାଙ୍କର ସୁଚିନ୍ତିତ ଅଭିମତ, ତାଙ୍କ ମତାମତକୁ ବିଚାରକଲେ ଜଣାଯାଏ ଯେ ସେ ଐତିହ୍ୟବାଦୀ ଥିଲେ ଏବଂ ସାଧାରଣଜ୍ଞାନର ଭିତ୍ତିରେ ନିଜର ମତାମତ ପ୍ରକାଶ କରୁଥିଲେ। ରକ୍ଷଣଶୀଳମାନଙ୍କର ନିର୍ଦ୍ଦେଶିତ ଦର୍ଶନ ମଧ ଭାଲ୍ଲାଥୋଲଙ୍କଠାରେ ଲକ୍ଷ୍ୟକରାଯାଏ।

ତାଙ୍କ କବିତାପରି ତାଙ୍କ ଗଦ୍ୟର ରଚନାଭଙ୍ଗୀ ମହତ୍‌ଭାବେ ଉଜ୍ଜ୍ୱଳ ଏବଂ. ସେଥିରେ ଗୋଟିଏ ଛନ୍ଦସଦୃଶ ମାତ୍ରାର ପ୍ରବଣତା ଦେଖାଯାଏ। ସଂସ୍କୃତ ଏବଂ ମାଲୟାଲମ୍ ଭାଷାର ଏକ ଚମତ୍କାର ମିଳନ ଘଟିଛି ତାଙ୍କ ରଚନାରେ। ବକ୍ତା ହିସାବରେ ସେ ଧୀରଭାଷୀ ଥିଲେ ଏବଂ ତାଙ୍କ ଧ୍ୱନିର ଗୋଟିଏ ସୁନିର୍ଦ୍ଦିଷ୍ଟ ମାତ୍ରା ଓ ଅନୁରଣନ ଥିଲା। ତାଙ୍କର ବକ୍ତବ୍ୟରେ ଥିଲା ହାସ୍ୟରସର ଝଲକ, ରୂପକର ଚମକ ଏବଂ କବିତା ପରି ମନ ମତାଣିଆ ସୁନ୍ଦର କଳ୍ପନା ବିଳାସ। ଭାଷାର ସ୍ଥପତି ହିସାବରେ ବିଚାର କଲେ ଭାଲ୍ଲାଥୋଲ ମାଲୟାଲମ୍ ଭାଷାର ପ୍ରାଚୀନ ଭାବଧାରାର ସମୃଦ୍ଧ ଗଦ୍ୟଲେଖକ ଓ ଏକ ସୁସ୍ପଷ୍ଟ ସ୍ୱତନ୍ତ୍ର ସତ୍ତାର ଅଧିକାରୀ ହିସାବରେ ଚିହ୍ନିତ। ବାକ୍ୟ ମଧରେ ଥିବା ଅନେକ ଅବାନ୍ତର ପଦ ଏବଂ ବାକ୍ୟାଂଶକୁ ନେଇ ସୁନ୍ଦରକରି ଉପସ୍ଥାପନା କରିପାରିଛନ୍ତି ସେ। ଆଧୁନିକ ମାଲୟାଲମ୍ ଗଦ୍ୟରେ ବାକ୍ୟଗଠନର ଏଇ ଗୁଣଗତ ଦିଗର ହ୍ରାସ ଘଟିଛି ସତ, ମାତ୍ର ତା ପରିବର୍ତ୍ତେ ସୃଷ୍ଟି ହୋଇଛି ଆହୁରି ସହଜରେ ଏକ ରଚନା ଶୈଳୀ।

■

# ଭାଲ୍ଲାଥୋଲଙ୍କ କାବ୍ୟକଳା

'ଯେଉଁ କବିର କାବ୍ୟରେ ଜୀବନର ରହସ୍ୟ ଉଦ୍‌ଘାଟିତ ହୁଏ ଏବଂ ଭାଷାର ସୁଷମା ଫୁଟିଉଠେ ସେ ହେଉଛନ୍ତି ବଡ଼ କବି। କୌଣସି ଜାତିର ଇତିହାସରେ ଏହିପରି କବିର କ୍ୱଚିତ ଆବିର୍ଭାବ ଘଟେ। 'ଯିଏ ଗୀତ ଗାଇ ଯାଏ, ଯିଏ ସ୍ୱପ୍ନଦେଖି ଚାଲେ, ଯାହାର ସଙ୍ଗୀତରେ ଭାଷା ମାଧୁର୍ଯ୍ୟର ନିବିଡ଼ ପ୍ରକାଶ ଘଟେ, ଯାହାର ସ୍ୱପ୍ନରେ ଜୀବନର ରହସ୍ୟ ଉପରେ ସନ୍ଧାନୀ ଆଲୋକ ସଂପାତ କରେ- ସର୍ବୋଚ୍ଚ ପ୍ରତିଭାଧରଙ୍କ ସାମାନ୍ୟତଳେ ତାଙ୍କର ସ୍ଥାନ। ଭାଲ୍ଲାଥୋଲ ସେହିପରି ଜଣେ ଗାୟକ ଥିଲେ। ସେ ଅତିନ୍ଦ୍ରିୟବାଦୀ ବା ଆତ୍ମାତୃପ୍ତିକାରୀ ଜୀବନଦର୍ଶନର ଅଧିକାରୀ ଦାର୍ଶନିକ ନ ଥିଲେ ବା ସେ ମାନବ ଚେତନାର ଅସ୍ପଷ୍ଟ ଗୋଧୂଳି ଛାୟାଘନ ଅଞ୍ଚଳରେ ବିଚରଣଶୀଳ ସ୍ୱପ୍ନବିଳାସୀ ମଧ ନ ଥିଲେ। ତାଙ୍କ ବକ୍ତବ୍ୟରେ ଥିଲା ସଙ୍ଗୀତର ମାଧୁର୍ଯ୍ୟ ଓ ମୂର୍ଚ୍ଛନା ଏବଂ ତାର ସ୍ପର୍ଶରେ ସୀସା ସୁନା ପାଲଟୁଥିଲା। ଆଧୁନିକ ଭାଷା ଉପରେ ଅଧିକ ଦଖଲ ଥିଲା। ସେ ଯେଉଁ ସୁର ଫୁଟାଇବାକୁ ଚାହୁଁଥିଲେ, ତାଙ୍କ ଭାଷାରେ ସେହି ସୁର ଫୁଟି ଉଠୁଥିଲା। ମାଲୟାଲମ୍ ଭାଷାର ମାଧୁର୍ଯ୍ୟ, ଲାଳିତ୍ୟ, ଗରିମା ଏବଂ ଶକ୍ତି ସବୁକିଛି ମୂର୍ତ୍ତ ହୋଇଉଠିଥିଲା ଭାଲ୍ଲାଥୋଲଙ୍କ କବିତାରେ। 'ଏନ୍ତେଭାଷା' (ମୋର ଭାଷା) କବିତାରେ ସେ ଅତ୍ୟନ୍ତ ଗର୍ବର ସହିତ ମାଲୟାଲମ୍ ଭାଷାର ଗୁଣକୀର୍ତ୍ତନ କରିଛନ୍ତି ଏବଂ ତାଙ୍କ ମାତୃଭାଷାର ଯେଉଁସବୁ ଗୁଣ ଦେଖାଯାଏ ତାର ଅଧିକାଂଶ ଗୁଣ ପ୍ରକାଶ ପାଇଛି ତାଙ୍କ ଭାଷାରେ। 'କିଲିକ୍କୋଞ୍ଚଲ', 'ଭାରତ ସ୍ତ୍ରିକଲତାନ ଭାବସୁଦ୍ଧି' ଏବଂ 'ମ୍ୟାଗଡେଲେନା ମ୍ୟାରିୟମ୍' କବିତାରେ ଭାଷାର ସ୍ୱଚ୍ଛତା ମାଧୁର୍ଯ୍ୟ ଏବଂ ଲାଳିତ୍ୟ କେରଳ ଚେରୁସେରୀଙ୍କ 'କୃଷ୍ଣଗାଥା' କବିତା ସଙ୍ଗେ ତୁଳନୀୟ। 'ଶିଷ୍ୟାନାମ ମକାନାମ୍' କବିତାରେ ଭାଷାର ସ୍ୱଚ୍ଛତା ଏବଂ ସଜୀବ ଗତିଶୀଳତା ସଙ୍ଗେ ସ୍ଫୁର୍ତ୍ତି ଏବଂ ଶକ୍ତିର ମିଳନ ଘଟି ଏକ ଅପରୂପ ସୌନ୍ଦର୍ଯ୍ୟରେ ସୁଷମିତ ହୋଇଉଠିଛି। ବେଳେବେଳେ ଭାଲ୍ଲାଥୋଲ ସହଜ ସରଳ ଏବଂ ପ୍ରାଞ୍ଜଳ ଭାଷା ପ୍ରୟୋଗ କରିଛନ୍ତି। ଯେମିତି 'ଏ ରିଙ୍ଗ', 'ଓଭୋସନ୍ ଏଣ୍ଡ ସ୍କଲାର ସିପ୍', 'ଏ ଭୟେକ୍ ଇନ୍ ଏ କଣ୍ଟ୍ରିବୋଟ୍', ପ୍ରଭୃତି କବିତାରେ। ଏହା ହେଉଛି ୱାର୍ଡ୍‌ସ ୱାର୍ଥଙ୍କର ଭାଷା- ଗଦ୍ୟ କାବ୍ୟର ସ୍ତରକୁ ଉନ୍ନୀତ ହୋଇଚି ଅନୁଭୂତି ଓ କଳ୍ପନାର ଯାଦୁସ୍ପର୍ଶରେ। ଆହୁରି ମଧ ବେଳେବେଳେ ତାଙ୍କର ବର୍ଣ୍ଣନା ତଥ୍ୟର ଭାରରେ ଗୋଟିଏ ପରେ ଗୋଟିଏ ପାହାଡ଼ପରି ଜମି ଭେଲଭେଟ୍‌ର

ଘନ ଆସ୍ତରଣ ସୃଷ୍ଟି କରିଛି। 'ଏନ୍ତେ କୋଚୁମାକାଲ' (ମୋର ଛୋଟ ଝିଅ) କବିତାରେ ସେ ତାଙ୍କ କନ୍ୟାର ସ୍ମିତହାସ୍ୟକୁ ବର୍ଣ୍ଣନା କରିଛନ୍ତି-

ଫୁଲପରି ଲାଲ୍ ଟିକି ଓଠର ହସରେ
ଦିଶିଯାଏ ଗୋଟି ଗୋଟି ଫୁଲର ପାଖୁଡ଼ା
ପୃଥିବୀର ସମସ୍ତ ଗୋଲାପେ ସଜ୍ଜିତ ସେ ତୋଡ଼ା
ରୂପ ଲାବଣ୍ୟ ପାଖୁଡ଼ା ଏକେ ଏକେ ମେଲେ।
ଗୋଲାପର ଏକ ଏକ ଲାଲଦଳ ପରି
ବିସ୍ତୃତ ରେଶମୀ କମନୀୟତା।
ଏପରିକି ସ୍ପର୍ଶମାତ୍ରେ ବ୍ୟଥାଲାଗେ
ଅମୃତବିନ୍ଦୁ ସିଞ୍ଚିତ ହୋଇ
ପରିବ୍ୟାପ୍ତ ହୋଇଯାଏ, ତାର ସୁଗନ୍ଧରେ
ସ୍ୱର୍ଗୀୟ ପବିତ୍ରତା ଉଛୁଳି ଉଠେ,
ସଞ୍ଚିତ ହୁଏ ପୁଣି ଉଛୁଳି ଉଠିବାପାଇଁ।

କବିତାର ଏହିପରି ସ୍ତବକ ଇନ୍ଦ୍ରିୟଗ୍ରାହ୍ୟ ନିଖୁଣ ବର୍ଣ୍ଣନାର ପ୍ରାଚୁର୍ଯ୍ୟରେ ଏବଂ ମଣିମୁକ୍ତା ଖଚିତ ପ୍ରବାଦରେ ଉଜ୍ଜ୍ୱଳ। ଏହିପରି ସ୍ତବକ ତାଙ୍କର ଅନେକ କବିତାରେ ଦେଖିବାକୁ ମିଳେ। ଶବ୍ଦାଡମ୍ବର ବହୁଳ ସଂସ୍କୃତ ଖଚିତ ପ୍ରବାଦରେ ଓ ଶବ୍ଦରେ ସମୃଦ୍ଧ ଉନ୍ନତମାନର ଭାଷା ତାଙ୍କ କବିତାର ଏକ ବୈଶିଷ୍ଟ୍ୟ ଭାବ ଏବଂ ବିଷୟବସ୍ତୁ ଅନୁଯାୟୀ ଭାଷାର ମାତ୍ରାଭେଦ ଘଟିଛି ଏବଂ ଭାଲ୍ଲାଥୋଲ ମଣିପ୍ରବାଳମ୍‌ରେ ବ୍ୟକ୍ତ ନମନୀୟତା, ଉଦ୍ଦାମ ଗତିଶୀଳତା, ଗରିମା, ଲାଳିତ୍ୟ ଓ ମାଧୁର୍ଯ୍ୟ ପ୍ରଭୃତି ଗୁଣାବଳୀ ସମ୍ପନ୍ନ ସୁକୁମାର କଳା ବିଦ୍ୟାରେ ସୁପଣ୍ଡିତ। କ୍ଲାସିକାଲ୍ କବିତାର ମର୍ମବାଣୀ ହେଲା 'ସବୁ ପଦାର୍ଥରୁ ଆଲୋକର ସନ୍ଧାନ କରିବା'। ଏହି ମର୍ମବାଣୀ ଭାଲ୍ଲାଥୋଲଙ୍କ କବିତାରେ ପ୍ରାଧାନ୍ୟଲାଭ କରିଅଛି।

ଇନ୍ଦ୍ରିୟଗ୍ରାହୀ ବାସ୍ତବ ଘଟଣାର ଉପସ୍ଥାପନରେ ତାଙ୍କର କବିତା ବର୍ଣ୍ଣନା ମଧ୍ୟରେ କବିତାର ଆଦର୍ଶ ରକ୍ଷାକରାଯାଇଛି।। ବାସ୍ତବ ଘଟଣାବଳୀକୁ ଛବିପରି ମନର କ୍ୟାମେରାରେ ଧରିରଖି ତାର ନିଚ୍ଛକ ବର୍ଣ୍ଣନା ଦେବା କ୍ଷମତାର ଅଧିକାରୀ କବି ଭାଲ୍ଲାଥୋଲ ' ଏ ମୋଥିରାମ୍' କବିତାରେ ଏକ ପଥକ୍ଳାନ୍ତ ମାଲୟାଲୀ ବ୍ରାହ୍ମଣ ପଥିକରେ ବର୍ଣ୍ଣନା ଦେଇଛନ୍ତି-

ତାର ବାମକାନ୍ଧେ ଧରିଅଛି ତାଳପତ୍ର ଛତା
ବାମ ହାତେ ଧରିଛି ତା ବେଣ୍ଟ
ସୂର୍ଯ୍ୟତାପେ କ୍ଳାନ୍ତ ସାରାଦିନ
ବିଶ୍ରାମ ଆଶାରେ ଝୁଙ୍କିପଡ଼ିଛି ତା କାନ୍ଧେ

ସୂର୍ଯ୍ୟ ଖରାତାପୁ ମୁକ୍ତିର ଆଶାରେ।
ଘର୍ମେ ଭିଡ଼େ ପଇତାଟି, ବୁକୁପରେ ଚାପି ହୋଇଯାଏ
ଦେବତାଙ୍କୁ ବହୁଥର ସାଷ୍ଟାଙ୍ଗେ ପ୍ରଣାମ କରି
ଫୁଲି ଯାଇଛି ତା କପାଳ
କପାଳରୁ ଲିଭିଅଛି ବୈଷ୍ଣବ ତିଳକ
ତଥାପି ମୁଖେ ତାର ବୈଷ୍ଣବଭାବ ପ୍ରକାଶମାନ
ଧୋତିର କାନିଟା ବେଢ଼ିଛି ତା ଅଣ୍ଟା
ମୁଣ୍ଡର ଚୂଳରେ ପଡ଼ିଅଛି ଗଣ୍ଠି
ବାକି ଚୂଳ କ୍ରମେ ସରୁହୋଇ
ଖୋସା ହୋଇଅଛି କାନର ଦି ପାଶେ।

ସେ ମଣିଷର ଚାଲିଚଳନ, ବୁଲାବୁଲି ଏବଂ ତାର ବିଭିନ୍ନ ଅଙ୍ଗଭଙ୍ଗୀକୁ ଅପୂର୍ବ ଭାଷାର ନୈପୁଣ୍ୟରେ ଲିପିବଦ୍ଧ କରିଛନ୍ତି। 'କିଳିକୋଞ୍ଚଳ'ରେ ଛୋଟସୀତା ତା ମାଙ୍କ ନିକଟକୁ ଦୌଡ଼ି ଯିବାର ବର୍ଣ୍ଣନା ସେ ଦେଇଛନ୍ତି।

ବଉଳ ଫୁଲର ଅର୍ଦ୍ଧମାଳା ବେକରେ ଝୁଲାଇ
ଆଗ୍ରହରେ ଦୌଡ଼ିଯାଏ ଛୋଟଝିଅଟିଏ ମାଆର ପାଖକୁ
ସୁନାରୀ ଫୁଲପରି ପବନରେ ଭାସି ଭାସି
ତାର କୋମଳ ଚରଣର ମଳ
ଧ୍ୱନି ତୋଳେ ବାରବାର, ଦୌଡ଼ୁନା ଦୌଡ଼ୁନା ପଡ଼ିଯିବୁ ତୁହି
କ୍ଷୀର କଟିରେ ତା ଶୋଭେ ସୁବର୍ଣ୍ଣର ବିଛା
ସେ ବିଛାର ଘୁଙ୍ଗୁର ଗୁଡ଼ିକ ଗୁଣୁଗୁଣୁ କରେ
ପାରିବ କି ସେ ଆମ ଓଜନକୁ ବୋହି ?

'ମଧୁଲକ୍ଷ୍ମୀ' କବିତାରେ ମଧୁଲକ୍ଷ୍ମୀ ନାମକ ଏକ ନର୍ତ୍ତକୀର ନୃତ୍ୟ ଭଙ୍ଗୀର ବର୍ଣ୍ଣନା ଦେଇ ସେ କହିଛନ୍ତି-

ବଉଳ ଫୁଲର ଅଙ୍ଗୁରୀୟେ
ସଜ୍ଜିତ ତା ଆଙ୍ଗୁଳିର ଅଗ୍ରଭାଗ
ଗଣ୍ଡଦେଶ ଗୋଲାପ ପରି ଶୋଭିତ
ବାମହାତ ରହିଛି ତା କଟିଦେଶେ ଅପୂର୍ବ ଭଙ୍ଗୀରେ
ଅପରୂପ ତାର ଚପଳ ଆଖି ଏବଂ ବଙ୍କିମ ଭ୍ରୂ
ଚାହାଁଣୀରେ ବଞ୍ଚନା

ଗଳାରେ ତା ପଦ୍ମ ପାଖୁଡ଼ାର ମାଳା
ଦିଗ୍‌ବଳୟ ରେଖାପରି କ୍ଷୀଣ ଦୋଳାୟିତ।
ନାଲି ଧଳା ଛୋଟ ଛୋଟ ସୁନ୍ଦର ଫୁଲର ମାଳା
ପିନ୍ଧିଛି ସେ ଦୁଇପାଦେ
ସଙ୍ଗୀତର ତାଳେ ତାଳେ ନାଚି ଉଠେ ପାଦର ଛନ୍ଦେ
ଚମ୍ପାଫୁଲ ଚୂଡ଼ି ହାତେ ଭରିଥାଏ
ମେଲି ଚାହେଁ ପଦ୍ମଦଳ ଚକ୍ଷୁ
ଚାଲିର ଗତିରେ ତା ନୈପୁଣ୍ୟଜାଗେ
ହସରୁ ତା ଝରିପଡ଼େ କୁସୁମ ପାଖୁଡ଼ା
କୋମଳ ଅଙ୍ଗ ତା ଅତି ମନଲୋଭା
ବାୟୁପରି ହାଲୁକା ତା ଚାଲି
ମନେହୁଏ ଚାଲୁଛି ସେ
ଦୁଗ୍ଧ ଫେନ ପୁଂଜେ।

'ଖାଦ୍ୟନାହିଁ ବସ୍ତ୍ରନାହିଁ' କବିତାରେ ଏକଦା ଧନୀ ଥିବା ଏକ ପରିବାରର ଚରମ ଦାରିଦ୍ର୍ୟର ବର୍ଣ୍ଣନା ଦେଇଛନ୍ତି। ସେ ସ୍ତବ୍ଧ ହୋଇ କୁକୁର ଆଡ଼କୁ ଚାହିଁଛନ୍ତି-

କୁକୁରଟି ଧକଉଚି
ଅତି କଷ୍ଟେ ଶ୍ୱାସକ୍ରିୟା କରୁଅଛି
ଦେହର ପଂଜରାଗୁଡ଼ା ଉଠୁଚି ପଡୁଚି
ସାଷ୍ଟାଙ୍ଗ ପ୍ରଣିପାତ କଲାପରି
ପଡ଼ିଅଛି ବାରଣ୍ଡାରେ
ଆଗଗୋଡ଼ ଦୁଇଟିକୁ ସାମ୍ନାକୁ ମେଲେଇ
ତା ଉପରେ ମୁଣ୍ଡଟିକୁ ରଖିଅଛି
ମଣିଷ ପାଖକୁ ଗଲେ ମୁଣ୍ଡଟିକୁ ଉଠେଇ ଦେଖୁଚି
ବୟସ ଭାରରେ ମଳିନ ଚକ୍ଷୁ ଦୁଇଟିରେ
ଶୂନ୍ୟ ଦୃଷ୍ଟିରେ ଚାହିଁରହେ ମଣିଷ ଦିଗରେ।

ଭାଲ୍ଲାଥୋଲଙ୍କର ପ୍ରବୀଣତା କେବଳ ଯେ ଦୀର୍ଘବର୍ଣ୍ଣନା ମଧ୍ୟରେ ଦେଖାଯାଏ ତାହା ନୁହେଁ, ଅନୁଚ୍ଛେଦରେ, ଗଦ୍ୟାଂଶରେ ଗୋଟିଏ ଦୁଇଟି ପଂକ୍ତିରେ କିମ୍ବା ସ୍ତବକ ମଧ୍ୟରେ ତାଙ୍କ ଦକ୍ଷତାର ପରିଚୟ ମିଳେ।

ଭାଲ୍ଲାଥୋଲଙ୍କ ଲେଖାରେ ଅଳଙ୍କରଣର ପ୍ରାଧାନ୍ୟ ଲକ୍ଷ୍ୟ କରାଯାଏ। ରଚନାର କଳ୍ପନା ସୌନ୍ଦର୍ଯ୍ୟ ବା କବିତ୍ୱ ଏହିସବୁ ଚିତ୍ରକଳ୍ପରେ ଅତି ମାତ୍ରାରେ ଲକ୍ଷ୍ୟକରାଯାଏ। ଚିତ୍ତହରଣକାରୀ

କଳ୍ପନାରୁ ମୌଳିକ ସୃଷ୍ଟିକାରୀ କ୍ଷମତାର ଅଧିକାରୀ ସେ। 'ଗୋଟିଏ ପାରା' କବିତାରେ ସେ ଗାଇଛନ୍ତି-

ରମଣୀୟ ରମଣୀର କପାଳେ ଶୋଭେ ଯେ କୁଙ୍କୁମ
ତୁମ ଅପୂର୍ବ ଚକ୍ଷୁଦ୍ୱଇଟି ସେହି କୁଙ୍କୁମରେ ଅଙ୍କା ଦୁଇଗୋଟି ବିନ୍ଦୁ
ନରମ କୋମଳ କଞ୍ଚା ରମ୍ଭାପତ୍ର ପରି
ସୁନ୍ଦର ତୁମରି ତନୁ।

ଗୋଟିଏ ଛିଣ୍ଡା ତକିଆରୁ ତୁଳାଫିଟି ବାହାରି ଆସିବାର ଦୃଶ୍ୟ ବର୍ଣ୍ଣନା ଦେବାକୁ ଯାଇ ସେ ଲେଖିଛନ୍ତି-

ତୁମର ଏ ମଇଳା ଓ ଛିନ୍ନ ମୁଖପରେ
ପରିଦୃଶ୍ୟମାନ ଫୁଲା ଫୁଲା ତୁଳା
ଯେପରି ଏକ କୁତ୍ସିତା ଯୁବତୀ
ଯୁଇ ଫୁଲେ ସଜାଇଛି ତା କବରୀ

ସେହି ଗୋଟିଏ ଦୃଶ୍ୟ ଆଉ ଗୋଟିଏ ଚିତ୍ରକଳ୍ପ ରଚନା କରେ

ତାହା ଦେଖି ଏପରିକି ରାଜାର ଶରୀର
ପରିଶେଷେ ଲଭିବ ସେ ଦଶା
ତୁମେ କ'ଣ ହସୁଅଛ ?
ହେ ଉପାଧାନ!
ହୃଦୟ ଶୁଭ୍ରତା ତୁମ ଫୁଟି ଦିଶେ
ବାହାରକୁ ଦୃଶ୍ୟମାନ ଧବଳ ତୁଳାରୁ।

ଅନ୍ଧକାର କାରାଗାରରେ ଉପବିଷ୍ଟ ଅନିରୁଦ୍ଧଙ୍କୁ ନିମ୍ନଲିଖିତ ଉପମା ଦ୍ୱାରା ବର୍ଣ୍ଣନା କରାଯାଇଛି-

ମାଟିର ପାତ୍ରେ ଘେରା ଏକ ଉଜ୍ଜ୍ୱଳ ପ୍ରଦୀପ ଶିଖା
ସମାଧୀ ଉପରେ ଗଜୁରି ଉଠିଛି ଏକ ଆମ୍ବଚାରା।
ଧୂଆଁଧାରେ ଆଚ୍ଛାଦିତ ହୋଇଅଛି ଫୁଲ
ଆବର୍ଜନ ମଧ୍ୟେ ପଡ଼ିଅଛି ପବିତ୍ର ଏକ ମୂର୍ତ୍ତି
ଦୁଷ୍ଟଗ୍ରହ ଚକ୍ରରେ ସୌଭାଗ୍ୟ ସ୍ତିମୀତ
କାଦୁଅରେ ଆବଦ୍ଧ ହାତୀ
ମିଥ୍ୟା ଅପପ୍ରଚାରରେ ଘୁଞ୍ଚି ଯାଇଛି ସୁନାମ।

'କୋଚୁ ସୀତାର' ଠାକୁରମା ଏକ ବୃଦ୍ଧା ଗଣିକା ବିଛଣାରେ ଏପରିଭାବେ ଶୋଇଅଛି ଯେ 'ମଦନର ଭଗ୍ନଧନୁ' ପରି ମନେ ହୋଇଛି। 'ନାଗିଲା' କବିତାରେ ସାମାଜିକ ରୀତି

ଅନୁସାରେ ଭବଦେବନ ତାର ବଧୂକୁ ସଜାଇବାପରେ ତାର ବଡ଼ ଭାଇ ସେହି ବୋହୂକୁ ତାର ଗୁରୁଙ୍କ ନିକଟକୁ ନେଇଯାଇଛି ଏବଂ ସେ କହିଛନ୍ତି-

ନିଜ ଗୃହେ ନବବିବାହିତ ସ୍ତ୍ରୀକୁ
ଯତ୍ନେ ସଜାଏ
ଦେବତା ଧନୁକୁ ଫୁଲଶର ଶୋଭେ।

'ମ୍ୟାଗଡ଼େଲେନା ମ୍ୟାରିୟମ' କବିତାର ନାୟିକା ଯୀଶୁଖ୍ରୀଷ୍ଟ ରହିଥିବା ସାଇମନ୍‌ର କୁଟୀର ନିକଟରେ ପହଞ୍ଚିବାପରେ, ତାର ଗତି ମନ୍ଥର ହୋଇଯାଇଛି।

ଗତି ତା ମନ୍ଥର ହୁଏ।
ସାଗରେ ମିଶିବା ବେଳେ
ନଦୀ ଯଥା ହରାଏ ତା ଗତି
ମୁହାଣ ଭିତରେ।

ବର୍ଷଣକ୍ଳାନ୍ତ ସନ୍ଧ୍ୟାରେ ଜଳଧାରାକୁ ଦେଖି କବିଙ୍କ ମନରେ ସାଂସାରିକ ଜୀବନର କଥା ଜାଗ୍ରତ ହୋଇଛି।

ସଂଗ୍ରାମ କରି କ୍ଷଣକେ ଉଚ୍ଚକୁ ଉଠ
ପରେ ପୁଣି ନୀଚେ ପଡ଼ିଯାଅ
କୁଦିପଡ଼ି କାଦୁଅ ଓ କଣ୍ଟାପୂର୍ଣ୍ଣ ଗର୍ତ୍ତେ
ଅଟକାଇ ପାରେ ନାହିଁ କେହି
ପୂର୍ଣ୍ଣତା ପ୍ରାପ୍ତିର ମୋହେ ବହିଚାଲେ ନଈ
ସାଗରେ ମିଶିବାପାଇଁ।
ହେ ଜଳ! ତୁମର ପ୍ରତିଟି ପଦକ୍ଷେପ
ସ୍ମରଣ କରାଇଦିଏ ସଂସାରୀକୁ
ସଂସାରରେ ଚାଲିବାର ପ୍ରତିଟି ଧାରାକୁ।

'ପବନରେ ଉଡ଼େ ଗୋଟିଏ କବିତା' କବିତାରେ କବିଙ୍କର ଛୋଟପୁଅ ତାଙ୍କ କବିତା ଲେଖା ସମୟରେ ତାଙ୍କ ହାତରୁ କବିତାଟି ନେଇଯିବାର ନିଖୁଣ ବର୍ଣ୍ଣନା ପ୍ରଦାନ କରିଛନ୍ତି-

କବିତାଟି ଟାଣି ନେଇ ନିଜର ଭାଷାରେ
ପଢ଼ିଯାଏ ଆପେ ଆପେ ଆପଣା ଢଙ୍ଗରେ
ବୟସ ସାଙ୍ଗକୁ ଖଟା ଲାଗିଲେ ବି
ତା ହାତରୁ ଝରୁଥାଏ ଟୋପା ଟୋପା ମହୁ।

ସ୍ୱାଧୀନ ଭାରତର ଭୂମିକା ସମ୍ବନ୍ଧରେ କବିଙ୍କର ଚିନ୍ତାଧାରା ନିମ୍ନଲିଖିତ ରୂପକ ମାଧ୍ୟମରେ ବର୍ଣ୍ଣିତ ହୋଇଛି।

ଭାରତ ଏକ ଶିକୁଳି ବନ୍ଧା ହସ୍ତୀ
ଛିଣ୍ଡିଛି ତା ଶିକୁଳି
ପୃଥିବୀକୁ ଲଣ୍ଡଭଣ୍ଡ କରି
ଛୁଟିଯାଏ ନା ସେ ଉନ୍ମତ୍ତଙ୍କ ପରି
ପରନ୍ତୁ ସେ ଜଳ ଘୂର୍ଣ୍ଣିରୁ
ଉଠାଇ ଆଣେ ଅସହାୟ ଆତ୍ମୀୟଜନଙ୍କୁ
ସୌହାର୍ଦ୍ଦ୍ୟ ଶୁଣ୍ଢରେ।

କଳ୍ପନାରେ ଭରା ତାଙ୍କ ଚିନ୍ତାଧାରା ଏବଂ ପ୍ରତିଟି ରୂପକ ଏକ ସୁନ୍ଦର ଅନାଗତ ଭବିଷ୍ୟତର ଇଙ୍ଗିତରେ ପୂର୍ଣ୍ଣ। ଏହିପ୍ରକାର ଉପମା ଏବଂ ଅଳଙ୍କାରରେ ଭରା ଭାଲ୍ଲାଥୋଲଙ୍କ କବିତାର ବାଗ୍‌ଧାରା ଏବଂ ପ୍ରତିଟି ପଂକ୍ତିରେ ଭରା ମାଧୁର୍ଯ୍ୟ ତାଙ୍କ କବିତାକୁ ଆନନ୍ଦମୟ କରି ତୋଳିଛି।

ଅଧିକାଂଶ କବିତାରେ ଭାଲ୍ଲାଥୋଲ ରୂପକଥାର ଜାଲ ବୁଣିଛନ୍ତି ଅଥବା ଉପମା କ୍ଷେତ୍ରକୁ ସୁପ୍ରସାରିତ କରିଛନ୍ତି। 'ବୈଶାସମ୍‌ପୋରୁମ୍ ପୋରୁମ୍' (ଅନେକ ଅନେକ ଦୁଃଖ) କବିତାରେ କବି ଭାରତୀୟ ଜାତୀୟ କଂଗ୍ରେସକୁ ସ୍ୱାଧୀନତା ସାଗର ଦିଗରେ ପ୍ରବହମାନ ନଦୀରୂପେ ଚିତ୍ରିତ କରିଛନ୍ତି। କିନ୍ତୁ ସେହି ନଦୀର ଧାର ପାହାଡ଼ ପର୍ବତ ବ୍ୟତୀତ ସ୍ୱାର୍ଥାନ୍ୱେଷୀ କୃଷକମାନଙ୍କ ଦ୍ୱାରା ବାଧାପ୍ରାପ୍ତ ହୋଇଛି। 'ପ୍ରଭାତ୍ ଗୀତମ୍' (ପ୍ରଭାତ ସଙ୍ଗୀତ) କବିତାରେ ପ୍ରଭାତକୁ କବି ଦାସୀରୂପେ କଳ୍ପନା କରିଛନ୍ତି। ଦାସୀ ଯେପରି ପ୍ରଭାତରେ ଗୃହକର୍ମରେ ବ୍ୟସ୍ତଥାଏ ପ୍ରଭାତ ସେହିପରି ଆକାଶର ବିଶାଳ ଗୃହକୁ ପରିଷ୍କାର କରିବା କାର୍ଯ୍ୟରେ ବ୍ୟସ୍ତ। 'ବିଜୟୀ ଝୁଟାକା' (ତୁମର ବିଜୟ) କବିତାରେ ଉଦ୍ଧାମକୁ ନଦୀର ରୂପକ ମାଧମରେ ବ୍ୟକ୍ତ କରିଛନ୍ତି। ସ୍ୱାଭାବିକ ସହଜଭାବେ ଅର୍ଥର ଦୁଇ ସ୍ତରକୁ ଏପରିଭାବେ ସଂଯୁକ୍ତ କରିଛନ୍ତି ଯେ କବିତାଗୁଡ଼ିକ କେତେବେଳେ ହେଲେ ସୁକୌଶଳରେ ରଚିତ ଯାନ୍ତ୍ରିକ ବସ୍ତୁ ବୋଲି ମନେହୁଏ ନାହିଁ।

ତାଙ୍କ କବିତାରେ ଉପମାର ପ୍ରାଚୁର୍ଯ୍ୟ ଦେଖାଗଲେ ମଧ୍ୟ ତାଙ୍କ ନିକଟରେ କବିତା ଉପମା ସର୍ବସ୍ୱ ନୁହେଁ। ସେ ଜଣେ କ୍ଲାସିକ କବି। କ୍ଲାସିକ କାବ୍ୟାଦର୍ଶ, ସୁସ୍ପଷ୍ଟ ଚିନ୍ତା ଏବଂ ସୁସାମଞ୍ଜସ୍ୟ ବିଚାର ଦ୍ୱାରା କାବ୍ୟରଚନା ପ୍ରକ୍ରିୟା ଓ କଳ୍ପନାର ବିସ୍ତାରକୁ ଦୃଢ଼ଭାବେ ନିୟନ୍ତ୍ରିତ କରେ। ତାହା ତାଙ୍କର ଉପମା ସୃଷ୍ଟିର କ୍ଷମତା ଓ ତାଙ୍କ ଉପମା ଗୁଡ଼ିକରେ ନିଛକ ସାଙ୍କେତିତ ଚିହ୍ନରେ ପରିଣତ କରେ ନାହିଁ। ତେବେ ମଧ୍ୟ ତାଙ୍କ କବିତାରେ କେତୋଟି ନିର୍ଦ୍ଦିଷ୍ଟ ଉପମାର ବାରମ୍ବାର ପ୍ରୟୋଗ ଦୃଷ୍ଟିକୁ ଆସେ ଯେପରି ନଦୀ, ଆଲୋକ ଏବଂ ଅନ୍ଧକାର। ପ୍ରବହମାନ ଜଳରାଶି ତାଙ୍କ ମନରେ ରେଖାପାତ କରେ। ଅନେକ ନଦୀ ତାଙ୍କ କବିତାରେ ସ୍ଥାନପାଇଛି ଯଥା- 'ଭାରତ ପୂଜା', 'ତିରୁପୋନ୍ନାନି ପୂଜା', ପେରିୟାର, ନର୍ମଦା, ଗୋଦାବରୀ, କାଳିନ୍ଦୀ ଏବଂ ମାନବ ଜୀବନ ମଧ୍ୟ ଉଦ୍ଧାମ ନଦୀ ରୂପେ ଦେଖାଦେଇଛି ତାଙ୍କ 'ପ୍ରୟାଗସ୍ନାନମ୍', 'ବୈଶାସମ୍ ପୋରୁମ୍ ପୋରୁମ୍' ପ୍ରଭୃତି କବିତାରେ। ଦିନ ଏବଂ ରାତି, ଆଲୁଅ ଏବଂ

ଅନ୍ଧାର ସହିତ ପରାଧୀନତା ଓ ସ୍ୱାଧୀନତା ଏବଂ ଅଜ୍ଞାନତା ଓ ବିଜ୍ଞତାର ତୁଳନା ସେ କରିଛନ୍ତି ତାଙ୍କର ଅନେକ କବିତାରେ। 'ଇରୁଲିଲନିନ୍ନଉ' (ଅନ୍ଧକାରରେ) ନାମକ ଏକ ଦର୍ଶନ ଭିତ୍ତିକ କବିତାରେ ଏହିସବୁ ଉପମାଗୁଡ଼ିକ ନୂତନ ଜଟିଳତା ସୃଷ୍ଟି କରିଛି। ସକଳ ସୂର୍ଯ୍ୟଙ୍କ ସୂର୍ଯ୍ୟ କହିଲେ ଆଲୋକ ଉତ୍ସର କଥା କେହି କହିଛନ୍ତି-

କେତେବେଳେ ଯଦି ତୁମରୂପ ମୋ ଦୃଷ୍ଟିରେ ପଡ଼ିଯାଏ
ସେ କଥା ଭାବିଲେ ମୁଁ ଭୀତତ୍ରସ୍ତ ହୁଏ
ମୁଁ ଯେ ଅନ୍ଧକାରର ଜୀବ
ଉଜ୍ଜ୍ୱଳ ବସ୍ତୁ ରାଜିଠାରୁ ତୁମ ମୁଖ ଆହୁରି ଉଜ୍ଜ୍ୱଳ
ଚାହେଁ ନାହିଁ ଦେଖିବାକୁ ତୁମ ରୂପ
ତୁମେ ସର୍ବ ପରିବ୍ୟାପ୍ତ
ଏକଥା ଜାଣି ମୁଁ ଖୁସି।

ଦୀର୍ଘକାଳ ବ୍ୟାପୀ ଅନ୍ଧକାରାଚ୍ଛନ୍ନ ଯୁଗରେ ରହି ମଣିଷ ମଧ୍ୟରେ ଅବିରାମଭାବେ ଆଲୋକର ଜିଜ୍ଞାସା ଆସିଛି। କବି ସେହିକଥା ସ୍ମରଣ କରାଇ ଦେଇଛନ୍ତି। କ୍ଳାନ୍ତି ଏବଂ ବିରକ୍ତିରେ ସେ ପ୍ରଶ୍ନ କରିଛନ୍ତି କେବେ ମଣିଷର ଏହି ଆଲୋକ ଜିଜ୍ଞାସା ମେଣ୍ଟିବ? ନିଜେ କହିଛନ୍ତି, 'ହୁଏତ ଦିନପରେ ଦିନ ସୂର୍ଯ୍ୟ ନିଜେ ଖୋଜିବୁଲୁଛି ଆଲୋକ।' କିନ୍ତୁ କବି ଏଇ ସନ୍ଧାନ ସହିତ ନିଜକୁ ଜଡ଼ାଇବାକୁ ଚାହିଁ ନାହାନ୍ତି।

କେଉଁଠୁ ଆସିଲି ମୁଁ ଏହି ଜଗତକୁ?
ଅନ୍ଧକାରରୁ।
ଅନ୍ଧକାରର ରୂପ କେଉଁପରି?
କେହି ଜାଣେନା।
ପ୍ରତିଦିନ କେଉଁଠାକୁ ଯାଉଅଛି ମୁହିଁ?
ଅନ୍ଧକାରର ଦିଗେ।
ତେବେ କାହିଁକି ବା ଦେଉଅଛ ଏତେ ଆଲୋକ
ଏଇ ମଧ୍ୟପର୍ବେ ମୋତେ

ଅନ୍ୟାନ୍ୟ କବିତାରେ ସେ ଦିନ ଓ ରାତ୍ରିର ଚିରାଚରିତ ରୂପକୁ ଗ୍ରହଣ କରିଛନ୍ତି। 'କାଲମାରି' (ସମୟର ପରିବର୍ତ୍ତନ ଘଟିଛି) କବିତାରେ ପ୍ରତ୍ୟୁଷର ଶୁକ୍ରତାରାକୁ ଅନ୍ଧକାର ବୁକୁରେ ଏକ ଭୀଷଣ ଆତଙ୍କ ସୃଷ୍ଟିକାରୀ ରୂପେ ଚିତ୍ରିତ କରିଛନ୍ତି। ପାହାନ୍ତାର ଶୁକ୍ରତାରା ଯେତେ କ୍ଷୁଦ୍ର ହେଲେ ମଧ୍ୟ ତାର ପୋଷାକରେ ଯେତେ ଦାରିଦ୍ର୍ୟର ଛାପ ଥିଲେ ମଧ୍ୟ ସେ ନିର୍ଭୀକ ଭାବେ ଅପଲକ ଦୃଷ୍ଟିରେ ଅନ୍ଧକାର ଦିଗରେ ଚାହିଁ ରହେ। ଘନ ଅନ୍ଧକାର ରାଶି କାନେ କାନେ କହେ-

କି ଆଶ୍ଚର୍ଯ୍ୟ
ଆକାଶକୁ ଛୁଇଁ ଗଢ଼ିଥିଲୁ ଆମେ ବିରାଟ ପ୍ରାଚୀର
କାଦୁଅ ଢେଲାପରି ଚୂନା ହୋଇଗଲା
ପାହାଡ଼ ସବୁ ଥିଲା ଆମ ପାଦତଳେ
ମୁଣ୍ଡ ଟେକି ଠିଆ ହେବା ଆରମ୍ଭ କରିଛି ଏବେ।
ବିଶ୍ୱବ୍ରହ୍ମାଣ୍ଡକୁ ମାଂସ ପିଣ୍ଡ ପରି
ଗିଳିଥିଲୁ ଆମେ
କିନ୍ତୁ ବର୍ତ୍ତମାନ ଆମ କେଶରାଶି
ହୋଇଛି ସଫେଦ।

ଏହି କବିତାରେ ଏବଂ 'ପରବାସ୍ୟମ୍' ପରି ଅନ୍ୟାନ୍ୟ କବିତାରେ ସ୍ୱାଧୀନତାକୁ କବି ଆଲୋକ ସହିତ ଏବଂ ଦାସତ୍ୱକୁ ଅନ୍ଧକାର ସହିତ ତୁଳନା କରିଛନ୍ତି।

ଭାଲ୍ଲାଥୋଲଙ୍କ କବିତାରେ ଉପମାର ଜାଲ ଯେ କେବଳ ବୁଣା ଯାଇଛି ତାହା ନୁହେଁ, ସେଗୁଡ଼ିକ ଗଭୀର ଅର୍ଥବୋଧକ ଏବଂ ତାତ୍ପର୍ଯ୍ୟପୂର୍ଣ୍ଣ। ପ୍ରାଚୀନ ସଂସ୍କୃତକାବ୍ୟ ସମାଲୋଚକଙ୍କ ନିକଟରେ ଧ୍ୱନି ଅର୍ଥାତ୍ ଇଙ୍ଗିତଗର୍ଭ କ୍ଷମତା ଏବଂ ଔଚିତ୍ୟମ୍ ଅର୍ଥାତ୍ ଔଚିତ୍ୟ- କାବ୍ୟର ଏ ଦୁଇଟି ମୂଳ ଗୁଣରାଜି ଭାଲ୍ଲାଥୋଲଙ୍କ ବ୍ୟବହୃତ ଉପମାଗୁଡ଼ିକ ମଧ୍ୟରେ ରହିଅଛି। ଯେଉଁ କବିଙ୍କ କବିତାରେ ଉପମାର ଏତେ ଭିଡ଼ ସେ କିନ୍ତୁ ରଙ୍ଗର ଉପମାକୁ ଖୁବ୍ କମ୍ ବ୍ୟବହାର କରିଛନ୍ତି। ଏହାବଡ଼ ବିସ୍ମୟକର ମନେହୁଏ। ମଝିରେ ମଝିରେ ସେ ରଙ୍ଗ ଉପମାକୁ ବ୍ୟବହାର କରିବା ଦେଖାଯାଏ, ଯେପରି ସବୁଜ କାର୍ପେଟ ପରି ଶସ୍ୟକ୍ଷେତ୍ର ବା ପ୍ରାନ୍ତର, ଗୋଲାପ ପରି ଗାଲ, କୁଙ୍କୁମ ବିନ୍ଦୁପରି ପାରାର ଚକ୍ଷୁ ଅଥବା ପ୍ରବାଳପରି ପାଦଗୁଡ଼ିକ ଇତ୍ୟାଦି। କ୍ୱୌଣସି କୌଣସି ବର୍ଣ୍ଣନାରେ ସେ ପ୍ରଚଳିତ ଭାବଧାରା ଏବଂ ବ୍ୟାପକ କଳ୍ପନା ସହିତ ମିଶିଯାଇଛନ୍ତି। ଯେପରି ଦେଖାଯାଏ 'କିଲ୍ଲିକୋଞ୍ଚଳ' କବିତାର ଆକାଶ ବର୍ଣ୍ଣନା ମଧ୍ୟରେ-

ଘନ କଳା ବାଦଲରେ ମୁଖ ଢାଙ୍କିଦେଲେ
ତୁମେ ଘନ ସବୁଜ ବାନାନୀମୟ ଦେଖାଯିବ
ପୁନଶ୍ଚ ସଫେଦ ମେଘେ ଭରା ତୁମ ଦେହ।
ବିସ୍ତୃତ ବାଲୁକାବେଳା ରୂପଧରେ
ଗୋଧୂଳିର ସୂର୍ଯ୍ୟାଲୋକ
ତୁମକୁ ସଜାଇ ଦିଏ କୁଙ୍କୁମ ରଙ୍ଗରେ
ଆଉ କେତେବେଳେ
ତୁମ ଭସ୍ମବୋଳା ରୂପ ଦେଖାଯାଏ।

ବାସ୍ତବ ଦୃଷ୍ଟିରେ ରଙ୍ଗ ପର୍ଯ୍ୟବେକ୍ଷଣ ଏବଂ ରଙ୍ଗପରି ରଙ୍ଗର ଔଜ୍ଜଲ୍ୟରୁ ସେ ଆନନ୍ଦ ପାଇଛନ୍ତି- ତାଙ୍କ କବିତାରୁ ସେପରି କିଛି ଦୃଷ୍ଟିରେ ପଡ଼େ ନାହିଁ। ଶବ୍ଦର ଉପମା ସଂଖ୍ୟାଧିକ ଯଥା- ପ୍ରବହମାନ ଜଳର ଗର୍‌ଗର୍ ଶବ୍ଦ, ମେଘର ଗର୍ଜନ, ଢେଉର ଗର୍ଜନ, ପକ୍ଷୀର କଳ କାକଳି, ବୀଣା ସାରଙ୍ଗ ଏବଂ ମୃଦଙ୍ଗର ଝଙ୍କାର ଏବଂ ଶିଶୁର ଦରୋଟି କଥା। କୌଣସି ବିଶେଷ ଇନ୍ଦ୍ରିୟାନୁଭୂତିର ଭିତ୍ତିରେ ଉପମା ସୃଷ୍ଟିରେ ତାଙ୍କ କାବ୍ୟନୈପୁଣ୍ୟର ପ୍ରକାଶ ଘଟିନାହିଁ। ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁର ବର୍ଣ୍ଣନାର ସୁଷ୍ଠୁପ୍ରୟୋଗଦ୍ୱାରା ମନ ଉପରେ ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦର ସମ୍ମିଶ୍ରଣରେ ଏକ ଅପରୂପ ପ୍ରଭାବ ବିସ୍ତାର କରେ ତାର ପ୍ରକାଶ। ଉଦାହରଣ ସ୍ୱରୂପ ତାଙ୍କ 'ଓରୁଚିତ୍ରମ୍' (ଗୋଟିଏ ଛବି) କବିତାରେ ସେ ଶ୍ରୀକୃଷ୍ଣଙ୍କ ରୂପର ବର୍ଣ୍ଣନା ଦେଇଛନ୍ତି।

ଜହ୍ନର ଶୀତଳ ଆଲୁଅ
ଏବଂ ଅଙ୍ଗୁର ରସ।ର ମିଷ୍ଟତା
ମୃଦୁମଳ ସମୀରଣେ ମନୋରମ ଶୀତଳତା
କଅଁଳ ଆମ୍ରପତ୍ରର କମନୀୟତା
ଏବଂ ଇନ୍ଦ୍ରଧନୁର ସୌନ୍ଦର୍ଯ୍ୟ
ଆକାଶେ ରତ୍ନାକରେ ମହାମୂଲ୍ୟ ନବରତ୍ନର ତୋରଣ
ସଜ ଫୁଟା ଯୂଇର ସୁରଭି
ଏ ସବୁର ସାଥେ ଅନ୍ୟସବୁ ସୁନ୍ଦର ପଦାର୍ଥର ସମ୍ମିଶ୍ରଣେ ସୁଗଠିତ ତୁମ ଛୋଟ ଦେହ।

'ପଚିଲ ପୋତିଞ୍ଜା ତିକ୍କୋଲ୍ଲି' (ସିଲ୍‌କ କନାରେ ଗୁଡ଼ା ଖଣ୍ଡେ ପୋଡ଼ାକାଠ) କବିତାରେ ଘନ ବର୍ଷାର ରାତ୍ରି ଅରଣ୍ୟ ରୂପରେ ବର୍ଣ୍ଣିତ ହୋଇଛି-

ଆକାଶର ପ୍ରସାରିତ ଅନ୍ଧକାର
ଅଗ୍ନିଦଗ୍ଧ ଅରଣ୍ୟପରି ଦେଖାଯାଏ
ବଜ୍ରର ଘର୍ଘର ଗର୍ଜନ ବେଳେବେଳେ ଶୁଣାଯାଏ
ସତେ ଅବା ହାତୀର ଶ୍ରତ୍ରୁର ଗର୍ଜନ।

'ଇଭିନିଂ ପ୍ରେୟାର' (ସାନ୍ଧ୍ୟ ପ୍ରାର୍ଥନା) କବିତାର ପ୍ରଥମ ସ୍ତବକରେ ଗୋଟିଏ କୁଟୀରରେ ସୁନ୍ଦରୀ ରମଣୀକୁ ଅପ୍ରତ୍ୟାଶିତ ଭାବେ ଦେଖି କବି ବିସ୍ମୟାଭିଭୂତ ହୋଇ ଲେଖିଛନ୍ତି-

ଉଡୁଥିବା ଭସ୍ମର ମଝିରେ
ଜ୍ୱଳନ୍ତ ଅଙ୍ଗାର ପରି ଦେଖାଯାଏ
ଅଥବା ପଙ୍କେଭରା ଟୁବି ଗଡ଼ିଆରେ
ସଦ୍ୟଫୁଟା ଲାଲ ପଦ୍ମ ପରି

ଅବା ମେଘେ ଛିନ୍ନଭିନ୍ନ ଅର୍ଦ୍ଧଚନ୍ଦ୍ର
ଘନାନ୍ଧକାରେ କ୍ଷୁଦ୍ର କୁଟୀରରେ ଠିଆ
କିଏ ସେହି ସୁନ୍ଦରୀ ରମଣୀ ?

କବି ଭାଲ୍ଲାଥୋଲ ଯେଉଁସବୁ ଉପମା ବ୍ୟବହାର କରିଛନ୍ତି ତାହାର ଅଧିକାଂଶ ବସ୍ତୁର ସାଧାରଣ ଗୁଣଦେଖି ଅଥବା ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ମାଧମରେ ବାସ୍ତବ ଉପମାକୁ ଭିତ୍ତିକରି। ତୁଳନାତ୍ମକ ଭାବେ ବାସ୍ତବ ଉପମାର ସଂଖ୍ୟା ଅପେକ୍ଷାକୃତ କମ୍। ଅନ୍ୟାନ୍ୟ ବ୍ୟବହୃତ ଉପମାମଧରେ କିଛି ପ୍ରଚଳିତ ଉପମା ଅଛି ଯାହା ପ୍ରଚଳିତ ଧାରା ଉପରେ ସ୍ପଷ୍ଟ ଏବଂ ଶାଶ୍ୱତ ବୈଶିଷ୍ଟ୍ୟର ଅଧିକାରୀ ହେବାର କଳାକୌଶଳ ପ୍ରୟୋଗରେ ପ୍ରାୟ କ୍ଲାସିକ ପର୍ଯ୍ୟାୟଭୁକ୍ତ, ଏବଂ ପ୍ରକୃତି ସମ୍ବନ୍ଧୀୟ ଧାରଣା ତାଙ୍କ କବିତାକୁ ପତ୍ରପୁଷ୍ପରେ ପଲ୍ଲବିତ ସଜୀବ କରି ସୁଚାରୁ ରୂପଦାନ କରିଛି କିନ୍ତୁ ସେଗୁଡ଼ିକ ଆଦୌ କବିତା ହୋଇପାରି ନାହିଁ।

ଭାଲ୍ଲାଥୋଲଙ୍କ ଶିଳ୍ପର ଆଉ ଗୋଟିଏ ବୈଶିଷ୍ଟ୍ୟ ଦେଖାଯାଏ ଯାହା ଅନ୍ୟ କାହାରି ଅନୁବାଦରେ ଦେଖାଯାଏ ନାହିଁ। ତାହାହେଲା ସଂସ୍କୃତ ଓ ଦ୍ରାବିଡ଼ ଭାଷା ଉପରେ ତାଙ୍କ ଅଗାଧ ପାଣ୍ଡିତ୍ୟ। ସଂସ୍କୃତ ଛନ୍ଦରେ ବଳିଷ୍ଠ ଓ ଦ୍ରୁତ ଲୟରେ ଅନେକ କବିତା ସେ ଲେଖିଛନ୍ତି ଏବଂ ତାଙ୍କ ଦ୍ରାବିଡ଼ୀୟ ଛନ୍ଦ ସାବଲୀଳ ହୋଇଉଠିଛି। ସଂସ୍କୃତ ଶ୍ଳୋକଠାରୁ ମାଲୟାଲମ କଥ୍ୟ ଭାଷାରେ ଗୀତିକାବ୍ୟର ରୂପାନ୍ତର ପର୍ଯ୍ୟନ୍ତ ଭାଲ୍ଲାଥୋଲଙ୍କ କୃତିତ୍ୱର ପରିଚୟ ମିଳେ। ସେ କେଉଁ ଦ୍ରାବିଡ଼ ଛନ୍ଦରେ ସବୁଠାରୁ ସୁନ୍ଦର କାବ୍ୟ ରଚନା କରିଛନ୍ତି ତାହା କହିବା କଠିନ। କାରଣ ସେ ସବୁ ଛନ୍ଦ ଅନାୟାସରେ ନୈପୁଣ୍ୟର ସହ ବ୍ୟବହାର କରିଛନ୍ତି। 'କେକା' ଛନ୍ଦରେ ସେ ଅଧିକାଂଶ କବିତା ରଚନା କରିଛନ୍ତି ଯାହା ଅମିତ୍ରାକ୍ଷର ଛନ୍ଦ ସହ ତୁଳନୀୟ। ସେ ସବୁଠାରୁ ଅଧିକ ଯେଉଁ ଛନ୍ଦ ବ୍ୟବହାର କରିଛନ୍ତି ତାହାହେଲା କେକା। ଏହି ଛନ୍ଦଟି ତାଙ୍କର ଦ୍ରୁତଲୟ ପ୍ରବାହ ପରି ଅନେ୍କ ବହୁତେ ଇଂରେଜୀ କବିତାର ଅମିତ୍ରାକ୍ଷର ଛନ୍ଦ ସହ ତୁଳନୀୟ ଏବଂ ତାର ନମନୀୟତା ଯୋଗୁ ତାହା ନାନାଭାବେ ବ୍ୟବହୃତ ହେବା ସମ୍ଭବ ହୋଇଛି। ଭାଲ୍ଲାଥୋଲ ମାଲୟାଲୀ କାବ୍ୟରେ 'କେକା' ଛନ୍ଦର ବର୍ତ୍ତମାନ ଗୁରୁତ୍ୱ ଆଣି ଦେଇଅଛନ୍ତି ଏବଂ ତାକୁ ଭାବସମୃଦ୍ଧ କବିତାର ଅପରିହାର୍ଯ୍ୟ ଯନ୍ତ୍ରରେ ପରିଣତ କରିଅଛନ୍ତି।

ଭାଲ୍ଲାଥୋଲଙ୍କ କବିତାର ଗୋଟିଏ ବିଶେଷତ୍ୱ ହେଲା ତାଙ୍କର ଅଙ୍ଗୀଭୂତ ଘଟଣା ବା ଗତି। ପ୍ରତି ପଂକ୍ତିରେ କିଛି ନା କିଛି ଘଟିଛି- ଯେପରି କେଉଁ କଥା କୁହାଯାଇଛି, କେଉଁ ଭଙ୍ଗୀ, କେଉଁ ଭାବାବେଶ, ଦ୍ରୁତତାଳରେ ସଂଘଠିତ କେଉଁ ନାଟକୀୟ ଘଟଣା ଅଥବା କେଉଁ ଚମକ ପ୍ରକୃତିର ଚିରଚଞ୍ଚଳ ପ୍ରାଣଧାରା। କୌଣସି ନୀରବ ଦୃଶ୍ୟ ବା କୌଣସି ନିଶ୍ଚଳ ବସ୍ତୁର ବର୍ଣ୍ଣନା ତାଙ୍କ କବିତାରେ କ୍ୱଚିତ ଦେଖାଯାଏ। ସମସ୍ତଙ୍କ ମଧରେ ସେ ଜୀବନ୍ତରୂପ ପ୍ରତ୍ୟକ୍ଷ କରିଛନ୍ତି। ତାଙ୍କ କବିତା ପାଠକଲେ ପାଠକ ବିସ୍ମୟାଭିଭୂତ ହୋଇଉଠେ। କବିତାରେ

ଏପରି ସହଜ ଏବଂ ସାବଲୀଳ ଜୀବନଧାରା- ସେ ମଣିଷ କ୍ଷେତ୍ରରେ ହେଉ ବା ପ୍ରକୃତି କ୍ଷେତ୍ରରେ ହେଉ। ଉପରୋକ୍ତ ବର୍ଣ୍ଣନାମୂଳ ପଦ୍ୟାଂଶ ମଧରେ ଏହି ବୈଶିଷ୍ଟ୍ୟ ଆଖିରେ ପଡ଼େ। ଭାଲ୍ଲାଥୋଲଙ୍କର ଅନେକ କବିତା କାହାଣୀ ମୂଳକ। ପଞ୍ଚମ ଅଧ୍ୟାୟରେ ବର୍ଣ୍ଣିତ ବିଖ୍ୟାତ ଖଣ୍ଡକାବ୍ୟ ଗୁଡ଼ିକ ବ୍ୟତୀତ ସେ ଅନେକ କ୍ଷୁଦ୍ର କବିତା ରଚନା କରିଛନ୍ତି। ଯେପରି 'ଏକ ନାୟାର ମହିଳା ଏବଂ ମୁସଲମାନ', 'ଏକ ଯୁବକର ଆତ୍ମପ୍ରତ୍ୟୟ' 'ବୀରର ବଧୂ', 'ଚୋରପାଇଁ ଉପହାର', 'ଖାଦ୍ୟ ନାହିଁ ବସ୍ତ୍ର ନାହିଁ', 'ରେଶମୀ କନାରେ ଗୁଡ଼ା ଅଙ୍ଗାର ଖଣ୍ଡ', 'ରାଧାର କୃତଜ୍ଞତା', 'ପକ୍ଷୀର ସଙ୍ଗୀତ', 'ତରୁଣସନ୍ନ୍ୟାସୀ', 'ଭାରତୀୟ ନାରୀର ମହତ୍ତ୍ୱ', 'ଉତ୍ସର୍ଗ ଓ ପାଣ୍ଡିତ୍ୟ', 'ନାଗିଲା', 'ନରେନ୍ଦ୍ର ପ୍ରାର୍ଥନା', 'ଶେଷ ଚିଠି', 'ଏପରିକି ଫାଶି ମଞ୍ଚରେ', 'ସରଳ ମଧରେ ସରଳ', 'ମାଲୟାଲମ୍‌ର ଅଧିପତି', 'ହରେକୃଷ୍ଣ', 'ଜାତିର ଶକ୍ତି'। ଏତଦ୍‌ବ୍ୟତୀତ ତାଙ୍କର ଚିନ୍ତାଶୀଳ ନାଟକଧର୍ମୀ ଏବଂ ବର୍ଣ୍ଣନାତ୍ମକ ଆହୁରି ଅନେକ କବିତା ଅଛି, ଯେପରି 'ପବନର ଉଡୁଥିବା କବିତା', 'ନିଜପକ୍ୱକେଶ ଦେଖି', 'ନୌକା ବିହାର', 'ଚାଷୀ ବାଦଲକୁ ଦେଖି' ଇତ୍ୟାଦି। 'ଅକ୍ରୁରର ଅମ୍ବାଦି ଗମନ', 'ରାଗୀ ଅନ୍ତଃପୁରେ ରାବଣର ପଦାର୍ପଣ', 'କର୍ମଭୂମିର କୋମଳ ଚରଣ', 'ପାପରୁ ଉତ୍‌ଥାନ', 'ସନ୍ଧ୍ୟା ପ୍ରାର୍ଥନା' ପ୍ରଭୃତି କବିତାଗୁଡ଼ିକ ନାଟକୀୟ ଏବଂ ବର୍ଣ୍ଣନାତ୍ମକ ଉପାଦାନର ସମ୍ମିଶ୍ରଣରେ ଗ୍ରଥିତ। ଏସବୁ କବିତା ଗୁଡ଼ିକ ଯେଉଁ ପର୍ଯ୍ୟାୟରେ ହେଉନା କାହିଁକି ଏହା ମଧରେ ନାଟକୀୟତାର ପ୍ରକାଶ, ସାବଲୀଳ ବର୍ଣ୍ଣନା, ପ୍ରୟୋଜନ ଅନୁସାରେ ଚରିତ୍ର ଚିତ୍ରଣ ଏବଂ ନାଟକୀୟ ଘଟଣା ସନ୍ନିବେଶିତ କରିଛନ୍ତି। 'ଖାଦ୍ୟ ନାହିଁ ବସ୍ତ୍ର ନାହିଁ' ଅଥବା 'ଏପରିକି ଫାଶି ମଞ୍ଚରେ', କବିତାରେ କବି ସୂକ୍ଷ୍ମ ବର୍ଣ୍ଣନା ଓ ନାଟକୀୟ ଭାବରେ ଏକ ଅପୂର୍ବ ସମନ୍ୱୟ କରିଛନ୍ତି। କବିତାଟିର ଭାବଲୋକ ତାକୁ ରୂପରେଖ ଦେବାପାଇଁ ସୃଷ୍ଟିକରେ କାହାଣୀର ହୃଦୟାବେଗାଶ୍ରିତ ଆକର୍ଷଣ ଏବଂ ସେହି କାହାଣୀ ତାର ଅନ୍ତର୍ଗତ ହୃଦୟାବେଗ ଅନୁଯାୟୀ ଗତିଶୀଳ ହୁଏ।

ଏହିସବୁ କବିତା ଗୁଡ଼ିକର ଗୋଟିଏ ତ୍ରୁଟି ଲକ୍ଷ୍ୟଣୀୟ। ଏଗୁଡ଼ିକରେ ମାନବ ହୃଦୟର କଥା ଏବଂ ଭାବାବେଗଠାରୁ ତାର ବାହ୍ୟିକ ଦିଗଉପରେ ଅଧିକ ଗୁରୁତ୍ୱ ଆରୋପିତ ହୋଇଅଛି। ଭାଲ୍ଲାଥୋଲ କ୍ଲାସିକ ଭାବଧାରାରେ ପୁଷ୍ଟ। ସେଥିପାଇଁ ତାଙ୍କ କବିତାରେ ମଣିଷ ଏବଂ ତାର କାର୍ଯ୍ୟାବଳୀ ପ୍ରଧାନ ଉପଜୀବ୍ୟ ହୋଇଉଠିଛି। ସୂକ୍ଷ୍ମ ମନସ୍ତାତ୍ତ୍ୱିକ ବିଶ୍ଳେଷଣ କ୍ଲାସିକଧର୍ମୀଙ୍କ ନିକଟରେ ବାସ୍ତବ କଥାବାର୍ତ୍ତା ଏବଂ କାର୍ଯ୍ୟାବଳୀର ଅର୍ଦ୍ଧେକ ଆକର୍ଷର ମଧ ସୃଷ୍ଟିକରେ ନାହିଁ। ଯେଉଁସବୁ ବସ୍ତୁର ଏ ଜଗତରେ ସୁସ୍ପଷ୍ଟ ବାସ୍ତବ ବ୍ୟକ୍ତିତ୍ୱ ଅଛି, ଯେପରି ମଣିଷର କାର୍ଯ୍ୟ ଯାହା ବିଶ୍ୱର ସମସ୍ତଲୋକ ଦେଖିପାରିବେ, କ୍ଲାସିକପନ୍ଥୀ ତାଙ୍କ ଅଡ଼ି ଧରନ୍ତି। ବାୟୁ ଓ ଜଳର ଅଭ୍ୟସ୍ତଖେଳାରୁ ଯେପରି ଗଢ଼ିଉଠେ ଦୃଶ୍ୟମାନ ଭୂମିଭାଗ ସେହିପରି ମନୁଷ୍ୟର ଅଭ୍ୟସ୍ତ କର୍ମରୁ ତାର ବ୍ୟକ୍ତିତ୍ୱ ପରିସ୍ଫୁଟ ହୁଏ। ଏହିପରି ମନୁଷ୍ୟ ଯଦି ଗୋଟିଏ ପ୍ରକାର କାର୍ଯ୍ୟରେ

ବ୍ୟାପୃତ ହୁଏ ତାହେଲେ ସେହି ଗୋଷ୍ଠୀର ବୈଶିଷ୍ଟ୍ୟ ଲାଭକରି ଏବଂ ତାହାହିଁ ତାର ପରିଚୟ ହୋଇ ଠିଆହୁଏ ଏବଂ ବ୍ୟକ୍ତି ବିଶେଷର ସ୍ୱାତନ୍ତ୍ର୍ୟ ଚାପା ପଡ଼ିଯାଏ। 'ଧୀର ଲଳିତ', 'ଧୀରୋଦତ୍ତ' ଇତ୍ୟାଦି ସଂସ୍କୃତ ନାଟକରେ ଏହିଭାବେ ଶ୍ରେଣୀ ବିଶ୍ଳେଷଣ କରି ନାୟକର ମର୍ଯ୍ୟାଦା ବ୍ୟାଖ୍ୟା କରିଛନ୍ତି ଏବଂ 'ମୁଗ୍ଧ', 'ପ୍ରୌଢ଼', ପ୍ରଭୃତି ନାଟକରେ ନାୟିକାର ବ୍ୟାଖ୍ୟା କରିଛନ୍ତି। ଚରିତ୍ରପରି ଭାବର ମଧ୍ୟ ବିଭାଗ ପରିଲକ୍ଷିତ ହୁଏ। ସୀମାନିର୍ଦ୍ଧାରିତ କାର୍ଯ୍ୟର ପଶ୍ଚାତ୍‌ରେ ରହିଛି ନିର୍ଦ୍ଧାରିତ ଭାବାବେଗ ଏବଂ ଏହି ଭାବାବେଗ ଗୁଡ଼ିକ କାବ୍ୟାନୁଭୂତି ଅର୍ଥାତ୍ ରସରେ ରୂପାନ୍ତରିତ ହୋଇଛି ନିର୍ଦ୍ଦିଷ୍ଟ ନିର୍ଦ୍ଧାରିତ ଧାରାରେ। ଭାଲ୍ଲାଥୋଲ କ୍ଲାସିକ ସାହିତ୍ୟରେ ଯଥେଷ୍ଟ ପାରଦର୍ଶୀ ଥିଲେ ଏବଂ ନିଜମଧ୍ୟ ସେ ଗଭୀରଭାବେ କ୍ଲାସିକ ଶିଳ୍ପ ଯଥା କଥାକଳି ଏବଂ ଏହାର ସାହିତ୍ୟଦ୍ୱାରା ପ୍ରଭାବିତ ହୋଇଥିଲେ। ସ୍ୱାଭାବିକ କାରଣରୁ ତାଙ୍କର 'ମ୍ୟାଗ୍‌ଡେଲେନା ମ୍ୟାରିୟମ୍', କବିତାରେ ପାପ ଏବଂ ସେହି ପାପପାଇଁ ଅନୁଶୋଚନା ସମ୍ବନ୍ଧୀୟ ମନସ୍ତାତ୍ତ୍ୱିକ କୌଣସି ଜଟିଳ ଆଲୋଚନା ଦେଖିବାକୁ ମିଳେ ନାହିଁ କିମ୍ବା 'ନାଗିଲା' କବିତାରେ ବିବାହାନୁଷ୍ଠାନରେ ଯୁବକକୁ ଟାଣିଆଣି ସନ୍ନ୍ୟାସ ଧର୍ମରେ ଦୀକ୍ଷିତ କରିବାର କାହାଣୀ ବର୍ଣ୍ଣନାରେ ପ୍ରେମ ଏବଂ ସନ୍ନ୍ୟାସ ଜୀବନର କଠୋର ସଂଯମ ମଧ୍ୟରେ ଯେଉଁ ସୂକ୍ଷ୍ମ ଦ୍ୱନ୍ଦ୍ୱ ତାହା ଆଲୋଚିତ ହୋଇ ନାହିଁ। ଭାଲ୍ଲାଥୋଲଙ୍କ ନାୟକ କନ୍ୟାର ରୂପଲାବଣ୍ୟକଥା ସ୍ମରଣ କରି କନ୍ୟାକୁ ପାଇବା ଆଶାରେ ଅନ୍ତରରେ ଏକ ଦୁର୍ବାର କାମନା ପୋଷଣକରେ ଏବଂ ଶରୀରେ କୋମଳ ଭାବବଶତଃ ଏକ ମାନସିକ ଉତ୍ତେଜନା ବୋଧକରେ। ମନ୍ଦୋଦରୀର ଗର୍ଭଜାତ ସନ୍ତାନ ମେଘନାଦ ଶତ୍ରୁମାନଙ୍କୁ ପରାଜିତ କରି ନିଜ ଗୌରବର ଅଧିକାରୀ ହୋଇଛି- ଏ ସମାଚ ଜାଣି ମନ୍ଦୋଦରୀକୁ ସମ୍ମାନ ଜଣାଇବାପାଇଁ ଆସିଚି ରାମଚନ୍ଦ୍ରଙ୍କ ସହିତ ସଂଗ୍ରାମଲିପ୍ତ ରାବଣ। ଏହି କାହାଣୀ ବର୍ଣ୍ଣିତ ହୋଇଛି ତାଙ୍କର 'ରାଣୀ ଅନ୍ତଃପୁରରେ ରାବଣର ପ୍ରବେଶ' କବିତାରେ। ତାଙ୍କୁ ଯେଭଳି ଭାବେ ଅଭ୍ୟର୍ଥନ ଜଣାଯାଇଛି ସେହି ଜାକ ଜମକର ନିଖୁଣ ବର୍ଣ୍ଣନା ରହିଛି କବିତାଟିରେ ଏବଂ ରାବଣର ଅପରାଧବୋଧ ତାଙ୍କର ଗୋଟିଏ ବାକ୍ୟରେ ପ୍ରକାଶ ପାଇଛି- "ମୁଁ ବାହୁବଳେ ତ୍ରିଭୁବନ ଜୟକରିଛି। ରାମର ପ୍ରତିଦ୍ୱନ୍ଦୀ ମୁଁ ସତୀସ୍ୱାଧୀ ପତ୍ନୀର ପାଦତଳେ ପଡ଼ି ସ୍ୱାର୍ଥହୀନ ଭାଷାରେ ସ୍ୱୀକାର କରୁଛି ତା ପ୍ରତି ମୋର କୌଣସି ଅନୁରାଗ ନାହିଁ। ତା ପ୍ରତି କୌଣସି କର୍ତ୍ତବ୍ୟ ମୁଁ କରି ନାହିଁ।" ନିଃସନ୍ଦେହରେ ଏହି ଅଂଶର ସୁଗଭୀର ଭାବଧାରା ଘନସନ୍ନିବିଷ୍ଟ ହେଲେ ମଧ୍ୟ ରାଜକୀୟ ଜାକଜମକ ଏବଂ ଇନ୍ଦ୍ରିୟସୁଖର ଆଡ଼ମ୍ବରପୂର୍ଣ୍ଣ ବର୍ଣ୍ଣନା ମଧ୍ୟରେ ତାହା ସେପରିଭାବେ ମନରେ ରେଖାପାତ କରେ ନାହିଁ। କବିଙ୍କ ଦୃଷ୍ଟିଭଙ୍ଗୀର ସୀମାବଦ୍ଧତା ନେଇ ପ୍ରଶ୍ନ ଉଠାଇବା ନିରର୍ଥକ। ବାହାରୁ ଜୀବନକୁ ସେ ଦେଖିଛନ୍ତି ଅର୍ଥାତ୍ ମଣିଷ ଜୀବନରେ ତାର ଗତିଶୀଳତା ଓ କାର୍ଯ୍ୟ ତାଙ୍କ ଦୃଷ୍ଟିରେ ପଡ଼ିଛି। ଯେହେତୁ ତାଙ୍କ ସୃଷ୍ଟିର ଉତ୍ସଥିଲା ଅନ୍ତରର ଅନ୍ତଃସ୍ଥଳରେ, ସେହିହେତୁ ସେ ପରିବେଶ ଓ ନାମଧାମ ଉପରେ କୌଣସି ଗୁରୁତ୍ୱ ଦେଇ ନାହାନ୍ତି। ଆଖିଦେଖା

ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁ ଏବଂ ବିଷୟଗୁଡ଼ିକର ଯଥାଯଥ ନିର୍ବାଚନ ସମ୍ପାଦନ ଏବଂ ସୌନ୍ଦର୍ଯ୍ୟସାଧନ କରିବା ମଧ୍ୟରେ ତାଙ୍କର କାବ୍ୟ ପ୍ରତିଭାକୁ ନିୟନ୍ତ୍ରିତ କରିଛନ୍ତି ।

କବି ଭାଲ୍ଲାଥୋଲଙ୍କର ଚରମ ସାର୍ଥକତା ଏବଂ କୃତିତ୍ୱ ହେଉଛି ମାଲାୟାଲମ୍ ଭାଷାରେ ସାହିତ୍ୟ ସୃଷ୍ଟି । ସେ ଭାଷା ମଧ୍ୟରେ ସଙ୍ଗୀତର ସୁର ଏବଂ ନୃତ୍ୟଛନ୍ଦର ଅନୁପ୍ରବେଶ ଘଟାଇଛନ୍ତି । ସନାତନ ଭୂମିରେ ପ୍ରବାହିତ କରିଛନ୍ତି ବିଶାଳ ନଦୀର ଧାରା । ମର୍ଯ୍ୟାଦା ସମ୍ପନ୍ନ ମହାରାଣୀଙ୍କ ଚାଲିରେ ଭଙ୍ଗୀମା ସୃଷ୍ଟି କରିଛନ୍ତି ଏବଂ ଦେବୀପରି ମହିମାନ୍ୱିତ କରିତୋଳିଛନ୍ତି । ତାଙ୍କ କବିତାରେ କବିର ଭାବଧାରା ସଙ୍ଗେ ଭାଷାର ଭଲମନ୍ଦର ଏକ ନିଖୁଣ ବୁଝାମଣା ଥିଲା ବୋଲି ମନେହୁଏ । ସଙ୍ଗତି, ସ୍ୱଚ୍ଛତା, ସଠିକତ୍ୱ ଏବଂ ଶିଷ୍ଟାଚାର ପ୍ରଭୃତି ଗୁଣରେ କ୍ଲାସିକ ସାହିତ୍ୟ ସମୃଦ୍ଧ । ସେଗୁଡ଼ିକୁ ସେ ବେଶ୍ ନିଷ୍ଠାର ସହ ଆୟତ୍ତ କରିଥିଲେ । ତାଙ୍କର କ୍ଷୁଦ୍ର କବିତାଗୁଡ଼ିକ ଘନସନ୍ନିବିଷ୍ଟ, ବୈଚିତ୍ର୍ୟମୟ ଏବଂ ନାଟକୀୟତାରେ ଭରା । ସେ ତାଙ୍କ ନାଟକୀୟ କବିତାଗୁଡ଼ିକର ପଂକ୍ତିର ପାଦ ନିଶ୍ଚିତ କରିଛନ୍ତି । ପଦକ୍ଷେପ ମଧ୍ୟରେ ଆଣିଛନ୍ତି କ୍ଷୀପ୍ରତା ଏବଂ ଚାହିଦାର ବୈଚିତ୍ର୍ୟ ପୂରଣ ପାଇଁ ଉପଯୋଗୀ କରି ତୋଳିଛନ୍ତି । କାବ୍ୟ ରଚନାରେ ଏବଂ ପଂକ୍ତି ବିନ୍ୟାସରେ ତାଙ୍କର ଦକ୍ଷତା ପରିଲକ୍ଷିତ ହୁଏ । କବି ମନର ନିର୍ମଳ ଆନନ୍ଦକୁ ଅବ୍ୟାହତ ରଖି ଅବିରାମ ଗତିରେ ଭାଷାର ଔଜ୍ଜ୍ୱଲ୍ୟରେ ରୂପାୟିତ କରିବା ମାଧ୍ୟମରେ କବି ଭାଲ୍ଲାଥୋଲ ନିଜକୁ ଏକ ଜାତିଶିଳ୍ପୀର ପର୍ଯ୍ୟାୟକୁ ଉନ୍ନୀତ କରି ସୁପ୍ରତିଷ୍ଠିତ କରିଛନ୍ତି ।

■

# ନିର୍ବାଚିତ ଗ୍ରନ୍ଥପଞ୍ଜୀ


୧. ଭାଲ୍ଲାଥୋଲ ଉପହାର ଗ୍ରନ୍ଥମ, ସମ୍ପାଦକ ଡଃ ଚେଲନଟ୍ଟୁ ଅଚ୍ୟୁତ ମେନନ ଏବଂ ଡଃ ଏସ୍.କେ. ନାୟାର, ଜନତା ପ୍ରେସ-୧୯୪୮

୨. ଭାଲ୍ଲାଥୋଲ କବିତା ସମ୍ପାଦକ କବିତା ସମିତି ଏନ୍.ବି.ଏସ୍.କୋର୍ଟୟାମ -୧୯୫୬

୩. ମାତୃଭୂମି ଭାଲ୍ଲାଥୋଲ ପତିପ୍ପୁ, ମାତୃଭୂମି କାଲିକଟ-୧୯୫୮

୪. କୈରାଲିୟୁତେ କଥା, ଏନ୍.କୃଷ୍ଣ ପିଲ୍ଲାଇ, ଏନ୍.ବି.ଏସ-୧୯୫୮

୫. ଭାଲ୍ଲାଥୋଲ, ଡି.ଉନ୍ନିକୃଷ୍ଣନ ନାୟାର ମାତୃଭୂମି, କାଲିକଟ୍-୧୯୬୨



117824
21/12/04
SHIMLA

ଭାଲ୍ଲାଥୋଲ ନାରାୟଣ ମେନନ (୧୮୭୮ - ୧୯୫୭) ଆଧୁନିକ ମାଲୟାଲମ୍ କବିତାର ଅନ୍ୟତମ ପଥିକୃତ । ସେ ପାରମ୍ପରିକ ଶିକ୍ଷାଧାରାରେ ଶିକ୍ଷିତ ଏବଂ ସଂସ୍କୃତ ଭାଷାରେ ସୁପଣ୍ଡିତ ଥିଲେ । ସେ ମାଲୟାଲାମ୍ ଭାଷାରେ ବାଲ୍ମୀକି ରାମାୟଣ ଏବଂ ଋଗ୍‌ବେଦ ଅନୁବାଦ କରିଥିଲେ । ତାଙ୍କର ବଧିରତା ତାଙ୍କର ଆଜୀବନ ସାହିତ୍ୟ ଏବଂ କଥାକଳି ସାଧନାରେ ଅନ୍ତରାୟ ସୃଷ୍ଟି କରିପାରି ନାହିଁ । ସେ 'କଳାମଣ୍ଡଳମ୍'ର ପ୍ରତିଷ୍ଠାତାଥିଲେ । ସେହି ପ୍ରତିଷ୍ଠାନର ବଳକୁ ନେଇ ସେ ଶାନ୍ତିନିକେତନ, ସୋଭିଏତ୍ ରୁଷ, ଚୀନ୍ ଏବଂ ଫ୍ରାନ୍‌ସ ଯାତ୍ରା କରିଥିଲେ । ଗାନ୍ଧିଜୀଙ୍କୁ ସେ ଗୁରୁଭାବେ ଗ୍ରହଣ କରିଥିଲେ ଏବଂ ବ୍ରିଟିଶ ସରକାରଙ୍କ ପ୍ରଦତ୍ତ ପୁରସ୍କାର ପ୍ରତ୍ୟାଖ୍ୟାନ କରିଥିଲେ । ତାଙ୍କ ଆଲୋଚ୍ୟ ବିଷୟର ବୈଚିତ୍ର୍ୟ ବିସ୍ମୟକର । ଶିଳ୍ପୀ ହିସାବରେ ଭାଲ୍ଲାଥୋଲଙ୍କର ଶ୍ରେଷ୍ଠକୀର୍ତ୍ତି ହେଉଛି ମାଲୟାଲମ୍ ଭାଷାର ପ୍ରକାଶ କ୍ଷମତା କେତେ ତାହା ସେ ପ୍ରଦର୍ଶନ କରିଛନ୍ତି । ସେ ଏକାଧାରାରେ କ୍ଲାସିକ ଏବଂ ରୋମାଣ୍ଟିକ କବି ଥିଲେ । ସେ ସାହିତ୍ୟ ଏକାଡେମୀର ସଦସ୍ୟ ଥିଲେ । ୧୯୫୫ ଖ୍ରୀଷ୍ଟାବ୍ଦରେ ସେ 'ପଦ୍ମଭୂଷଣ' ଉପାଧୀରେ ଭୂଷିତ ହୋଇଥିଲେ ।

Library IIAS, Shimla
OR 891.481 218 1 V 242 H
00117824

ମୂଲ୍ୟ: ୨୫.୦୦

ISBN 81-260-0100-3